ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ (୧୮ ପୃଷ୍ଠା) Bhubaneswar, Tuesday, October 17/2023 Page 18 ₹ 7.00

୪୯ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 323 ମୂଲ୍ୟ ₹୭/-

DSPL- 289

ଓଡ଼ିଶା ସରକାର

ଆମ ଓଡ଼ିଶା
ନବୀନ ଓଡ଼ିଶା

ମୟୂରଭଞ୍ଜ ଜିଲ୍ଲା

ବଡ଼ସାହି • ବାଙ୍ଗିରିପୋଷି • ବାରିପଦା
ମୋରଡା ଏବଂ ଉଦଳା
ନିର୍ବାଚନ ମଣ୍ଡଳୀରେ
୧୧୧ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୩ ହଜାର ୮୧ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ବରଗଡ଼ ଜିଲ୍ଲା

୧୨୬ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୩ ହଜାର ୧୩୫ଟି
ବିଭିନ୍ନ ଉନ୍ନୟନମୂଳକ
ପ୍ରକଳ୍ପ

ଦେବଗଡ଼ ଜିଲ୍ଲା

୩୫ କୋଟି ଟଙ୍କା
ବ୍ୟୟରେ
୯୯୧ଟି
ବିଭିନ୍ନ ଉନ୍ନୟନମୂଳକ
ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ

୧୭ ଅକ୍ଟୋବର ୨୦୨୩

ପ୍ରତି ଗାଁ ହେବ
ସଶକ୍ତ ଓଡ଼ିଶାର ପ୍ରତିଛବି

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0029/2324

ସଂକ୍ଷେପରେ

ଉତ୍ତରାଖଣ୍ଡରେ ଭୂକମ୍ପ

ପିଥୋରାଗଡ଼,୧୬।୧୦: ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୪ ଥିଲା ବୋଲି ନ୍ୟାଶନାଲ୍ ସେଣ୍ଟର ଫର୍ ସିସ୍ମୋଗ୍ରାଫି ପକ୍ଷରୁ କୁହାଯାଇଛି। ପିଥୋରାଗଡ଼ଠାରୁ ଉତ୍ତରପୂର୍ବ ଦିଗରେ ୪୮ କି.ମି. ଦୂରରେ ଓ ୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡ଼ିଛି। ସକାଳ ୯ଟା ୧୧ ମିନିଟ୍‌ରେ ଭୂକମ୍ପ ଅନୁଭୂତ ହୋଇଥିଲା। ଏହା ପୂର୍ବରୁ ଗତ ୫ ତାରିଖରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ୩.୨ ତୀବ୍ରତର ଆଉ ଏକ ଭୂକମ୍ପ ହୋଇଥିଲା।

ଅସଦାଚରଣରୁ ଗୁଳିକାଣ୍ଡ: ୧୦ ଆହତ

ମାହୋବା (ୟୁପି),୧୬।୧୦: ଉତ୍ତର ପ୍ରଦେଶର ମାହୋବା ଜିଲାର ବେନ୍ଦୋ ଗ୍ରାମରେ ଅସଦାଚରଣକୁ କେନ୍ଦ୍ରକରି ଗୁଳିମାଡ଼ ଘଟଣାରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୭ ଜଣଙ୍କୁ ମାହୋବା ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବି.ଏ. ବଢୁଥିବା ଜଣେ ଛାତ୍ରୀଙ୍କୁ ଜିତେନ୍ଦ୍ର ତିୱାରୀ ନାମକ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଜିତେନ୍ଦ୍ର ଓ ତାଙ୍କ ବାପା ଅଭିଯୋଗକାରୀ ଛାତ୍ରୀଙ୍କ ଘରେ ପହଞ୍ଚି ଗୁଳି ଚଳାଇବାରୁ ୧୦ ଜଣ ଆହତ ହୋଇଥିଲେ। ଛାତ୍ରୀଙ୍କ କହିବା ଅନୁଯାୟୀ ସେ କଲେଜ ଯାଉଥିବାବେଳେ ସପ୍ତାହେ ହେଲା ଜିତେନ୍ଦ୍ର ତାଙ୍କୁ ବାଟରେ ହଇରାଣ କରିଆସୁଥିଲେ।

ଆଷ୍ଟି-ଅହମଦନଗର ଟ୍ରେନ୍‌ରେ ନିଆଁ

ମୁମ୍ବାଇ,୧୬।୧୦: ମହାରାଷ୍ଟ୍ରର ବିଡ୍ ଜିଲା ଅନ୍ତର୍ଗତ ଆଷ୍ଟି ସହରରୁ ଅହମଦନଗର ଯାଉଥିବା ଡେମୁ ଟ୍ରେନ୍‌ର ୫ଟି ବଗିରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ତୁରନ୍ତ ଟ୍ରେନ୍‌ରୁ ଓହ୍ଲାଇ ଦିଆଯାଇଛି। ନାରାୟଣଡୋହ ଏବଂ ଅହମଦନଗର ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଅଗ୍ନିକାଣ୍ଡ ଘଟିଛି। ଗାର୍ଡ ପାଖ ବ୍ରେକ୍ ଭ୍ୟାନ୍ ଏବଂ ଏହା ନିକଟରେ ଥିବା ୪ଟି ବଗିରେ ନିଆଁ ଲାଗିଯାଇଥିଲା। ୪ଟି ଦମକଳ ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ମୃତାହତ ହୋଇନାହାନ୍ତି। ଘଟଣାସ୍ଥଳକୁ ରିଲିଫ୍ ଟ୍ରେନ୍ ପଠାଯାଇଛି।

ମହାରାଷ୍ଟ୍ରର ରତ୍ନଗିରି ଜିଲା ଅନ୍ତର୍ଗତ ଚିପ୍‌ଲୁନ୍‌ଠାରେ ମୁମ୍ବାଇ-ଗୋଆ ରାଜପଥର ଏକ ନିର୍ମାଣାଧୀନ ଫ୍ଲାଏଓଭର ସୋମବାର ଭୁଶୁଡ଼ି ପଡ଼ିଛି।

ଇଲେକ୍ଟୋରାଲ ବଣ୍ଡକୁ ଚ୍ୟାଲେଞ୍ଜ

ସାମ୍ବିଧାନିକ ପୀଠରେ ହେବ ଶୁଣାଣି

ନୂଆଦିଲ୍ଲୀ,୧୬।୧୦

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ପ୍ରଚଳିତ ବିବାଦୀୟ ଇଲେକ୍ଟୋରାଲ ବଣ୍ଡକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଅଦାଲତ ସୋମବାର ସେଗୁଡ଼ିକୁ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି। ଆସନ୍ତା ୩୦ରେ ଉକ୍ତ ୫ ଜଣିଆ ପୀଠରେ ପିଟିଶନଗୁଡ଼ିକର ଶୁଣାଣି ହେବ। ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲ ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ବୃହତ୍ତର ପୀଠକୁ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲେ। ଇଲେକ୍ଟୋରାଲ ବଣ୍ଡକୁ ଚ୍ୟାଲେଞ୍ଜ କରି ୨୦୧୭ରେ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଥିଲା। ପଞ୍ଜୀକୃତ ରାଜନୈତିକ ଦଳଗୁଡ଼ିକ, ଯେଉଁମାନେ ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ୧ ପ୍ରତିଶତରୁ ଅଧିକ ଭୋଟ ପାଇଥିବେ, ସେମାନେ ଇଲେକ୍ଟୋରାଲ ବଣ୍ଡ ଜରିଆରେ ଚାନ୍ଦା ସଂଗ୍ରହ କରିବା ବ୍ୟବସ୍ଥା ରହିଥିଲା।

ବନ୍ଧକଙ୍କୁ ମୁକ୍ତ କର, ମାନବୀୟ ସହାୟତାକୁ ଅନୁମତି ଦିଅ

ଜାତିସଂଘ,୧୬।୧୦

ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧକୁ ୧୦ ଦିନ ବିତିଥିବାବେଳେ ଉଭୟ ପକ୍ଷରୁ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୨୩ ଲକ୍ଷ ଲୋକ ବସବାସ କରୁଥିବା ହମାସ୍ ଶାସିତ ଗାଜା ଷ୍ଟ୍ରିପ୍‌କୁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଅବରୋଧ କରି ରଖିଛି। ସେଠାକୁ ଖାଦ୍ୟ, ପାଣି, ଇନ୍ଧନ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଅବରୋଧକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ୟୋଭ୍ ଗାଲାଣ୍ଟ ସୋମବାର କହିଛନ୍ତି। ଇସ୍ରାଏଲରୁ ଅପହରଣ କରିନେଇ ବନ୍ଧକ ରଖିଥିବା ଲୋକମାନଙ୍କୁ ବିନା ସର୍ତ୍ତରେ ତୁରନ୍ତ ମୁକ୍ତ କରିଦେବାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ହମାସ୍‌କୁ ଆହ୍ୱାନ ଦେଇଛନ୍ତି। ଏହା ବ୍ୟତୀତ ଗାଜା ଷ୍ଟ୍ରିପ୍‌ର ଜନସାଧାରଣଙ୍କୁ ମାନବୀୟ ସହାୟତା ତୁରନ୍ତ ପହଞ୍ଚାଇବା ଲାଗି ଅନୁମତି ଦେବାକୁ ଇସ୍ରାଏଲ୍‌କୁ ଗୁଟେରେସ୍ ନିବେଦନ କରିଛନ୍ତି। ଏହା ଉଭୟ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ କୌଣସି ମୂଲଚାଲ ହେବା ଉଚିତ ନୁହେଁ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ଉପରେ ଗୁଟେରେସ୍ ଜୋର୍ ଦେଇଛନ୍ତି।

ଜାତିସଂଘ ମୁଖ୍ୟ କହିଛନ୍ତି, ଗାଜାରେ ପାଣି, ବିଜୁଳି ଅଭାବ

ହମାସ୍, ଇସ୍ରାଏଲ୍‌କୁ ଜାତିସଂଘ ମୁଖ୍ୟଙ୍କ ନିବେଦନ

ଆଣ୍ଟୋନିଓ ଗୁଟେରେସ୍

ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ସରିଆସିଲାଣି। ଜାତିସଂଘର ଖାଦ୍ୟ, ଅଣଖାଦ୍ୟ ସାମଗ୍ରୀ, ଔଷଧ ଓ ଇନ୍ଧନ ଆଦି ଇଜିପ୍ଟ, ଜୋର୍ଡାନ, ୱେଷ୍ଟବ୍ୟାଙ୍କ ଏବଂ ଇସ୍ରାଏଲ୍‌ରେ ଗଚ୍ଛିତ ରହିଛି। ଯୋଗାଣ ପାଇଁ ମଧ୍ୟ ଜାତିସଂଘ କର୍ମଚାରୀ ଓ ଏନ୍‌ଜିଓ ସହଯୋଗୀମାନେ ଉପଲବ୍ଧ ରହିଛନ୍ତି। ଏହିସବୁ ସାମଗ୍ରୀ ତୁରନ୍ତ ଗାଜା ଜନସାଧାରଣଙ୍କ ପାଇଁ ଯୋଗାଇ ଦିଆଯିବା ଆବଶ୍ୟକ ବୋଲି ଗୁଟେରେସ୍ କହିଛନ୍ତି।

ଦୂତାବାସ ଯାଇ ପାଲେଷ୍ଟିନୀୟଙ୍କୁ ସମର୍ଥନ ଜଣାଇଲେ ବିରୋଧୀ ନେତା

ନୂଆଦିଲ୍ଲୀ,୧୬।୧୦(ପି.ଟି.)

ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଥିବାବେଳେ ଭାରତର ବିରୋଧୀ ଦଳ ନେତାମାନେ ସୋମବାର ନୂଆଦିଲ୍ଲୀସ୍ଥିତ ପାଲେଷ୍ଟାଇନ୍ ଦୂତାବାସ ଯାଇ ଏହାର ଜନସାଧାରଣଙ୍କୁ ସମର୍ଥନ ଜଣାଇଛନ୍ତି। ଦୂତାବାସ ଯାଇଥିବା ନେତାମାନଙ୍କ ମଧ୍ୟରେ ଅଛନ୍ତି ବିଏସ୍‌ପି ଏମ୍‌ପି ଡାନିସ୍ ଅଲି, ପୂର୍ବତନ କଂଗ୍ରେସ ଏମ୍‌ପି ମଣିଶଙ୍କର ଆୟାର ଏବଂ ଜେଡିୟୁ ନେତା କେ.ସି. ତ୍ୟାଗୀ। ଏମାନଙ୍କ ବ୍ୟତୀତ ସିପିଆଇ (ଏମ୍‌ଏଲ୍)ର ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ ଏବଂ ସମାଜବାଦୀ ପାର୍ଟି ଏମ୍‌ପି ଜାଭେଦ ଅଲି ଖାନ୍ ପାଲେଷ୍ଟାଇନ୍ ଦୂତାବାସ ଯାଇଥିଲେ। ବିଶ୍ୱର ସବୁ ଲୋକଙ୍କ ପାଇଁ ଆମେ ସ୍ୱର ଉତ୍ତୋଳନ କରୁଛୁ। ଗାଜାରେ କେବଳ ମନଇଚ୍ଛା ଲୋକମାନଙ୍କୁ ହତ୍ୟା କରାଯାଉନାହିଁ, ବିଶ୍ୱକୁ ତୃତୀୟ

ଦୀପଙ୍କର ଭଟ୍ଟାଚାର୍ଯ୍ୟ

ବିଶ୍ୱଯୁଦ୍ଧ ଆଡ଼କୁ ଠେଲିଦିଆଯାଉଛି। ଏହା ବିରୋଧରେ ଶାନ୍ତି ପାଇଁ ଜୋର୍‌ଦାର ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି। ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ଏବଂ ଜେରୁଜେଲମ୍ ଏହାର ଜବାବ ଦେବାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇସ୍ରାଏଲ୍‌ର ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ର ୨,୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି ଯାହା ବିଶ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି।

ହୃଦ୍‌ସ୍ପନ୍ଦନ ବନ୍ଦ କରିପାରିବୁ ନାହିଁ

ନୂଆଦିଲ୍ଲୀ,୧୬।୧୦

୨୬ ସପ୍ତାହରେ ଗର୍ଭପାତ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

୨୬ ସପ୍ତାହର ଗର୍ଭବତୀ ଥିବା ଜଣେ ବିବାହିତା ମହିଳାଙ୍କ ଗର୍ଭପାତ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଗର୍ଭସ୍ଥ ଶିଶୁଠାରେ କୌଣସି ଅସ୍ୱାଭାବିକତା ନ ଥିବା ଏମ୍ସ ରିପୋର୍ଟ ଆଧାରରେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ମାଆଙ୍କ ଜୀବନ ପ୍ରତି ବିପଦ ନ ଥିବାରୁ ୨୬ ସପ୍ତାହ ୫ ଦିନର ଭ୍ରୂଣକୁ ମାରିଦେବା ପାଇଁ ଅନୁମତି ଦେଇ ଡାକ୍ତରୀ ଗର୍ଭପାତ (ଏମ୍‌ଟିପି) ଆଇନର ଧାରା ୩ ଏବଂ ୫ର ଉଲ୍ଲଂଘନ କରାଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଆମେ ହୃଦ୍‌ସ୍ପନ୍ଦନ ବନ୍ଦ କରିପାରିବୁ ନାହିଁ ବୋଲି ସିଜେଆଇ ସ୍ପଷ୍ଟ କରିଦେଇଛନ୍ତି। ଏହି ମାମଲାରେ ସମସ୍ତ ଡାକ୍ତରୀ ଖର୍ଚ୍ଚ ସରକାର ବହନ କରିବାକୁ ଅଦାଲତ କହିଛନ୍ତି। ମହିଳା ଜଣକ ଯଦି ନବଜାତଙ୍କୁ ଲାଳନ ପାଳନ କରିବାକୁ ନ ଚାହାନ୍ତି, ତେବେ ପୋଷ୍ୟ ସନ୍ତାନ ଭାବେ ଦେଇପାରିବେ ବୋଲି ମଧ୍ୟ ଖଣ୍ଡପୀଠ କହିଛନ୍ତି।

ଏମ୍‌ଟିପି ଆଇନ ଅନୁଯାୟୀ ଜଣେ ବିବାହିତା ମହିଳାଙ୍କ ନିମନ୍ତେ ଗର୍ଭପାତର ସର୍ବାଧିକ ସମୟସୀମା ୨୪ ସପ୍ତାହ ରହିଛି। ଏପରିକି ବଳାତ୍କାର ପୀଡ଼ିତା ଏବଂ ମହିଳା ଭିନ୍ନକ୍ଷମ ତଥା ନାବାଳିକାଙ୍କ କ୍ଷେତ୍ରରେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ। ୨ ପିଲାର ମାଆ ଜଣକ ଅବସାଦଗ୍ରସ୍ତ ଥିବା ଏବଂ ଆର୍ଥିକ ଏବଂ ଆବେଗିକ ଦୃଷ୍ଟିରୁ ସେ ତୃତୀୟ ସନ୍ତାନର ପାଳନ ପୋଷଣ କରିବା ସ୍ଥିତିରେ ନ ଥିବା ଦର୍ଶାଇ ଗର୍ଭପାତ ପାଇଁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ।

ରାଜ୍ୟ ସଭା ସଚିବାଳୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ରାଘବ ଚଢ଼ାଙ୍କ ନିଲମ୍ବନ ମାମଲା

ନୂଆଦିଲ୍ଲୀ,୧୬।୧୦

ଆମ୍ ଆଦ୍‌ମୀ ପାର୍ଟି ଏମ୍‌ପି ରାଘବ ଚଢ଼ାଙ୍କୁ ରାଜ୍ୟ ସଭାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଲମ୍ବନ କରାଯାଇଥିବାରୁ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଏନେଇ ସୋମବାର ରାଜ୍ୟ ସଭା ସଚିବାଳୟକୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍‌ଡିୱାଲ ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ସଚିବାଳୟକୁ ନୋଟିସ ଜାରି କରିବା ସହ ମାମଲାରେ ସହାୟତା କରିବାକୁ ଆଟର୍ନି ଜେନେରାଲ ଏନ୍. ଭେଙ୍କଟରମଣୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୩୦କୁ ଧାର୍ଯ୍ୟ କରାଯାଇଛି। ଚଢ଼ାଙ୍କୁ ଯେଭଳି ଭାବେ ନିଲମ୍ବନ କରାଗଲା, ତାହା ଉପରେ ତାଙ୍କ ଓକିଲ ରାକେଶ ଦ୍ୱିବେଦୀ ପ୍ରଶ୍ନ ଉଠାଇଥିଲେ। ନିଲମ୍ବନ ଅବଧି ଗୋଟିଏ ନିର୍ଦ୍ଦିଷ୍ଟ ଅଧିବେଶନରୁ ଅଧିକ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏଏପି ନେତାଙ୍କ ନିଲମ୍ବନ ରାଜ୍ୟ ସଭା ରୁଲ୍ସ ଅଫ୍ ପ୍ରୋସିଜିଓର ଆଣ୍ଡ କଣ୍ଡକ୍ଟ ଅଫ୍ ବିଜ୍‌ନେସ୍‌ର ନିୟମ ୨୫୬ର ଉଲ୍ଲଂଘନ ବୋଲି ସେ ଦର୍ଶାଇଥିଲେ। ସୂଚନାଯୋଗ୍ୟ, ଚଢ଼ା ରାଜ୍ୟ ସଭାରେ ଆଣିଥିବା ଏକ ପ୍ରସ୍ତାବରେ ୫ ଜଣ ସଦସ୍ୟଙ୍କ ଦସ୍ତଖତ ଜାଲ୍ ଥିବା ଜଣାପଡ଼ିଥିଲା। ଏହାକୁ ନିୟମର ଉଲ୍ଲଂଘନ, ଅସଦାଚରଣ ବୋଲି ଦର୍ଶାଯାଇ ଗତ ଅଗଷ୍ଟ ୧୧ରେ ଚଢ଼ାଙ୍କୁ ରାଜ୍ୟ ସଭାରୁ ନିଲମ୍ବନ କରାଯାଇଥିଲା।

DSPL - 290

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ

❖ ପୂଜା ପେଣ୍ଡାଲ ଓ ସାଜସଜାର ନିର୍ମାଣ କାର୍ଯ୍ୟ ସମୟରେ ବିଦ୍ୟୁତ୍ ବିଭାଗର ପରାମର୍ଶ ନେଇ ନିକଟସ୍ଥ ବିଦ୍ୟୁତ୍ ତାରଠାରୁ ଯଥେଷ୍ଟ ଦୂରତା ବଜାୟ ରଖନ୍ତୁ। ଏହା ସହିତ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ବିଦ୍ୟୁତ୍ ସୁରକ୍ଷାର ଯାଞ୍ଚ ମଧ୍ୟ ଅନିବାର୍ଯ୍ୟ ଅଟେ।

❖ ଦୁର୍ଗାପୂଜା ଭସାଣି ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାର ସ୍ଥାନୀୟ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) - ତଥା - ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡ଼ିଶା ସରକାର

04025/13/0019/2324

ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ | Bhubaneswar, Tuesday, October 17/2023 | ପୃଷ୍ଠା-୧

ଭାରତୀୟ ଦଳରେ ଆର୍ଯ୍ୟନ

ଅଲିମ୍ପିକ୍ସ ଯୋଗ୍ୟତା ପରେ ଏସିଆନ୍ ପୁରୁଷ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ୍।

୧୪

୧୦

ଝୁଞ୍ଝିଲା କଙ୍ଗନାଙ୍କ 'ଏମର୍ଜେନ୍ସି' ରିଲିଜ୍

ଆସନ୍ତା ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ଫିଲ୍ମ 'ଏମର୍ଜେନ୍ସି' ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ କରିବ ବୋଲି ସେ ସୂଚନା ଦେଇଛନ୍ତି।

ପାଲେଷ୍ଟାଇନ୍ ସମର୍ଥନରେ ନାଗରିକ ସଚେତନତା କର୍ମୀମାନେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

୧୭ ବର୍ଷ ପରେ ୨ ଅଭିଯୁକ୍ତ ଦୋଷମୁକ୍ତ

ନିଠାରି ସିରିଏଲ୍ ହତ୍ୟା ମାମଲା

ମନିନ୍ଦର ସିଂ ପାନ୍ଧେର | ସୁରେନ୍ଦ୍ର କୋଲି

ପ୍ରୟାଗରାଜ/ ନୂଆଦିଲ୍ଲୀ, ୧୬।୧୦(ପି.ଟି.)

୨୦୦୬ ନିଠାରି ସିରିଏଲ୍ ହତ୍ୟା ମାମଲାରେ ତଥ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ମନିନ୍ଦର ସିଂ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ସୋମବାର ଦୋଷମୁକ୍ତ କରିଦେଇଛନ୍ତି। ପାନ୍ଧେରଙ୍କ ନୋଏଡା ବଙ୍ଗଳା ପଥରେ ଥିବା ଡ୍ରେନ୍‌ରୁ ନାବାଳିକାମାନଙ୍କ କଙ୍କାଳ ମିଳିବା ପରେ ଏହି ହୃଦୟ ବିଦାରକ ଅପରାଧ ଲୋକଲୋଚନକୁ ଆସିଥିଲା। ଉଭୟ ଅଭିଯୁକ୍ତଙ୍କୁ ଗାଜିଆବାଦର ସିବିଆଇ ଅଦାଲତ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଉକ୍ତ ଦଣ୍ଡାଦେଶକୁ କୋଲି ଏବଂ ପାନ୍ଧେର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାମଲାରେ ଅନେକ ସନ୍ଦେହକୁ ପ୍ରମାଣିତ କରିବାରେ ତଦନ୍ତକାରୀ ସଂସ୍ଥା ବିଫଳ ହୋଇଥିବା ଜଷ୍ଟିସ୍ ଅଶ୍ୱନୀ କୁମାର ମିଶ୍ରା ଏବଂ ଏସ୍.ଏର୍.ଏ. ରିଜ୍‌ଭିଙ୍କ ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ପାନ୍ଧେର ଜେଲରୁ ବାହାରିବା ପାଇଁ ପଥ ପରିଷ୍କାର ହୋଇଯାଇଛି ବୋଲି ତାଙ୍କ ଓକିଲ ମନୀଷା ଭଣ୍ଡାରୀ କହିଛନ୍ତି। ତେବେ କୋଲିଙ୍କୁ ଜେଲରେ ରହିବାକୁ ପଡ଼ିପାରେ। କାରଣ ସେ ଏବେ ବି ଗୋଟିଏ ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି। ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ଜଣେ ସିବିଆଇ ଅଧିକାରୀ କହିଛନ୍ତି, ତାଙ୍କ ଟିମ୍ ହାଇକୋର୍ଟଙ୍କ ରାୟର କପିକୁ ଅପେକ୍ଷା କରିଛନ୍ତି। ଏହାକୁ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଏବେ ଗାଜିଆବାଦ ଜେଲରେ ଥିବା କୋଲି ୧୨ଟି ମାମଲାରେ ମୃତ୍ୟୁଦଣ୍ଡ ପାଇଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟ ସେଗୁଡ଼ିକର ଶୁଣାଣି କରିଥିଲେ। ତାଙ୍କର ପୂର୍ବତନ ମାଲିକ ପାନ୍ଧେର ନୋଏଡା ଜେଲରେ ରହିଛନ୍ତି। ତାଙ୍କୁ ୨ଟି ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ୨୦୦୭ରେ ଉଭୟଙ୍କ ବିରୋଧରେ ମୋଟ ୧୯ ମାମଲା ରୁଜୁ ହୋଇଥିଲା। ତଥ୍ୟ ପ୍ରମାଣ ଅଭାବରୁ ସେଥିରୁ ୩ଟି ମାମଲାକୁ ସିବିଆଇ ବନ୍ଦ କରିଦେଇଥିଲା। ଅବଶିଷ୍ଟ ୧୬ ମାମଲା ମଧ୍ୟରୁ ୩ଟିରେ କୋଲି ଦୋଷମୁକ୍ତ ହୋଇଥିବାବେଳେ ଗୋଟିଏ ମାମଲାରେ ତାଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡକୁ କୋହଳ କରାଯାଇ ଆଜୀବନ କାରାଦଣ୍ଡ କରାଯାଇଥିଲା। ହାଇକୋର୍ଟଙ୍କ ଉକ୍ତ ନିଷ୍ପତ୍ତିକୁ ଉତ୍ତରପ୍ରଦେଶ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ତାହା ବିଚାରାଧୀନ ରହିଛି। ଅବଶିଷ୍ଟ ୧୨ ମାମଲାରେ କୋଲି ଦୋଷମୁକ୍ତ ହୋଇଛନ୍ତି। ସେହିପରି ପାନ୍ଧେରଙ୍କ ବିରୋଧରେ ଆରମ୍ଭରୁ ୬ଟି ମାମଲା ରୁଜୁ ହୋଇଥିଲା। ଗୋଟିଏ ମାମଲା ସିବିଆଇ ରୁଜୁ କରିଥିବାବେଳେ ଅନ୍ୟ ୫ଟି ମୃତ ନାବାଳିକାମାନଙ୍କ ପରିବାର ପକ୍ଷରୁ ରୁଜୁ ହୋଇଥିଲା। ପୂର୍ବରୁ ସେସନ୍ସ କୋର୍ଟ ୩ଟି ମାମଲାରେ ତାଙ୍କୁ ଦୋଷମୁକ୍ତ କରିଥିବାବେଳେ ୨୦୦୯ରେ ଆଲ୍ଲାହାବାଦ ହାଇକୋର୍ଟ ଗୋଟିଏ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ

ଯୁଦ୍ଧରୁ ଲାଭ

କିନ୍ନରଙ୍କୁ ସ୍ୱତନ୍ତ୍ର ଜାତି ବିବେଚନା କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୧୦

କିନ୍ନରମାନଙ୍କୁ ଅଲଗା ଜାତି ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ବିହାର ସରକାର କିନ୍ନର ସମ୍ପ୍ରଦାୟଙ୍କୁ ସ୍ୱତନ୍ତ୍ର ଜାତି ନୁହେଁ ବରଂ ଜାତି ତାଲିକାରେ ଏକ ସ୍ୱତନ୍ତ୍ର ବର୍ଗ ଭାବେ ସାମିଲ କରିବାକୁ ନେଇଥିବା ନିଷ୍ପତ୍ତି ବିରୋଧରେ ଆଗତ ପିଟିଶନ୍‌ର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ବିହାର ସରକାର ଜାତି ତାଲିକାରେ କିନ୍ନରମାନଙ୍କୁ ଏକ ଅଲଗା ସ୍ତମ୍ଭ ଦେଇଛନ୍ତି, ଯେପରି ସେମାନଙ୍କ ତଥ୍ୟ ରାଜ୍ୟରେ ଉପଲବ୍ଧ ହେବ। ☞ପୃଷ୍ଠା-୨

୨୦୨୮ ଅଲିମ୍ପିକ୍ସରେ ସ୍ଥାନ ପାଇଲା କ୍ରିକେଟ

ମୁମ୍ବାଇ, ୧୬।୧୦(ପି.ଟି.)

କ୍ରିକେଟ୍‌ପ୍ରେମୀଙ୍କ ଲାଗି ଖୁସି ଖବର। ଲସ୍‌ଆଞ୍ଜେଲ୍ସ ଅଲିମ୍ପିକ୍ସ-୨୦୨୮ ପ୍ରୋଗ୍ରାମ୍‌ରେ କ୍ରିକେଟ୍ ଆନୁଷ୍ଠାନିକ ଭାବେ ସ୍ଥାନ ପାଇଛି। ଏହା ଟି୨୦ ଫର୍ମାଟ୍‌ରେ ଖେଳାଯିବ। କ୍ରିକେଟ୍ ବ୍ୟତୀତ ଅନ୍ୟ କେତୋଟି ଖେଳକୁ ଲସ୍‌ଆଞ୍ଜେଲ୍ସ ଗେମ୍ସରେ ସାମିଲ କରିବା ଲାଗି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ☞ପୃଷ୍ଠା-୨

କୋର୍ଟ ରୁମ୍‌ରେ ପଥର ଫିଙ୍ଗିଲେ

ଅଭିଯୁକ୍ତଙ୍କୁ ଗିରଫ କରି କାରଣ ଖୋଜୁଛି ପୋଲିସ

ଗଞ୍ଜାମ ଜିଲା ଛତ୍ରପୁର ଏସ୍‌ଡିଜେଏମ୍ କୋର୍ଟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। କୋର୍ଟ କାର୍ଯ୍ୟ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ଜଣେ ବୃଦ୍ଧ ଅଦାଲତ ପ୍ରକୋଷ୍ଠକୁ ପ୍ରବେଶ କରି ପଥର ଫିଙ୍ଗିଛନ୍ତି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ କୋର୍ଟ ରୁମ୍‌ରେ ଥିବା କମ୍ପ୍ୟୁଟର ଆଦି ଆସବାବପତ୍ର ଭାଙ୍ଗି ନଷ୍ଟ ହୋଇଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ କୋର୍ଟ ରୁମ୍‌ରେ ଜଣେ ବ୍ୟକ୍ତିଙ୍କ ଏଭଳି କାଣ୍ଡପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ଛତ୍ରପୁର, ୧୬।୧୦ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ବଡ଼କୋଦଣ୍ଡ ଗ୍ରାମର ସୁବାସ ଚନ୍ଦ୍ର ସାହୁ(୬୫) ସୋମବାର ପୂର୍ବାହ୍ନ ୧୦ଟା ୩୫ ମିନିଟରେ ହଠାତ୍ ଏସ୍‌ଡିଜେଏମ୍ କୋର୍ଟ ଭିତରକୁ ପ୍ରବେଶ କରିଥିଲେ। ସେ ସମୟରେ ମାଜିଷ୍ଟ୍ରେଟ ନିଜ ଚ୍ୟାମ୍ବରରେ ଥିବାବେଳେ ବେଞ୍ଚ କ୍ଲର୍କ ଓ ଷ୍ଟେନୋ କୋର୍ଟ ରୁମରେ ଉପସ୍ଥିତ ଥିଲେ। ଏହି ସମୟରେ ସମସ୍ତଙ୍କ ଅଗୋଚରରେ ସୁବାସ ନିଜ ବ୍ୟାଗରୁ ପଥର ଖଣ୍ଡ ବାହାର କରି କମ୍ପ୍ୟୁଟର ଏବଂ ଆସବାବପତ୍ର ଉପରକୁ ଫିଙ୍ଗିଥିଲେ। ବେଞ୍ଚ କ୍ଲର୍କ ପ୍ରଫୁଲ୍ଲ ନାୟକ ଏହାଦେଖି ତୁରନ୍ତ ଛତ୍ରପୁର ପୋଲିସକୁ ଖବର ଦେଇଥିଲେ। ଥାନା ସବ୍‌ଇନ୍ସପେକ୍ଟର ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ସୁବାସଙ୍କୁ କାବୁ କରି ନେଇଥିଲେ। ଏନେଇ ୬୯୫/୨୩ରେ ଏକ ମାମଲା ରୁଜୁ ହୋଇଛି। ସୁବାସଙ୍କ ☞ପୃଷ୍ଠା-୨

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଡହ ଡହ ଯାଉ ଦହି ପଖାଳ
କାଞ୍ଜି ସଙ୍ଗତେ ଓଉର ଫାଳ
ତହିଁ ସଙ୍ଗେ ସାରୁ ଭଜା
ଏକା ସାଙ୍ଗରେ ଖାଇବୁ ଯେବେ
ଯମପୁରକୁ ଯା ଯା।

ସାଧାରଣତଃ ଯାଉ ଦହି ପଖାଳ କାଞ୍ଜି ସହିତ ଓଉ ଏବଂ ସାରୁ ଭଜା ଖାଇବା ଲାଗି ବାରଣ କରାଯାଇଥାଏ। କାରଣ ଏପରି କ୍ରମରେ ଖାଦ୍ୟ ଖାଇଲେ ଦେହ ଅସୁସ୍ଥ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଡେଇଁ ପଡୁଥିବ ରୋଟକୁ,
ପଇସା ନ ଥିବ ହାଟକୁ।

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ସାମାନ୍ୟ ଅର୍ଥ ନ ଥିବା ବ୍ୟକ୍ତି ଦାମିକିଆ ଜିନିଷ କିଣିବା ଲାଗି ଆଗଭର ହୋଇପଡ଼ିବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପଲ୍ଲିଶର୍ସ ପ୍ରା:ଲିଃ:

ଓଡ଼ିଆ ଏମିରେଟ୍ସ କର୍ମଚାରୀ ନିଖୋଜ, ଅପହରଣ ସନ୍ଦେହ

ନୂଆଦିଲ୍ଲୀ, ୧୬।୧୦(ଆଇଏଏନ୍‌ଏସ୍)

ଏମିରେଟ୍ସ ଇଣ୍ଟରନ୍ୟାଶନାଲ ଫାସିଲିଟିଜ୍‌ର ଓଡ଼ିଆ କର୍ମଚାରୀ ରଞ୍ଜନ ସ୍ୱାଇଁ (୩୦) ଆବୁଧାବିରୁ ଆସି ନୂଆଦିଲ୍ଲୀରେ ପହଞ୍ଚିବା ପରେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଖବର ମିଳିଛି। ଉଭାନ ହେବାର ୫୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନ ଥିବାରୁ ପରିବାର ଲୋକେ ଅପହରଣ ସନ୍ଦେହ କରିଛନ୍ତି।

ଆଇଏଏନ୍‌ଏସ୍‌ର ହସ୍ତଗତ ହୋଇଥିବା ଏତଲା ଅନୁଯାୟୀ ଖୋର୍ଦ୍ଧା ଜିଲାର ରଞ୍ଜନ ସ୍ୱାଇଁ ୩ ବର୍ଷ ତଳେ ଆବୁଧାବିସ୍ଥିତ ଏମିରେଟ୍ସ ଇଣ୍ଟରନ୍ୟାଶନାଲ ଫାସିଲିଟିଜ୍ ମ୍ୟାନେଜମେଣ୍ଟରେ କର୍ମଚାରୀ ଭାବେ ଯୋଗ ଦେଇଥିଲେ। ଗତ ଅଗଷ୍ଟ ୧୮ରେ ସେ ଭାରତ ଫେରିବେ ବୋଲି ତାଙ୍କ ଭଉଣୀଙ୍କୁ ଜଣାଇବା ସହ ତାଙ୍କ ଟିକେଟ ମଧ୍ୟ ଶେୟାର କରିଥିଲେ। କିନ୍ତୁ ଅଦ୍ୟାବଧି ତାଙ୍କ ବିଷୟରେ କୌଣସି ଖବର ନାହିଁ। ଏଫ୍‌ଆଇଆର୍‌ରେ ଦର୍ଶାଯାଇଛି ଯେ ପରିବାର ଲୋକ ୩ ରୁ ୪ ଦିନ ଅପେକ୍ଷା କରିବା ପରେ ସମ୍ପୃକ୍ତ କମ୍ପାନୀକୁ ଯୋଗାଯୋଗ କରିଥିଲେ। କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ ରଞ୍ଜନ ତାଙ୍କ ବନ୍ଧୁ ଫାଇମ୍ ଅହମ୍ମଦଙ୍କ ସହ ନିର୍ଦ୍ଧାରିତ ସମୟରେ ଭାରତ ଅଭିମୁଖେ ଯାତ୍ରା କରିଥିଲେ। ଏଥିସହିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଗ୍ଲୋବାଲ ଓଡ଼ିଆ'ର ସଦସ୍ୟମାନେ ଏ ନେଇ ୟୁଏଇ ସରକାରଙ୍କ ସହ ଯୋଗାଯୋଗ କରିଥିଲେ। ସେଠାକାର କର୍ତ୍ତୃପକ୍ଷ ମଧ୍ୟ ରଞ୍ଜନ ଆବୁଧାବୀ ଛାଡ଼ିଥିବା ବିଷୟ ସ୍ପଷ୍ଟ କରିଥିଲେ।

୫୦ ଦିନ ହେବ ରଞ୍ଜନଙ୍କ ବିଷୟରେ କୌଣସି ସୂଚନା ମିଳିପାରୁ ନ ଥିବାରୁ ପରିବାରବର୍ଗ ଘୋର ମନସ୍ତାପ ମଧ୍ୟରେ ଅଛନ୍ତି। ସେ ଘରର ଏକମାତ୍ର ରୋଜଗାରିଆ ପୁଅ। ପରିବାର ଲୋକ ଏବେ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ସମ୍ପୃକ୍ତ ଏନ୍‌ଜିଓ ଏବଂ ପରିବାର ସଦସ୍ୟ ବିଭିନ୍ନ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବା ପରେ କିଛି ଲୋକ ତାଙ୍କ ମୁକ୍ତି ପାଇଁ ଅର୍ଥ ମାଗୁଥିବା ବିଷୟ ଜଣାପଡ଼ିଛି ବୋଲି କହିଛନ୍ତି। ତେଣୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତାଙ୍କୁ ଦିଲ୍ଲୀ କିମ୍ବା ଆଖପାଖ ଅଞ୍ଚଳରୁ ଅପହରଣ କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ଏତଲାରେ ଦର୍ଶାଯାଇଛି। ପରିବାର ଲୋକେ କହିଛନ୍ତି, ରଞ୍ଜନ ପ୍ରାରମ୍ଭିକ ଅବସ୍ଥାରେ ଏକ ନିଯୁକ୍ତି କମ୍ପାନୀ ଜରିଆରେ ତିନିବର୍ଷ ତଳେ ଆବୁଧାବି ଯାଇଥିଲେ। ତାଙ୍କ ଯାତ୍ରା ପାଇଁ ସେ ଋଣ କରିଥିଲେ। ତେଣୁ ଯେତେବେଳେ ତାଙ୍କ ପହଞ୍ଚିବା ଡେରି ହେଲା କିଛି ଦିନ ପରେ ପୋଲିସରେ ଅଭିଯୋଗ କରିଥିଲୁ। ଫଳରେ ଓଡ଼ିଶା ପୋଲିସ ଦିଲ୍ଲୀ ଯାଇଥିଲା। ସେଠାକୁ ଓଡ଼ିଶା ପୋଲିସ ଯାଇ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ପୋଲିସ ସହାୟତାରେ ତାଙ୍କ ବିଷୟରେ କିଛି ସୁରାକ ପାଇଥିଲା। କିନ୍ତୁ କୌଣସି ଅଗ୍ରଗତି ନ ଘଟିବାରୁ ସେଠାରେ ୧୫ ଅକ୍ଟୋବରରେ ଏକ ଏଫ୍‌ଆଇଆର୍ ଦାଏର କରାଯାଇଥିଲା ବୋଲି ପରିବାର ଲୋକ କହିଛନ୍ତି। ଇତିମଧ୍ୟରେ ଦିଲ୍ଲୀ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏ ସଂକ୍ରାନ୍ତରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୬୫ (ଅପହରଣ) ଅନୁଯାୟୀ ପରିବାର ଲୋକ ଆଇଜିଆଇ ପୋଲିସ ଷ୍ଟେଶନରେ ଏକ ଏଫ୍‌ଆଇଆର୍ କରିଛନ୍ତି ଏବଂ ତଦନ୍ତ ଜାରି ରହିଛି।

ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ପରଲୋକ

ପିପିଲି, (ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର) ୧୬।୧୦

ପିପିଲିର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଯୁଧିଷ୍ଠିର ସାମନ୍ତରାୟଙ୍କର ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

୧୯୫୩ ମାର୍ଚ୍ଚ ୧୬ରେ ସ୍ୱର୍ଗତ ସାମନ୍ତରାୟ ମାଧ୍ୟପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇଥିଲେ। ତାଙ୍କ ଦୃଢ଼ ନେତୃତ୍ୱ ପାଇଁ ସେ ୧୯୮୩ରୁ ୧୯୮୭ ପର୍ଯ୍ୟନ୍ତ ପିପିଲି ବ୍ଲକ ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ପରେ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ପିପିଲିରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଉଦ୍ୟମରେ ପିପିଲି ଓ ଡେଲାଙ୍ଗରେ ଅନେକ ସରକାରୀ କାର୍ଯ୍ୟାଳୟ, ଦମକଳ କେନ୍ଦ୍ର, ହାଟ ଡେଲାଙ୍ଗରେ ଫାଣ୍ଡି ଓ ଜୁଡ଼ିସିଆଲ କୋର୍ଟ ପ୍ରତିଷ୍ଠା ସମେତ ତିରିମଲଠାରେ ଦୟାନଦୀ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ହୋଇପାରିଥିଲା। ୨୦୦୦ ମସିହା ଠାରୁ ଦିବଂଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ସହିତ ୪ ଥର ନିର୍ବାଚନ ଲଢିଥିଲେ ମଧ୍ୟ ସେ ପରାସ୍ତ ହୋଇଥିଲେ। ୨୦୧୯ରେ କଂଗ୍ରେସ ପକ୍ଷରୁ ତାଙ୍କୁ ପିପିଲି ବିଧାୟକ ପ୍ରାର୍ଥୀ ଭାବେ ଦଳୀୟ ଟିକେଟ ମିଳିଥିଲେ ମଧ୍ୟ ସେ ତାହାକୁ ଫେରାଇ ଦେଇ ନିର୍ବାଚନ ଲଢିବେ ନାହିଁ ବୋଲି କହି ଚର୍ଚ୍ଚାକୁ ଆସିଥିଲେ। କିଛି ଦିନ ହେଲା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ସତ୍ତ୍ୱେ ସେ ପିପିଲି ସହର ଦେଇ ବସ୍ ଚଳାଚଳ କରାଇବା, ବିଦ୍ୟୁତ୍ ଓ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାକୁ ଚେଷ୍ଟା ଜାରି ରଖିଥିଲେ। ତାଙ୍କ ବିୟୋଗରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଶିକ୍ଷାବିତ୍ ଡ. ପ୍ରତିଭା ମହାରଥୀ, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ବିଧାନସଭା ପରିସରକୁ ନିଆଯାଇଥିଲା। ପରେ ଭୁବନେଶ୍ୱରରୁ ପିପିଲି ଅଣାଯିବାବେଳେ ଉତ୍ତରା ଛକ, ଜଇସିପାଟଣା, ଗୁଡ଼ିଆପୋଖରୀ, ହାଟଛକ, କୋର୍ଟଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ପିପିଲି ବଜାର କମିଟି, ପିପିଲି ପେସାଦାର ସାମ୍ବାଦିକ ସଂଘ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେଠାରୁ ନିଜ ଗାଁ ମାଧ୍ୟପୁର ଗ୍ରାମକୁ ନିଆଯାଇଥିଲା। ଗ୍ରାମରେ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ପ୍ରିୟବ୍ରତ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଝିଅ ଜ୍ୱାଇଁ, ସାନଭାଇ ଧୀରେନ୍ଦ୍ର ସାମନ୍ତରାୟଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନୋରମା ଚୌଧୁରୀଙ୍କ ପୁସ୍ତକ 'ଅଷ୍ଟନାୟିକା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

୨୦୨୮ ଅଲିମ୍ପିକ୍ସରେ...

ପ୍ରଥମ ପୃଷ୍ଠାରୁ...

କାର୍ଯ୍ୟନିର୍ବାହୀ ବୋର୍ଡ ସୁପାରିସ କରିଥିଲା। ଏଠାରେ ଆଇଓସିର ୧୪୧ତମ ଅଧିବେଶନରେ ତାହା ଗୃହୀତ ହୋଇଯାଇଛି। ଅନ୍ୟ ଖେଳଗୁଡ଼ିକ ହେଲା ସ୍କ୍ୱାଶ୍, ବେସ୍‌ବଲ/ସଫ୍ଟବଲ୍, ଲାକ୍ରୋସେ ଏବଂ ଫ୍ଲାଗ୍ ଫୁଟ୍‌ବଲ। ସୋମବାର ଏଥିଲାଗି ଭୋଟ ଗ୍ରହଣ ହୋଇଥିଲା। ସଦସ୍ୟମାନେ ହାତଟେକି ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଆଇଓସିର ମୋଟ୍ ୯୯ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୨ଜଣ ଏହି ଖେଳଗୁଡ଼ିକ ସାମିଲ କରାଯିବା ବିପକ୍ଷରେ ମତ ଦେଇଥିଲେ। ଭୋଟ ଗ୍ରହଣ ପରେ ଆଇଓସି ସଭାପତି ଥୋମାସ୍ ବାକ୍ ଲସ୍‌ଆଞ୍ଜେଲ୍ସ ଗେମ୍ସ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ଖେଳଗୁଡ଼ିକର ନାମ ଘୋଷଣା କରିଥିଲେ। ଇଟାଲୀର ଅଲିମ୍ପିକ୍ସ ଚାମ୍ପିୟନ ଶୁଟର ତଥା ଲସ୍‌ଆଞ୍ଜେଲ୍ସ-୨୮ର ନିର୍ଦ୍ଦେଶକ ନିକୋଲୋ କାମ୍ପ୍ରିଆନି ଆଲୋଚନା ବେଳେ ଭାରତୀୟ କ୍ରିକେଟ ସୁପରଷ୍ଟାର ବିରାଟ କୋହଲି କିପରି ଲୋକପ୍ରିୟତା ହାସଲ କରିପାରିଛନ୍ତି ସେ ବିଷୟରେ ବଖାଣିଥିଲେ। ବର୍ତ୍ତମାନ ଯୁଗରେ କ୍ରିକେଟ ହେଉଛି ସବୁଠାରୁ ଦ୍ୱିତୀୟ ଲୋକପ୍ରିୟ ଖେଳ। ବିଶ୍ୱବ୍ୟାପୀ ଏହି ଖେଳର ପ୍ରାୟ ୨.୫ ବିଲିୟନ ପ୍ରଶଂସକ ରହିଛନ୍ତି। କେହି ହୁଏତ ପ୍ରଶ୍ନ ଉଠାଇପାରନ୍ତି ଲସ୍‌ଆଞ୍ଜେଲ୍ସରେ ଏବେ କାହିଁକି, ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ କ୍ରିକେଟ୍‌ର ପ୍ରସାର ଘଟିଲାଣି। ଚଳିତବର୍ଷ ଏହି ଦେଶରେ ମେଜର କ୍ରିକେଟ ଲିଗ୍ ଖେଳାଯାଇଛି। ଯାହା ଆଶା କରାଯାଉଥିଲା ତା'ଠାରୁ ଅଧିକ ସଫଳତାର ସହ ଏହା ସମ୍ପନ୍ନ ହୋଇଛି। ଆସନ୍ତାବର୍ଷ ଲାଗି ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି୨୦ ବିଶ୍ୱକପ୍ ଆୟୋଜନ କରାଯାଇଛି। ଇଟାଲିଆନ ଜଣଙ୍କ କହିଥିଲେ କି ବିରାଟ ହେଉଛନ୍ତି ତାଙ୍କର ଜଣେ ବନ୍ଧୁ। ବିଶ୍ୱରେ ସେ ହେଉଛନ୍ତି ସବୁଠାରୁ ତୃତୀୟ ଲୋକପ୍ରିୟ ଆଥ୍‌ଲେଟ। ସୋସିଆଲ ମିଡିଆରେ ତାଙ୍କର ୩୪୦ ନିୟୁତ ଫଲୋଅର ରହିଛନ୍ତି, ଯାହା ଲି ବ୍ରନ୍ ଜେମ୍ସ, ଟମ୍ ବ୍ରାଡି ଓ ଟାଇଗର ଉଡ୍ସଙ୍କ ମିଳିତ ଭାବେ ଯେତେ ଫଲୋଅର ଅଛନ୍ତି ତା'ଠାରୁ ଅଧିକ। ତେଣୁ ଲସ୍‌ଆଞ୍ଜେଲ୍ସ-୨୮ରେ କ୍ରିକେଟ ଖେଳକୁ ସାମିଲ କରିବା ଯଥାର୍ଥ। ବିଶ୍ୱର ସବୁଠାରୁ ଜନବହୁଳ ଦେଶ ଭାରତରେ କ୍ରିକେଟ୍ ଅଧିକ ଲୋକପ୍ରିୟ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଅଲିମ୍ପିକ ବିଡ୍‌କୁ ବିସିସିଆଇର ସମର୍ଥନ ଦ୍ୱାରା ଲସ୍‌ଆଞ୍ଜେଲ୍ସ ଗେମ୍ସ କାର୍ଯ୍ୟକ୍ରମରେ କ୍ରିକେଟ୍‌ର ଏଣ୍ଟ୍ରି ପଥ ସୁଗମ ହୋଇଥିଲା। ବିସିସିଆଇ କ୍ରିକେଟକୁ ଅଲିମ୍ପିକ୍ସରେ ସାମିଲ କରିବା ସପକ୍ଷରେ ନ ଥିଲା। କାରଣ ଏହାଦ୍ୱାରା କ୍ରିକେଟ୍ ଉପରେ ଏହାର କର୍ତ୍ତୃତ୍ୱ ହ୍ରାସ ପାଇବ ବୋଲି ଆଶଙ୍କା ରହିଥିଲା। ମାତ୍ର ୨୦୨୧ରେ ବିସିସିଆଇ ଏହାର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଥିଲା। ଅଲିମ୍ପିକ୍ସରେ ସାମିଲ ପରେ କ୍ରିକେଟ୍‌ର ପ୍ରସାର ଘଟିବ। ଖେଳର ଗ୍ଲୋବାଲ ମାର୍କେଟ ପରିସୀମା ବୃଦ୍ଧି ପାଇବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ ୧୯୦୦ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିଲା। ସେଥର ଗ୍ରେଟ୍ ବ୍ରିଟେନ୍ ଫାଇନାଲରେ ଫ୍ରେଞ୍ଚ ଟିମ୍‌କୁ ହରାଇଥିଲା।

କୋର୍ଟ ରୁମ୍‌ରେ...

ସୁବାସ ଚନ୍ଦ୍ର ସାହୁ

କୋର୍ଟରେ କୌଣସି ମାମଲାର ଶୁଣାଣି ନ ଥିଲା କି କୋର୍ଟ ସମନ ବି ନ ଥିଲା। ହେଲେ ସେ କାହିଁକି ଆସି ପଥରମାଡ଼ କଲେ ତାହା ସ୍ପଷ୍ଟ ହୋଇପାରିନି। ଅପରପକ୍ଷରେ ସୁବାସ କାହିଁକି ଏପରି କଲେ ସେନେଇ କିଛି ବିଶେଷ କହି ନ ଥିଲେ ସୁଦ୍ଧା ତାଙ୍କ ଦୁଃଖ କେହି ଶୁଣିଲେ ନାହିଁ ବୋଲି ପୋଲିସ କୋର୍ଟକୁ ନେବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, କିଛିବର୍ଷ ପୂର୍ବେ ସୁବାସ ଜଣେ ଜିଲାପାଳଙ୍କ ଗାଡ଼ି ଉପରକୁ ପଥର ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ତେବେ ସେ ସମ୍ପର୍କରେ କିମ୍ବା ତାଙ୍କ ବିରୋଧରେ ଅନ୍ୟ କିଛି ମାମଲା ଅଛି କି ନାହିଁ ସେ ନେଇ ଛତ୍ରପୁର ପୋଲିସ ତଦନ୍ତ କରୁଛି। ଛତ୍ରପୁର ଥାନାଠାରୁ ମାତ୍ର ୧୦୦ମିଟର ଦୂରରେ ଥିବା କୋର୍ଟରେ ଏପରି ଘଟଣା ଘଟିଥିବାରୁ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ସପ୍ତାହରେ ଏକ ହତ୍ୟା ମାମଲାରେ ସାକ୍ଷ୍ୟଗ୍ରହଣ ପୂର୍ବରୁ ସାକ୍ଷୀଙ୍କୁ ଅପହରଣ କରାଯାଇଥିଲା। ପରେ ଛତ୍ରପୁର ପୋଲିସ ଭୁବନେଶ୍ୱରରୁ ଉକ୍ତ ସାକ୍ଷୀଙ୍କୁ ଉଦ୍ଧାର କରିଥିଲା।

କିନ୍ନରଙ୍କୁ ସ୍ୱତନ୍ତ୍ର...

କିନ୍ନର ଆଦୌ ଏକ ଜାତି ନୁହେଁ। ଏବେ ୩ଟି ବର୍ଗ- ପୁରୁଷ, ମହିଳା ଓ କିନ୍ନର ରହିଛି, ଯାହାର ତଥ୍ୟ ଉପଲବ୍ଧ ବୋଲି ଖଣ୍ଡପୀଠ କହିଛନ୍ତି। କିନ୍ନରମାନଙ୍କୁ ତୃତୀୟ ଲିଙ୍ଗ ଭାବେ କେତେକ ସୁବିଧା ସୁଯୋଗ ଦିଆଯାଇପାରିବ, କିନ୍ତୁ ସ୍ୱତନ୍ତ୍ର ଜାତି ଭାବେ ନୁହେଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। କିନ୍ନର ସମ୍ପ୍ରଦାୟ ବିଭିନ୍ନ ଜାତିର ଥାଇପାରନ୍ତି। ତେଣୁ ସେମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ଜାତିର ପରିଚୟ ଦେବା ସମ୍ଭବପର ହୋଇ ନ ପାରେ। ବିହାର ପ୍ରଥମ ରାଜ୍ୟ ଯିଏ ଜାତି ଆଧାରିତ ସର୍ଭେ ତଥ୍ୟ ପ୍ରକାଶ କରିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଜନସଂଖ୍ୟାର ୩୬ ପ୍ରତିଶତ ଅତ୍ୟନ୍ତ ପଛୁଆ ବର୍ଗର ହୋଇଥିବାବେଳେ ୨୭.୧ ପ୍ରତିଶତ ପଛୁଆ ବର୍ଗ, ୧୯.୭ ପ୍ରତିଶତ ଅନୁସୂଚିତ ଜାତି ଏବଂ ସାଧାରଣ ବର୍ଗ ୧୫.୫ ପ୍ରତିଶତ ରହିଛନ୍ତି। ବିହାରର ମୋଟ ଜନସଂଖ୍ୟା ୧୩.୧ କୋଟିରୁ ଅଧିକ। ଗତ ଅଗଷ୍ଟରେ ବିହାର ସରକାର ଜାତି ଜନଗଣନା ସମ୍ପୂର୍ଣ୍ଣ କରିଥିଲେ। ଏହି ସର୍ଭେ ସମସ୍ତଙ୍କ ପାଇଁ ଲାଭଦାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜୋର୍ ଦେଇଥିଲେ। ଏଥିସହିତ ଅବହେଳିତଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବିକାଶରେ ଏହା ସହାୟକ ହେବ ବୋଲି ସେ କହିଥିଲେ।

୧୭ ବର୍ଷ ପରେ...

ମାମଲାରେ ଦୋଷମୁକ୍ତ କରିଥିଲେ। ଅବଶିଷ୍ଟ ୨ ମାମଲାରେ ସୋମବାର ପାନ୍ଧେରଙ୍କୁ ଦୋଷମୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ୨୦୦୬ ଡିସେମ୍ବର ୨୯ରେ ନୋଏଡାର ନିଠାରିଠାରେ ଥିବା ପାନ୍ଧେରଙ୍କ ଘର ପଛପଟ ଡ୍ରେନ୍‌ରୁ ୮ ପିଲାଙ୍କ କଙ୍କାଳ ମିଳିବା ପରେ ଏହି ସମ୍ବେଦନଶୀଳ ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ ହୋଇଥିଲା। ଉକ୍ତ ଡ୍ରେନ୍‌କୁ ଅଧିକ ଖୋଳିବା ପରେ ଆଉ କେତେକ କଙ୍କାଳର ସନ୍ଧାନ ମିଳିଥିଲା। ଅଧିକାଂଶ କଙ୍କାଳ ଉକ୍ତ ଅଞ୍ଚଳରୁ ନିଖୋଜ ଥିବା ନାବାଳିକା ଓ ଯୁବତୀମାନଙ୍କର ଥିଲା। ୧୦ ଦିନ ମଧ୍ୟରେ ଏହାର ତଦନ୍ତ ଦାୟିତ୍ୱ ସିବିଆଇ ନେଇଥିଲା।

ମାମଲାର ଘଟଣାକ୍ରମ

- **୨୦୦୬ ଡିସେମ୍ବର ୨୯:** ନୋଏଡା ସେକ୍ଟର ୩୧ ଅନ୍ତର୍ଗତ ନିଠାରି ଗ୍ରାମରେ ଥିବା ଡି-୫ ବଙ୍ଗଳା ପଛ ଡ୍ରେନ୍‌ରୁ ଅଖାରେ ବନ୍ଧା ହୋଇଥିବା ୧୫ଟି କଙ୍କାଳ ଓ ପୋଷାକ ମିଳିଥିଲା। ବଙ୍ଗଳା ମାଲିକ ମନିନ୍ଦର ସିଂ ପାନ୍ଧେର ଓ ତାଙ୍କ ଘରୋଇ ସହାୟକ ସୁରେନ୍ଦ୍ର କୋଲିଙ୍କୁ ବଳାତ୍କାର ଓ ହତ୍ୟା ଅଭିଯୋଗରେ ନୋଏଡ଼ା ପୋଲିସ ଗିରଫ କରିଥିଲା।
- **ଡିସେମ୍ବର ୩୦:** ଅଧିକ କଙ୍କାଳ ମିଳିଥିଲା। ପିଲାମାନଙ୍କ ନିଖୋଜ ସମ୍ପର୍କରେ ୨ ବର୍ଷ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ଆବଶ୍ୟକ ତଦନ୍ତ କରି ନ ଥିବା ୫ ପୋଲିସଙ୍କୁ ନିଲମ୍ବନ କରାଯାଇଥିଲା।
- **୨୦୦୭ ଜାନୁୟାରୀ ୧୧:** ସିବିଆଇ ତଦନ୍ତ ଭାର ଗ୍ରହଣ କରିଥିଲା। କୋଲିଙ୍କ ନାଁରେ ୧୬ ମାମଲାରେ ଚାର୍ଜଶିଟ୍ ହୋଇଥିବାବେଳେ ପାନ୍ଧେରଙ୍କ ନାଁରେ ଗୋଟିଏ ମାମଲା ରୁଜୁ ହୋଇଥିଲା। ପରେ ଅନ୍ୟ ୫ଟି ମାମଲାରେ କୋର୍ଟ ତାଙ୍କୁ ସହ ଅଭିଯୁକ୍ତ ଭାବେ ସମନ କରିଥିଲେ।
- **୨୦୦୯ ଫେବୃୟାରୀ ୧୩:** ପ୍ରଥମ ନିଠାରି ମାମଲାରେ ଗାଜିଆବାଦର ଏକ ଅଦାଲତ କୋଲି ଓ ପାନ୍ଧେରଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ପରେ ଆଲ୍ଲାହାବାଦ ହାଇକୋର୍ଟ ପାନ୍ଧେରଙ୍କୁ

ଚିଲିକାରେ ଚାଲିବ ସୌରଚାଳିତ ବୋଟ୍

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

ଚିଲିକାରେ ଚାଲିବ ସୌରଚାଳିତ ବା ବ୍ୟାଟେରିଚାଳିତ ବୋଟ୍। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଚିଲିକାରେ ପ୍ରଦୂଷଣ କମାଇବା ଏବଂ କାର୍ବନ ନିର୍ଗମନ ମାତ୍ରାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦୀର୍ଘଦିନର ପ୍ରସ୍ତାବିତ ପଦକ୍ଷେପ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଏ ସମ୍ପର୍କରେ ଶୁକ୍ରବାର ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ତରଫରୁ ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଚିଲିକା ହେଉଛି ଏସିଆର ସବୁଠାରୁ ବଡ଼ ଲବଣାକ୍ତ ହ୍ରଦ। ଅନେକ ପ୍ରଜାତିର ସ୍ଥାନୀୟ ଏବଂ ପ୍ରବାସୀ ପକ୍ଷୀଙ୍କ ଏକ ବାସସ୍ଥଳୀ ହେତୁ ଏହା 'ରାମସାର ଅଧୀନ ୱେଟ୍ ଲ୍ୟାଣ୍ଡ ଅଫ୍ ଇଣ୍ଟରନ୍ୟାଶନାଲ ଇମ୍ପୋର୍ଟାନ୍ସରେ ସ୍ଥାନିତ ହୋଇଛି। ହଜାର ହଜାର ପ୍ରବାସୀ ପକ୍ଷୀଙ୍କ ଦୀର୍ଘ ଯାତ୍ରାରେ ଚିଲିକା ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ଥାୟୀ ରହଣି (ଷ୍ଟପ୍ ଓଭର ପଏଣ୍ଟ) ଭାବେ କାର୍ଯ୍ୟ କରେ। ବିଭିନ୍ନ ପ୍ରଜାତିର ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ଜଳଜୀବଙ୍କ ସହ ବିରଳ ଇରୱାଡି ଡଲଫିନ୍ ମାଛଙ୍କ ଘର ଭାବେ ଚିଲିକାର ସ୍ୱତନ୍ତ୍ର ପରିଚୟ ରହିଛି। ଏଥିସହିତ ଚିଲିକାର ଲୁଣାପାଣି ଏକ ସମୃଦ୍ଧ ଜୈବ ବିବିଧତାକୁ ସମର୍ଥନ କରେ। ଚିଲିକାରୁ ମାଛ ଧରିବା ହଜାର ହଜାର ପରିବାରଙ୍କ ଜୀବିକାର୍ଜନର ମାଧ୍ୟମ ହୋଇଛି ଓ ସେମାନଙ୍କ ଆଞ୍ଚଳିକ ଅର୍ଥନୀତି ପ୍ରତି ଯୋଗଦାନ ରହିଛି। ବିଦେଶାଗତ ପକ୍ଷୀ, ଡଲଫିନ୍ ମାଛ, କାଳିଜାଇ ମନ୍ଦିର ଏବଂ ବିଭିନ୍ନ ଜଳ କ୍ରୀଡା କାର୍ଯ୍ୟକଳାପ ଯୋଗୁ ଚିଲିକା ପର୍ଯ୍ୟଟକଙ୍କ ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ହୋଇପାରିଛି। ଚିଲିକାରେ ଡିଜେଲ ଚାଳିତ ମୋଟର ବୋଟ୍ ବ୍ୟବହାର ଦ୍ୱାରା ଏହା ବିଭିନ୍ନ ପ୍ରକାର ପ୍ରଦୂଷଣର କାରଣ ହେଉଛି। ଏହି ପ୍ରକାର ବୋଟ୍‌ରେ ବ୍ୟବହୃତ ହେଉଥିବା ତେଲ ଅଧିକାଂଶ ସମୟରେ ହ୍ରଦରେ ମିଶୁଥିବାରୁ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଏବଂ ବୋଟ୍ ଶବ୍ଦରୁ ଶବ୍ଦ ପ୍ରଦୂଷଣ ହୋଇଥାଏ। ଏଥିଯୋଗୁ ଜଳ ପରିସଂସ୍ଥାରେ ଅସନ୍ତୁଳନ ଦେଖାଦେବା ସହ ବିଦେଶାଗତ ପକ୍ଷୀମାନଙ୍କ ସଂଖ୍ୟା କମୁଛି ଓ ଡଲଫିନ୍ ମାଛଙ୍କ ଗତିପଥ ମଧ୍ୟ ହ୍ରଦରୁ ଦୂରେଇ ଯାଉଥିବା ଆଶଙ୍କା ରହୁଛି। ସୌରଚାଳିତ ବା ବ୍ୟାଟେରି ଚାଳିତ ବୋଟ୍ ପ୍ରାରମ୍ଭିକ ପର୍ଯ୍ୟାୟରେ କିଛିକାଂଶରେ ବ୍ୟୟସାପେକ୍ଷ ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହାର ବାର୍ଷିକ ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ହୋଇଥାଏ। ଏହି ଅବସରରେ ଓରେଡା ତରଫରୁ ଦେଶର ବିଭିନ୍ନ ରାଜ୍ୟରେ ରହୁଥିବା ସୌରଚାଳିତ ଓ ବ୍ୟାଟେରିଚାଳିତ ବୋଟ୍ ମଡେଲଗୁଡ଼ିକ ପ୍ରଦର୍ଶିତ କରାଯାଇଥିଲା। ବର୍ତ୍ତମାନ ରହିଥିବା ମାଛଧରା, ପର୍ଯ୍ୟଟକ ଡଙ୍ଗାଗୁଡ଼ିକରେ ନିର୍ମାଣ ଶୈଳୀରେ ଆବଶ୍ୟକ ପରିବର୍ତ୍ତନ କରାଯାଇ ତାହାକୁ ସୌରଚାଳିତ ବୈଦ୍ୟୁତିକ ବୋଟରେ ପରିଣତ କରାଯିବ।

ଗୀତିକାର ବିନୋଦିନୀ ଦେବୀଙ୍କ ପରଲୋକ

ଭୁବନେଶ୍ୱର,୧୬।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

- **ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ମହିଳା ଗୀତିକାର ଥିଲେ**
- **'ମଲାଜହ୍ନ'ରୁ ଆରମ୍ଭ ହୋଇଥିଲା ଯାତ୍ରା**

ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ମହିଳା ଗୀତିକାର ବିନୋଦିନୀ ଦେବୀଙ୍କର ସୋମବାର ଅନୁଗୋଳଠାରେ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ମସ୍ତିଷ୍କାଘାତରେ ଶଯ୍ୟାଶାୟୀ ଥିଲେ। ସେଠାରେ ସେ ତାଙ୍କ ସାନପୁଅଙ୍କ ପାଖରେ ରହି ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ସମଗ୍ର ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି।

୧୯୩୭ ମସିହାରେ କଟକ ଜିଲା ତିଗିରିଆଠାରେ ବିନୋଦିନୀଙ୍କ ଜନ୍ମ। ଓଡ଼ିଆ ସୁଗମ ଓ ଚଳଚ୍ଚିତ୍ର ସଙ୍ଗୀତରେ ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଗୀତିକାର। ୧୯୬୫ରେ ଚଳଚ୍ଚିତ୍ର 'ମଲାଜହ୍ନ'ରୁ ଆରମ୍ଭ ହୋଇଥିଲା ତାଙ୍କ ଗୀତିକାର ଜୀବନର ଯାତ୍ରା। ଓଡ଼ିଆ ସଙ୍ଗୀତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି ହିଁ ତାଙ୍କୁ ପ୍ରଥମେ ମଲାଜହ୍ନ ସିନେମାରେ ଓ ପରବର୍ତ୍ତୀ କାଳରେ ଅନ୍ୟ ସିନେମାରେ ଗୀତ ଲେଖିବାର ସୁଯୋଗ ଦେଇଥିଲେ। ଏଥିସହ ୧୯୫୮ ମସିହାରୁ ସେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକବି। ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ଓ ଅନ୍ୟ ପ୍ରସାରଣ ମାଧ୍ୟମ ପାଇଁ ବହୁ ଗୀତ ରଚନା କରିଛନ୍ତି। ୧୯୭୮ରେ 'ତଅପୋଇ', ୧୯୭୯ରେ 'ଶ୍ରୀଜଗନ୍ନାଥ', ୧୯୮୩ରେ 'ମହାସତୀ ସାବିତ୍ରୀ' ଓ ୨୦୦୭ରେ 'ଜୟ ଜଗନ୍ନାଥ' ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। 'ମଲାଜହ୍ନ' ଚଳଚ୍ଚିତ୍ରର 'ରକତ ଚଳମଳ ଖଇର ପାଞ୍ଚପଳ' ଗୀତ ତାଙ୍କୁ ଘରେ ଘରେ ପରିଚିତ କରିଥିଲା। ତାଙ୍କ ଅନ୍ୟାନ୍ୟ ସିନେମା ଗୀତ ମଧ୍ୟରେ 'ଚୋରାବାଲିରେ', 'ମୁଁ ଯେ ଭରା ବସନ୍ତ ଶାଖାରେ ଏକାକୀ କଜଳପାତି', 'ମୁଁ ତୁମ ବଧୂ ନୁହେଁ ବନ୍ଧୁ', 'କାଳିଆ ଆସିଲା', 'ନିରିମାଖୀ କୁଆଁରୀ ମୁଁ ଓ 'ଏଇ କଳା ମୋର କଳଙ୍କ' ଅନ୍ୟତମ। ଲୋକକଳ୍ପନାକୁ ବିନିଯୋଗ କରି ଚଳଚ୍ଚିତ୍ର ଗୀତରେ ସାଧାରଣ ପଦ୍ୟ ଭାଷା ସହ ଅସାଧାରଣ ଭାବର ସ୍ପଷ୍ଟ ଓ ସ୍ୱଚ୍ଛନ୍ଦ ନିୟମ ନିର୍ମାଣ କରି ସେ ଉଦାହରଣ ସୃଷ୍ଟି କରିଥିଲେ। ସେହିପରି ଲୋକଭାଷା ଓ ଲୋକକଳ୍ପନାର ଚମତ୍କାର ଶବ୍ଦ ରସାୟନ ତାଙ୍କ ଗୀତିକବିତା ସବୁରେ ଦେଖିବାକୁ ମିଳେ। ଅନୁବାଦ ଓ ଶିଶୁ ସାହିତ୍ୟରେ ମଧ୍ୟ ସେ ପ୍ରବୀଣା ଥିଲେ। ପ୍ରକାଶିତ ଗୀତିଗ୍ରନ୍ଥ ମଧ୍ୟରେ ୧୯୮୬ରେ ଶିଶୁଗୀତି ସଙ୍କଳନ 'ଖୋକାଟିଏ ଖୋକିଟିଏ', ୧୯୯୬ରେ ଭକ୍ତିଗୀତି ସଙ୍କଳନ 'ଅମୃତା', ୧୯୯୯ରେ ଶିଶୁଗୀତି ସଙ୍କଳନ 'ଟିକି ଟିକି ନାଲି କାଇଁଚ', ୨୦୦୦ରେ ଆଧୁନିକ ଗୀତି ସଙ୍କଳନ 'ଏଇ କଳା ମୋର କଳଙ୍କ' ଆଦି ରହିଛି।

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି– ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ– ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହିଁ। –ଶ୍ରୀମା

ଯୁଦ୍ଧରୁ ଲାଭ

୭ ଅକ୍ଟୋବରରେ ଇସ୍ରାଏଲର ଏକ ସଙ୍ଗୀତ ଉତ୍ସବ ଉପରେ ଇସ୍‌ଲାମିକ ଉଗ୍ରବାଦୀ ହମାସ୍ କ୍ରୂରତାପୂର୍ଣ୍ଣ ଆକ୍ରମଣ କରିଥିଲା। ଏଥିରେ ୨୬୦ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିବା ସହ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଇସ୍ରାଏଲ ଏହାର ପ୍ରତିଶୋଧ ନେବାକୁ ଯାଇ ହମାସ୍‌ର ଆଡ୍ଡା ଗାଜା ଉପରେ ଆକ୍ରମଣ ଜାରି ରଖିଛି। ଆକ୍ରମଣ ପରେ ଗାଜାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ବିସ୍ଥାପିତ ହେବା ସହ ୭୨୪ ଶିଶୁଙ୍କ ସମେତ ୨୬୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବିସ୍ଥାପିତଙ୍କ ସହ ଶିଶୁମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖନୀୟ ଯେ, ଚଳିତ ଦଶନ୍ଧିର ପ୍ରାରମ୍ଭରେ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ପରେ ତାଲିବାନ୍ ତାହାର ବର୍ବରତା ଆରମ୍ଭ କରିଥିଲା। ଏଥିରେ ବିସ୍ଥାପିତ ହୋଇଥିବା ପାଖାପାଖି ୮ ଲକ୍ଷ ଲୋକଙ୍କ ମଧ୍ୟରେ ୫୭% ପିଲା ଓ ୨୧% ମହିଳା ଥିଲେ। ଏହାପରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଦେଢ଼ ବର୍ଷ ହେଲା ଜାରି ରହିଛି। ତେବେ ଏହି ଯୁଦ୍ଧ ଆରମ୍ଭ ହେବାର ମାତ୍ର ୧ ମାସ ମଧ୍ୟରେ ଦେଶର ମୋଟ ଶିଶୁଙ୍କ ସଂଖ୍ୟା ୭.୫ ମିଲିୟନ (୭୫ ଲକ୍ଷ) ମଧ୍ୟରୁ ଅଧାରୁ ଅଧିକ ଅର୍ଥାତ୍ ୪.୩ ମିଲିୟନ (୪୩ ଲକ୍ଷ) ବିସ୍ଥାପିତ ହୋଇଥିଲେ। ଏହି ପିଲାମାନଙ୍କ ମଧ୍ୟରୁ ୧୮ ଲକ୍ଷ ଦେଶ ବାହାରେ ଶରଣାର୍ଥୀ କ୍ୟାମ୍ପରେ ଓ ଅନ୍ୟମାନେ ଦେଶ ଭିତରେ ବିଭିନ୍ନ ସ୍ଥାନରେ ଅଛନ୍ତି। କେବଳ ଯୁଦ୍ଧ ନୁହେଁ ; ଆଫ୍ରିକୀୟ ଦେଶ ୟେମେନ, କଙ୍ଗୋ, ସୋମାଲିଆ, ମାଲି, ନାଇଜେରିଆ, ବୁର୍କିନା ଫାସୋ ଆଦି ଦେଶରେ ଜାତିଗତ ହିଂସା ଯୋଗୁ ପରିବାର ସହ ପିଲାମାନେ ବିସ୍ଥାପିତ ହେଉଛନ୍ତି। ଏସିଆରେ ମ୍ୟାନ୍‌ମାର, ଆଫଗାନିସ୍ଥାନରେ ଏହା ଅଧିକ ଘଟୁଥିବାବେଳେ ଭାରତରେ ବି ଜାତିଗତ ହିଂସା କାରଣରୁ ବିସ୍ଥାପିତ ପରିବାର ସହ ପିଲାମାନେ କ୍ୟାମ୍ପରେ ରହୁଛନ୍ତି।

ଅତୀତରେ ଭାରତର ଉତ୍ତର–ପୂର୍ବାଞ୍ଚଳ ରାଜ୍ୟ ଆସାମ, ତ୍ରିପୁରା, ମଣିପୁର ଏବଂ ଜମ୍ମୁ–କଶ୍ମୀରରେ ହିଂସା କାରଣରୁ ପିଲାମାନେ ବିସ୍ଥାପିତ ହୋଇଛନ୍ତି। ଏବେ ମଣିପୁରରେ ପାଖାପାଖି ୬ ମାସ ହେଲା ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଲାଗିରହିଥିବା ଜାତିଗତ ହିଂସାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୪,୦୦୦ରୁ ଅଧିକ ପିଲା ଅଛନ୍ତି ଓ ମିଜୋରାମର ସ୍କୁଲଗୁଡ଼ିକରେ ସେମାନଙ୍କ ନାମ ଲେଖାଯାଇଛି। ଏହା ସ୍ପଷ୍ଟ ଯେ, ଶିଶୁର ସର୍ବାଙ୍ଗୀନ ଉନ୍ନତି କେବଳ ଶିକ୍ଷା ଦ୍ୱାରା ସମ୍ଭବ ନୁହେଁ। ସାମାଜିକ ସୁରକ୍ଷା, ଉପଯୁକ୍ତ ପାରିବାରିକ ଯତ୍ନ ପିଲାଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶର ଆଧାର। ବିସ୍ଥାପନ ପରେ ଥଇଥାନ ଶିବିରରେ ଭୟ ଓ ଅସୁରକ୍ଷା ବଳୟରେ ଥିବା ପରିବାରଠାରୁ ପିଲାମାନେ ଏସବୁରୁ ବଞ୍ଚିତ ହୁଅନ୍ତି। ଏହାଯୋଗୁ ସେମାନଙ୍କ ମାସିକ ସ୍ତର ପ୍ରଭାବିତ ହୋଇଥାଏ ବୋଲି ମନସ୍ତତ୍ତ୍ୱବିତ୍‌ଙ୍କ ମତ। ବିଶ୍ୱର ପ୍ରତ୍ୟେକ ଦେଶରେ ବିସ୍ଥାପିତ ହେଉଥିବା ପିଲାମାନେ ଶାରୀରିକ ଓ ଯୌନ ହିଂସାରେ ଅଧିକ ଶିକାର ହେଉଛନ୍ତି ଏବଂ ଅପପୁଷ୍ଟି ସେମାନଙ୍କ ଚିର ସାଥୀ ବୋଲି ୟୁନାଇଟେଡ୍ ନେଶନ୍ସ ଚିଲ୍‌ଡ୍ରେନ୍ସ ଫଣ୍ଡ (ୟୁନିସେଫ୍) ରିପୋର୍ଟରୁ ଜଣାପଡ଼ିଛି। ଏତଦ୍ ବ୍ୟତୀତ ଜାତିଗତ ସଂଘର୍ଷରେ ଲିପ୍ତ ଉଗ୍ରବାଦୀ ଗୋଷ୍ଠୀ ବିସ୍ଥାପିତ ଶିଶୁମାନଙ୍କୁ ସଂଘର୍ଷରେ ନିୟୋଜିତ କରୁଛନ୍ତି, ଯାହାର ଉଦାହରଣ ସୋମାଲିଆ ଓ ନାଇଜେରିଆରେ ହୋଇଥିବା କେତୋଟି ଆକ୍ରମଣରେ ଦେଖିବାକୁ ମିଳିଛି।

ୟୁନିସେଫ୍ ରିପୋର୍ଟ ମୁତାବକ ଚରମ ଜଳବାୟୁ ବିପର୍ଯ୍ୟୟ କାରଣରୁ ଗତ ୬ ବର୍ଷ ହେଲା ପ୍ରତିଦିନ ୨୦,୦୦୦ ଶିଶୁ ବିସ୍ଥାପିତ ହେଉଛନ୍ତି। ଏହି ହାର ଫିଲିପାଇନ୍ସ, ଚାଇନା ଓ ଭାରତରେ ଅଧିକ। ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ବିଶ୍ୱର ସାମ୍ପ୍ରତିକ ସ୍ଥିତିରେ କ୍ଷୁଧା ଓ ଦାରିଦ୍ର୍ୟ ବଢୁଥିବାବେଳେ ଯୁଦ୍ଧ ଏବଂ ଆଞ୍ଚଳିକ ସଂଘର୍ଷ ବିସ୍ଥାପିତ ପିଲାମାନଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି। ଏହି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ସମଗ୍ର ପୃଥିବୀରେ ବୃଦ୍ଧି ପାଉଥିବା ଅଶାନ୍ତ ପରିସ୍ଥିତି ପିଲାମାନଙ୍କୁ ଅଧିକ କ୍ଷତି ପହଞ୍ଚାଉଛି। ପ୍ରାୟ ପୃଥିବୀର ସବୁ ଦେଶରେ ଶିଶୁ ଏବଂ ମା'କୁ ଲକ୍ଷ୍ୟକରି ହିଂସା ବଢୁଥିବାର କାରଣ ବୁଝିବା କଷ୍ଟକର ନୁହେଁ। ସେହିମାନେ ସବୁଠାରୁ ଦୁର୍ବଳ ହୋଇଥିବାରୁ ଯୁଦ୍ଧ, ଧର୍ମ ଏବଂ ଜାତିଗତ ସଂଘର୍ଷରେ ତାଙ୍କୁ ହିଁ ଶିକାର କରିବା ସହଜ ହୋଇଯାଉଛି। ଅଧିକାଂଶ ଦେଶର ବ୍ୟବସ୍ଥା ଏହିଭଳି ପରିସ୍ଥିତିକୁ ସାହାଯ୍ୟ କରୁଥିବାବେଳେ ଜାତିସଂଘ ଭଳି ସଂସ୍ଥା କୌଣସି ପରିବର୍ତ୍ତନ ଆଣିପାରିବ ବୋଲି ବିଶ୍ୱାସ ହେଉନାହିଁ। ଏଥିରେ କେବଳ ମାନସିକତାର ପରିବର୍ତ୍ତନ ସମ୍ଭବତଃ ଭବିଷ୍ୟତକୁ ବଦଳାଇପାରିବ। ଏଥିସହିତ ଗୁରୁତ୍ୱପୂର୍ଣ୍ଣ ହୋଇଯାଉଛି ବ୍ୟବସାୟିକ ସ୍ୱାର୍ଥ। ସବୁବେଳେ ଯୁଦ୍ଧ ଏବଂ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବା ପଛରେ ବିରାଟକାୟ ବ୍ୟବସାୟିକ ଲାଭ ରହିଛି। ତହିଁରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହିଭଳି ପରିସ୍ଥିତି ବୃଦ୍ଧି ହେବାରେ ଲାଗିବ। ଅନ୍ୟ ଶବ୍ଦରେ କହିବାକୁ ଗଲେ ଶାନ୍ତି ଯୋଗୁ ବ୍ୟବସାୟ ମଉଳିଯାଏ, ଯୁଦ୍ଧରେ ବ୍ୟବସାୟ ବୃଦ୍ଧି ହୁଏ।

ପ୍ରାୟ ପୃଥିବୀର ସବୁ ଦେଶରେ ଶିଶୁ ଏବଂ ମା'କୁ ଲକ୍ଷ୍ୟକରି ହିଂସା ବଢୁଥିବାର କାରଣ ବୁଝିବା କଷ୍ଟକର ନୁହେଁ। ସେହିମାନେ ସବୁଠାରୁ ଦୁର୍ବଳ ହୋଇଥିବାରୁ ଯୁଦ୍ଧ, ଧର୍ମ ଏବଂ ଜାତିଗତ ସଂଘର୍ଷରେ ତାଙ୍କୁ ହିଁ ଶିକାର କରିବା ସହଜ ହୋଇଯାଉଛି।

ମତଦାନ ଓ ଗଣତନ୍ତ୍ର

ଲଲିତ ମୋହନ ମିଶ୍ର

ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ସଫଳତା ମୂଳଦୁଆ ହେଲା ସୁଚିନ୍ତିତ ତଥା ଅବାଧ ଓ ମୁକ୍ତ ମତଦାନ। ଛୋଟ ଛୋଟ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଲୋକମାନେ ନିର୍ବାଚନରେ ମତଦାନ ବେଳେ ରାଜନୈତିକ ଦଳମାନଙ୍କର ଆଦର୍ଶ ଓ ନୀତି ତଥା ପ୍ରାର୍ଥୀମାନଙ୍କର ଆଭିମୁଖ୍ୟ ଉପରେ ତଥ୍ୟ ସଂଗ୍ରହ କରିବା ସମ୍ଭବ ହୋଇଥିବାବେଳେ ବଡ଼ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଏହା ସମ୍ଭବପର ହୋଇ ନ ଥାଏ। ବିଶେଷକରି ଯେଉଁ ବଡ଼ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ସାକ୍ଷରତା ଓ ଶିକ୍ଷାର ମାନଦଣ୍ଡ ଦୁର୍ବଳ, ସେ ଦେଶମାନଙ୍କର ନାଗରିକମାନେ ସୁଚିନ୍ତିତ ମତଦାନ ନ କରି ଭାବପ୍ରବଣତା ଆଧାରରେ ନିର୍ବାଚନରେ ମତଦାନ କରିଥାଆନ୍ତି। ଏହାଫଳରେ ଗଣତନ୍ତ୍ର ଦୁର୍ବଳ ହୋଇଥାଏ। ଗଣତାନ୍ତ୍ରିକ ଶାସନର ମୂଳଲକ୍ଷ୍ୟ ହେଲା ସମସ୍ତ ଲୋକଙ୍କର ଜୀବନଧାରଣ ମାନଦଣ୍ଡର ବୃଦ୍ଧି। ଯଦି ଏହା ହେଉନାହିଁ ତେବେ ବୁଝିବାକୁ ହେବ ଯେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ। ୟୁଏନ୍‌ଡିପି ବା ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ତୁତ 'ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ' ବା ମାନବ ବିକାଶ ସୂଚୀ–୨୦୨୩ ବିବରଣୀରେ ଭାରତର ସ୍ଥାନ ୧୯୧ଟି ଦେଶ ମଧ୍ୟରୁ ୧୩୨ । ଏହା ସୂଚନା ଦିଏ ଯେ ସ୍ୱାଧୀନତା ପରଠାରୁ ଆମ ଦେଶରେ ଯଥେଷ୍ଟ ବିକାଶ ହୋଇଥିଲେ ମଧ୍ୟ ସବୁଲୋକଙ୍କ ପାଖରେ ବିକାଶର ସୁଫଳ ଆଜି ସୁଦ୍ଧା ପହଞ୍ଚିପାରିନାହିଁ। ଲୋକେ ବିକାଶ ପ୍ରସଙ୍ଗରେ ନିର୍ବାଚନରେ ମତଦାନ କରୁ ନ ଥିବାରୁ ଲୋକଙ୍କ ସ୍ଥିତିରେ ରୂପାନ୍ତରଣ ନ ହେବା ସ୍ୱାଭାବିକ। ଏଠାରେ ଆମ ଦେଶରେ ମତଦାନ ବ୍ୟବସ୍ଥା ଉପରେ ଆଲୋଚନା କରିବା।

ମତଦାନଜନିତ ପ୍ରଥମ ସମସ୍ୟା ହେଲା, ଲୋକେ ମତଦାନ ନ କରିବା ବା 'ନୋଟା'ରେ ଭୋଟ୍ ଦେବା। ୨୦୧୯ଲୋକସଭା ନିର୍ବାଚନରେ ୬୭.୪୦ ପ୍ରତିଶତ ମତଦାନ ହେଲା । ଏହାର ୩୭% ଭୋଟ୍ (ଅର୍ଥାତ୍ ମୋଟ୍ ମତଦାତାଙ୍କ ୨୫% ଭୋଟ) ପାଇ ଭାରତୀୟ ଜନତା ପାର୍ଟି କେନ୍ଦ୍ରରେ ସରକାର ଗଠନ କଲା। ମତଦାନ ହାର ବୃଦ୍ଧି ନ ହେଲେ, କମ୍ ମତଦାନ ପାଇ ବି ଏକ ଦଳ ସରକାର ଗଠନ କରିପାରୁଛି, ଯାହାକି ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ୨୦୧୯ ସାଧାରଣ ଲୋକ ସଭା ନିର୍ବାଚନରେ ସବୁଠୁ ଶିକ୍ଷିତ ରାଜ୍ୟ କେରଳରେ ୭୭ ପ୍ରତିଶତ ମତଦାନ ହୋଇଥିବା ବେଳେ ସବୁଠୁ ବଡରାଜ୍ୟ ଉତ୍ତରପ୍ରଦେଶରେ ୫୯.୨୦ ପ୍ରତିଶତ ମତଦାନ ହୋଇଥିଲା। ପୁରୁଷ ଅପେକ୍ଷା ମହିଳାମାନେ ଏବଂ ଗ୍ରାମୀଣ ଅପେକ୍ଷା ସହରୀ ମତଦାତାମାନେ କମ୍ ମତଦାନ କରିବା ଲକ୍ଷ୍ୟ କରାଯାଉଛି। ତେବେ ଓଡ଼ିଶାରେ ୭୩ ପ୍ରତିଶତ ମତଦାନ ଦେବା ଓ ମହିଳାଙ୍କ ମତଦାନ ୭୪ ପ୍ରତିଶତ ହେବା ଭଲ କଥା । କମ୍ ମତଦାନ ସମସ୍ୟାର ସମାଧାନ ହେବା ଆବଶ୍ୟକ ଓ ମତଦାନ ହାର ୯୦ପ୍ରତିଶତ ଉପରକୁ ରହିବା ଉଚିତ।

ଦ୍ୱିତୀୟ ମତଦାନ ସମସ୍ୟା କ୍ଷେତ୍ର ହେଲା 'ନୋଟା' (କାହାକୁ ମତଦାନ ନ କରିବା)ରେ ମତଦାନ। ୨୦୧୯ ଲୋକ ସଭା ନିର୍ବାଚନରେ ୧ ପ୍ରତିଶତ ମତଦାତା 'ନୋଟା'ରେ ମତଦାନ କରିଥିଲେ। ତେବେ ବିହାର ପରି କେତେକ ରାଜ୍ୟରେ ଲୋକ ସଭା ନିର୍ବାଚନରେ ୨ପ୍ରତିଶତ ମତଦାତା 'ନୋଟା'ରେ ଭୋଟ ଦେବା ଦେଖାଯାଇଥିଲା। ନାଗାଲାଣ୍ଡରେ ସବୁଠୁ କମ୍ (୦.୨୧%) ନୋଟା ମତଦାନ ହୋଇଥିଲା। ସବୁଠୁ ଶିକ୍ଷିତ ରାଜ୍ୟ କେରଳରେ ୦.୫୧ପ୍ରତିଶତ ଏବଂ ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶରେ ୦.୮୪ ପ୍ରତିଶତ ନୋଟା ମତଦାନ ହୋଇଥିବାବେଳେ ଓଡ଼ିଶାରେ ୧.୩୧ ପ୍ରତିଶତ ମତଦାନ ହୋଇଥିଲା। ତେବେ ଓଡ଼ିଶାର ନବରଙ୍ଗପୁର ଲୋକ ସଭା ଆସନରେ ସର୍ବାଧିକ ନୋଟା ମତଦାନ (୩.୮୪%) ଥିଲା। ସେହିପରି ଓଡ଼ିଶାର ଆଦିବାସୀ ବହୁଳ ଅଞ୍ଚଳରେ ଉପକୂଳ ଅଞ୍ଚଳ ଅପେକ୍ଷା ଅଧିକ ନୋଟା ମତଦାନ ହୋଇଥାଏ। ମତଦାନ ହାର ଦେଶରେ କମ୍ ଥିବାବେଳେ ନୋଟା ବ୍ୟବସ୍ଥାରେ ଆଉ ୧% ଭୋଟ ହ୍ରାସ ହେଉଛି। କେତେକ ସ୍ଥାନରେ ନୋଟା– ଭୋଟଠାରୁ ଜିତିବା ଓ ହାରିବା ଭୋଟ୍ ବ୍ୟବଧାନ କମ୍ ରହୁଛି। ତେଣୁ ନୋଟା ବ୍ୟବସ୍ଥା ରହିବ କି ଏହାର ଉଚ୍ଛେଦ ହେବ, ତା' ଉପରେ ଆଲୋଚନ ହେବା ଆବଶ୍ୟକ।

ମତଦାନ ନ କରିବା ବିଷୟରେ ଆଲୋଚନା ପରେ ଏବେ ଯେଉଁମାନେ ମତଦାନ କରୁଛନ୍ତି ସେମାନେ କିପରି ମତଦାନ କରୁଛନ୍ତି ତାହା ଉପରେ ଆଲୋଚନା କରିବା। ନିର୍ବାଚନରେ ମତଦାନ ଜଣେ ନାଗରିକର ବ୍ୟକ୍ତିଗତ ସାମ୍ବିଧାନିକ ଅଧିକାର। ସେ ଅବାଧ ଓ ମୁକ୍ତ ଭାବେ ମତଦାନ କରିବା ସହିତ ସୁଚିନ୍ତିତ ଭାବେ ମତଦାନ କରିବା ଆବଶ୍ୟକ। କେତେକ ନିର୍ବାଚନମଣ୍ଡଳୀ ଓ କେତେକ ରାଜ୍ୟ ବ୍ୟତୀତ ଦେଶରେ ଆଉ ଡରେଇ ଧମକେଇ ମତଦାନ କରାଯାଉ ନାହିଁ। ବ୍ୟକ୍ତି ଭୋଟ ଦେବାବେଳେ ଲକ୍ଷ୍ୟାତ୍ମକ ଭାବରେ ତା'ର, ତା' ପରିବାର, ତା' ଗାଁ ଓ ସହର, ତା' ରାଜ୍ୟ ଓ ଦେଶର କ'ଣ ମୌଳିକ ସମସ୍ୟା ଅଛି ତାହାର ଏକ ସୂଚୀ ପ୍ରସ୍ତୁତ କରି ସେଗୁଡ଼ିକୁ କେଉଁ ଦଳ ସମାଧାନ କରିବାରେ ସକ୍ଷମ ହେବ ସେ ବିଷୟ ଭାବି ସେହି ଦଳକୁ ଭୋଟଦେବା କଥା। କିନ୍ତୁ ମତଦାତା ଏସବୁ ବିଶ୍ଳେଷଣ ନ କରି ମତଦାନ କରନ୍ତି। ଏପରି କି ଜାତିମୁଖିଆ, ଗାଁ ମୁଖିଆ, କ୍ଲବ ମୁଖିଆ, ମହିଳା ସଂଘ ମୁଖିଆଙ୍କ କଥାରେ ପଡ଼ି ସାମୂହିକ ଚାପରେ ଓ ମନ୍ଦିରରେ ନିୟମ କରି ଲୋକେ ଭୋଟଦେବା ଦେଖାଯାଉଛି।

ଅପରପକ୍ଷରେ, ଦଳମାନେ ଗଣମାଧ୍ୟମ ଓ ପ୍ରଚାରତନ୍ତ୍ରା ସାହାଯ୍ୟରେ ନିର୍ବାଚନ ପ୍ରସଙ୍ଗ ସ୍ଥିର କରୁଛନ୍ତି ଓ ତାକୁ ମତଦାତାଙ୍କ ଉପରେ ଲଦି ଦେଉଛନ୍ତି । ଯେଉଁ ପ୍ରସଙ୍ଗ ସହଜ, ଯାହା ବ୍ୟବସ୍ଥାକୁ ବିଶେଷ ପରିବର୍ତ୍ତନ କରିବନି, ଯାହା ଭାବପ୍ରବଣତା ସହ ଜଡ଼ିତ, ସେ ବିଷୟ ସବୁକୁ ନିର୍ବାଚନ ପ୍ରସଙ୍ଗ ଦଳମାନେ କରୁଛନ୍ତି । ଧର୍ମ, ଜାତି, ଲିଙ୍ଗ, ଭାଷା, ଆଞ୍ଚଳିକତା ଇତ୍ୟାଦି ଅପ୍ରସଙ୍ଗକୁ ଦଳମାନେ ପ୍ରସଙ୍ଗ କରିଥାଆନ୍ତି। ତେଣୁ ମତଦାତାମାନେ ଭାବପ୍ରବଣତା ଆଧାରରେ ମତଦାନ କରନ୍ତି।

ସେହିପରି ନିର୍ବାଚନରେ ଭାବପ୍ରବଣତା ମତଦାନର ଆଉ ଏକ କାରଣ ହେଲା ଟଙ୍କା କାରବାର। ନିର୍ବାଚନ କମିଶନ ଏହା ବନ୍ଦ କରିବାରେ ସକ୍ଷମ ହେଉନାହାନ୍ତି। ବ୍ୟକ୍ତିର ସାମାଜିକ ଆଭିମୁଖ୍ୟ ଅପେକ୍ଷା 'ଆର୍ଥିକ କ୍ଷମତା' ଏବେ ଦଳମାନଙ୍କର ପ୍ରାର୍ଥୀ ଚୟନର ଆଧାର ହେଲାଣି। ରାଜନୈତିକ ଦଳମାନେ ମଧ୍ୟ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଚାନ୍ଦା ଗ୍ରହଣ ବୃଦ୍ଧି କଲେଣି। ଟଙ୍କା ବହୁଳ ନିର୍ବାଚନରେ ଦଳମାନେ କର୍ପୋରେଟ୍‌ମାନଙ୍କଠାରୁ ନିର୍ବାଚନ ଚାନ୍ଦା ନେବା ଯୋଗୁ ନିର୍ବାଚନ ପରେ ସେମାନଙ୍କୁ ଅଧିକ ବ୍ୟାପାରିକ ସୁବିଧା ଦେଉଛନ୍ତି। ଫଳରେ ଦେଶରେ ଧନୀ–ଦାରିଦ୍ର୍ୟ ତାରତମ୍ୟ ବୃଦ୍ଧିପାଉଛି। ପ୍ରଥମ ପଦକ୍ଷେପ ସ୍ୱରୂପ ନାଗରିକମାନେ ଦଳମାନଙ୍କ ଆର୍ଥିକ ସ୍ଥିତି ଜାଣିବା ପାଇଁ ନିର୍ବାଚନ କମିଶନ ଦଳମାନଙ୍କର ଆୟର ଉତ୍ସକୁ 'ଆର୍‌ଟିଆଇ ଆଇନ' ଅଧୀନକୁ ଆଣିବା ଆବଶ୍ୟକ। କେହି କେହି ମଧ୍ୟ ନିର୍ବାଚନରେ କଳାଟଙ୍କା ଖର୍ଚ୍ଚ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଦଳମାନଙ୍କର ନିର୍ବାଚନ ଖର୍ଚ୍ଚ ସମ୍ପୂର୍ଣ୍ଣ ବହନ କରିବାକୁ ମତ ଦେଉଛନ୍ତି।

ଅନ୍ୟ ଏକ ଭାବପ୍ରବଣ ମତଦାନର ଉତ୍ସ ହେଲା, ସମାଜର ଗରିବ ଶ୍ରେଣୀ ଓ ପଛୁଆବର୍ଗଙ୍କୁ ମାଗଣା ଦେବା ପାଇଁ ଦଳମାନେ ନିର୍ବାଚନ ପ୍ରତିଶ୍ରୁତି ଦେବା। ଏହା ମାଗଣା ଚାଉଳ, ମାଗଣା ବସ୍ ସେବା, ମାଗଣା ବିଦ୍ୟୁତ୍ ସେବା, ମାଗଣା ମୋବାଇଲ ଆଦିରେ ପହଞ୍ଚଲାଣି।। ଆର୍ଥିକ ଢାଞ୍ଚାରେ ପରିବର୍ତ୍ତନ କରି ଦାରିଦ୍ର୍ୟ ଓ ବେକାରି ଦୂରକରଣ କରିବା ପ୍ରତିଶ୍ରୁତି ଦେବା ଅପେକ୍ଷା ମାଗଣା ବାଣ୍ଟିବା କାର୍ଯ୍ୟ ଅତି ସହଜ ହେଉଥିବାରୁ ରାଜନୈତିକ ଦଳମାନେ ତାହା କରୁଛନ୍ତି। ଲୋକଙ୍କୁ ଏ ଦିଗରେ ସଚେତନ କରିବା ପାଇଁ ନିର୍ବାଚନ କମିଶନର କାମ କରିବା ଆବଶ୍ୟକ।

୨୦୨୪ ସାଧାରଣ ଲୋକ ସଭା ନିର୍ବାଚନ ଆସନ୍ତା ଏପ୍ରିଲ ଓ ମେ' ମାସରେ ହେବାର ସୂଚନା ରହିଛି। ତେବେ ଏହି ନିର୍ବାଚନରେ ଦେଶର ଆର୍ଥିକ ଢାଞ୍ଚାରେ ପରିବର୍ତ୍ତନ ଉପରେ ବିତର୍କ ନ ହୋଇ ନିର୍ବାଚନ ପ୍ରସଙ୍ଗ ଓବିସି, ଜାତି, ଧର୍ମ, ଜାତୀୟତାବାଦ, ଭ୍ରଷ୍ଟାଚାର ନିବାରଣ ଆଦି ଭାବପ୍ରବଣତା ବିଷୟ ହେବା ଅନୁମାନ କରାଗଲାଣି। ଦେଶରେ ଦାରିଦ୍ର୍ୟ ଓ ବେରୋଜଗାରିର ସମାଧାନ କରିବାକୁ ହେଲେ ୧୯୯୧ରୁ ଦେଶରେ ଚାଲିଥିବା ଉଦାରୀକରଣ–ଜଗତୀକରଣ–ଘରୋଇକରଣ ଆର୍ଥିକ ଢାଞ୍ଚାର ପୁନର୍ଗଠନ ହେବା ଆବଶ୍ୟକ। ଏହା କେନ୍ଦ୍ର ସରକାର କରିପାରିବେ। ଯଦି ନିର୍ବାଚନରେ ଏ ପ୍ରସଙ୍ଗ ନ ରହେ ତେବେ ନିର୍ବାଚନରେ ଯେକୌଣସି ଦଳ କେନ୍ଦ୍ର ସରକାର ଗଢ଼ିଲେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ବିଶେଷ ଲାଭ ନ ହେବା ସ୍ପଷ୍ଟ।

ମୋ–୭୦୦୮୨୩୩୭୨୯

ଭାରତରେ ମହାକାଶ ପ୍ରଯୁକ୍ତି

ସୌରଜିତ ପ୍ରଧାନୀ

ଭାରତ ମହାକାଶ ଦୌଡ଼ ଏକ ନୂତନ ଯୁଗରେ ପ୍ରବେଶ କରୁଛି। ଗତ ୨୦ ବର୍ଷ ମଧ୍ୟରେ ଦେଶ ଅଧିକ ସଫଳତା ହାସଲ କରିଛି, ଯେଉଁଥିରେ ରହିଛି ମଙ୍ଗଳୟାନ–୧ର ସଫଳ ଅଭିଯାନଠାରୁ ଆରମ୍ଭ କରି ଚନ୍ଦ୍ରର ଅନ୍ଧାର ପାର୍ଶ୍ୱକୁ ଖୋଜିବା ପାଇଁ ଚନ୍ଦ୍ରୟାନ–୩ ଏବଂ ସର୍ବଶେଷ ଆଦିତ୍ୟ–ଏଲ୍‌୧ ସୌର ନିରୀକ୍ଷଣ ପ୍ରକଳ୍ପର ସଫଳତା। ଆଜି ବିଶ୍ୱ ମହାକାଶ ଅର୍ଥବ୍ୟବସ୍ଥାରେ ଭାରତକୁ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ କରିବା ପାଇଁ ଘରୋଇ ଉଦ୍ୟୋଗର ଯୋଗଦାନ ଅଧିକ ରହିଛି।

ସରକାରୀ କ୍ଷେତ୍ରରେ ଏକ ଶୀର୍ଷ ମାନ୍ୟତାପ୍ରାପ୍ତ ମହାକାଶ ଗବେଷଣା ସଂସ୍ଥା ଭାବେ ଇସ୍ରୋ କାର୍ଯ୍ୟ କରିଆସୁଛି। ଏହାର ସଫଳ ଅଭିଯାନ ଘରୋଇ ସଂସ୍ଥା ସହିତ ସହଯୋଗକୁ ଉତ୍ସାହିତ କରିଛି। ଏହା ମହାକାଶ ଉଦ୍ୟୋଗ ପାଇଁ ଏକ ସୁଦୃଢ଼ ମୂଳଦୁଆ ସ୍ଥାପନ କରିଛି ଏବଂ ଡିଜିଟାଲ ଯୁଗର ମହାକାଶ ପ୍ରଯୁକ୍ତି ଷ୍ଟାର୍ଟଅପ ପାଇଁ ସୁଯୋଗ ସୃଷ୍ଟି କରିଚାଲିଛି। ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର (IN–SPACE) ପ୍ରତିଷ୍ଠା, ଦ୍ୱିତୀୟ ନୋଡାଲ ଏଜେନ୍ସି ସ୍ୱୟଂଶାସିତ ଭାବେ ମହାକାଶ ବିଭାଗ ଏବଂ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଏହି କ୍ଷେତ୍ରର ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି,

ନିୟମିତ ହେବ ସମସ୍ତ ମିନି ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,(ଅନିଲ ଦାସ:) ରାଜ୍ୟରେ ଥିବା ସମସ୍ତ ୭୫୭୯ ମିନି ଅଙ୍ଗନୱାଡି କେନ୍ଦ୍ରକୁ ନିୟମିତ ଅଙ୍ଗନୱାଡି କେନ୍ଦ୍ର ଭାବେ ପରିଣତ କରାଯିବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଶିଶୁ ଯତ୍ନ କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ରାଜ୍ୟରେ କୋମଳମତି ଶିଶୁ ମାନଙ୍କର ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା ଲାଭ ନିମନ୍ତେ କାର୍ଯ୍ୟ କରୁଛି। ରାଜ୍ୟର ଏହି ୭୫୭୯ ମିନି ଅଙ୍ଗନୱାଡି କେନ୍ଦ୍ରର ଉନ୍ନୀତକରଣ ପାଇଁ ମୋଟ ୫୫ କୋଟି ୨୧ ଲକ୍ଷ ୩୦ ହଜାର ୧୫୦ ଟଙ୍କା ଖର୍ଚ୍ଚ ହେବ। ଏଥିରୁ ରାଜ୍ୟ ସରକାର ୩୬ କୋଟି ୪୦ ଲକ୍ଷ ୯୫ ହଜାର ୧୬୦ ଟଙ୍କା ବହନ କରୁଥିବା ବେଳେ କେନ୍ଦ୍ର ସରକାର ୧୮ କୋଟି ୮୦ ଲକ୍ଷ ୩୪ ହଜାର ୯୯୦ ଟଙ୍କା ବହନ କରୁଛନ୍ତି।

'୨୮ ସୁଦ୍ଧା ଶ୍ରୀମନ୍ଦିର ୪ ଦ୍ୱାର ନ ଖୋଲିଲେ ଆନ୍ଦୋଳନ'

- କଂଗ୍ରେସ ପକ୍ଷରୁ ବିଶାଳ ପଦଯାତ୍ରା
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ପୋଲିସ-କଂଗ୍ରେସ କର୍ମୀ ଧସ୍ତାଧସ୍ତି



ପିସିସି ସଭାପତି ଶରତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରାରେ ସାମିଲ୍ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ।

ପୁରୀ, ୧୬।୧୦(ଅଜିତ ମହାନ୍ତି)

ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା, ରତ୍ନଭଣ୍ଡାର ସୁରକ୍ଷା, ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସମାଧାନ ସହ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ସୋମବାର ରାଜ୍ୟ ପ୍ରଦେଶ କଂଗ୍ରେସର ଆହ୍ୱାନକ୍ରମେ ପୁରୀ କଂଗ୍ରେସ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ବଡ଼ଦାଣ୍ଡରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଦଳୀୟ ପତାକା ଧରି ଶୋଭାଯାତ୍ରାରେ ସାମିଲ ହେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାରେ ଆସିଥିଲେ। ତେବେ କଂଗ୍ରେସ କର୍ମୀ ଓ ନେତାଙ୍କୁ ପୋଲିସ ପ୍ରଥମେ ମରୀଚିକୋଟ ଛକଠାରେ ବ୍ୟାରିକେଡ ପକାଇ ଅଟକାଇବାକୁ ଚେଷ୍ଟା କରିଥିଲା। ଫଳରେ କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କଂଗ୍ରେସ କର୍ମୀମାନେ ବ୍ୟାରିକେଡ୍‌କୁ ଧସେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଭିମୁଖେ ମାଡ଼ି ଚାଲିଥିଲେ। ସେମାନଙ୍କୁ ପୋଲିସ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇବାକୁ ଚେଷ୍ଟା କରିଥିଲା। ଶ୍ରୀମନ୍ଦିର ୪ଦ୍ୱାର ନ ଖୋଲିବା ଯୋଗୁ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଯନ୍ତ୍ରଣା ଭୋଗୁଥିବା ବେଳେ ଆଗକୁ କାର୍ତ୍ତିକ ମାସରେ ପୁରୀରେ ଲକ୍ଷାଧିକ ହବିଷିଆଳିଙ୍କ ଭିଡ଼ ଜମିବ। ତେଣୁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ୪ ଦ୍ୱାର ଖୋଲାଯିବା ପରିବର୍ତ୍ତେ ଆସନ୍ତା ୨୮ ତାରିଖ ସୁଦ୍ଧା ଖୋଲିବାକୁ କଂଗ୍ରେସ ଦାବି କରିଛି। ତେବେ ପଦଯାତ୍ରା ବେଳେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ହାତରେ ଗିନି ଧରି ରାଜ୍ୟ ସରକାରଙ୍କ ନିନ୍ଦ ଭାଙ୍ଗିବାକୁ ପ୍ରୟାସ କରିଥିଲେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି। ପରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ୪ ଦ୍ୱାର ତୁରନ୍ତ ଖୋଲିବା, ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି ଓ ମରାମତି କରିବା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ସହ ପ୍ରଜାଙ୍କ ନାଁରେ ରେକର୍ଡ ଏବଂ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ସମ୍ପତ୍ତି ବେଦାନ୍ତ ମାଲିକାନାରୁ ପ୍ରଜାଙ୍କ ନାମରେ ମାଲିକାନା କରିବା ସହ ଅନ୍ୟାନ୍ୟ ଦାବିରେ କଂଗ୍ରେସ ବିଶାଳ ସମାବେଶ କରିଥିଲା। ଏସବୁ ପ୍ରସଙ୍ଗ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କୁ ଦାୟୀ କରିଛି। ତେବେ ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସମୀକ୍ଷା କରାଯିବ। ତେବେ ରତ୍ନଭଣ୍ଡାର ସମ୍ପର୍କରେ କୋର୍ଟ ଦେଇଥିବା କମିଟି ଗଠନର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶ୍ନର ଉତ୍ତରକୁ ସେ ଏଡାଇଯାଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାର ଆସନ୍ତା ୨୮ ତାରିଖ ସୁଦ୍ଧା ଯଦି ଦାବି ପୂରଣ ନ କରନ୍ତି ତା'ହେଲେ କଂଗ୍ରେସ କାର୍ଯ୍ୟପନ୍ଥା ସ୍ଥିର କରିବା ସହ ସାରା ରାଜ୍ୟରେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ପିସିସି ସଭାପତି ପଟ୍ଟନାୟକ କହିଛନ୍ତି। ଏହି ସମାବେଶରେ ପିସିସି ସଭାପତିଙ୍କ ସମେତ ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଜିଲା କଂଗ୍ରେସ ସଭାପତି ଜୟନାରାୟଣ ପଟ୍ଟନାୟକ, ବିଧାୟକ ସୁରେଶ ରାଉତରାୟ, ତାରାପ୍ରସାଦ ବାହିନୀପତି, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ସୁରେଶ ମହାପାତ୍ର, ଶରତ ରାଉତ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ ଉପସଭାପତି ଶିବାନନ୍ଦ ରାୟ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱ ଦାସ, ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

୧୮ରୁ ଶିମିଳିପାଳରେ ବାଘଗଣନା

ବାରିପଦା,୧୬।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଆସନ୍ତା ୧୮ ତାରିଖରୁ ମହାବଳ ବାଘଗଣନା ଆରମ୍ଭ ହେବ। ଏହା ୭ଦିନ ଧରି ଚାଲିବ। ଏନେଇ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୭୩ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ରେଞ୍ଜ ଅଫିସର, ଏସିଏଫ୍ ଓ ଉପନିର୍ଦ୍ଦେଶକମାନେ ଉକ୍ତ କାର୍ଯ୍ୟକୁ ତଦାରଖ କରିବେ ବୋଲି ବିଭାଗ ସୂଚନା ଦେଇଛି।

୨୭୫୦ ବର୍ଗ କି.ମି. ପରିବ୍ୟାପ୍ତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସ୍‌ଟିଆର) ଅଧୀନରେ ୨ଟି ଡିଭିଜନ ରହିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଓ ଦକ୍ଷିଣ ଡିଭିଜନରେ ଥିବା ୧୬ଟି ରେଞ୍ଜର ୧୭୩ଟି ବିଟ୍ ହାଉସ୍‌ରେ ଏହି ଗଣନା କାର୍ଯ୍ୟ କରାଯିବ। ସେହିପରି ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ଡିଭିଜନ ଅଧୀନରେ ଥିବା କେତେକ ରେଞ୍ଜରେ ବାଘଗଣନା କରାଯିବା ନେଇ ରୂପରେଖ ପ୍ରସ୍ତୁତ କରାଯାଇଛି। ପ୍ରେସର ଇମ୍ପ୍ରେସନ ପ୍ୟାଡ୍ ଅଥବା ପିଆଇପି, ଟ୍ରାପ କ୍ୟାମେରା, ପଗ ମାର୍କ(ପାଦ ଚିହ୍ନ), ଗଣନା ଓ ଟ୍ରାନଜେକ୍ଟ ଲାଇନ ମାଧ୍ୟମରେ ବାଘ ଗଣନା କରାଯିବ। ସେହିପରି ଅଭୟାରଣ୍ୟର ଚହଲା, ପିଠାବଟା ଆଦି ଅଞ୍ଚଳରେ ବାଘର ଉପସ୍ଥିତିକୁ ନେଇ ଟ୍ରାପ୍ କ୍ୟାମେରାର ସହାୟତା ନିଆଯାଉଛି। ଏପରିକି ବିରଳ ପ୍ରଜାତିର କଳା ବାଘକୁ ନେଇ ଶିମିଳିପାଳ ସ୍ୱତନ୍ତ୍ରତା ହାସଲ କରିଥିବା ବେଳେ ଏହାର ସ୍ଥିତି ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ।

ମାସର ଗୋଟିଏ ସୋମବାର କଲେଜ ଛାତ୍ରୀଛାତ୍ର ଶୁଣିବେ ହକି ଗାଥା

ନିଷ୍ପତ୍ତି ବଦଳାଇଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୬।୧୦
(ଅନୁରାଧା ମହାରଣା)

କଲେଜ ଛାତ୍ରୀଛାତ୍ର ଭାରତୀୟ ହକିର ଗୌରବମୟ ଇତିହାସ ଓ ସଫଳତାର ଗାଥା ଶୁଣିବେ। ପ୍ରତି ସୋମବାର କଲେଜରେ ପିଲାଙ୍କୁ ଏକାଠି କରି ବାର୍ତ୍ତା ଦିଆଯିବା ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତ ସପ୍ତାହରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ପ୍ରତି ସୋମବାର ନୁହେଁ, ମାସର ଗୋଟିଏ ସୋମବାର କଲେଜଗୁଡ଼ିକରେ ଏହି କାର୍ଯ୍ୟକ୍ରମ କରାଯିବ। ଓଡ଼ିଶା ପ୍ରାୟୋଜକ ହେବା ପରେ କିପରି ଭାରତୀୟ ହକି ଦଳର ପ୍ରଦର୍ଶନରେ ଉନ୍ନତି ଆସିଛି ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ କୁହାଯିବ। ତେବେ ଏନେଇ କଲେଜରେ ପଢ଼ାଯିବାକୁ ଥିବା ଦୁଇ ପୃଷ୍ଠା ସମ୍ବଳିତ ବାର୍ତ୍ତାକୁ ଉଚ୍ଚ ଶିକ୍ଷା ବିଭାଗ ପ୍ରସ୍ତୁତ କରି ପୂର୍ବରୁ କଲେଜ ଅଧ୍ୟକ୍ଷମାନଙ୍କୁ ପଠାଇଥିବା ସୂଚନା ମିଳିଛି। ଏ ପରିପ୍ରେକ୍ଷରରେ କ୍ୟାମ୍ପସରେ ହକି ସଫଳତା ସମ୍ବଳିତ ବ୍ୟାନର ମାରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି।

On the Occasion of Durga Puja
SPECIAL HANDLOOM EXPO - 2023
ପବିତ୍ର ଦୁର୍ଗା ପୂଜା ଉପଲକ୍ଷେ
ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୩
Ekamra Haat, Unit -III, Bhubaneswar
From : 16.10.2023 to 31.10.2023, Timing : 11.00 AM to 9.00 PM
Inauguration by
Dr. Arabinda Kumar Padhee, IAS
Principal Secretary to Govt., Handlooms, Textiles & Handicrafts Department
Sj. Shovan Krishna Sahu, IRS
Special Secretary (Industries Deptt.), Director of Textiles & Handloom, Odisha
on 17th Oct. 2023 at 6.30 PM
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by :
Handlooms, Textiles & Handicrafts Department, Government of Odisha
All are Cordially invited to the Inaugural Function
Managing Director
President

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହୁଏଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି** ଯଥାକ୍ରମେ: **(୧) ସିକେପି-ଡି-୮୪୧-ଓଭର ଲୁପ୍, ତାରିଖ: ୧୩।୧୦।୨୦୨୩;** ଚକ୍ରଧରପୁର ଡିଭିଜନରେ କ୍ଷପ୍ ସିଗ୍‌ନାଲ ସାମ୍ନାରେ ଲନ୍‌ଯୁଲେଟେଡ୍ ଓଭରଲାପ୍‌ରେ ସ୍ଥାନାନ୍ତରଣ (ଫେଜ୍-I); ₹୭,୮୧,୩୯,୮୫୧.୦୫; ₹୫,୪୦,୭୦୦/- **(୨) ସିକେପି-୬୨୩-ଜିଏସ୍-ଏଫୁଓବି-ଆଲ୍‌କେଏସ୍‌ଏନ୍, ତାରିଖ: ୧୩।୧୦।୨୦୨୩;** ଚକ୍ରଧରପୁର ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ରାଉରକେଲାସ୍ଥିତ ଷ୍ଟେଶନଠାରେ ଫୁଟ୍ ଓଭରବ୍ରିଜ୍ (୧୨ ମି. ପ୍ରଶସ୍ତ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ; ₹୫୪,୪୯,୭୧୭.୯୯; ₹୧୦,୯୦୦/- **(୩) ସିକେପି-ଡି-୬୨୧-ଜିଏସ୍-ଏଫୁଓବି-ଏମ୍‌ଏସ୍ଜି, ତାରିଖ: ୧୩।୧୦।୨୦୨୩;** ଚକ୍ରଧରପୁର ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ମନୋହରପୁର ଷ୍ଟେଶନଠାରେ ଫୁଟ୍ ଓଭରବ୍ରିଜ୍ (୧୨ ମି. ପ୍ରଶସ୍ତ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ; ₹୩୯,୩୦,୯୨୩.୮୦; ₹୭୮,୬୦୦/- **(୪) ସିକେପି-ଡି-୬୨୨-ଜିଏସ୍-ଏଫୁଓବି-ଏସ୍‌ଆଇଏନ୍‌ଏଆଇ, ତାରିଖ: ୧୩।୧୦।୨୦୨୩;** ଚକ୍ରଧରପୁର ଡିଭିଜନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ସିନି ଷ୍ଟେଶନଠାରେ ଫୁଟ୍ ଓଭରବ୍ରିଜ୍ (୧୨ ମି. ପ୍ରଶସ୍ତ)ର ବ୍ୟବସ୍ଥା ସଂକ୍ରାନ୍ତରେ ଓଏଚ୍‌ଇ ସଂଶୋଧନ କାର୍ଯ୍ୟ; ₹୪୮,୩୬,୮୯୬.୫୮; ₹୯୬,୭୦୦/- **(୫) ସିକେପି-ଡି-୬୩୫-ଲିଇଏଚ୍-ଓଏଚ୍‌ଇଡବ୍ଲିଏଚ୍‌ଏସ୍, ତାରିଖ: ୧୩।୧୦।୨୦୨୩;** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଅଧୀନରେ ଆଉ ଦୁଇ ବର୍ଷ ପାଇଁ ସିନିୟର ସେକ୍ସନ ଇଞ୍ଜିନିୟର/ଓଏଚ୍‌ଇ/ଟାଟାନଗରଙ୍କ କ୍ଷେତ୍ରାଧିକାରରେ ରେଳପଥ ସାମଗ୍ରୀଗୁଡ଼ିକର ପରିବହନ ପାଇଁ ୧ ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା; ₹୧୦,୭୦,୨୯୭.୮୦; ₹୨୧,୪୦୦/- । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ, କ୍ର.ସଂ. ୨, ୩ ଓ ୪ ପାଇଁ ୦୯ ମାସ ଏବଂ କ୍ର.ସଂ. ୫ ପାଇଁ ୨୪ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ଉଭୟ ପାଇଁ ତା୦୬।୧୧।୨୦୨୩ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ପ୍ରତ୍ୟେକ କ୍ର.ସଂ. ପାଇଁ ତା୦୬।୧୧।୨୦୨୩ରିଖ ୧୫.୩୦ ଘଟିକା । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ପ୍ରତ୍ୟେକ କ୍ର.ସଂ. ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦ.ପୂ. ରେଳପଥ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **(PR-714)**



ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର, ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

ଦଖଲ ନୋଟିସ୍

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କ

ନିଶା ବେପାରୀ ଗିରଫ

ଭୁବନେଶ୍ୱର,୧୬।୧୦ (ସୂର୍ଯ୍ୟକାନ୍ତ ବେହେରା) : କଦଳୀ ଗୋଦାମ ବସ୍ତିରେ ନିଶାବେପାର କରୁଥିବା ଜଣେ ଯୁବକଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲଣ କରିଛି। ସେ ହେଲେ ପ୍ରତୀକ ମେହେତୋ (୨୧)। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୧ ଲକ୍ଷ ଟଙ୍କା ହେବା ଜାମିନ ନାମଞ୍ଜୁର ହେବାରୁ ପ୍ରତୀକଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ନବୀନବରଣ ଓ ୬ଷ୍ଠ ଜୀବନପଥେ ସାହିତ୍ୟ ଆସର ସମାରୋହ, ପୁରୁଣା ପେକ୍ଷାଳୟ, ସକାଳ ୯ଟା।
- ଏଆଇଡିଏସ୍‌ଓ ଆହ୍ୱାନରେ ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭ, ରାଜ୍ୟ ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ବିଜେଇଏମ୍ ସ୍କୁଲର ଆଲୁମ୍‌ନା କାର୍ଯ୍ୟକ୍ରମ, ସ୍କୁଲ ପରିସର, ଅପରାହ୍ନ ୫ଟା ୩୦।

ବାଲିଅନ୍ତା

- ୧୫ତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା, ମା ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିର, ଅଲାରପୁର, ରଙ୍ଗଜାର, ପୂର୍ବାହ୍ନ ୧୧ଟା।

ରାଜଧାନୀରେ ଉପୁଜିପାରେ କଞ୍ଚା ପରିବା ସଙ୍କଟ

୨୦ରୁ ଆନ୍ଦୋଳନକୁ ଓହ୍ଲାଇବ କଞ୍ଚା ପରିବା ବ୍ୟବସାୟୀ ମହାସଂଘ

ନିଷ୍ପତ୍ତି ବଦଳାଇବାକୁ ଅନୁରୋଧ କଲେ ବିଏମ୍‌ସି କମିଶନର

ଭୁବନେଶ୍ୱର, ୧୬।୧୦ (ବନ୍ଦନା ସେଠୀ)

ଆସନ୍ତା ୨୦ ତାରିଖରୁ ରାଜଧାନୀରେ କଞ୍ଚା ପରିବା ସଙ୍କଟ ଦେଖାଦେଇପାରେ। କାରଣ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ୟୁନିଟ-୧ ପରିବା ହାଟ। ଏନେଇ କଞ୍ଚା ପରିବା ବ୍ୟବସାୟୀ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିବାବେଳେ ଏଥିରେ ରାଜଧାନୀବାସୀଙ୍କ ସମେତ ଆଖପାଖ ଅଞ୍ଚଳ ତଥା ଜିଲାବାସୀ ପ୍ରଭାବିତ ହେବେ। ୟୁନିଟ-୧ ପରିବା ହାଟ ରାସ୍ତାକୁ ବେଆଇନ ଅବରୋଧ କରାଯାଇଥିବାରୁ ଏହାର ପ୍ରତିବାଦରେ ମହାସଂଘ ଏହି ଆନ୍ଦୋଳନ ଡାକରା ଦେଇଛି।

ରାଜମହଲରୁ ଷ୍ଟେଟ୍‌ବ୍ୟାଙ୍କ କଡରେ ଥିବା ଇଲେକ୍ଟ୍ରି ଅଫିସ ଗଳି ହେଉଛି ୟୁନିଟ୍-୧ ହୋଲସେଲ ପରିବା ମାର୍କେଟକୁ ଯିବାର ଏକମାତ୍ର ରାସ୍ତା। ମାତ୍ର ଉକ୍ତ ରାସ୍ତାରେ ବେଆଇନ ଅବରୋଧ ସହ ବିଭିନ୍ନ ପୂଜା ସମୟରେ ଲାଇଟ ଗେଟ ଏବଂ ତୋରଣ ଲାଗିବା, ମୂର୍ତ୍ତି ବିକ୍ରି, ଅସ୍ଥାୟୀ ଶୀତବସ୍ତ୍ର ବଜାର, ପ୍ଲାଷ୍ଟିକ ବଜାର ପଡିବା ଦ୍ୱାରା ମଣ୍ଡି ମଧ୍ୟକୁ ଭାରିଯାନ ଚଳାଚଳରେ ଅସୁବିଧା ହେଉଛି। ତେଣୁ ସମ୍ପୃକ୍ତ ରାସ୍ତାକୁ ଅବରୋଧମୁକ୍ତ କରିବା, ୧ନଂ. ହାଟରେ ୯ ମହଲା ବିଶିଷ୍ଟ ମାର୍କେଟ କମ୍ପେକ୍ସ ନ କରି ୨ମହଲା ବିଲ୍ଡିଂ ନିର୍ମାଣ କରିବା, ଏଜିରୁ ରାଜମହଲ ପର୍ଯ୍ୟନ୍ତ ଥିବା ସମସ୍ତ ବ୍ୟବସାୟୀଙ୍କୁ ହାଟରେ ଥଇଥାନ କରିବା, ପରିବା ମାର୍କେଟକୁ ଭଗବାନପୁରକୁ ସ୍ଥାନାନ୍ତର କରିବା, ଅସ୍ଥାୟୀ ପ୍ଲାଷ୍ଟିକ ବଜାର, ଶୀତବସ୍ତ୍ର ବଜାର ବନ୍ଦ କରିବା ଆଦି ୧୦ଦଫା ଦାବି ନେଇ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ତେବେ ଏ ସମ୍ପର୍କରେ ଖବର ପାଇବା ପରେ ସୋମବାର ବିଏମ୍‌ସି ଜେଡିସି ଓ ଡେପୁଟି କମିଶନର (ମାର୍କେଟ) ଅଶୋକ ଲେଙ୍କା ହାଟକୁ ଆସି ସଂଘ ସହିତ ଆଲୋଚନା କରିବା ସହ ସ୍ଥିତି ସମୀକ୍ଷା କରିଥିଲେ। ତେବେ ମହାସଂଘର ଦାବି ପୂରଣ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବାରୁ ୨୦ରୁ ହୋଲ୍‌ସେଲ ପରିବା ବିକ୍ରି ବନ୍ଦ ହେବ ବୋଲି ମହାସଂଘ ସଭାପତି କବିରାଜ ସ୍ୱାଇଁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ହୋଲ୍‌ସେଲ ପରିବା ହାଟକୁ ପ୍ରତିଦିନ କୋଲକାତା, ବେଙ୍ଗାଲୁରୁ, ଆନ୍ଧ୍ରପ୍ରଦେଶ ଆଦି ବିଭିନ୍ନ ରାଜ୍ୟରୁ ୨୦୦ରୁ ଅଧିକ କଣ୍ଟେନର, ଟ୍ରକ୍ ଭଳି ବଡ ଗାଡ଼ିରେ ପରିବା ଆସେ। ଏଠାରୁ ହୋଲ୍‌ସେଲ୍‌ରେ କିଣି ଖୁଚୁରା ବ୍ୟବସାୟୀମାନେ ବିଭିନ୍ନ ଜିଲା ଓ ଅନ୍ୟ ସ୍ଥାନରେ ବିକ୍ରି କରିଥାନ୍ତି। ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପେଟପାଟଣା ଏହି ହାଟ ସହିତ ଜଡିତ ଅଛି। ମାତ୍ର ରାସ୍ତା ଜବରଦଖଲ ଯୋଗୁ ଗତ ୩ଦିନ ହେବ ପରିବା ହାଟକୁ ଗାଡି ଆସିପାରୁନାହିଁ। ମହାସଂଘ ବିପରୀତ ଦିଗରେ ଥିବା ଆବାସିକ ଅଞ୍ଚଳ ଦେଇ ଗାଡି ଆଣିବାକୁ ଚେଷ୍ଟା କରିବା ବେଳେ ସ୍ଥାନୀୟ ବାସିନ୍ଦା ବିରୋଧ କରୁଛନ୍ତି। ଫଳରେ ହାଟ ଭିତରକୁ ପରିବା ପଶିବା ଅସମ୍ଭବ ହୋଇପଡିଛି। ଏନେଇ ମହାସଂଘ ପକ୍ଷରୁ ବିଏମସି ଓ ପୋଲିସକୁ ଅବଗତ କରାଯାଇଥିଲେ ବି କୌଣସି ସୁଫଳ ମିଳିନାହିଁ। ହାଟ ବନ୍ଦ ହେଲେ ବାହାର ରାଜ୍ୟରୁ ଗାଡ଼ି ଆସିବ ନାହିଁ କିମ୍ବା ମାର୍କେଟରୁ ଅନ୍ୟ ଜିଲାକୁ ଗାଡ଼ି ଯିବ ନାହିଁ ବୋଲି ସ୍ୱାଇଁ କହିଛନ୍ତି। ଅପରପକ୍ଷେ ଆନ୍ଦୋଳନ ନ କରିବାକୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଅନୁରୋଧ କରିଛନ୍ତି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ। ମଙ୍ଗଳବାର ଆଉଥରେ ବ୍ୟବସାୟୀଙ୍କ ସହିତ ଆଲୋଚନା ହେବାର ଅଛି। ପୂଜା ଯେପରି ବନ୍ଦ ହେବନାହିଁ ଏବଂ ବ୍ୟବସାୟୀମାନେ ହଇରାଣ ହେବେନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ। ହାଟ ବନ୍ଦ କରି ସାଧାରଣ ଲୋକଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି କମିଶନର କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ବିଭିନ୍ନ ଦାବି ନେଇ ୟୁନିଟ-୧ ହାଟ ୮ଦିନ ଧରି ବନ୍ଦ ରହିଥିଲା। ଏଥିରେ ଲୋକମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏବେ ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ଯାଉଥିବାରୁ ଖୁଚୁରା ପରିବା ବିକ୍ରେତା ଓ ଖାଉଟି ଆଶଙ୍କାରେ ରହିଛନ୍ତି।

ଓଡିଏମ୍ ଓଡ଼ିଶାର ଶ୍ରେଷ୍ଠ ବିଦ୍ୟାଳୟ

ଏଜୁକେଶନ ୱାର୍ଲ୍ଡ ଗ୍ରାଣ୍ଡ୍ ଜ୍ୟୁରୀ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗସ୍

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଏଜୁକେଶନ ୱାର୍ଲ୍ଡ ଗ୍ରାଣ୍ଡ ଜ୍ୟୁରୀ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗସ୍ ୨୦୨୩-୨୪ ରେ ଓଡିଏମ ପବ୍ଲିକ୍ ସ୍କୁଲକୁ ସଫଳତା ମିଳିଛି। କୋ-ଏଡ୍ ଡେ ବୋର୍ଡିଙ୍ଗ ସ୍କୁଲ ବର୍ଗରେ ସାରା ଦେଶରେ ଏହି ସ୍କୁଲ ୯ମ ସ୍ଥାନରେ ରହିଛି। ସେହିପରି କ୍ୟାରିଅର କାଉନସେଲିଂ ବର୍ଗରେ ଓଡ଼ିଶାରେ ଏହା ଶ୍ରେଷ୍ଠରେ ରହିଛି, ଏବଂ ସାମୂହିକ ଭାବେ ଏହି ବିଦ୍ୟାଳୟ ଦ୍ୱିତୀୟ ସ୍ଥାନରେ ରହିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଓଡିଏମ୍ ଏଜୁକେଶନାଲ ଗ୍ରୁପର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ ଏଥିରେ ଖୁସି ବ୍ୟକ୍ତ କରିଛନ୍ତି। ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ଶିକ୍ଷାନୁଗୁଡ଼ିକ ମଧ୍ୟରେ ଓଡିଏମ୍ ଉଲ୍ଲେଖନୀୟ ସ୍ଥାନ ପାଇବା ନିଶ୍ଚିତ ଭାବେ ଗୌରବର ବିଷୟ ବୋଲି ସେ କହିଛନ୍ତି। ଶିକ୍ଷାକ୍ଷେତ୍ରରେ ଉନ୍ନତି ପାଇଁ ଓଡ଼ିଏମ୍ ନିରନ୍ତର ଉଦ୍ୟମ ସ୍ୱରୂପ ଏହି ସଫଳତା ପ୍ରାପ୍ତ ହୋଇଛି। ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ମିଳିଥିବା ଏହି ସଫଳତା ଆଗକୁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ କ୍ୟାରିଅର କାଉନସେଲିଂ ପ୍ରଦାନ ସହ ସେମାନଙ୍କ ସ୍ୱପ୍ନ ପୂରଣ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିବା ଡ. ମୀନକେତନ କହିଛନ୍ତି।

ଅଶ୍ଳୀଳ ନୃତ୍ୟ, ଗୀତ ପରିବେଷଣ ବନ୍ଦ କରାଯାଉ

ଭୁବନେଶ୍ୱର, ୧୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ): ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଗୋଦାବରୀଶ ମିଶ୍ର ସାହିତ୍ୟ ସଂସଦଠାରେ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ପାର୍ବଣ ଋତୁ ଆସୁଥିବା ସମୟରେ ଦବାଦେବୀଙ୍କ ଅରାଧନା ପୀଠରେ ଅଶ୍ଳୀଳ ନୃତ୍ୟ, ଗୀତ ପରିବେଷଣ ବନ୍ଦ କରାଯାଉ ବୋଲି ମଞ୍ଚ ପକ୍ଷରୁ ପ୍ରକାଶ କରାଯାଇଥିଲା। ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ଅର୍ଥାତ୍ ମଞ୍ଚ ଉପରେ ଅଶ୍ଳୀଳ ନୃତ୍ୟ ବା ଗୀତ ପରିବେଷଣ ବନ୍ଦ କରିବାକୁ କଡ଼ାକଡି ଭାବରେ ପାଳନ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯିବା ସହ, ସମସ୍ତ ପୂଜା ମଣ୍ଡପ, ଥାନା,ପୋଲିସ ବିଭାଗର ମୁଖ୍ୟ ଆୟୁକ୍ତ, ଉପଆୟୁକ୍ତ ତଥା ଜିଲାପାଳମାନଙ୍କୁ ମଞ୍ଚ ପକ୍ଷରୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ସମ୍ମିଳନୀରେ ମଞ୍ଚର ସଭାପତି ସୁରେନ୍ଦ୍ର ଦାସ, ଉପ ସଭାପତି ସୁନାକର ବେହେରା, ସମ୍ପାଦକ ଲଲାଟ କେଶରୀ ନାୟକ, ସହ ସମ୍ପାଦକ ଅମିୟ ମିଶ୍ର, ଉପଦେଷ୍ଟା ଡ. ପ୍ରଫୁଲ୍ଲ ରଥ, ଆନନ୍ଦ ପଟ୍ଟନାୟକ, ଲକ୍ଷ୍ମୀଧର ବେହେରା, ଶିବଦତ୍ତ ମହାପାତ୍ର, କରୁଣାକର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

୫ ଦଫା ଦାବିରେ ବରିଷ୍ଠ ନାଗରିକଙ୍କ ଧାରଣା

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଓଡ଼ିଶା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଲୋୟର ପିଏମ୍‌ଜିରେ ସୋମବାର ଧାରଣା ଦିଆଯାଇଛି। ମାସିକ ବାର୍ଦ୍ଧକ୍ୟ ଭତ୍ତା ୫ ଶହ ଟଙ୍କାରୁ ୨ ହଜାର ଟଙ୍କାକୁ ବୃଦ୍ଧି, ପ୍ରତି ଗରିବ ଲୋକଙ୍କୁ ମାସିକ ୫ କେଜି ପରିବର୍ତ୍ତେ ୧୦ କେଜି ଚାଉଳ ପ୍ରଦାନ, ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପାଇଁ ଭୁବନେଶ୍ୱରଠାରେ ଏକ କାର୍ଯ୍ୟାଳୟ ଗୃହ ଯୋଗାଣ ସହ ସହରର ପ୍ରତି ୱାର୍ଡ ଓ ପ୍ରତି ଗାଁରେ ବରିଷ୍ଠମାନଙ୍କ ଲାଗି ଗୋଷ୍ଠୀ କେନ୍ଦ୍ର ଏବଂ ଦିବାଯତ୍ନ କେନ୍ଦ୍ର ନିର୍ମାଣ ପାଇଁ ଦାବି ହୋଇଛି। ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ ସହ ଶ୍ରୀମନ୍ଦିରରେ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ପୃଥକ ସମୟ ଧାର୍ଯ୍ୟ କରାଯିବା ଅନ୍ୟ ଏକ ଦାବି ରହିଛି।

ହୁଲକ୍ ଗିବନକୁ ଦେଖିପାରିବେ ପର୍ଯ୍ୟଟକ

ବାରଙ୍ଗ,୧୬।୧୦(ଲିଙ୍ଗରାଜ ରାଉତ): ଏଥର ପର୍ଯ୍ୟଟକମାନେ ହୁଲକ ଗିବନକୁ ଦେଖିପାରିବେ। ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନବନିର୍ମିତ ହୁଲକ୍ ଗିବନ ଏନ୍‌କ୍ଲୋଜର ଆସନ୍ତା ୧୯ ତାରିଖରେ ଉଦ୍‌ଘାଟନ ହେବ। ଏହା ଭିତରେ ଥିବା ପୃଥକୀକରଣ ଏନ୍‌କ୍ଲୋଜର ସୋମବାର ନନ୍ଦନକାନନ ବନ୍ଦ ଥିବାରୁ କର୍ତ୍ତୃପକ୍ଷ ପରୀକ୍ଷା ମୂଳକ ଭାବେ ୨ ହଳ ହୁଲକ ଗିବନକୁ ଛାଡିଛନ୍ତି। ପ୍ରକାଶ ଯେ, ଏଠାକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଅରୁଣାଚଳ ପ୍ରଦେଶର ଇଟାନଗର ଓ ମିଜୋରାମର ଆଇଜଲ ଚିଡିଆଖାନାରୁ ୨ହଳ ହୁଲକ୍ ଗିବନ ନନ୍ଦନକାନନକୁ ଅଣାଯାଇଥିଲା। ଏଠାକୁ ଆସିବା ପରେ ୧୦ନମ୍ବର ଫାଟକ ନିକଟରେ ଥିବା ନୂତନ କ୍ୱାରେଣ୍ଟାଇନରେ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯାଉଥିଲା।

ଘରୁ ୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି

ବାରଙ୍ଗ,୧୬।୧୦(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ଅଞ୍ଚଳରେ ଥିବା ଏମ୍.ଜେ. ଉତ୍ସ ଆପାର୍ଟମେଣ୍ଟରେ ଚୋରି ହୋଇଥିବା ସୋମବାର ଚନ୍ଦକାଥାନାରେ ଅଭିଯୋଗ ହୋଇଛି। ଆପାର୍ଟମେଣ୍ଟ ବ୍ଲକ ଭି-୫ ଫ୍ଲାଟ ନଂ. ୨୦୩ରେ କଟକ ଚୌଦ୍ୱାର ଅଞ୍ଚଳର ମହେଶ ପାଣି ନାମକ ବ୍ୟକ୍ତି ପରିବାର ସହ ରହୁଥିଲେ। ସେ ଶନିବାର ତାଙ୍କ ଘରକୁ ଯାଇଥିଲେ। ସେ ରବିବାର ସକାଳେ ଆସି ଆପାର୍ଟମେଣ୍ଟରେ ପହଞ୍ଚିବା ପରେ ଘରର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘରେ ଥିବା ଆଲମିରାରୁ ଦୁର୍ବୃତ୍ତମାନେ ସୁନା ହାର, ରୁପା କଏନ, ମଥାମଣି, ଦାମୀ ଘଣ୍ଟା ଆଦି ୫ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଖବର ପାଇପାରି ନାହିଁ।

ସ୍ଥାୟୀ ନିଯୁକ୍ତି ଦାବିକଲେ ରାଜସ୍ୱ ଅତିରିକ୍ତ ଅସୁଲି ପିଅନ

ଭୁବନେଶ୍ୱର,୧୬।୧୦ (ଅନୁରାଧା ମହାରଣା)

ରାଜସ୍ୱ ଅତିରିକ୍ତ ଅସୁଲି ପିଅନମାନେ ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବି ନେଇ ସୋମବାର ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। ରାଜସ୍ୱ ଅତିରିକ୍ତ ପିଅନ ସଂଘର ସଭାପତି ପ୍ରମୋଦ କୁମାର ତାଣ୍ଡିଆ ଏବଂ ସମ୍ପାଦକ ଅଶ୍ୱିନୀ କୁମାର ଦାସ କହିଛନ୍ତି, ରାଜ୍ୟର ସମସ୍ତ ଜିଲାର ତହସିଲ ଓ ଆର୍‌ଆଇ କାର୍ଯ୍ୟାଳୟରେ ୧୯୯୦ରୁ ୨୦୦୩-୦୪ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ଅସୁଲି ପିଅନଙ୍କୁ ୨୦୦୩ରେ ଛଟେଇ କରାଯାଇଛି। ସେବେଠାରୁ ବିନା ବେତନରେ ସେମାନେ ତହସିଲ ଓ ଆର୍‌ଆଇ ଅଫିସ୍‌ରେ ସେବା ପ୍ରଦାନ କରି ଆସୁଛନ୍ତି। ପୂର୍ବରୁ ଏସିପି ପିଲାମାନେ ୨୦୦୯ରେ ସ୍ଥାୟୀ ନିଯୁକ୍ତି ପାଇଛନ୍ତି। ସେହିଭଳି ସଂଘର ସମସ୍ତ ଆଶାୟୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ଧନଞ୍ଜୟ ପଲାଇଙ୍କ ପରଲୋକ

ଭୁବନେଶ୍ୱର, ୧୬।୧୦ (ଶର୍ମିଷ୍ଠା ପାଣିଗ୍ରାହୀ): ଭାରତ ଦୂର ସଞ୍ଚାର ନିଗମ ଓଡ଼ିଶା ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ରୁଦ୍ର ନାରାୟଣ ପଲାଇଙ୍କ ପିତା ଧନଞ୍ଜୟ ପଲାଇଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା। ସେ ଇ.ଆଇ.ସି କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାମ କରୁଥିଲେ। ତାଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲିଠାରେ। ମୃତ୍ୟୁଶଯ୍ୟା ନିକଟରେ ଅନ୍ୟ ୩ ପୁତ୍ର ସୂର୍ଯ୍ୟନାରାୟଣ ପଲାଇ, ସତ୍ୟନାରାୟଣ ପଲାଇ, ବିରଞ୍ଚି ନାରାୟଣ ପଲାଇ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

ବିଶ୍ୱ ଖାଦ୍ୟ ଦିବସରେ ଗୋଷ୍ଠୀ ସଂଯୋଗ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଓୟୁଏଟି ଅଧୀନ ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟରେ ସୋମବାର ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମ୍ୟ ଜୀବନଶୈଳୀକୁ ସଶକ୍ତ କରିବା ଉଦ୍ଦେଶ୍ୟରେ 'ଗୋଷ୍ଠୀ ସଂଯୋଗ କାର୍ଯ୍ୟକ୍ରମ' ଆରମ୍ଭ ହୋଇଛି। ଏଥିରେ 'ଜଳ ହିଁ ଜୀବନ, ଜଳ ହିଁ ଖାଦ୍ୟ, କାହାକୁ ପଛରେ ଛାଡ଼ନ୍ତୁ ନାହିଁ' ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହା ସହ 'ଆନ୍ତର୍ଜାତିକ କ୍ଷୁଦ୍ରଶସ୍ୟ ବର୍ଷ' ଉପଲକ୍ଷେ କ୍ଷୁଦ୍ରଶସ୍ୟର ଉପକାରିତା ଏବଂ ଚାଷ ପଦ୍ଧତି ଉପରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଓୟୁଏଟି ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟ ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଏବଂ ବାରଙ୍ଗ ବ୍ଲକ ଅନ୍ତର୍ଗତ ଦେଉଳି ଗ୍ରାମର ଲୋକଙ୍କ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗୋଷ୍ଠୀ ବିଜ୍ଞାନ ମହାବିଦ୍ୟାଳୟର ପ୍ରଧାପିକା ଡ. ଦୀପ୍ତିମୟୀ ଜେନା ଓ ସମ୍ପ୍ରସାରଣ ବିଭାଗର ପ୍ରାଧାପକ ଡ. ହେମନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ଚିତ୍ରୋତ୍ପଳା ଦେବଦର୍ଶିନୀ ଧନ୍ୟବାଦ ଜଣାଇଥିଲେ ଓ ଡ. ଦେବପ୍ରସାଦ ମଲ୍ଲିକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ଛାତ୍ର ଅଭିଷେକ ସାମନ୍ତ, ଗଣେଶ ଚନ୍ଦ୍ର ଛତ୍ରିଆ ଓ ଛାତ୍ରୀ ଚନ୍ଦନୀ ସେନ, କାମାକ୍ଷୀ ଚୌଧୁରୀ ବକ୍ତବ୍ୟ ରଖିଥିଲେ। କ୍ଷୁଦ୍ର ଶସ୍ୟରେ ତିଆରି ବିଭିନ୍ନ ଖାଦ୍ୟ ସାମଗ୍ରୀ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

କାରରେ ଗଞ୍ଜେଇ ଚୋରାଚାଲଣ,୨ ଗିରଫ

ଭୁବନେଶ୍ୱର,୧୬।୧୦ (ସୂର୍ଯ୍ୟକାନ୍ତ ବେହେରା) : କାର ଯୋଗେ କନ୍ଧମାଳରୁ ବେଆଇନ ଭାବେ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ଓସ୍କାର ସିଟି ରୋଡରେ ଚଢାଉ କରି ୨ ଜଣଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଅନୁଗୋଳର ସୁରେଶ ଚନ୍ଦ୍ର ନାୟକ ଓ କନ୍ଧମାଳର ବିଶ୍ୱମ୍ଭର ବେହେରା। ଉଭୟଙ୍କଠାରୁ ୪୧ କେଜି ଗଞ

ମା' କଟକଚଣ୍ଡୀଙ୍କ ଷୋଡ଼ଶୀ ବେଶ।

ମା' ଗଡ଼ଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ।

ମା' ଝାଞ୍ଜିରିମଙ୍ଗଳାଙ୍କ ସରସ୍ୱତୀ ବେଶ।

ତିଗିରିଆସ୍ଥିତ ମା' ବନଦୁର୍ଗୀୟ କଳାପାଙ୍ଗ ଠାକୁରାଣୀଙ୍କ ତାରା ବେଶ।

ମା' ଚର୍ଚ୍ଚିକାଙ୍କ ଦ୍ୱିତୀୟ ଦିନର ବେଶ।

ପୀଠପୁର ମା' ଧାକୁଲେଇଙ୍କ ଚାମୁଣ୍ଡା ବେଶ।

ଅପରାହ୍ନ ୪ରୁ ରାତି ୧୨ ଯାଏ ୱାନ ୱେ

- ପାର୍ବଣ ପାଇଁ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା
- ଷଷ୍ଠୀରୁ ଦଶହରା ଯାଏ ଟ୍ରାଫିକ କଟକଣା

କଟକ,୧୬।୧୦ (କାର୍ତ୍ତିକ ସାହୁ)

ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳାର ସହ ପାଳନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଷଷ୍ଠୀ ପୂଜା ୨୦ରୁ ଆରମ୍ଭ କରି ଦଶହରା ୨୪ ତାରିଖ ଯାଏ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ କଟକଣା ଜାରି ହେବ। ପ୍ରତ୍ୟେକ ଦିନ ଅପରାହ୍ନ ୪ଟାରୁ ରାତି ୧୨ଟା ଯାଏ ନିୟମ ବଳବତ୍ତର ରହିବ।

ହାଓଡ଼ାମୋଟର ଛକଠାରୁ କୌଣସି ଯାନବାହନ ସିଧା ମଙ୍ଗଳାବାଗ ଛକ ଆଡ଼କୁ ଯାଇପାରିବେ ନାହିଁ। ଏହି ଗାଡ଼ିଗୁଡ଼ିକ ହାଓଡ଼ାମୋଟର ଛକଠାରୁ ମାତାମଠ ଦେଇ ମହାନଦୀ ରିଂବନ୍ଧରେ ଆସି ମଲ୍ଲାସାହି ବା କାଠଗୋଲା ଦେଇ ମଙ୍ଗଳାବାଗ ଯିବେ। ମଙ୍ଗଳାବାଗ ପୁରୁଣା ଦେବୀ ଘର ଛକଠାରୁ କୌଣସି ଯାନବାହନ ବଣିଆସାହି ବା ଥୋରିଆସାହି ଆଡ଼କୁ ଯାଇପାରିବେ ନାହିଁ। ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ସମସ୍ତ ଯାନ ବଜ୍ରକବାଟି ପୋଲ ଛକରୁ ରାଣୀହାଟ ଆଡ଼କୁ ଯାଇପାରିବେ ନାହିଁ। ଉକ୍ତ ଯାନଗୁଡ଼ିକୁ ବଜ୍ରକବାଟି ପୋଲଛକରୁ ବାମକୁ ଭାଙ୍ଗି କେନାଲ ରାସ୍ତାରେ ଗହ୍ମାଡିଆ କବର ସ୍ଥାନ କେଶରପୁର ଛକ ଦେଇ ମଙ୍ଗଳାବାଗ କିମ୍ବା ବକ୍ସିବଜାର ଆଡ଼କୁ ଯାଇପାରିବେ ଏବଂ ଫ୍ରେଣ୍ଡସ୍ କଲୋନୀ ଦେଇ ଥୋରିଆସାହି ବାଳିକା ସ୍କୁଲ ପାଖରେ ବାହାରି କେବଳ ମଙ୍ଗଳାବାଗ ଆଡ଼କୁ ଯିବେ, ମାତ୍ର ବଣିଆସାହି କିମ୍ବା ଭୂଦାନ ଅଫିସ ଆଡ଼େ ଯାଇପାରିବେ ନାହିଁ। କେଶରପୁର ପୋଲ, ଗହ୍ମାଡିଆ ଛକ, ଥୋରିଆସାହି ବାଳିକା ସ୍କୁଲ ଛକ ଓ ଫ୍ରେଣ୍ଡସ କଲୋନୀ ପାର୍ଶ୍ୱରୁ କୌଣସି ଯାନ ବଜ୍ରକବାଟି ପୋଲ ଆଡ଼କୁ ଯାଇପାରିବେ ନାହିଁ। ଥୋରିଆସାହି ଓ ବଣିଆସାହି ଛକରୁ କୌଣସି ଯାନ ବଢ଼େଇସାହି ଆଡ଼କୁ ଯାଇ ପାରିବେ ନାହିଁ। ମୋଚିସାହି ଛକରୁ କୌଣସି ଯାନ ରାଣୀହାଟ ହାଇସ୍କୁଲ ଦେଇ ଘଣ୍ଟା ଟାୱାର ଆଡ଼କୁ ଯାଇପାରିବେ ନାହିଁ। ସେହି ଗାଡ଼ିଗୁଡ଼ିକ ଡା. ତେଜେଶ୍ୱର ରାଓ ଛକ ଦେଇ କେନାଲ କୂଳ ରାସ୍ତା ଦେଇ ଘଣ୍ଟା ଟାୱାର ଆଡ଼କୁ ଯାଇପାରିବେ କିମ୍ବା ବାମପଟେ କେନାଲ କୂଳ ରାସ୍ତା ଦେଇ ଯୋବ୍ରା ଆଡ଼କୁ ଯାଇପାରିବେ।

ଦୋଳମୁଣ୍ଡାଇ ଛକ ଆଡୁ ଆସୁଥିବା ଯାନଗୁଡ଼ିକ ମହତାବ ରୋଡ୍ ଦେଇ ଛତ୍ରବଜାର ଆଡ଼କୁ ଯାଇ ସେଠାରେ କେବଳ ମାଲଗୋଦାମ ଆଡ଼କୁ ଯାଇପାରିବେ। ମାଲଗୋଦାମ ଫାଣ୍ଡି ଛକ ପାଖରୁ କୌଣସି ଯାନ ଛତ୍ରବଜାର ଦେଇ ମହତାବ ରୋଡ୍ ଆଡ଼କୁ କିମ୍ବା ପିଲିଗ୍ରିମ ରୋଡ୍‌ରେ କଲେଜ ଛକ ଆଡ଼କୁ କିମ୍ବା କେନାଲ ରାସ୍ତାରେ ହିନ୍ଦ୍ ସିନେମା ଆଡ଼କୁ ଯାଇପାରିବେ ନାହିଁ। ହିନ୍ଦ୍ ସିନେମା ଆଡୁ କେନାଲ ରାସ୍ତାରେ ଆସୁଥିବା ଯାନଗୁଡ଼ିକ ଛତ୍ରବଜାର ପୋଲ ପାଖରୁ ବାମ ପାଖ ଦେଇ ମାଲଗୋଦାମ ଆଡ଼କୁ ଯାଇପାରିବେ କିମ୍ବା ସିଧା ସମ୍ରାଟ ସିନେମା ଆଡ଼କୁ ଯାଇପାରିବେ। କୌଣସି ଯାନ ଛତ୍ରବଜାର ଦୈତାରି ରାଉତଙ୍କ ଆଲୁଗୋଦାମ ଆଡୁ ପ୍ରଫେସରପଡ଼ା ନାଳ ରାସ୍ତାରେ ବଜ୍ରକବାଟି ରୋଡ୍ ଆଡ଼କୁ ଆସିପାରିବେ ନାହିଁ। କିନ୍ତୁ ବଜ୍ରକବାଟି ରୋଡ୍ ପାର୍ଶ୍ୱରୁ ଯାନଗୁଡ଼ିକ ପ୍ରଫେସରପଡ଼ା ଭିତର ଦେଇ କେନାଲ ରାସ୍ତାରେ ଛତ୍ରବଜାର ଯାଇପାରିବେ। କୌଣସି ଯାନ ଛତ୍ରବଜାର କିମ୍ବା ମାଲଗୋଦାମ ପଟରୁ ମହତାବ ରୋଡ୍‌ରେ ଦୋଳମୁଣ୍ଡାଇ ଆଡ଼କୁ ଯାଇପାରିବେ ନାହିଁ। ମାଲଗୋଦାମରୁ କୌଣସି ଯାନ ଛତ୍ରବଜାର ଆଡ଼କୁ ବା ପଲଗ୍ରୀମ ରୋଡ୍ ଦେଇ କଲେଜ ଛକ ଯାଇପାରିବେ ନାହିଁ। ପିଠାପୁର ଓ ଖୋଲାସାହି ଆଡୁ ଆସୁଥିବା ଯାନଗୁଡ଼ିକ ଖୋଲାସାହି ଫୋନ୍‌ବକ୍ସ ଛକରୁ ବାମପଟେ ଗୋପାଳଜୀଉ ଲେନ୍, ବଙ୍ଗାଳିସାହି, କିମ୍ବା ସିଧା ନନ୍ଦିସାହି ଛକ ଆଡ଼କୁ ନ ଯାଇ ଫୋନବକ୍ସ ଛକରୁ ଡାହାଣକୁ ମୋଡ଼ି କାଠଗଡ଼ାସାହି ଦେଇ ଧର୍ମଶାଳା ଛକରୁ ଫୁଲ ଦୋକାନ ସାମ୍ନା ରାସ୍ତାରେ ଉତ୍ତଳିକା ଦେଇ ଜେଲରୋଡ୍ କିମ୍ବା ଗୌରୀଶଙ୍କର ପାର୍କ ଆଡ଼କୁ ଯାଇପାରିବେ। ପୁରୁଣା ଜେଲ ଛକରୁ ଚୌଧୁରୀ ବଜାର ଆଡ଼କୁ ଆସୁଥିବା ଯାନଗୁଡ଼ିକ ଗୌରୀଶଙ୍କର ପାର୍କ ସବ୍‌ଷ୍ଟେଶନ ଛକରୁ ସିଧା ଚୌଧୁରୀବଜାର ଛକ ଆଡ଼କୁ ଯାଇପାରିବେ ନାହିଁ। ଚୌଧୁରୀବଜାର ଛକରୁ କୌଣସି ଯାନ ଗୌରୀଶଙ୍କର ପାର୍କ ଆଡ଼କୁ ଯାଇପାରିବେ ନାହିଁ। ବାଲୁବଜାର ଛକରୁ ନିମ୍‌ଚୌଡ଼ି ଛକ, ଇପାରୀଗୋବିନ୍ଦ ଗହଣା ଦୋକାନ ଛକ ଓ ହାଇକୋର୍ଟଛକ ଦେଇ ଚାନ୍ଦିନୀ ଚୌକ ଯାଇପାରିବେ ନାହିଁ। କାଳିଗଳି ଭିତରୁ ଆସୁଥିବା ଯାନ ଚାନ୍ଦିନୀଚୌକ ଯାଇପାରିବେ ନାହିଁ। କେବଳ ହାଇକୋର୍ଟ ଛକ ଆଡ଼କୁ ଯାଇପାରିବେ। ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ୱେନ ୱେ ଟ୍ରାଫିକ କାର୍ଯ୍ୟ କରିବ ବୋଲ କଟକ ଡସପ ପନାକ ମଶ୍ର ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

ଇଞ୍ଜିନିୟରଙ୍କ ମାଡ଼ରେ କର୍ମଚାରୀଙ୍କ ମୁଣ୍ଡ ଫାଟିଲା

ଖୁଣ୍ଟୁଣୀ,୧୬।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଘଣ୍ଟିଖାଲଠାରେ ଥିବା ଏକ କାରଖାନା ପରିସରରେ ୨ଜଣ ଯୁବ ଇଞ୍ଜିନିୟର ଜଣେ କର୍ମଚାରୀଙ୍କୁ ମାଡ଼ ମାରି ତାଙ୍କ ମୁଣ୍ଡ ଫଟାଇ ଦେଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଆହତ ଯୁବକ ଜଣକ ହେଲେ ଖୁଣ୍ଟୁଣୀ ଥାନା ଦ୍ୱାରାବତୀପୁର ଗ୍ରାମର ପ୍ରଣବାନନ୍ଦ ପ୍ରଧାନ। ତାଙ୍କୁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ରାତି ସାଢେ ୯ଟାରେ ପ୍ରଣବାନନ୍ଦଙ୍କ ସ୍ତ୍ରୀ ସସ୍ମିତା ମହନ୍ତ ଥାନାରେ ଏତଲା ଦେବା ପରେ ପୋଲିସ ୨ ଇଞ୍ଜିନିୟରଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏନେଇ ପୋଲିସ ୨୦୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପ୍ରଣବାନନ୍ଦ କାମରେ ଅବହେଳା କରିବାକୁ ନେଇ ୨ ଇଞ୍ଜିନିୟର ତାଙ୍କୁ ତାଗିଦା କରିଥିଲେ। ସୋମବାର ପ୍ରଣବାନନ୍ଦଙ୍କୁ କାମରେ ଅବହେଳା କରୁଥିବା ଦେଖିବାରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପ୍ରଣବ ଉତ୍ତ୍ୟକ୍ତ ହୋଇ ଇଞ୍ଜିନିୟର ଦୁହିଁଙ୍କୁ ଚାପୁଡ଼ା ମାରିଥିଲେ। ପରେ ୨ ଇଞ୍ଜିନିୟର ମଧ୍ୟ ପ୍ରଣବାନନ୍ଦଙ୍କୁ ମାଡ଼ ମାରିଥିଲେ। ଜଣେ ଇଞ୍ଜିନିୟର ପିନ୍ଧିଥିବା ହେଲମେଣ୍ଟରେ ପ୍ରଣବାନନ୍ଦଙ୍କ ମୁଣ୍ଡକୁ ଶକ୍ତ ପାହାର ଦେବାରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା।

ପ୍ରଦୀପ ଓବିସି ମୋର୍ଚ୍ଚା ସଭାପତି

ମଙ୍ଗୁଳି/ଜଗତପୁର,୧୬।୧୦(ମାନସ ସାମଲ)

କଣ୍ଟାପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଦୀପ ରାଉତରାୟ କଟକ ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି କଟକ ସଦର ନିର୍ବାଚନମଣ୍ଡଳୀର ଜଣେ ଯୁବ ସଂଗଠକ ପ୍ରଦୀପ ବେହେରା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ହୋଇଛନ୍ତି। ସଙ୍ଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ଉଭୟଙ୍କୁ କଟକ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ନିଯୁକ୍ତି ଦେଇଥିବା ରବିବାର ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ଚାକିରି ଲୋଭ ଦେଖାଇ ଠକିବା ଅଭିଯୋଗରେ ଯୁବକ ଗିରଫ

ଫୁଲନଖରା,୧୬।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

ସରକାରୀ ଚାକିରି ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ହଡପ କରିଥିବା ଅଭିଯୋଗରେ କଟକ ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କର ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ବାଲିକୁଦା ଥାନା ଅଧୀନ ଥାଇଲୋ ଗ୍ରାମର ସଞ୍ଜୟ ପତି(୪୦)। ପୋଲିସ ସୂତ୍ରରୁ ପ୍ରକାଶ, କଟକ ନୂଆବଜାର ଅଞ୍ଚଳର ପ୍ରସନ୍ନ ପାତ୍ର ୪୨ ମୌଜା ଭାଲପଡ଼ା ଗ୍ରାମର ପ୍ରମୋଦ ଲେଙ୍କା ଓ ସମ୍ବଲପୁର ଜିଲା ଶାସନ ଥାନା ଅଧୀନ ଗମ୍ଭାରୀପଙ୍କ ଗ୍ରାମର ମାନଭଞ୍ଜନ ପଣ୍ଡାଙ୍କୁ ସଞ୍ଜୟ ଓ ତାଙ୍କ ସହଯୋଗୀ ଭୁବନେଶ୍ୱରର କନକମଞ୍ଜରୀ ଜେନା ଏଏସ୍‌ଓ ଓ ଉଚ୍ଚ ନ୍ୟାୟାଳୟରେ ପିଅନ ଚାକିରି କରିଦେବାକୁ କହିଥିଲେ। ଏଥିନେଇ ସଞ୍ଜୟ ଓ ତାଙ୍କ ସହଯୋଗୀ ଜେନା ସେମାନଙ୍କଠାରୁ କ୍ରମାନ୍ୱୟରେ ୪ ଲକ୍ଷ, ୨ଲକ୍ଷ ଓ ୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। ଏହାପରେ ସେମାନଙ୍କୁ ସଞ୍ଜୟ ଓ କନକମଞ୍ଜରୀ ମିଶି ନକଲି ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ନିଯୁକ୍ତି ପତ୍ର ନ କଲି ଥିବା ପ୍ରମୋଦ, ପ୍ରସନ୍ନ ଓ ମାନଭଞ୍ଜନ ଜାଣି ପାରି କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୩ଜଣଙ୍କ ବିରୋଧରେ ପୃଥକ ପୃଥକ ଭାବେ ୫୯୯/୨୩, ୬୦୦/୨୩, ୬୦୪/୨୩ରେ ଠକେଇ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଥିଲା। ଏବେ କନକମଞ୍ଜରୀ ଫେରାର ଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର କନକମଞ୍ଜରୀଙ୍କୁ ଗିରଫ କରାଯିବ ବୋଲି ସଦର ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

କଟକ ଶେଖ୍‌ବଜାର ପୂଜାମଣ୍ଡପ ମେଢ଼ ଫ୍ରେମ୍‌ରେ ଚାନ୍ଦି ଅଳଙ୍କାରଗୁଡ଼ିକୁ ଶିଳ୍ପୀ ଖଞ୍ଜୁଛନ୍ତି।

ରାଉରକେଲାରେ ଖୋଲିଲା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ

କଟକ,୧୬।୧୦(କାର୍ତ୍ତିକ ସାହୁ)

ରାଉରକେଲାଠାରେ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟକୁ ସୋମବାର ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି କୋର୍ଟରେ ପୋକ୍‌ସୋ ଓ ବଳାତ୍କାର ମାମଲାଗୁଡ଼ିକର ବିଚାର କରାଯିବ। ସୁନ୍ଦରଗଡ଼ ଜଜ୍‌ଶିପ୍‌ର ବିଚାରପତି କୃଷ୍ଣରାମ ମହାପାତ୍ରଙ୍କ ସମେତ ହାଇକୋର୍ଟର ଅନ୍ୟ ବିଚାରପତି, ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ଷଡ଼ଙ୍ଗୀ ନାବାଳିକା ଓ ମହିଳାଙ୍କ କ୍ଷେତ୍ରରେ ହେଉଥିବା ଅପରାଧ ମାମଲାଗୁଡ଼ିକ ଉପଯୁକ୍ତ ସମୟରେ ଫଇସଲା ହୋଇ ପ୍ରଭାବୀ ନ୍ୟାୟ ପାଇବା ଦିଗରେ ନୂତନ କୋର୍ଟ ସହାୟକ ହେବ ବୋଲି କହିଥିଲେ। ବିଚାରପତି କୃଷ୍ଣରାମ ମହାପାତ୍ର କହିଲେ, ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ଜନସାଧାରଣ ଆବଶ୍ୟକ କରୁଥିବା ଆଶା ଏହି କୋର୍ଟ ପୂରଣ କରିବ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ ପୋକ୍‌ସୋ ଆଇନ ଓ ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାଗୁଡ଼ିକର ବିଚାର ପାଇଁ ଓଡ଼ିଶାର ବିଭିନ୍ନ ଜିଲା ମୁଖ୍ୟାଳୟରେ ୨୦ଟି ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲିସାରିଛି। ଜିଲା ମୁଖ୍ୟାଳୟଠାରୁ ବାହାରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କ୍ଷେତ୍ରରେ ରାଉରକେଲା ପ୍ରଥମ ବୋଲି ଜଣାଯାଇଛି।

ଆଭାସୀ ମାଧ୍ୟମରେ ଫାଷ୍ଟଟ୍ରାକ୍ କୋର୍ଟ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ବିଚାରପତି।

ପଙ୍କା ସହ ପକ୍କାଘର ଦାବିରେ ସିଏମ୍‌ସି ଘେରାଉ

ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ବିଶାଳ ଶୋଭାଯାତ୍ରା

ବିଭିନ୍ନ ଦାବି ନେଇ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ସିଏମ୍‌ସି ଅଫିସ୍ ଘେରାଉ।

କଟକ,୧୬।୧୦ (ସୁପ୍ରିୟା ପ୍ରିୟଦର୍ଶିନୀ)

ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ପଙ୍କା ଓ ପକ୍କାଘର ଦାବିରେ ସହରର ବିଭିନ୍ନ ବସ୍ତିର ବସ୍ତିବାସିନ୍ଦା ଏକ ବିଶାଳ ଶୋଭାଯାତ୍ରାରେ ଆସି ସୋମବାର ସିଏମ୍‌ସି ଅଫିସ୍ ଘେରାଉ କରିଥିଲେ। ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଦୀପକ ଦାସ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ପ୍ରତିବାଦ ସଭାରେ ଏସ୍‌ୟୁସିଆଇସି ରାଜ୍ୟ ନେତା ବିଶ୍ୱାବସୁ ଦାସ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ବସନ୍ତ ନାୟକ ପ୍ରମୁଖ ମତବ୍ୟକ୍ତ କରି କହିଥିଲେ ସରକାର ସବୁ ସମୟରେ କେବଳ ନିର୍ବାଚନକୁ ଆଖିଆଗରେ ରଖି ମିଥ୍ୟା ପ୍ରଚାର କରୁଛନ୍ତି। ଭୋଟ୍ ପୂର୍ବରୁ ବସ୍ତିବାସିନ୍ଦାଙ୍କୁ ପଙ୍କା ସହ ପକ୍କାଘର ଦେବା, ସିଏମ୍‌ସି ତାଲିକାଭୁକ୍ତ ନ ଥିବା ବସ୍ତିଗୁଡ଼ିକୁ ତାଲିକାଭୁକ୍ତ କରି ଥଇଥାନ ସହ ପଙ୍କା ଦେବା, ବାଲିସାହି ଓ ଜଗତପୁର ବିସ୍ଥାପିତଙ୍କୁ ସେହିଠାରେ ପଙ୍କା ଦେବା, ସହରରେ ଦୀର୍ଘଦଶନ୍ଧି ଧରି ଭଡ଼ାଘରେ ରହୁଥିବା ଗରିବ ଲୋକମାନଙ୍କୁ ଆଫର୍ଡେବୁଲ ସ୍କିମ୍‌ରେ ଘର ଦେବା, ବସ୍ତିବାସିନ୍ଦାଙ୍କ ପ୍ରତ୍ୟେକ ପରିବାରକୁ ଅନ୍ତତଃ ୪୫୦ ସ୍କୋୟାର ଫୁଟ୍ ଜାଗା ଦିଆଯିବା ଭଳି ଦାବିରେ ସିଏମ୍‌ସି ଘେରାଉ କରାଯାଇ କମିଶନରଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ଏହି ଘେରାଉ କାର୍ଯ୍ୟକ୍ରମକୁ ବସ୍ତି ନେତା ସୁକାନ୍ତ ନାୟକ, ବିଷ୍ଣୁ ନାୟକ, ସୁଜାତା ମହାପାତ୍ର, ସଜନୀ ଦାସ, ମୁନା ଦାସ, ଭୋଲା ରେଣ୍ଡୀ, ପଞ୍ଚାନନ ହେମ୍ବ୍ରମ, ଦାସ ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ

କଟକ ସଦର,୧୬।୧୦(ସୁଶାନ୍ତ ଜେନା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ କଟକ ସଦର ବ୍ଲକ ଅଧୀନ ପରମହଂସ ନାଥ ଦେବଙ୍କ ପୀଠରେ ସୋମବାର ଦୀପ ପ୍ରଜ୍ୱଳନ କରାଯାଇଛି। କଟକ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀ ମହାଦେବଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମର ବେହେରା, ବିଭୁତି ଭୂଷଣ ପରିଡ଼ା, ଅଶୋକ ମହାନ୍ତି, ହିମାଂଶୁ ଦାସ, ସୁବୋଧ ବେହେରା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ଶରତ ରାୟ, ସରପଞ୍ଚ ତ୍ରିଲୋଚନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

'ମହାନଦୀ ପଠାରେ ଅସ୍ଥାୟୀ ନିର୍ମାଣ ବନ୍ଦ ହେଉ'

ଗଡ଼ଗଡ଼ିଆ ଘାଟ ଧୋଇଯିବା ଘଟଣା

- ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା

କଟକ,୧୬।୧୦(କାର୍ତ୍ତିକ ସାହୁ)

ମହାନଦୀର ଗଡ଼ଗଡ଼ିଆ ଘାଟରେ ନିର୍ମିତ କଙ୍କ୍ରିଟ୍‌ପାହାଚ ଧୋଇ ହୋଇଯିବା ଘଟଣାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ଏକ ମାମଲା ରୁଜୁ ହୋଇଛି। ମହାନଦୀ ପଠାର ସମସ୍ତ ୪୨୬ ଏକର ଜମି ଜଙ୍ଗଲ ବିଭାଗକୁ ମରାମତି ଓ ଉନ୍ନୟନ ନିମନ୍ତେ ହସ୍ତାନ୍ତର କରିବାକୁ ଟ୍ରିବ୍ୟୁନାଲଙ୍କ ପକ୍ଷରୁ କଟକ ଜିଲାପାଳ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଉକ୍ତ ଅଞ୍ଚଳରେ ଅସ୍ଥାୟୀ ନିର୍ମାଣ ବନ୍ଦ କରାଯିବା ସହ ଅଳିଆ, ଆବର୍ଜନାଗୁଡ଼ିକୁ ନଦୀଶଯ୍ୟାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଓ ତତ୍‌ସଂକ୍ରାନ୍ତୀୟ ଖର୍ଚ୍ଚ ନିର୍ମାଣ କରିଥିବା ସମ୍ପୃକ୍ତ ବିଭାଗ ବହନ କରୁ ବୋଲି ଏଥିରେ ଦର୍ଶାଯାଇଛି। ନଦୀଶଯ୍ୟାରୁ ସମସ୍ତ ଲୁହା ଖମ୍ବ, ମାଟି, ଅଳିଆ, ମୋରମ ହଟାଇବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଗଡ଼ଗଡ଼ିଆ ଘାଟଠାରୁ ଯୋବ୍ରା ପର୍ଯ୍ୟନ୍ତ ମହାନଦୀ କୂଳରୁ ବାଲି ସମ୍ପୂର୍ଣ୍ଣ ବାହାର କରାଯାଉ। ଯଦ୍ୱାରା ବନ୍ୟା ସମୟରେ ନଦୀଜଳ ବିନା ବାଧାରେ ଗତି କରିପାରିବ। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ସହ ପରିବେଶର ଅସନ୍ତୁଳନ ସୃଷ୍ଟି ହେଉଥିବା ଅଞ୍ଚଳର ନିୟମିତ ତଦାରଖ କରିବା, ମାତାମଠ ଓ ହାଡ଼ିଆପଠାରେ ନିର୍ମିତ ସ୍ପର ୨୦୦ ମିଟରକୁ ହ୍ରାସ କରିବା, ନଦୀପଠାରେ ଜଙ୍ଗଲ ସୃଷ୍ଟି କରିବା, ତ୍ରୁଟିପୂର୍ଣ୍ଣ ନିର୍ମାଣ କରିଥିବା ବ୍ୟକ୍ତିବିଶେ

ସଂକ୍ଷେପରେ

ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଲେ ବନଦୁର୍ଗା

ନିରାକାରପୁର,୧୬।୧୦(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ଏକାଦଶ ଦିବସ ତଥା ନବରାତ୍ରର ଦ୍ୱିତୀୟ ଦିବସରେ ବନଦୁର୍ଗା ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଛନ୍ତି। ସୋମବାର ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରାତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ.କୃପାସିନ୍ଧୁ ପଣ୍ଡା ଓ ପଣ୍ଡିତ ତପନ କୁମାର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଶିକ୍ଷାବିତ୍ ଚନ୍ଦ୍ରଧ୍ୱଜ ପଣ୍ଡା, ରମେଶ ପ୍ରଧାନ, ହର୍ଷ ପ୍ରଧାନ, ବିଷ୍ଣୁପ୍ରିୟା ପଟ୍ଟଯୋଷୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

ବହୁ ପ୍ରତିଭାର ଅଧିକାରୀ ଥିଲେ ପଣ୍ଡିତ ଦାଶରଥି

ବେଗୁନିଆ,୧୬।୧୦(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ କଣ୍ଟାବାଡ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୋମବାର ସ୍ୱର୍ଗତ ପଣ୍ଡିତ ଦାଶରଥି ଦାଶଙ୍କ ନବମ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମିଳିତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଖୋର୍ଦ୍ଧା, ନୟାଗଡ, ପୁରୀ ଓ କଟକ ଜିଲା ଅଞ୍ଚଳର କବି, ଶିକ୍ଷକ, ପଣ୍ଡିତ ମଣ୍ଡଳୀ ଓ ଆଧ୍ୟାତ୍ମିକବିତ ଯୋଗଦେଇଥିଲେ। ସଂସଦର ସଭାପତି ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତା ଭାବେ ଡ. ଗଣେଶ୍ୱର ସାଇଁ ଏବଂ ସମ୍ମାନିତ ଅତିଥିଭାବେ ସମ୍ପାଦକ ଅଖିଳେଶ ମହାପାତ୍ର, ପଣ୍ଡିତ ରଞ୍ଜନ କୁମାର ଦାଶ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବୈଷ୍ଣବ ରବି ଦାଶ ଭଜନ ପରିବେଷଣ କରିଥିଲେ। ଅତିଥିଙ୍କ ପକ୍ଷରୁ ଦାଶରଥିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପଣ୍ଡିତ ଦାଶରଥି ଏକାଧାରରେ ଜଣେ ସାରସ୍ୱତ ସାଧକ, କବି, ସୁସାହିତ୍ୟିକ, ଅନୁବାଦକ ଭାବେ ପ୍ରତିଷ୍ଠିତ ହୋଇ ବହୁ ପ୍ରତିଭାର ଅଧିକାରୀ ହୋଇପାରିଥିଲେ। ଉପସ୍ଥିତ କବୟିତ୍ରୀ ଓ କବି ସ୍ୱରଚିତ ୭୨ଟି କବିତା ପାଠ କରିଥିଲେ। ପଣ୍ଡିତ ମଣ୍ଡଳୀଙ୍କ ପକ୍ଷରୁ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ ଗୌରାଙ୍ଗ ଚରଣ ଦେବତା, ବଂଶୀଧର ପଣ୍ଡା, ଶିକ୍ଷକ ମନରଞ୍ଜନ ପଣ୍ଡାଙ୍କୁ ଦାଶରଥି ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ମହାପାତ୍ର ଓ କବି ଗୋପୀନାଥ ସେଠୀ ସଂଯୋଜନା କରିଥିଲେ। ଶ୍ରୀକାନ୍ତ ବାହିନୀପତି, ଦିଲୀପ ପାଣିଗ୍ରାହୀ, ସୁବାସ ମହାପାତ୍ର, ବଂଶୀଧର ପାଣିଗ୍ରାହୀ, ବିଭୁ ହୋତା, ଲୋକନାଥ ପଣ୍ଡା ସହଯୋଗ କରିଥିଲେ।

ଚଢ଼ା ଦରରେ ବିକ୍ରି ହେଉଛି ସାର, କୀଟନାଶକ

ବେଗୁନିଆ,୧୬।୧୦(ହର ପ୍ରସନ୍ନ ପଣ୍ଡା)

- ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
- ସ୍ୱୀକୃତି ନ ଥାଇ ଖୋଲିଛି ଦୋକାନ

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ରାସାୟନିକ ସାର ଓ କୀଟନାଶକ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ମୂଲ୍ୟରେ କୌଣସି ନିର୍ଦ୍ଦିଷ୍ଟତା ରହୁନାହିଁ। ସରକାରୀ ଧାର୍ଯ୍ୟ ଦର ଠାରୁ ରସାୟନିକ ସାର ବସ୍ତା ପ୍ରତି ୫୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ପ୍ରତିବର୍ଷ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ବେଳେ କୃଷି ବିଭାଗ ପକ୍ଷରୁ ଚଢ଼ାଉ କିମ୍ବା ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷରେ ଏହି ବ୍ଲକ କୃଷି କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ଅଭାବରୁ ଚଢ଼ାଉ ହୋଇପାରୁ ନ ଥିବା କୁହାଯାଉଛି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଚାଷୀଙ୍କ ଅଭିଯୋଗ ମୁତାବକ, ଚଳିତ ଖରିଫ ଋତୁରେ ହୋଇଥିବା ଧାନ ଫସଲ ଉପରେ ବର୍ତ୍ତମାନ ସାର ପ୍ରୟୋଗର ଉପଯୁକ୍ତ ସମୟ। ସାଧାରଣତଃ ଧାନ ଗଛରେ ଏବେ ଥୋଡ ଅବସ୍ଥା ଆସିଛି। ଅଧିକ ଫସଲ ଅମଳ ପାଇଁ ୟୁରିଆ, ପଟାସ ଓ ଗ୍ରୋମୋର ସାର କ୍ଷେତରେ ପ୍ରୟୋଗର ଆବଶ୍ୟକତା ରହିଛି। ସେହିପରି ଆଉ କେତେକ ଜମିରେ ଧାନ ଗଛ ଏବେ ପାକଳ ତଥା ପରିପକ୍ୱ ଅବସ୍ଥାକୁ ଆସିଯାଇଛି। ବିଶେଷକର ଏହି ସମୟରେ ଗଛରେ ରୋଗ ଓ ପୋକ ଲାଗିବାର ସମ୍ଭାବନା ଅଧିକ ରହିଛି। କେତେଜଣ ଚାଷୀଙ୍କ ଫସଲରେ ରୋଗ ଲାଗିଗଲାଣି। ଏହାର ପ୍ରତିକାର ପାଇଁ କୀଟନାଶକ ଛିଞ୍ଚନ କରାଯାଇଥାଏ। ମାତ୍ର ସାର ଓ କୀଟନାଶକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁଚୁରା ବିକ୍ରୟ କେନ୍ଦ୍ରରେ ପହଞ୍ଚିବା ବେଳକୁ ମାତ୍ରାଧିକ ଦର ଶୁଣି ବ୍ୟଥିତ କରିଛି ଚାଷୀକୁଳଙ୍କୁ। କଣ୍ଟାବାଡ, ସିମୋର, ବାଘମାରୀ, ଗୁଡୁମ, ଡାଳତୋଳା, ପରିଛଳ, ଡିଙ୍ଗର, ସିକୋ, ହଜ ଏବଂ ବେଗୁନିଆ ଆଦି ବଜାରରେ ଥିବା ଖୁଚୁରା କେନ୍ଦ୍ରରେ ବ୍ୟବସାୟୀମାନେ ଚଢ଼ା ଦରରେ ସାର ବିକୁଛନ୍ତି ବୋଲି ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହା ସହ କେତେଜଣ ବ୍ୟବସାୟୀ ଡୁପ୍ଲିକେଟ କୀଟନାଶକ ବିକ୍ରି କରୁଥିବା ଜଣାପଡିଛି। ଆଉ କେତେଜଣ ପଞ୍ଜୀକୃତ ବ୍ୟବସାୟୀ ବାୟୋମେଟ୍ରିକ ମେଶିନ ଅଚଳ ହୋଇଯାଇଛି ବୋଲି ଆଳ ଦେଖାଇ ଗ୍ରାହକଙ୍କ ଟିପ ନେଉ ନାହାନ୍ତି। ଫଳରେ ଚାଷୀମାନେ ସରକାରଙ୍କ ସବସିଡି ଦର ଫାଇଦା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ସେବା ସମବାୟ ସମିତି ମାଧ୍ୟମରେ ସବସିଡି ସାର ଯୋଗାଣର ଫାଇଦା ଅନେକ ସମୟରେ ଚାଷୀ ପାଇପାରୁ ନାହାନ୍ତି। କେତେବେଳେ ସମିତି କାର୍ଯ୍ୟାଳୟ ବନ୍ଦ ରହୁଛି ତ ଆଉ କେତେବେଳେ ସାର ଗଚ୍ଛିତ ନାହିଁ ବୋଲି କହି ଫେରାଇ ଦିଆଯାଉଛି। ଅନେକାଂଶରେ ଚାଷୀମାନଙ୍କୁ ସବ୍‌ସିଡି ସାର ନ ଦେଇ ବାଟମାରଣା କରାଯାଉଥିବା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ତେବେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଚାଷୀ ରାମ ନାହାକ, ବୀରଞ୍ଚି ନାରାୟଣ ପ୍ରଧାନ, ରବୀନ୍ଦ୍ର ବେହେରା ପ୍ରମୁଖ କହିଛନ୍ତି। ସୂଚନାଥାଉ କି, ଚଳିତ ବର୍ଷ ଏହି ବ୍ଲକରେ ୧୩ଟି ସମବାୟ ସମିତି ମାଧ୍ୟମରେ ସବ୍‌ସିଡି ସାର ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସାର ବିକ୍ରି କରିବା ପରେ ଏବେ ଆଉ ୮ରୁ ଅଧିକ ସମିତିରେ ସାର ଗଚ୍ଛିତ ନ ଥିବା ଜଣାପଡିଛି। ସେହିପରି ବ୍ଲକରେ ଗୋଟିଏ ସାର ହୋଲସେଲର କେନ୍ଦ୍ର ରହିଥିବା ବେଳେ ୪୦ଟି ସୀକୃତିପ୍ରାପ୍ତ ଖୁଚୁରା ବିକ୍ରୟ କେନ୍ଦ୍ର ରହିଛି। ସେଥିମଧ୍ୟରୁ ପ୍ରାୟ ୧୦ଟି ବିକ୍ରୟ କେନ୍ଦ୍ରରେ ଆଉ ସାର ବିକ୍ରି କରୁ ନାହାନ୍ତି। ସ୍ୱୀକୃତି ପତ୍ର ରଦ୍ଦ କରାଯାଇଥିବା କେତେଜଣ ବ୍ୟବସାୟୀ ମଧ୍ୟ ଖୁଲୁମଖୁଲା ବେପାର କରୁଛନ୍ତି। ତେବେ କୃଷି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସାର ଦରବୃଦ୍ଧି ରୋକାଯାଉ ବୋଲି କୃଷକ ମାୟାଧର ମାନସିଂହ, ଗଣେଶ୍ୱର ସ୍ୱାଇଁ, ଅଶୋକ ଛୁଆଳସିଂହ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ଅଭିଯୋଗ ମିଳିବା ପରେ ଚାଷୀଙ୍କ ସମସ୍ୟା ସମ୍ପର୍କରେ ନିଶ୍ଚିତ ଗୁରୁତ୍ୱ ଦିଆଯିବ।

ପୋଲିସ ଅଧିକାରୀ ସ୍ତରରେ ଅଦଳବଦଳ

ଖୋର୍ଦ୍ଧା,୧୬।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୋଲିସରେ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟର ସ୍ତରରେ ସୋମବାର ଏକ ଛୋଟଧରଣର ଅଦଳବଦଳ ହୋଇଛି। ଏନେଇ ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆ ଉକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବେଗୁନିଆ ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କୁ ପ୍ରଶାସନିକ ସ୍ତରରେ ଜିଲା ଆରକ୍ଷୀ କାର୍ଯ୍ୟାଳୟ(ଡିପିଓ) କୁ ବଦଳି ହୋଇଥିବା ବେଳେ ବୋଲଗଡ଼ ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡାଙ୍କ ବେଗୁନିଆ ଆଇଆଇସି ଭାବେ ବଦଳି କରାଯାଇଛି। ସେହିପରି ଟାଉନ ଥାନା ଅତିରିକ୍ତ ଆଇଆଇସି ସ୍ନିଗ୍ଧାମୟୀ ବରାଳଙ୍କ ବୋଲଗଡ଼ ଆଇଆଇସି ଭାବେ ବଦଳି ହୋଇଛି। କୁହୁଡି ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନାଙ୍କ ଟାଉନ ଥାନା ଏସ୍‌ଆଇ ଭାବେ ବଦଳି ହୋଇଥିବା ବେଳେ ବାଣପୁର ଥାନା ଏସ୍‌ଆଇ ବସନ୍ତ ମିଶ୍ରଙ୍କ କୁହୁଡି ଫାଣ୍ଡି ଅଧିକାରୀ ଭାବେ ବଦଳି ହୋଇଛି। ଏଥିସହିତ ଟାଉନ ଥାନା ଏସଆଇ ସୁକାନ୍ତ ଦଳାଇ ଏବଂ ବାଘମାରୀ ଥାନା ଏସଆଇ ଗାୟତ୍ରୀ ଗୋଛାୟତଙ୍କୁ ବାଣପୁର ଥାନାକୁ ବଦଳି ହୋଇଛି।

୧୦ ଦଫା ଦାବିରେ ବରିଷ୍ଠ ନାଗରିକ ମଞ୍ଚର ଧର୍ମଘଟ

ବ୍ଲକ କାର୍ଯ୍ୟାଳୟ ଆଗରେ ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଧର୍ମଘଟ।

ଜଟଣୀ,୧୬।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୋମବାର ୧୦ ଦଫା ଦାବିରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଆଗରେ ଦୁଇ ଘଣ୍ଟିଆ ଧର୍ମଘଟ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରହ୍ଲାଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଧର୍ମଘଟରେ ବରିଷ୍ଠ ନାଗରିକଙ୍କ ପାଇଁ ଟ୍ରେନ ଏବଂ ବସ ଯାତ୍ରା ସମୟରେ ରିହାତି, ବାର୍ଦ୍ଧକ୍ୟ ଭତ୍ତା ୫ଶହରୁ ୨ହଜାର ଟଙ୍କାକୁ ବୃଦ୍ଧି, ସ୍ୱାସ୍ଥ୍ୟ ବୀମା, ବୈଠକଖାନା ପାଇଁ ଘର ଓ ସ୍ଥାନ ସହିତ ପରିଚାଳନା ଖର୍ଚ୍ଚ, ଜଟଣୀ ସହରରୁ ତଳଖେତା ଜଟଣୀ ଗେଟ ଦେଇ ଭୁବନେଶ୍ୱରକୁ ମୋ ବସ ଚଳାଚଳ କରିବା, ଜଟଣୀ ଗୋଷ୍ଠୀ ଚିକିତ୍ସାଳୟର ଉନ୍ନତୀକରଣ ଆଦି ଦାବିକୁ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି। ଏହି ଧର୍ମଘଟ ଓ ଦାବିପତ୍ର କାର୍ଯ୍ୟକ୍ରମରେ ମଞ୍ଚର ଉପସଭାପତି ଅରୁଣ କୁମାର ମହାନ୍ତି, ସତ୍ୟବାଦୀ ସାହୁ, ଉପଦେଷ୍ଟା ଅର୍ଜୁନ ଚରଣ ସାମନ୍ତରାୟ, ଭକ୍ତ ବନ୍ଧୁ ଚୌଧୁରୀ, ବ୍ରଜବନ୍ଧୁ ନାୟକ, ସେକ୍ ସରିଫ, ତ୍ରିନାଥ ସାମନ୍ତରାୟ, ପ୍ରହ୍ଲାଦ ସ୍ୱାଇଁ, ମଞ୍ଚ ସମ୍ପାଦକ ଶଶୀ ପଟ୍ଟନାୟକ, ଶରତ ଦାଶ, ଡମ୍ବରୁଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

ସିମେଣ୍ଟ, ଲୁହା ଗେଟ୍ ଚୋରି କରି ଯୁବକ ଗିରଫ

ବାରଙ୍ଗ,୧୬।୧୦(ଲିଙ୍ଗରାଜ ରାଉତ)

ସିମେଣ୍ଟ ଓ ଲୁହା ଗେଟ୍ ଚୋରି ଅଭିଯୋଗରେ ଚନ୍ଦକା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଦାରୁଠେଙ୍ଗ ଗ୍ରାମର ଭାଗ୍ୟ ସୁନ୍ଦରାୟ। ଭାଗ୍ୟଙ୍କଠାରୁ ପୋଲିସ ୧୩ ବସ୍ତା ସିମେଣ୍ଟ ଓ ଗୋଟିଏ ଲୁହା ଗେଟ୍ ଜବତ କରିଛି।

ପ୍ରକାଶ ଯେ, ଦାରୁଠେଙ୍ଗ ଗ୍ରାମରେ ଏକ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ସେଠାରେ ୧୫ ବସ୍ତା ସିମେଣ୍ଟ ଓ ୩ଟି ଲୁହା ଗେଟ୍ ରଖାଯାଇଥିଲା। ଶନିବାର ରାତିରେ ଭାଗ୍ୟ ଏକ ଟାଟା ଏସି ଗାଡ଼ିରେ ସିମେଣ୍ଟ ଓ ଲୁହା ଗେଟ୍ ଚୋରି କରି ନେଉଥିବାବେଳେ ସ୍ଥାନୀୟ ଗ୍ରାମର କିଛି ଲୋକ ଦେଖିଥିଲେ। ଲୋକଙ୍କୁ ଦେଖି ଭାଗ୍ୟ ପଳାଇ ଯାଇଥିଲେ। କିନ୍ତୁ ସକାଳେ ସିମେଣ୍ଟ ଓ ଲୁହା ଗେଟ୍ ନ ଥିବା ଜଣାପଡିବା ପରେ ଚକ୍ରଧର ଭୂୟାଁ ନାମକ ବ୍ୟକ୍ତି ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୩୨୬/୨୩ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା।

ରାସ୍ତାରେ ଗର୍ତ୍ତ, ଯାତାୟାତ ବାଧାପ୍ରାପ୍ତ

ଟାଙ୍ଗୀ,୧୬।୧୦(ରଘୁନାଥ ସାହୁ)

କୁହୁଡ଼ିରୁ ସୋରଣ ଯାଇଥିବା ଗ୍ରାମ ଉନ୍ନୟନ ବିଭାଗ ରାସ୍ତାରେ କୁହୁଡି ରେଲୱେ ଫାଟକ ନିକଟରେ ଏକ ବିରାଟ ଗର୍ତ୍ତ ହୋଇଛି। ସିମେଣ୍ଟ ସ୍ଲାବ ଭାଙ୍ଗି ଲୁହା ରଡ଼ ଉପରକୁ ଦେଖାଯାଉଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ରତନପୁର, ମାନସିଂହପୁର, ସୋରଣ ପଞ୍ଚାୟତର ଜନସାଧାରଣ, ତରାପି, ଜନତା ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଡିଏଭି ଗୁରୁକୁଳର ଛାତ୍ରୀଛାତ୍ର, ସୋରଣ ପେଣ୍ଠକୁ ଯାତାୟାତ କରୁଥିବା ମତ୍ସ୍ୟଜୀବୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଦୀର୍ଘଦିନ ହେବ ରାସ୍ତା ଏଭଳି ରହିଛି। ତେବେ ଗର୍ତ୍ତ ସୃଷ୍ଟି ହୋଇଥିବା ସ୍ଥାନ ରେଲୱେ ଅଧୀନରେ ରହିଛି। ତେଣୁ ଏନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଲିଖିତ ଭାବେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅବଗତ କରାଯାଇଛି। ହେଲେ ଏପର୍ଯ୍ୟନ୍ତି କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହାର ମରାମତି ନ ହେଲେ ଆଗାମୀ ଦିନରେ ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଇଛି।

୬ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ବାଲୁଗାଁ,୧୬।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଳ ସୁରକ୍ଷା ବାହିନୀ ଚଢ଼ାଉ କରି ଖଲ୍ଲିକୋଟ ରେଳ ଷ୍ଟେଶନରୁ ଏକ ବ୍ୟାଗ୍ ଭର୍ତ୍ତି ୬କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଖରିଆପଲ୍ଲୀ ଗ୍ରାମର ସନ୍ତୋଷ ସେଠୀ(୩୫)। ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ବାଲୁଗାଁ ଏବଂ ଖଲ୍ଲିକୋଟ ଷ୍ଟେଶନରୁ ବେଆଇନ ଭାବେ ଟ୍ରେନରେ ଗଞ୍ଜେଇ ଏବଂ ଅଫିମ ଚୋରା ଚାଲାଣ ହେଉଥିବା ନେଇ ରେଲୱେ ପୋଲିସକୁ ସୂଚନା ମିଳିଥିଲା। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଆରପିଏଫ୍ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ରବିବାର ସକାଳେ ବିଭିନ୍ନ ଷ୍ଟେଶନରେ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଆରମ୍ଭ କରିଥିଲେ। ତେବେ ଖଲ୍ଲିକୋଟ ଷ୍ଟେଶନରେ ଜଣେ ବ୍ୟକ୍ତି ଏକ କଳାରଙ୍ଗର ବ୍ୟାଗ ଧରି ବାଙ୍ଗାଲୋର ଅଭିମୁଖେ ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସ୍‌କୁ ଅପେକ୍ଷା କରିଥିଲେ। ସନ୍ଦେହହେବାରୁ ଉକ୍ତ ବ୍ୟାଗ୍‌କୁ ଯାଞ୍ଚ କରାଯିବାରୁ ୬କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କା ହେବ ବୋଲି ରେଲୱେ ପୋଲିସ ପକ୍ଷରୁ ସୂଚନା ମିଳିଛି। ବାଲୁଗାଁ ରେଲୱେ ପୋଲିସ ଜବତ ଗଞ୍ଜେଇ ସହ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜିଆରପିକୁ ହସ୍ତାନ୍ତର କରିଥିଲା। ଏନେଇ ବ୍ରହ୍ମପୁର ଜିଆରପି କେସ ନଂ.୧୦୯/୨୩ରେ ଏକ ମାମଲା ରୁଜୁ ହୋଇଛି।

ଜନଶୁଣାଣି ଶିବିରରେ ୧୫୦ ଅଭିଯୋଗ

ବୋଲଗଡ଼,୧୬।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଧୋବେଇ ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ଉପଜିଲାପାଳ ଦୀପ୍ତରଞ୍ଜନ ସେଠୀ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ତହସିଲଦାର ନିବେଦିତା ପରିଡ଼ା ପ୍ରମୁଖ ଯୋଗଦେଇଥିବା ବେଳେ ଜିଲା ଓ ବ୍ଲକର ସମସ୍ତ ବିଭାଗର ଅଧକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ବୋଲଗଡ଼ ବ୍ଲକର ୧୯ଟି ପଞ୍ଚାୟତରୁ ମୋଟ୍ ୧୫୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୧ଟି ଅଭିଯୋଗ ସାମୂହିକ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ବିଦ୍ୟୁତ୍, ଜଳସେଚନ, ପାନୀୟଜଳ ସମସ୍ୟା, କୃଷି, ଜବରଦଖଲ ଉଚ୍ଛେଦ ଓ ଅନ୍ୟାନ୍ୟ ସମସ୍ୟା ଥିବା ବେଳେ ବ୍ୟକ୍ତିଗତ ଅଭିଯୋଗରେ ମୁଖ୍ୟତଃ ଆବାସ ଯୋଜନା ଓ ରାଶନ କାର୍ଡ ସମସ୍ୟା ରହିଥିଲା। ଜିଲାପାଳ ଚକ୍ରବର୍ତ୍ତୀ ଅଭିଯୋଗଗୁଡ଼ିକର ତଦନ୍ତ କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୋଲଗଡ଼ ବ୍ଲକ ସାମାଜିକ କଲ୍ୟାଣ ଅଧିକାରୀ କାମଦେବ ନାୟକ ଓ ମୁଖ୍ୟ କିରାଣୀ ଆଲୋକ କୁମାର ଜେନା ପରିଚାଳନା କରିଥିଲେ। ଅତିରିକ୍ତ ବିଡିଓ ରତିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

କୁଶପଲା ସ୍ପୋର୍ଟ୍ସ ଆସୋସିଏଶନ ବିଜୟୀ

ଟାଙ୍ଗୀ,୧୬।୧୦(ରଘୁନାଥ ସାହୁ)

ଟାଙ୍ଗୀ ସ୍ପୋର୍ଟ୍ସ ଆସ

ସଂକ୍ଷେପରେ

ଜାଗା ବାଡ଼ିକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୨ ଆହତ

ନିମାପଡ଼ା,୧୬।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ବଡ଼ମାଛପୁର ଗ୍ରାମରେ ଜାଗାବାଡ଼ି ବିବାଦକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପରିବାରର ୨ଜଣ ଆର୍ତ୍ତତାଣ ପରିଡ଼ା ଓ ରଞ୍ଜନା ପରିଡ଼ା ଆହତ ହୋଇ ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ଶାବଳ ମାଡ଼ରେ ଆର୍ତ୍ତତ୍ରାଣଙ୍କର ମୁଣ୍ଡ ଫାଟି ଯାଇଥିବା ଯାଇଥିବାବେଳେ କଟୁରୀ ଚୋଟରେ ରଞ୍ଜନାଙ୍କ ମୁଣ୍ଡ ଓ ହାତ ହାଣି ହୋଇଯାଇଛି। ଏ ସମ୍ପର୍କରେ ଆହତ ଆର୍ତ୍ତତ୍ରାଣ ଆକ୍ରମଣକାରୀ ପ୍ରଶାନ୍ତ ପରିଡ଼ା, ଭରତ ପରିଡ଼ା, ରଞ୍ଜନା ପ୍ରମୁଖ ୩ ଜଣଙ୍କ ବିରୋଧରେ ଥାନାରେ ପୋଲଟା ଅଭିଯୋଗ କରିଛନ୍ତି। ପୋଲିସ ଏସମ୍ପର୍କରେ ୪ ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ୩୭୮/୨୩, ୩୭୯/୨୩ରେ ପୃଥକ୍ ପୃଥକ୍ ଭାବେ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଗଣ୍ଡଗୋଳକୁ କେନ୍ଦ୍ର କରି ଗ୍ରାମରେ ୨ ପରିବାର ବର୍ଗଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି।

ପୁରୀ: ମା' ବାଙ୍କୀମୁହାଣ ରାମଚଣ୍ଡୀଙ୍କ ନାରାୟଣୀ ବେଶ ।

ବିଜେଡିର ପ୍ରଶିକ୍ଷଣ ଶିବିର

ପିପିଲି, ୧୬।୧୦ (ଦୁର୍ଗାମାଧବ ମିଶ୍ର):

ପିପିଲିରେ ଆରମ୍ଭ ହୋଇଛି ବିଜେଡିର ପ୍ରଶିକ୍ଷଣ ଶିବିର। ପିପିଲି ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ବିଜେଡି ପ୍ରଶିକ୍ଷଣ ଶିବିରରେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ତିନିଦିନିଆ ପ୍ରଶିକ୍ଷଣ ଶିବିରରେ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ବିଶେଷକରି ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ସହିତ ନବୀନଙ୍କ ଜନହିତକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ପିପିଲିର ୨୨ନମ୍ବର ଓ ପିପିଲି ଏନ୍‌ଏସି ଓ ଡେଲାଙ୍ଗର ୧୫ନମ୍ବର ଜୋନ୍‌ର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ବୈରାଗୀ ଜେନା, ବ୍ଲକ ଅଧ୍ୟକ୍ଷା ଦେବଶ୍ୱିନୀ ନନ୍ଦ, ବାସନ୍ତୀ ସାହୁ, ମହିଳା ନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟି ପୁରୀ ବିଜେଡି ଯୁବ ସଭାପତି ନାରାୟଣ ସ୍ୱାଇଁ, ବିଜେଡି ନେତା କିଶୋର ଛୋଟରାୟ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବିଜେଡି ଜିଲା ସମ୍ପାଦକ ଦେବାଶିଷ ନନ୍ଦଙ୍କ ସମେତ ଶତାଧିକ ବିଜେଡି କର୍ମୀ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ।

'ଦିବ୍ୟ ସମାଗମ' ଉଦ୍‌ଘାଟିତ

ଶୋଭାଯାତ୍ରା ଅବସରରେ ସଂକୀର୍ତ୍ତନ କରାଯାଉଛି ।

ବଡଦାଣ୍ଡରେ ମହିଳାଙ୍କ ଶୋଭାଯାତ୍ରା ।

ପୁରୀ, ୧୬।୧୦(ଅଜିତ୍ ମହାନ୍ତି):

ଶ୍ରୀଗୋପୀନାଥ ଗୌଡ଼ୀୟ ମଠ ପକ୍ଷରୁ ଆଧ୍ୟାତ୍ମିକ ଉତ୍ସବ 'ଦିବ୍ୟ ସମାଗମ' ସୋମବାର ଶୁଭାରମ୍ଭ ହୋଇଛି। ପ୍ରାୟ ୫ହଜାର ସାଧୁସନ୍ଥ ଶ୍ରୀମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମଠ ନିକଟକୁ ଯାଇଥିଲେ। ଏହାପରେ ଶ୍ରୀଚୈତନ୍ୟ ମଠ ପାଖରୁ ସାଧୁସନ୍ଥଙ୍କ ଦ୍ୱାରା ନଗରକୀର୍ତ୍ତନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ସେବକ ଶ୍ରୀଚୈତନ୍ୟଙ୍କ ପ୍ରତିମାକୁ ୧୨ଫୁଟ ଉଚ୍ଚର ଏକ ରଥ ଉପରେ ବିରାଜମାନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ଏହି ନଗର କୀର୍ତ୍ତନରେ ସାଧୁସନ୍ଥଙ୍କ ସହ ସାରା ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଭକ୍ତ ତଥା ସାଧାରଣ ଜନତା ଯୋଗଦାନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଦିବ୍ୟ ସମାବେଶ ଏଚ୍‌ଡିଜି ଶ୍ରୀଲ ଭକ୍ତି ପ୍ରମୋଦ ପୁରୀ ଗୋସ୍ୱାମୀ ଠାକୁରଙ୍କ ୧୨୫ତମ ଆବିର୍ଭାବ ବାର୍ଷିକୀ ଏବଂ ଏଚ୍‌ଡିଜି ପ୍ରଭୁପଦ

୫ ହଜାର ସାଧୁସନ୍ଥଙ୍କୁ ନେଇ ବିଶାଳ ଶୋଭାଯାତ୍ରା

ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁରଙ୍କ ୧୫୦ତମ ଆଗମନ ବାର୍ଷିକୀର ପ୍ରତୀକ ଭାବେ ଆୟୋଜନ କରାଯାଇଛି। ଏହି 'ଦିବ୍ୟ ସମାଗମ' ସନାତନ ଧର୍ମର ବିଶ୍ୱ ଆଧ୍ୟାତ୍ମିକ ପରମ୍ପରାକୁ ଏକତ୍ରିତ କରିବାର ଉଦ୍ଦେଶ୍ୟ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ କୃଷ୍ଣ ଚେତନା, ସନାତନ ଧର୍ମ ଏବଂ ଭିନ୍ନ ଭିନ୍ନ ସନାତନ ସମ୍ପ୍ରଦାୟ ମଧ୍ୟରେ ଏକତାକୁ ପ୍ରୋତ୍ସାହନ ଯୋଗାଇବା ସହ ଆଧ୍ୟାତ୍ମିକ ନେତୃବୃନ୍ଦ, ପ୍ରବକ୍ତା ଓ ଭକ୍ତ ଗଣଙ୍କୁ ପରସ୍ପର ସହ ଯୋଡ଼ିବାରେ ସହାୟକ ହେବ ବୋଲି ମଠ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବି.ଏସ୍. ଦାମୋଦର ସ୍ୱାମୀ, ବି.ଏସ୍. ବାମନ ସ୍ୱାମୀ, ବି.ବି. ବୋଧୟାନ ସ୍ୱାମୀ, ଯଜ୍ଞେଶ୍ୱର ଦାସ, ରୋହିଣୀ ନନ୍ଦନ ଦାସ, ସୁନୀତି ନନ୍ଦନ ଦାସ ଏବଂ ଅନ୍ୟ ମଠାଧୀଶ ନଗର ପରିକ୍ରମାରେ ସାମିଲ ହୋଇଥିଲେ।

ମନ୍ଦିର ନିର୍ମାଣ ନାଁରେ ଅର୍ଥ ହରିଲୁଟ୍

କଣାସ, ୧୬।୧୦ (ବିଭୂତି ଭୂଷଣ ତ୍ରିପାଠୀ):

ଗ୍ରାମବାସୀଙ୍କଠାରୁ ଚାନ୍ଦା ସଂଗ୍ରହ କରାଯାଇ କଣାସ ବ୍ଲକ ଅନ୍ତର୍ଗତ କାଳିଘଡି ଗ୍ରାମର ଗୋଚର ଜମିରେ ତ୍ରୟମ୍ବକେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ କରାଯାଇଛି। ତେବେ ଗ୍ରାମର କେତେକ ବ୍ୟକ୍ତି ମନ୍ଦିର ନିର୍ମାଣ କରିଥିବା ଦର୍ଶାଇ ୨୦୧୯ ମସିହାରେ ୩ଲକ୍ଷ ଏବଂ ୨୦୨୩ ମସିହାରେ ୨ଲକ୍ଷ ଟଙ୍କା ବିଧାୟକଙ୍କ ପାଣ୍ଠିରୁ ନେଇଥିବା ଜଣାପଡିବା ପରେ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଗ୍ରାମର ସୁଦାମ ବଳିୟାରସିଂହଙ୍କ ସମେତ ୨୩ ବ୍ୟକ୍ତିଙ୍କ ନାମରେ ଅର୍ଥ ଆତ୍ମସାତ କରାଯାଇଥିବା ବିଡିଓଙ୍କ ନିକଟରେ

ଗ୍ରାମରେ ତୀବ୍ର ଉତ୍ତେଜନା

ଅଭିଯୋଗ ହୋଇଛି। ମନ୍ଦିର ନିକଟରେ ସରକାରଙ୍କ ଅନୁଦାନ ଫଳକ ଲଗାଯିବା ପରେ ଗ୍ରାମବାସୀ ଅର୍ଥ ହରିଲୁଟ ହୋଇଥିବା ଜାଣିବାକୁ ପାଇଥିଲେ।

ଛାତ୍ରୀଛାତ୍ରଙ୍କୁ ଟାବ୍‌ଲେଟ୍ ବଣ୍ଟନ

ପିଲାମାନଙ୍କୁ ଟାବ୍‌ଲେଟ୍ ବଣ୍ଟନ କରାଯାଉଛି ।

ଡେଲାଙ୍ଗ,୧୬।୧୦ (ରଶ୍ମିରଞ୍ଜନ ପ୍ରଧାନ):

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତର କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସାମସଙ୍ଗ୍ ଟାବ୍‌ଲେଟ୍ ବଣ୍ଟନ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଓ ଯୁବ ସମାଜସେବୀ ସୁଦୀପ୍ତ କୁମାର ସାହୁଙ୍କ ମିଳିତ ଉଦ୍ୟମରେ ଭୁବନେଶ୍ୱର ଇନଫୋସିସ୍ ଲିମିଟେଡ ଦ୍ୱାରା ଏହି ଟାବ୍‌ଲେଟ୍ ବଣ୍ଟନ କରାଯାଇଥିବା ଜଣାପଡିଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହାକୁ ବ୍ୟବହାର କରି ଅଧୁନିକ ଉପାୟରେ ଶିକ୍ଷାଲାଭ କରିବା ସହିତ ନିଜର ବୈଷୟିକ ଜ୍ଞାନକୌଶଳ ବଢାଇପାରିବେ ବୋଲି ପୂର୍ବତନ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସୂଚନା ଦେଇଛନ୍ତି। ଏହି ଟାବ୍‌ଲେଟ୍ ବଣ୍ଟନ କାର୍ଯ୍ୟକ୍ରମ ପାଇଁ ଇନଫୋସିସ୍‌ର ଆସୋସିଏଟ୍ ସିନିୟର ମ୍ୟାନେଜର ସ୍ନିଗ୍ଧା ପ୍ରିୟଦର୍ଶିନୀ ଅନୁମୋଦନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ଉପସ୍ଥିତ ଅଭିଭାବକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ଇନଫୋସିସର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

ବିଭୂତି ପ୍ରସ୍ତୁତି ପାଇଁ ମାଟି ସଂଗ୍ରହ

ସାକ୍ଷୀଗୋପାଳ, ୧୬।୧୦
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସ୍ଥାନୀୟ ଶ୍ରୀବରାଳ ବାଲୁଙ୍କେଶ୍ୱର ଦେବଙ୍କ ଶାରଦୀୟ ପୂଜାର ଆଦ୍ୟପର୍ବବିଭୂତିସଂଗ୍ରହ ନୀତି ସୋମବାର ପାଳିତ ହୋଇଯାଇଛି। ଆଶ୍ୱିନୀ ମାସ ଶୁକ୍ଳପକ୍ଷ ଦ୍ୱିତୀୟ ତିଥି ଅମୃତ ବେଳାରେ ପୂର୍ବବର୍ଷ ଭଳି ପ୍ରଭୁ ବରାଳଙ୍କ ଚାରିଘରିଆ ସେବାୟତ, କାଳସୀ ଅଂଶ ସେବାୟତ ଓ ଠାକୁରଙ୍କ ସମସ୍ତ ସେବାୟତ ବ୍ରାହ୍ମଣ ସେବାୟତ, କାହାଳିଆ, ଛତ୍ରୀଧରି, ଜ୍ୟୋତିଷ, ବାଦ୍ୟକର, ଶଙ୍ଖୁଆ, ମହୁରିଆ, ଘଣ୍ଟୁଆ ସେବକମାନେ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଭୂତିଦଣ୍ଡାକୁ ଯାଇଥିଲେ। ମନ୍ଦିରରେ ପ୍ରତିଷ୍ଠିତ ଅଦିମାତା ଦୁର୍ଗାଙ୍କ ପ୍ରାଙ୍ଗଣରେ ଉପସ୍ଥିତ ହୋଇ ମା'ଙ୍କ ଆଜ୍ଞାମାଳ କାଳେସି ସେକ ଯୁଧିଷ୍ଠିର ମହାପାତ୍ର ଆଣିବା ପରେ ଅନ୍ୟ ସେବକଙ୍କ ସହ ବିଭୂତି ଦଣ୍ଡାକୁ ଯାତ୍ରା କରି ସେଠାରେ ଠାକୁରଙ୍କ ବଟବୃକ୍ଷକୁ

ବରଣ କରାଯାଇଥିଲା। ହରିବୋଲ, ହୁଳହୁଳି, ବାଦ୍ୟଧ୍ୱନି ମଧ୍ୟରେ ଭୂମି ପୂଜାକରି ବିଭୂତି ଖୋଳି ସେବାୟତମାନେ ମନ୍ଦିରକୁ ଫେରିଥିଲେ। ଶାରଦୀୟ ପୂଜାର ବିଜୟାଦଶମୀରେ ବାଲୁଙ୍କେଶ୍ୱରଙ୍କୁ ବିଭୂତି ମଣ୍ଡିତ କରାଯିବ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ ବଲ୍ଲଭ ମିଶ୍ର ଶୃଙ୍ଖଳିତ ଦେନିତୀ ପରିଚାଳନା କରିଥିଲେ।

ନଭେମ୍ବର ୨୧, ୨୨ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ପୁରୀ,୧୬।୧୦(ଅଜିତ୍ ମହାନ୍ତି):

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଏଠାକାର କୃଷକମାନେ ଭିନ୍ନ ଭିନ୍ନ ଚାଷ କରି ସ୍ୱାବଲମ୍ବୀ ହେବା ସହ ଆର୍ଥିକ ଉନ୍ନତି କରୁଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ପାଇଁ ସେମାନଙ୍କୁ ପ୍ରୋତ୍ସାହିତ ଓ ସଚେତନ କରିବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ପରାମର୍ଶ ଦେଇଛନ୍ତି। ସୋମବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆଗାମୀ ନଭେମ୍ବର ୨୧ ଓ ୨୨ ତାରିଖରେ ମେଳା ଆୟୋଜନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସାହୁ ଅଧକ୍ଷତା କରିବା ସହ ଏହାର ସୁବିଧା ଯେପରି ଚାଷୀମାନେ ପାଇବେ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ କହିଥିଲେ, ନଭେମ୍ବର ୨୧ ଓ ୨୨ ତାରିଖରେ ଶରଧାବାଲିଠାରେ ଏହି ମେଳା ଅନୁଷ୍ଠିତ ହେବ। ଏଥିରେ ୨୫ଟି ଷ୍ଟଲ ମାଧ୍ୟମରେ ବିଭିନ୍ନ ପ୍ରଦର୍ଶନୀ ସହ ଆଲୋଚନା ବୈଠକ, ଦୈନିକ ୭୦୦ ଚାଷୀଙ୍କ ସହ ସେମାନଙ୍କ ଚାଷର ବିକାଶ ପାଇଁ ଆଲୋଚନା, ସାସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହେବ ବୋଲି ରାଉତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସିଡିଭିଓ ଶରତ କୁମାର ବେହେରା, ପୁରୀ ଡିଆଇସି ଅମୂଲ୍ୟ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଏଡିଭିଓ ଜଗବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଦନ୍ତ ଚିକିତ୍ସା ୟୁନିଟ୍ ଉଦ୍‌ଘାଟିତ

କଣାସ, ୧୬।୧୦
(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଦନ୍ତ ଚିକିତ୍ସା ୟୁନିଟ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ବିଶ୍ୱରଞ୍ଜନ ମହାରଥା, ଡାକ୍ତର ସୌମ୍ୟରଞ୍ଜନ ସେଠୀ, ଡାକ୍ତର ବିଶ୍ୱରଞ୍ଜନ ଜେନା, ବିପିଏମ୍ ଧନେଶ୍ୱର ସ୍ୱାଇଁ, ସମାଜସେବୀ ଶ୍ରୀକାନ୍ତ ପାଟ୍ଟଯୋଶୀ ଉପସ୍ଥିତ ଥିଲେ। ଏଠାରେ ଦୀର୍ଘଦିନ ହେଲା ଦନ୍ତ ଚିକିତ୍ସକ ପଦବୀ ଖାଲିପଡିଥିଲା। ଦନ୍ତ ଚିକିତ୍ସକ ନିଯୁକ୍ତି ପରେ ବି ଦନ୍ତ ଚିକିତ୍ସା ଯନ୍ତ୍ରପାତି ନଥିବା ରୋଗୀ କଲ୍ୟାଣ ସମିତି ବୈଠକରେ ଅଭିଯୋଗ ହୋଇଥିଲା। ବିଧାୟକ ଉମାକାନ୍ତ ସାମନ୍ତରାୟ ରୋଗୀ କଲ୍ୟାଣ ସମିତି ଫଣ୍ଡରେ ଥିବା ଟଙ୍କାରୁ ଦନ୍ତ ଚିକିତ୍ସା ପାଇଁ ସମସ୍ତ ଯନ୍ତ୍ରପାତି କିଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଦିନରେ ଫେରି ରାତିରେ ଚୋରି

ଧରାପଡ଼ିଲେ ୨ ବାଇକ୍ ଲୁଟେରା

ଗୋପ, ୧୬।୧୦(ଭାରତୀ ଭୂଷଣ ଉପାଧ୍ୟାୟ):

ରବିବାର ବିଳମ୍ବିତ ରାତିରେ ଏକ କାଗଜପତ୍ର ନ ଥିବା ଅଟୋ ରିକ୍ସାରେ ଗୋଟିଏ ବାଇକ୍ ଚୋରିକରି ନେଉଥିବା ବେଳେ ପୋଲିସ ହାତରେ ଧରା ପଡିଛନ୍ତି ପଶ୍ଚିମବଙ୍ଗର ଦୁଇ ଯୁବକ। ଏହି ଅଞ୍ଚଳରେ ଏହି ଦୁଇ ଯୁବକ ଦିନରେ ଫେରି ଓ ରାତିରେ ଚୋରି ଡକାୟତି କରୁଥିବା ଜଣାପଡିଛି। ଗିରଫ ଦୁଇ ଲୁଟେରା ହେଲେ ରଜିବୁଲ୍ ଶାହା ଓ ଶେଖ୍ ରାଜା। ଏମାନେ ନିମାପଡ଼ା ଅଞ୍ଚଳରେ ଭଡ଼ାରେ ରହି ଫେରି କରନ୍ତି। ପ୍ରକାଶ ଗୋପ ଥାନା ଅଧିନ ବ୍ଲକ୍ ଛକ ନିକଟରୁ ରବିବାର ବିଳମ୍ବିତ ରାତିରେ

କାଗଜପତ୍ର ନ ଥିବା ଏକ ଚୋରା ଅଟୋ (ଓଡି-୦୨-ଏଲ୍-୩୭୦୪)ରେ ଏକ ବୁଲେଟ୍ (ଡବ୍ଲୁଆର୍‌ଏନ୍-୭୬୦) ନେଇ ଯାଉଥିବା ସମୟରେ ଡ୍ୟୁଟିରେ ଥିବା ଗୃହରକ୍ଷୀ ଏ ସମ୍ବନ୍ଧରେ ଥାନାକୁ ଫୋନ୍ କରିଥିଲେ। ତୁରନ୍ତ ପୋଲିସ ଗାଡି ଅଟକାଇ ଦୁଇ ଅଭିଯୁକ୍ତଙ୍କୁ ଧରି ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ଏମାନେ ଗୋପ ଓ ନିମାପଡ଼ା ଅଞ୍ଚଳରେ ଥିବା ବିଭିନ୍ନ କବାଡ଼ି ବ୍ୟବସାୟୀଙ୍କ ସହ ସମ୍ପର୍କ ରଖି ରାତି ଅଧରେ ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରି ବିକିଥାନ୍ତି। ରବିବାର ରାତ୍ରିରେ କାଳିଆ ବେହେରାଙ୍କ ଘର ନିକଟରେ ଥିବା ଏକ ବୁଲେଟ୍‌କୁ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ସୋମବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

ଉପଯୁକ୍ତ ପ୍ରାର୍ଥୀଙ୍କୁ ମତଦାନ କରିବାକୁ ଆହ୍ୱାନ

ସାକ୍ଷୀଗୋପାଳ, ୧୬।୧୦
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବ୍ଲକର ଦୁଗଲ ଗ୍ରାମପଞ୍ଚାୟତର ପଞ୍ଚୁକେରା ଓ ଉତ୍ତର ମାଳସାହିରେ 'ପ୍ରୟାସ' ସଂଗଠନ ପକ୍ଷରୁ ବୁଥ୍‌ସ୍ତରୀୟ କର୍ମୀ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ଯୁବନେତା କାମାକ୍ଷା ପ୍ରଧାନ ଯୋଗଦେଇ ପ୍ରମୁଖ କାର୍ଯ୍ୟକର୍ତ୍ତାମାନଙ୍କୁ ନିର୍ବାଚନ ଲକ୍ଷ୍ୟରେ ପରାମର୍ଶ ଦେଇଥିଲେ। ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଉଥିବା ରାଜନୈତିକ ନେତାମାନଙ୍କ ପ୍ରରୋଚନାରେ ନ ପଡ଼ି ମତଦାତାମାନେ କିପରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବେ ସେଥିପ୍ରତି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ଆଚାର୍ଯ୍ୟ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷା ସତ୍ୟଭାମା ବିଶ୍ୱାଳ, ତ୍ରିନାଥ ପରିଡା, ଭାସ୍କର ଜେନା, ଅଭିନ୍ନ ଜେନା, ଗଙ୍ଗାଧର ଛାଟୋଇ ଓ ସୁରଥ ପରିଡା ପ୍ରମୁଖ ତୃଣମୂଳରୁ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇଥିଲେ। ସଂଗଠନର ପରାମର୍ଶଦାତା ଲକ୍ଷ୍ମଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସତ୍ୟବାଦୀ ବ୍ଲକ ଦୁଗଲ ପଞ୍ଚାୟତରେ ଅନୁଷ୍ଠିତ କର୍ମୀସଭାରେ ଉପସ୍ଥିତ କର୍ମକର୍ତ୍ତା।

ଅଧାରୁ ଅଟକିଲା ଜନଶୁଣାଣି

ଅସ୍ତରଙ୍ଗ, ୧୬।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ସଭାଗୃହ ପରିସରରେ ଜିଲାପାଳ, ପୁରୀଙ୍କ ମିଳିତ ଜନଶୁଣାଣି ଶିବ

ସଂକ୍ଷେପରେ

ନ୍ୟୁଡ୍ କଲ୍‌ରେ ୧୪.୪୪ ଲକ୍ଷ ଠକେଇ

ଭୁବନେଶ୍ୱର,୧୬।୧୦ (ସୂର୍ଯ୍ୟକାନ୍ତ ବେହେରା): ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ନ୍ୟୁଡ୍ କଲ୍ ଜରିଆରେ ସାଇବର ଠକ ୧୪ ଲକ୍ଷ ୪୪ ହଜାର ୫୦୦ ଟଙ୍କା ଠକି ନେଇଛନ୍ତି। ଏନେଇ ଠକେଇର ଶିକାର ୫୫ ବର୍ଷୀୟ ବ୍ୟକ୍ତି ଜଣକ ନୟାପଲ୍ଲୀ ଥାନାରେ ଏତଲା ଦେଇଛନ୍ତି। ପୋଲିସ ରବିବାର ଏକ ମାମଲା (ନଂ.୯୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବ୍ୟକ୍ତି ଜଣକ ସାମାଜିକ ଗଣମାଧ୍ୟମ ଜରିଆରେ ଚନ୍ଦ୍ରା ନାମ୍ନୀ ଜଣେ ଯୁବତୀଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ଯୁବତୀ ଜଣକ ତାଙ୍କ ସହ ଚାଟ କରିଥିଲେ। ଅକ୍ଟୋବର ୭ରେ ଯୁବତୀ ଜଣକ ଅଶ୍ଳୀଳ ଭିଡିଓ କଲ୍ କରିଥିଲେ। ଏହି ଦୁହିଁଙ୍କ ଭିଡିଓ କଲ୍‌ର କ୍ଲିପ୍ ଓ ଫଟୋକୁ ପଠାଇ ବ୍ଲାକମେଲ୍ କରିଥିଲେ। ପରେ ଦିଲ୍ଲୀର ଜଣେ ଲୋକ ଆଇପିଏସ୍ ଅଫିସର ପରିଚୟ ଦେଇ ତାଙ୍କୁ ଧମକାଇଥିଲେ। ଏହାପରେ ବ୍ୟକ୍ତି ଜଣକ ଉପାୟଶୂନ୍ୟ ହୋଇ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଏହି ଦେଇଥିଲେ।

ଅନୁଭବ-ବର୍ଷା ବିବାହ ବିଚ୍ଛେଦ ମାମଲା

ପରିବାର ଅଦାଲତ ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ

କଟକ,୧୬।୧୦ (କାର୍ତ୍ତିକ ସାହୁ)

କଟକ ପରିବାର ଅଦାଲତର ରାୟ ବିରୋଧରେ ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସେପ୍ଟେମ୍ବର ୨୨ ତାରିଖରେ ପରିବାର ଅଦାଲତ ଅନୁଭବ ଓ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ଆଗତ ପୃଥକ ମାମଲାକୁ ଖାରଜ କରିଥିଲେ। ଅନୁଭବଙ୍କ ପକ୍ଷରୁ ବର୍ଷାଙ୍କ ଠାରୁ ଛାଡ଼ପତ୍ର ଏବଂ ବର୍ଷାଙ୍କ ପକ୍ଷରୁ ଅନୁଭବଙ୍କ ସହ ପୁନଃ ଅବସ୍ଥାପନ ଆବେଦନ ହୋଇଥିଲା। ଉଭୟ ମାମଲାର ଶୁଣାଣି କରି ଅଦାଲତ ସେମାନଙ୍କ ଆବେଦନ ପ୍ରସଙ୍ଗରେ କୋର୍ଟରେ ଏକାଧିକ ମାମଲା, ଜବାବ ଓ ପ୍ରତିଜବାବ ରହୁଥିବାରୁ ଆବେଦନଦ୍ୱୟକୁ ଖାରଜ କରିଥିବା ଦର୍ଶାଇ ମାମଲାର ଅନ୍ତ ଘଟାଇଥିଲେ। ସେହିପରି ବର୍ଷାଙ୍କ ପ୍ରସଙ୍ଗରେ କୋର୍ଟ ଦର୍ଶାଇଥିଲେ ଯେ ବର୍ଷା ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରି ପୁଣି ତାଙ୍କ ସହ ଏକତ୍ର ରହିବାକୁ ଚାହୁଁଛନ୍ତି। ଏପରିସ୍ଥିତିରେ କୋର୍ଟ ଉଭୟଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଥିବାରୁ କେହି କାହା ପାଖରେ ରହିପାରିବେ ନାହିଁ ବୋଲି କହିଥିଲେ। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

ଲାଞ୍ଚ ଟଙ୍କାରେ ଫ୍ଲାଟ୍ କିଣି ମା'ଙ୍କୁ ଉପହାର

ସିବିଆଇ ଦ୍ୱାରା ଗିରଫ ଡାକ୍ତରଙ୍କ ଗୁମର ଖୋଲୁଛି

- **ଲାଞ୍ଚ ଟଙ୍କା ନେଇଥିବା ସମ୍ପର୍କୀୟଙ୍କୁ ହେବ ଜେରା**
- **ଆଜି ଜାମିନ ଆବେଦନର ଶୁଣାଣି**

ଗିରଫ ଡ଼ାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ

ଭୁବନେଶ୍ୱର,୧୬।୧୦ (ସତ୍ୟଜିତ୍ ରାଉତ)

ଜାହାଜ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ ଦେବାକୁ ଲାଞ୍ଚ ନେଇ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପାରାଦୀପ ବନ୍ଦର ସ୍ୱାସ୍ଥ୍ୟ ସଂଗଠନ (ପିଏଚ୍‌ଓ)ର ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ବହୁ ଗୁମର ଫିଟିବାରେ ଲାଗିଛି। ସୋମବାର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି ଶେଷ ହେବା ପରେ ରାଜେନ୍ଦ୍ର ଜେଲ ଯାଇଛନ୍ତି। ତେବେ ଏହି ରିମାଣ୍ଡ ଅବଧି ସମୟରେ ଡାକ୍ତରଙ୍କ ବିପୁଳ ସମ୍ପତ୍ତି ବିଷୟରେ ସିବିଆଇ ତଥ୍ୟ ପାଇଛି। ଲାଞ୍ଚ ଟଙ୍କାରେ ରାଜେନ୍ଦ୍ର ଭୁବନେଶ୍ୱର ନୟାପଲ୍ଲୀରେ ଏକ ଫ୍ଲାଟ୍ କିଣି ମା'ଙ୍କୁ ଉପହାର ଦେଇଥିଲେ ବୋଲି ସିବିଆଇ ଜାଣିବାକୁ ପାଇଛି। ଜଣେ ବିଲ୍ଡରଙ୍କଠାରୁ ୮୦ ଲକ୍ଷ ଟଙ୍କାରେ ସେ ଏହି ୩ ବିଏଚ୍‌କେ ଫ୍ଲାଟ୍ କିଣିଥିଲେ। ତେଣୁ ଉକ୍ତ ବିଲ୍ଡରଙ୍କୁ ସିବିଆଇ ଖୁବ୍‌ଶୀଘ୍ର ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି। ସେହିପରି ଅଭିଯୁକ୍ତ ରାଜେନ୍ଦ୍ର ଲାଞ୍ଚ ଟଙ୍କା ସମ୍ପର୍କୀୟ ଲୋକଙ୍କୁ ଦେଇଥିବା ସିବିଆଇ ପାଖରେ ମାନିଛନ୍ତି। ଏପରିକି ସେମାନଙ୍କ ତାଲିକା ମଧ୍ୟ ସେ ଦେଇଛନ୍ତି। ଏହି ଦିଗକୁ ନେଇ ରାଜେନ୍ଦ୍ରଙ୍କ ସମ୍ପର୍କୀୟଙ୍କୁ ସିବିଆଇ ପର୍ଯ୍ୟାୟକ୍ରମେ କାର୍ଯ୍ୟାଳୟକୁ ଡାକି ଜେରା କରିବ ବୋଲି ମଧ୍ୟ ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟରେ ୩ ଦିନର ରିମାଣ୍ଡ ଅବଧି ମଙ୍ଗଳବାର ସରିବାକୁଥିବା ବେଳେ ଗୋଟିଏ ଦିନ ପୂର୍ବରୁ ସିବିଆଇ ସ୍ୱତନ୍ତ୍ର କୋର୍ଟରେ ରାଜେନ୍ଦ୍ରଙ୍କୁ ହାଜର କରାଯାଇଥିଲା। ରାଜେନ୍ଦ୍ରଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ତେବେ ଏହାର ଶୁଣାଣି ମଙ୍ଗଳବାର ହେବ ବୋଲି କୋର୍ଟ ଧାର୍ଯ୍ୟ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ସହ କାରବାର କରୁଥିବା ଶିପିଂ କମ୍ପାନୀର କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ ଦେବାକୁ ଟଙ୍କା ଦାବି କରୁଥିଲେ ରାଜେନ୍ଦ୍ର। ଏମିନେନ୍ସ ଶିପିଂ ନାମକ କମ୍ପାନୀର କର୍ମଚାରୀ ଆଲୋକ ରାଉତଙ୍କୁ ଏହି ରିପୋର୍ଟ ପାଇଁ ରାଜେନ୍ଦ୍ର ୭୦ ହଜାର ଟଙ୍କା ମାଗିଥିଲେ। ଏନେଇ ଆଲୋକ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ଆଲୋକଙ୍କଠାରୁ ରାଜେନ୍ଦ୍ର ୫୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ସିବିଆଇ ତାଙ୍କୁ ରେଡ୍ ହ୍ୟାଣ୍ଡରେ ଧରିବା ପରେ ଗିରଫ କରିଥିଲା। ପରେ ସିବିଆଇ ଟିମ୍ ପ୍ରଥମେ ତାଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିଥିଲା।

ଏକାମ୍ର ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କଲେ ୫-ଟି ସଚିବ

ଭୁବନେଶ୍ୱର,୧୬।୧୦(ଅନିଲ ଦାସ)

ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସୋମବାର ଏକାମ୍ର ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିବା ସହିତ ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପ। ୨୦୧୯ରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ୨୦୨୩ ଜୁନ୍ ୨୮ରେ ଏହି ପ୍ରକଳ୍ପର ଭିତ୍ତିସ୍ଥାପନ କରିଥିଲେ। ସମୀକ୍ଷା ପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପାଣ୍ଡିଆନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବାକୁ ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଏକାମ୍ର କ୍ଷେତ୍ର ଆମେନିଟିଜ୍ ଆଣ୍ଡ ମନୁମେଣ୍ଟ ରିଭାଇଭାଲ ଆକ୍ସନ ପ୍ଲାନ୍(ଏକାମ୍ର) ଜରିଆରେ ସହରି ଢାଞ୍ଚା ମାଧ୍ୟମରେ ପୁରୁଣା ଭୁବନେଶ୍ୱରର ଆତ୍ମା କୁହାଯାଉଥିବା ଐତିହ୍ୟର ପୁନରୁଦ୍ଧାର କରାଯିବ। ପୁରୁଣା ଭୁବନେଶ୍ୱର ଏକାମ୍ର କ୍ଷେତ୍ର ଭାବେ ପରିଚିତ। ଏଠାରେ ବହୁ ମନ୍ଦିର, ପବିତ୍ର ପୁଷ୍କରିଣୀ, ପାରମ୍ପରିକ ପୁରୋହିତ ସମୁଦାୟ, ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପରମ୍ପରା ରହିଛି। ପୁରୁଣା ଭୁବନେଶ୍ୱରର ଐତିହ୍ୟସ୍ଥଳଗୁଡ଼ିକର ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଉଦ୍ୟମ କରିଆସିଛନ୍ତି। ବିନ୍ଦୁସାଗରର ରକ୍ଷଣାବେକ୍ଷଣ ସହ ଏକାମ୍ର ବନ ପ୍ରକଳ୍ପ ସ୍ଥାପନ କରିବାକୁ ପଦକ୍ଷେପ ନେଇଛନ୍ତି। ସମୀକ୍ଷା ପରେ ତାଳେଶ୍ୱରଠାରୁ କୋଟିତୀର୍ଥେଶ୍ୱର ରୋଡ୍, ବକ୍ସ ଡ୍ରେନ୍‌ଠାରୁ ସାନିଟାରିୟମ ଛକରୁ ତାଳେଶ୍ୱର ଏବଂ ଏହା ପରବର୍ତ୍ତୀ ରାସ୍ତା ଉତ୍ତର ଦିଗର ପାର୍କିଂ ସହିତ ବାହାର ରାସ୍ତାଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ ଡିଜାଇନ ପ୍ରସ୍ତୁତକରି କାର୍ଯ୍ୟ ଆରମ୍ଭ କରିବାକୁ ପାଣ୍ଡିଆନ ପ୍ରକଳ୍ପ କାର୍ଯ୍ୟ କରୁଥିବା ଏଜେନ୍ସିକୁ ପରାମର୍ଶ ଦେଇଛନ୍ତି। ସେହିପରି ପୂର୍ବେଶ୍ୱର ଛକ, ଲିଙ୍ଗରାଜ ହାଟ ପଛପାଖ ଏବଂ ଦକ୍ଷିଣ ପଶ୍ଚିମ ଦିଗ ପାର୍କିଂ ନିକଟରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଯୋଗାଯୋଗ ରାସ୍ତାଗୁଡ଼ିକର କାର୍ଯ୍ୟ ମଧ୍ୟ ଏକା ସମୟରେ ଆରମ୍ଭ କରିବାକୁ ପାଣ୍ଡିଆନ କହିଛନ୍ତି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପ୍ରକଳ୍ପ ସମୀକ୍ଷା ସମୟରେ ପୂର୍ତ୍ତ ସଚିବ ଭିଭିକେ ଯାଦବ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଖୋର୍ଦ୍ଧା ଜିଲାପାଳ କେ.ଏସ୍. ଚକ୍ରବର୍ତ୍ତୀ, ଓବିସିସି ଏମ୍‌ଡି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସ୍ପେଶାଲ କ୍ରାଇମ ୟୁନିଟ ହାତରେ ୪ ଗଞ୍ଜେଇ ଚାଲାଣକାରୀ

୧୩ ଲକ୍ଷ ଟଙ୍କାର ଗଞ୍ଜେଇ, ୨ କାର୍ ଜବତ

ଭୁବନେଶ୍ୱର,୧୬।୧୦(ସତ୍ୟଜିତ୍ ରାଉତ)

କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ହାତରେ ଧରାପଡ଼ିଛନ୍ତି ୪ ଗଞ୍ଜେଇ ଚାଲାଣକାରୀ। ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଏକ ଭଡ଼ା ଘରେ ପୋଲିସ ଟିମ୍ ଚଢ଼ାଉ କରି ୧୩ ଲକ୍ଷ ଟଙ୍କାର ୧୩୦ କେଜି ଗଞ୍ଜେଇ ସହ ୨ କାର୍ ଜବତ କରିଛି। ସ୍ପେଶାଲ କ୍ରାଇମ ୟୁନିଟ ଥାନା ଏନେଇ ଏକ ମାମଲା (ନଂ.୮/୨୦୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଥାନା ଅଞ୍ଚଳର ଚନ୍ଦନ କୁମାର ପୃଷ୍ଟି (୩୩), କନ୍ଧମାଳ ଜିଲା ବାଲିଗୁଡ଼ାର ଅନିଲ ଦିଗଲ (୨୮), ବିସିପଡ଼ା ସଦର ଥାନା ଅଞ୍ଚଳର ଦୀପକ କୁମାର ଦିଗଲ (୩୦) ଓ ଖଜୁରୀପଡ଼ା ଅଞ୍ଚଳର ସତିଶ ପ୍ରଧାନ (୩୩)। ସମସ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କନ୍ଧମାଳରୁ କେଜି ପିଛା ୧୦ ହଜାର ଟଙ୍କାରେ ଗଞ୍ଜେଇ ଆଣି ଲିଙ୍ଗିପୁରସ୍ଥିତ ଇନ୍ଦିରା ହାଉସିଂ କଲୋନୀରେ ଥିବା ଏକ ଭଡ଼ା ଘରେ ଗଚ୍ଛିତ କରି ରଖୁଥିଲେ। ଅର୍ଡର ଆସିବା ପରେ କୋଲକାତାକୁ ଦୁଇ କାର୍‌ରେ ନେଇ କେଜି ୨୫ରୁ ୩୦ ହଜାର ଟଙ୍କାରେ ଚାଲାଣ କରୁଥିଲେ। ସ୍ପେଶାଲ କ୍ରାଇମ୍ ୟୁନିଟ ୧୫ଦିନ ହେଲା ଅଭିଯୁକ୍ତମାନଙ୍କ ଉପରେ ନଜର ରଖିଥିଲା। ଫୁଲବାଣୀରୁ ଗଞ୍ଜେଇ ଆସିବା ଖବର ପାଇ ପୋଲିସ ଟିମ୍ ରବିବାର ରାତିରେ ଉକ୍ତ ଘରେ ଚଢ଼ାଉ କରିଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ କାର୍ତ୍ତିକ

@ ମଧୁସ୍ମିତା

@ ମଧୁ

@ ରାଜୀବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

ଦଶହରାରେ ରାଜ୍ କରିବ ୩ ଓଡ଼ିଆ ସିନେମା

ପୂଜାପର୍ବାଣୀ ଆସିଲେ ଭରପୁର ମନୋରଞ୍ଜନର ମାଧ୍ୟମ ସାଜେ ଚଳଚ୍ଚିତ୍ର। ଆଉ ଏବେ ଓଡ଼ିଆ ଚଳଚ୍ଚିତ୍ର ପୂରା ସେହି ଦମ୍‌ରେ ଆଗେଇ ଚାଲିଛି। ପ୍ରତ୍ୟେକ ସପ୍ତାହରେ ଦର୍ଶକଙ୍କୁ ନୂଆ ନୂଆ ଚଳଚ୍ଚିତ୍ର ଭେଟି ଦେଉଛି ଓଡ଼ିଆ ସିନେ ଜଗତ। ଦଶହରା ପାଖେଇ ଆସୁଥିବାବେଳେ ମାହୋଲ ସରଗରମ କରିବା ପାଇଁ ରିଲିଜ ହେବାକୁ ଯାଉଛି ୩ଟି ଦମ୍‌ଦାର୍ ଚଳଚ୍ଚିତ୍ର। ଆକ୍ସନ, ରୋମାନ୍ସ ସହ ଦର୍ଶକମାନେ ଚଳଚ୍ଚିତ୍ରରେ ସେମାନଙ୍କ ଫେଭରାଇଟ୍ ଷ୍ଟାରଙ୍କୁ ଦେଖିବାକୁ ପାଇବେ। ବାବୁସାନ୍ ଓ ଅମ୍ଳାନ୍‌ଙ୍କ ଅଭିନୀତ 'ମାଲ୍ୟଗିରି', ସିଦ୍ଧାନ୍ତ ମହାପାତ୍ରଙ୍କ 'କଟକ: ଶେଷରୁ ଆରମ୍ଭ' ଓ ଅରିନ୍ଦମଙ୍କ 'ରାମ୍'। ଫିଲ୍ମଗୁଡିକ ପ୍ରେକ୍ଷାଳୟକୁ ଆସିବା ପୂର୍ବରୁ ଏହାର ପୋଷ୍ଟର, ଗୀତ ଆଉ ଆକ୍ସନ ଭରା ସିନ୍‌ର ଝଲକ ଦର୍ଶକଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଲାଣି। କେଉଁ ଚଳଚ୍ଚିତ୍ର ପ୍ରଥମେ ଦେଖିବାକୁ ଯିବେ ତାହାକୁ ନେଇ ଉତ୍କଣ୍ଠିତ ହୋଇପଡିଲେଣି ଦର୍ଶକ। ଏଥର ପୂଜା ବଜାରରେ ରାଜ୍ କରିବାକୁ ଯାଉଥିବା ଏହି ଚଳଚ୍ଚିତ୍ରଗୁଡିକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ

ମାଲ୍ୟଗିରି

ଫିଲ୍ମ 'ଦମନ' ପରେ ଏବେ 'ମାଲ୍ୟଗିରି'ରେ ଅଭିନେତା ବାବୁଶାନ୍ ମହାନ୍ତିଙ୍କୁ ନେଇ ଦର୍ଶକଙ୍କ ମନରେ ଅଧିକ ଆଶା ଓ ଉତ୍ସାହ ଦେଖିବାକୁ ମିଳୁଛି। ସେହିପରି ଅଭିନେତା ଅମ୍ଳାନ ମଧ୍ୟ ଫିଲ୍ମ କରି ନିଜକୁ ଏକ ଭିନ୍ନ ଢଙ୍ଗରେ ଦର୍ଶକଙ୍କ ପାଖେ ଉପସ୍ଥାପିତ କରିସାରିଛନ୍ତି। ରେନ୍‌ବୁପ୍ ପିକଚ୍ସ ଏବଂ କିଭ୍‌ସ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଏହି ଫିଲ୍ମର ପ୍ରସ୍ତୁତ ହୋଇଛି। ଆସନ୍ତା ୧୯ରେ ଏହି ଫିଲ୍ମ ରିଲିଜ ହେବ। ବାବୁଶାନ୍‌ଙ୍କ ସହ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଅମ୍ଳାନ୍‌ଙ୍କ ସହ ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କୁ ଦେଖିବାକୁ ମିଳିବ। ରିଙ୍କୁ ରିନୁ ଜେନା ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୃଥ୍ୱୀରାଜ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଗୌରବ ଆନନ୍ଦଙ୍କ ସଙ୍ଗୀତ ଦର୍ଶକଙ୍କୁ ଛୁଇଁବ। ତେବେ ମାସେତଳେ ଏହାର ଟିଜର ଅପଲୋଡ୍ ହୋଇଥିଲା, ଯାହାକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଜଙ୍ଗଲ ଆଧିବାସୀଙ୍କ ହକ୍, ସେମାନଙ୍କ କାହାଣୀ ଏହି ଫିଲ୍ମରେ ଦର୍ଶକ ଦେଖିବାକୁ ପାଇବେ ବୋଲି ନିର୍ଦ୍ଦେଶକ ପୃଥ୍ୱୀରାଜ ପଟ୍ଟନାୟକ କହିଛନ୍ତି।

କଟକ: ଶେଷରୁ ଆରମ୍ଭ

ଆସନ୍ତା ୨୦ରେ ରିଲିଜ ହେବ ଏହି ଚଳଚ୍ଚିତ୍ର। ଅନ୍‌ସମିସ୍ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ପ୍ରୀତମ୍ ସାହୁ। ଏଥିରେ ଓଲିଉଡ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ରଙ୍କ ସହ ଅନୁ ଚୌଧୁରୀଙ୍କୁ ଦେଖିବାକୁ ମିଳିବ। ସେହିପରି ଦେବାଶିଷ ପାତ୍ରଙ୍କ ସହ ଅଭିନେତ୍ରୀ ପୁନମ୍ ରହିଥିବାବେଳେ ପ୍ରସନଜିତ୍ ମହାପାତ୍ର, ଚୌଧୁରୀ ବିକାଶ ଦାସ, ଜୟପ୍ରକାଶ ଦାସ, ଜଗନ୍ନାଥ ସେଠ୍ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। ଫିଲ୍ମଟି କଟକର ସତ୍ୟ ଘଟଣା ଉପରେ ଆଧାରିତ ହୋଇଥିବା ବେଳେ ଅଧିକାଂଶ ଶୁଟିଂ ମଧ୍ୟ ଏଠାରେ କରାଯାଇଛି। ଅସାଦ ନିଜାମ ଏହାର ସଙ୍ଗୀତ ନିର୍ଦ୍ଦେଶନାରେ ରହିଛନ୍ତି। ଆଗରୁ କଟକରେ ଯେଉଁ ଗୁଣ୍ଡାରାଜ ଚାଲିଥିଲା ତାହା ଉପରେ କାହାଣୀଟି ପ୍ରସ୍ତୁତ ହୋଇଛି। କଟକରେ କିଏ ରାଜ୍ କରିବ ଆଉ ସେତେବେଳର ସେ ଘଟଣା ସବୁକୁ

ଦର୍ଶକ ଦେଖିବାକୁ ପାଇବେ। ଆଗାମୀ ୨ବର୍ଷର ଦଶହରାରେ ଆମେ ଏହାର ଅନନ୍ୟ ୨ଟି ପାର୍ଟ ମଧ୍ୟ ଆଣିବୁ ବୋଲି ପ୍ରଯୋଜକ ପ୍ରୀତମ ସାହୁ କହିଛନ୍ତି।

ରାମ୍

ଏକ ସ୍ପାଏର କାହାଣୀକୁ ନେଇ ପ୍ରସ୍ତୁତ ରାମ୍ ଚଳଚ୍ଚିତ୍ର ଆସନ୍ତା ୨୦ରେ ରିଲିଜ ହେବ। ଦୀର୍ଘ ୩ରୁ ୪ବର୍ଷ ପରେ 'ରାମ୍' ଫିଲ୍ମ ମାଧ୍ୟମରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରିଛନ୍ତି ଅଭିନେତା ଅରିନ୍ଦମ୍। ବଲିଉଡ୍‌ର ଖଳନାୟକ ଅଭିନେତା ରାହୁଲ୍ ଦେବଙ୍କ ସହ ତାଙ୍କର ଫାଇଟ୍ ସିନ୍ ଦର୍ଶକ ଦେଖିବାକୁ ପାଇବେ। ଅରିନ୍ଦମ୍‌ଙ୍କ ବିପକ୍ଷରେ ବଙ୍ଗୀୟ ଅଭିନେତ୍ରୀ ପୂପ୍‌ସା ରହିଛନ୍ତି। ଅଶୋକ ପତି ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବାବେଳେ ଚିତ୍ରନାଟ୍ୟ ଓ ସଂଳାପରେ ଭରଦ୍ୱାଜ ପଣ୍ଡା ରହିଛନ୍ତି। ନିକଟରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଏହି ଫିଲ୍ମରେ ରହିଥିବା ଜଣାପଡ଼ିଥିଲା। ଅରିନ୍ଦମ ଓ ଅନୁଭବଙ୍କ ଶୁଟିଂର ଫଟୋ ଭାଇରାଲ୍ ହୋଇଥିଲା। ଏହାପୂର୍ବରୁ ଫିଲ୍ମ 'କାଳିଶଙ୍କର'ରେ ଉଭୟ ଦମ୍‌ଦାର୍ ପ୍ରଦର୍ଶନ କରିଥିଲେ। ତେଣୁ 'ରାମ୍'ରେ ସେମାନଙ୍କଠାରୁ ଦର୍ଶକ ଅଧିକ ଆଶା ରଖିଛନ୍ତି ବୋଲି ନିର୍ଦ୍ଦେଶକ ପତି କହିଛନ୍ତି।

ବଦଳିଲେ ବେଗୁନିଆ ଥାନା ଅଧିକାରୀ

**ଜବତ ବାଣ, ମଦ ଚୋରାଚାଲ

ଅମର୍ଦା ଏୟାରଷ୍ଟ୍ରିପ୍ ଲାଗି ବାଧକ ସାଜୁଛନ୍ତି ରାଜ୍ୟ ସରକାର: ବିଶ୍ୱେଶ୍ୱର

ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ ।

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ହିସାବରେ ଜିଲାକୁ ଶହ ଶହ କୋଟି ଟଙ୍କା ଦେଇ ବିଜେଡି ସରକାର ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛନ୍ତି। ହେଲେ ଜିଲାବାସୀଙ୍କ ସାମୂହିକ ସ୍ୱାର୍ଥ ପାଇଁ ଅମର୍ଦା ଏୟାରଷ୍ଟ୍ରିପର ପୁନରୁଦ୍ଧାର ସକାଶେ ମାତ୍ର ୨୬ କୋଟି ଟଙ୍କା ଦେବାକୁ କୁଣ୍ଠାବୋଧ ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶେଷରେ ପ୍ରତିରକ୍ଷା ମନ୍ତ୍ରଣାଳୟର ତାଗିଦ୍ ପରେ ଜମା ଦେଲେ। ଅମର୍ଦା ଏୟାରଷ୍ଟ୍ରିପ ପାଇଁ ଜମି ହସ୍ତାନ୍ତରର ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ରାଜ୍ୟ ସରକାର ବାରଣ କରିବାରୁ ଜିଲାପାଳ କାର୍ଯ୍ୟକ୍ରମକୁ ଗଲେନାହିଁ। ମୟୂରଭଞ୍ଜ ଜିଲା କ'ଣ ଓଡ଼ିଶା ବାହାରେ ବୋଲି ପ୍ରଶ୍ନ କରିବା ସହିତ ମୟୂରଭଞ୍ଜ ସମେତ ଉତ୍ତର ଓଡ଼ିଶା ବିକାଶରେ ବାଧକ ବିଜେଡି ସରକାର ବୋଲି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମ୍ମିଳନୀରେ ବିଶ୍ୱେଶ୍ୱର କହିଛନ୍ତି ଯେ, ମୟୂରଭଞ୍ଜ ଜିଲା ସମେତ ଉତ୍ତର ଓଡ଼ିଶା ବିଗତ ଦୀର୍ଘବର୍ଷ ଧରି ବିମାନ ଯାତାୟାତ କ୍ଷେତ୍ରରେ ଅବହେଳିତ ହୋଇ ଆସୁଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରଠାରେ ନିର୍ମିତ ଏସିଆ ମହାଦେଶର ସର୍ବବୃହତ ରନ୍‌ୱେ ଅମର୍ଦା ଏୟାରଷ୍ଟ୍ରିପ୍ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଉଦାସୀନତା ଓ ଅବହେଳା କାରଣରୁ ନଷ୍ଟ ହେବାକୁ ବସିଥିଲା। ୨୦୨୨ ନଭେମ୍ବର ୨୨ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ବିମାନବନ୍ଦର ପୁନରୁଦ୍ଧାର କାର୍ଯ୍ୟ ପାଇ ଅନୁମତି ପ୍ରଦାନ କରିଥିଲେ ଏବଂ ରାଜ୍ୟ ସରକାରଙ୍କୁ ୨୬ କୋଟି ଟଙ୍କା କ୍ଷତିପୂରଣ ବାବଦରେ ଜମା କରିବାକୁ କହିଥିଲେ। ରାଜ୍ୟ ସରକାର ଦୀର୍ଘ ୩ ମାସ ପରେ କିଛି ସର୍ତ୍ତାବଳୀ ସହିତ ରାଜି ହୋଇଥିଲେ। ଧାର୍ଯ୍ୟ ଗତ ଅକ୍ଟୋବର ୧୦ ତାରିଖରେ ଜମି ହସ୍ତାନ୍ତର ହେବାର ଥିଲା। ଡିଆରଡିଓ, ଚାନ୍ଦିପୁରରୁ ଡିଫେନ୍ସ ଇଷ୍ଟେଟ୍ ଅଫିସର, ପ୍ରତିରକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବା ସତ୍ତ୍ୱେ ଜିଲାପାଳଙ୍କ ଅନୁପସ୍ଥିତି କାରଣରୁ ଜମି ହସ୍ତାନ୍ତର ସମ୍ଭବ ହୋଇପାରିଲା ନାହିଁ। ଅମର୍ଦା ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ୪୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ହେଲେ କାଳେ କେନ୍ଦ୍ର ସରକାର ଓ ଭାଜପା ନାଁ ନେଇଯିବେ ସେ ଭୟରେ ବିଜେଡ ସରକାର ବାଧା ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଆଇଜଲର ଚାନମାରୀଠାରୁ ରାଜଭବନ ଅଭିମୁଖେ ଦଳୀୟ ନେତା ଓ ସମର୍ଥକଙ୍କ ସହ ଏକ ପଦଯାତ୍ରାରେ ଯାଉଛନ୍ତି।

ନିର୍ବାଚନ ଆଗରୁ ବିଭ୍ରାନ୍ତିମୂଳକ ତଥ୍ୟ ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ: ସୁଦାମ

ଭୁବନେଶ୍ୱର,୧୬।୧୦ (ଅନିଲ ଦାସ)

ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌କୁ ନେଇ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁହାଁମୁହିଁ ହୋଇଛନ୍ତି। ସୁଦାମ ଟୁଇଟ୍ କରି କହିଛନ୍ତି ଯେ, ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ପାଇଁ ରାଜ୍ୟ ସରକାର ୨୦୧୬ରୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏୟାରଷ୍ଟ୍ରିପ୍ ଜମି ପାଇଁ ଏନ୍‌ଓସି ହେଉ କିମ୍ବା କ୍ଷତିପୂରଣ ବାବଦ ଅର୍ଥ ଆଦି ସମସ୍ତ ପ୍ରକ୍ରିୟା ସରିଛି। ହେଲେ ଦିନେ ମଧ୍ୟ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଟୁଡୁ ଏ ନେଇ ଉଦ୍ୟମ କରି ନ ନାହାନ୍ତି। ସେହିପରି ରେଳଲାଇନ କଥା ନ କହିଲେ ଭଲ। ବୁଢ଼ାମରା-ଚାକୁଲିଆ, ବାଙ୍ଗିରିପୋଷି-ଗୋରୁମହିଷାଣୀ ଏବଂ ବାଦାମପାହାଡ଼-କେନ୍ଦୁଝର ରେଳଲାଇନ ନେଇ ସ୍ଥାନୀୟ ଲୋକଙ୍କ ବହୁଦିନର ଦାବିକୁ କେନ୍ଦ୍ରମନ୍ତ୍ରୀ ଅଣଦେଖା କରି ଚାଲିଛନ୍ତି।

ଗତ ୫ ବର୍ଷ ମଧ୍ୟରେ ମୟୂରଭଞ୍ଜ ପାଇଁ କିଛି କରି ନ ଥିବା ଟୁଡୁ ନିର୍ବାଚନ ଆଗରୁ ଖବରଦାତା ସମ୍ମିଳନୀ କରି ବିଭ୍ରାନ୍ତିମୂଳକ ତଥ୍ୟ ଦେବା ଆରମ୍ଭ କରିଛନ୍ତି। ବାଙ୍ଗିରିପୋଷିରୁ ବିଶୋଇ ପର୍ଯ୍ୟନ୍ତ ଘାଟିରାସ୍ତା ମରଣଯନ୍ତ୍ର ସାଜିଛି। ଦୁର୍ଘଟଣା ଘଟୁଛି। ଅନେକ ଜୀବନ ଯାଉଛି। ଏ ଦିଗରେ କୌଣସି ଉଦ୍ୟମ କରି ନ ଥିବା ଟୁଡୁଙ୍କୁ ଗତ ପଞ୍ଚାୟତ ନିର୍ବାଚନରେ ସଚେତନ ମୟୂରଭଞ୍ଜବାସୀ ଉଚିତ ଜବାବ ଦେଇଥିଲେ। ଆଗାମୀ ଦିନରେ ମଧ୍ୟ ଉପଯୁକ୍ତ ଜବାବ ଦେବେ ବୋଲି ସୁଦାମ ମାର୍ଣ୍ଡି କହିଛନ୍ତି।

ଓବିସି ବର୍ଗକୁ ସାମ୍ବିଧାନିକ ଅଧିକାର ମିଳିନାହିଁ: ଭାଜପା

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

ରାଜ୍ୟରେ ପଛୁଆ ତଥା ଓବିସି ବର୍ଗ ହେଉଛନ୍ତି ଓଡ଼ିଶା ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ। ମାତ୍ର ଓଡ଼ିଶାରେ ଓବିସି ସମାଜ ସହ କ୍ରମାଗତ ଅନ୍ୟାୟ କରାଯାଉଛି। ଏହି ବର୍ଗଙ୍କୁ ଶିକ୍ଷା, ନିଯୁକ୍ତି ଏବଂ ସମ୍ବିଧାନପ୍ରଦତ୍ତ ସଂରକ୍ଷଣରୁ ବଞ୍ଚିତ କରାଯାଉଛି। ନାମକୁମାତ୍ର ଓବିସି କମିଶନ ଗଠନ କରାଯାଇଛି, କିନ୍ତୁ ତାଙ୍କୁ ସାମ୍ବିଧାନିକ ଅଧିକାର ମିଳିନାହିଁ ବୋଲି ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସଙ୍ଗମଲାଲ୍ ଗୁପ୍ତା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗମଲାଲ୍ କହିଛନ୍ତି, ରାଜ୍ୟର କୋଟି କୋଟି ଓବିସି ବର୍ଗର ଭଉଣୀ, ଭାଇଙ୍କୁ ସମ୍ମାନ ଓ ଅଧିକାର ଦେବାରେ ପ୍ରତାରଣା କରାଯାଇଛି। ଆଗକୁ ନିର୍ବାଚନ ଥିବାରୁ ଓବିସି ସର୍ଭେ ଓ ଗଣନାର ମିଛ ବାହାନା କରାଯାଉଛି। କେନ୍ଦ୍ର ସରକାର ଡାକ୍ତରୀ, ଡେଣ୍ଟାଲ, ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ସୈନିକ ସ୍କୁଲରେ ସଂରକ୍ଷଣ ଦେଉଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଓବିସି ବର୍ଗଙ୍କ ପାଠପଢ଼ାରେ ନାମଲେଖା ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ କାହିଁକି ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉନାହିଁ। ଆଉ ଏହା କେବେ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ରାଷ୍ଟ୍ରୀୟ ଓବିସି କମିଶନଙ୍କୁ ସାମ୍ବିଧାନିକ ମାନ୍ୟତା ମିଳିଛି। ଓଡ଼ିଶାରେ ୫୪% ଓବିସି ବର୍ଗକୁ ଆଉ ଅଧିକ ଦିନ ଠକିପାରିବେ ନାହିଁ ବୋଲି ସେ କହିଛନ୍ତି।

ବିଜେଡିରେ ଭାଜପା କର୍ମକର୍ତ୍ତା

ଭୁବନେଶ୍ୱର,୧୬।୧୦(ଅନିଲ ଦାସ)

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁର ବ୍ଲକ ଓ ଏନ୍‌ଏସିର ଭାଜପା କର୍ମକର୍ତ୍ତା ସୋମବାର ଶଙ୍ଖଭବନଠାରେ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଦଳରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ। ବିଜେଡିରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ଚିଲିକା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ମଙ୍ଗରାଜ କହିଛନ୍ତି।

ଏହି ଅବସରରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତାମାନେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲେ ବୋଲି କହିଛନ୍ତି। ଦଳରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସାମିଲ ହୋଇଥିବା କର୍ମୀମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବାଣପୁର ଏନ୍‌ଏସିର ପୂର୍ବତନ କାଉନସିଲର ତଥା ଖୋର୍ଦ୍ଧା ଜିଲା ଭାଜପା ମହିଳା ମୋର୍ଚ୍ଚାର ପୂର୍ବତନ ଉପସଭାପତି ପ୍ରଣତୀ ମାର୍ଥା, ୱାର୍ଡ ସଭାପତି ବିଶ୍ୱନାଥ ଦଳେଇ, ମହିଳା ସଭାପତି ପ୍ରତିମା ମଲ୍ଲିକ, ପୂର୍ବତନ କାଉନସିଲର ଝରିଆ ପ୍ରଧାନ, ବରିଷ୍ଠ ନେତା ଦୀନବନ୍ଧୁ ପ୍ରଧାନ ଓ ଯୋଗେନ୍ଦ୍ର ବାରିକ, ଯୁବ ସଙ୍ଗଠକ ମନୋଜ ସାହୁ, ପୂର୍ବତନ କାଉନସିଲର ସୁଧାକର ଭୋପା, ଖୋର୍ଦ୍ଧା ଜିଲା ଭାଜପା ମହିଳାମୋର୍ଚ୍ଚା ଉପସଭାପତି କାବେରୀ ଜେନା, ବାଣପୁର ଏନ୍‌ଏସିର ପୂର୍ବତନ ଯୁବ ସଭାପତି ନାରାୟଣ ଦାସ, ଏସ୍‌ସି ମୋର୍ଚ୍ଚାର ମହିଳା ସଭାପତି ଉରା ମଲ୍ଲିକ ଏବଂ ବାଣପୁର ବ୍ଲକ ଡୁମୁରାପୁଟ ଶାସନ ପଞ୍ଚାୟତର ସଞ୍ଜୟ କୁମାର ବଳିଆରସିଂହ, ଅନିଲ କୁମାର ସ୍ୱାଇଁ, ରାଧାକାନ୍ତ ରଥ, ରଞ୍ଜନ କୁମାର ରାଉତରାୟ, ଜୟନ୍ତ କୁମାର ସ୍ୱାଇଁ, ରାଜେଶ କୁମାର ବେହେରା, ବିଜୟ ପାତ୍ର, ମାନସ ବେହେରା, ଜିତୁନ ବେହେରା, ସଙ୍କଳ୍ପ ବେହେରା, ରଘୁନାଥ ବାରିକ, ନବଘନ ନାୟକ, ସୌରୀ ବେହେରା, ମକଦମ ବେହେରାଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଚିଲିକା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସୌମ୍ୟଶଙ୍କର ଚକ୍ର(ରାଜା), ବାଣପୁର ଏନ୍‌ଏସି ଚେୟାରମ୍ୟାନ ମିଟୁ ନାୟକ, ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ବାଣପୁର ବ୍ଲକ ପୂର୍ବତନ ଚେୟାରମ୍ୟାନ୍ ମାନସ ପ୍ରଧାନ, ଯୁବନେତା ଜଗତ ବଲ୍ଲଭ ମହାରଥା, ଡୁମୁରାପୁଟ ଶାସନ ଗ୍ରାମପଞ୍ଚାୟତ ସରପଞ୍ଚ ଅକ୍ଷୟ କୁମାର ସେଠୀ, ଯଦୁ ପ୍ରଧାନ, ମନୋଜ ପ୍ରଧାନ ଓ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ।

ଶଙ୍ଖଭବନଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଯୋଗଦେଇଥିବା ଚିଲିକା ନିର୍ବାଚନମଣ୍ଡଳୀ ଭାଜପା କର୍ମକର୍ତ୍ତା ।

୨୦୨୪ ନିର୍ବାଚନ ପୂର୍ବରୁ ଲାଗୁ ହେଉ ୩୩% ମହିଳା ସଂରକ୍ଷଣ

ନୂଆଦିଲ୍ଲୀ,୧୬।୧୦

ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେଲେ କଂଗ୍ରେସ ନେତା

ଲୋକ ସଭା ଓ ବିଧାନସଭା ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ନିକଟରେ ଆଇନ ଆଣିଛନ୍ତି। ଏଥିପାଇଁ କେତେକ ପ୍ରକ୍ରିୟା ରହିଥିବାରୁ ତାହା ୨୦୨୯ ସାଧାରଣ ନିର୍ବାଚନ ବେଳକୁ ଲାଗୁ ହେବା ଆଶା କରାଯାଉଛି। ତେଣୁ ୨୦୨୪ ସାଧାରଣ ନିର୍ବାଚନରେ ହିଁ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ। ଏନେଇ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ନିବେଦନ କରି କଂଗ୍ରେସ ନେତା ଡ. ଜୟା ଠାକୁର ସୁପ୍ରିମ୍‌କୋର୍ଟରେ ପିଟିଶନ ଦାଖଲ କରିଛନ୍ତି। ଜନଗଣନା ସଂଖ୍ୟାକୁ ଆଧାର କରି ନିର୍ବାଚନମଣ୍ଡଳୀ ପୁନଃ ସୀମାନିର୍ଦ୍ଧାରଣ ହେବା ପରେ ମହିଳା ସଂରକ୍ଷଣ ଆଇନ ଲାଗୁ ହେବ। ଏହି ବ୍ୟବସ୍ଥାକୁ ଖାରଜ କରି ଦ୍ରୁତ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବାକୁ ଠାକୁର କୋର୍ଟଙ୍କୁ ନିବେଦନ କରିଛନ୍ତି।

ଦେବଗଡ଼ ବାରକୋଟଠାରେ ପ୍ରତିଷ୍ଠା ହେବ ନୂତନ ଜେଏମ୍‌ଏଫ୍‌ସି କୋର୍ଟ

ଭୁବନେଶ୍ୱର,୧୬।୧୦(ଅନିଲ ଦାସ)

ଦେବଗଡ଼ ଜିଲା ବାରକୋଟଠାରେ ନୂତନ ଅତିରିକ୍ତ ସିଭିଲ୍ ଜଜ୍ (କନିଷ୍ଠ ଡିଭିଜନ) ତଥା ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ହେବ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁମୋଦନ କରିଛନ୍ତି। ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଜିଲାବାସୀଙ୍କ ପାଇଁ ଏହି କୋର୍ଟ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ନୂତନ କୋର୍ଟ ପାଇଁ ଆଇନ ବିଭାଗ ପକ୍ଷରୁ ଆବଶ୍ୟକ ୧୨ ଗେଜେଟେଡ୍ ଓ ଅଣଗେଜେଟେଡ୍ ପଦବୀ ସୃଷ୍ଟି କରାଯାଇଛି। ବିଭିନ୍ନ କାରଣରୁ ପଡ଼ିରହିଥିବା ମାମଲାଗୁଡ଼ିକ ଦ୍ରୁତ ଫଇସଲା ନିମନ୍ତେ ଏହି ନୂତନ କୋର୍ଟ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି।

ଅଟେଇରେ ବାଘ ପାଦଚିହ୍ନ ଠାବ

କେନ୍ଦୁଝର,୧୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡର ୭ ରେଞ୍ଜରେ ସୋମବାରଠାରୁ ବାଘ ଗଣନା ଆରମ୍ଭ ହୋଇଛି। ଗଣନା କାର୍ଯ୍ୟ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଜାରି ରହିବ। ଗଣନାରେ ରେଞ୍ଜର, ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡଙ୍କ ସମେତ ବନ କର୍ମଚାରୀ ସାମିଲ ହୋଇଛନ୍ତି। ପ୍ରଥମ ଦିନ ଗଣନାରେ ଅଟେଇ ଓ କାଳିମାଟି ସଂରକ୍ଷିତ ଜଙ୍ଗଲରେ ବାଘ ପାଦଚିହ୍ନ ଠାବ କରାଯାଇଛି। ଏହା କଲରାପତରିଆ ବାଘର ହୋଇଥିବା ଅନୁମାନ କରାଯାଉଥିବାବେଳେ ପରୀକ୍ଷା ପରେ ତାହା କେଉଁ ପ୍ରଜାତିର ଜଣାପଡ଼ିବ ବୋଲି ଏସିଏଫ୍ ଜିତେନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

ସଂସ୍କୃତ ପରୀକ୍ଷା ଦେଉଥିବା ୩ ନକଲି ପରୀକ୍ଷାର୍ଥୀ ଜେଲଗଲେ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୬।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ)

- ୨ ଛାତ୍ରଙ୍କ ପାଇଁ ପରୀକ୍ଷା ଦେଉଥିଲେ ୨ ଛାତ୍ରୀ
- ପରୀକ୍ଷା ପରିଚାଳନାରେ ତ୍ରୁଟି ଅଭିଯୋଗ

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡିଆସ୍ଥିତ ରତ୍ନାକର ସଂସ୍କୃତ ମହାବିଦ୍ୟାଳୟ ରେ ଯୁକ୍ତ ୩ ପ୍ରଥମ ବର୍ଷ ପରୀକ୍ଷା ଚାଲିଥିବା ବେଳେ ୩ ଜଣ ନକଲି ପରୀକ୍ଷାର୍ଥୀ ଧରାପଡି ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଏକ ମାମଲା(ନଂ.୩୫୮/୨୩) ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ସେମାନଙ୍କ ଜାମିନ ଖାରଜ ହେବାପରେ ସମସ୍ତଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତ ସାରଙ୍ଗ ଗ୍ରାମର ଦୁର୍ଗା ମାଧବ ପୃଷ୍ଟି,(୨୨), ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧା ଗ୍ରାମର ସୁନନ୍ଦା ସାହୁ (୨୨), ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରପଦା ଗ୍ରାମର ମନୀଷା ପରିଡ଼ା (୨୦)।

ପୋଲିସର ସୂଚନା ଅନୁଯାୟୀ, ସୋମବାର ଯୁକ୍ତ ୩ ପ୍ରଥମ ବର୍ଷର ଶାସ୍ତ୍ରୀ ପରୀକ୍ଷା ସାଉଡିଆ ରତ୍ନାକର ସଂସ୍କୃତ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ଚାଲିଥିଲା। ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ହେଉଥିବା ଏହି ପରୀକ୍ଷାରେ ସ୍ମାର୍ଟ୍ ଭାବେ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ.ଶ୍ରୀନିବାସ ପଣ୍ଡା ଆସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ପରୀକ୍ଷାର୍ଥୀ ଦୁର୍ଗା ମାଧବ ପୃଷ୍ଟିଙ୍କ ପାଇଁ ସୁନନ୍ଦା ସାହୁ ଓ ମୋହନ କୁମାର ସାହୁଙ୍କ ପାଇଁ ମନୀଷା ପରିଡ଼ା ପରୀକ୍ଷା ଦେଉଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ସେ ବାଲିଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଡ.ପଣ୍ଡାଙ୍କ ଅଭିଯୋଗ କ୍ରମେ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଆଶ୍ଚର୍ଯ୍ୟର କଥା ୨ ଛାତ୍ରଙ୍କ ପାଇଁ ୨ ଛାତ୍ରୀ କିପରି ପରୀକ୍ଷା ଦେଲେ ଓ ପରୀକ୍ଷା ପରିଚାଳକ କିପରି ପରୀକ୍ଷା କେନ୍ଦ୍ରକୁ ସେମାନଙ୍କୁ ପ୍ରବେଶ ଅନୁମତି ଦେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ପରୀକ୍ଷା କେନ୍ଦ୍ର ଯୋଗୁ ବହୁ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ପରିବା ବ୍ୟବସାୟୀଙ୍କ ଗଳା କାଟି ହତ୍ୟା

ବୈଶିଙ୍ଗା,୧୬।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପାଟଳପୁରା ପଞ୍ଚାୟତ ମଧୁନଣ୍ଡା ଗ୍ରାମରେ ଜଣେ ପରିବା ବ୍ୟବସାୟୀଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଦେବେନ୍ଦ୍ର ସାସମଲ(୬୧)। ରବିବାର ବିଳମ୍ବିତ ରାତିରେ ସେ ଘର ବାରଣ୍ଡାରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ସୂଚନା ଅନୁଯାୟୀ, ସ୍ତ୍ରୀ ଓ ୨ ପୁଅଙ୍କ ସହ ରାତ୍ରିଭୋଜନ ସାରି ଦେବେନ୍ଦ୍ର ସବୁଦିନ ପରି ଘର ବାରଣ୍ଡାରେ ଶୋଇଥିଲେ। ଦୁଇ ପୁଅ ଓ ସ୍ତ୍ରୀ ଘର ଭିତରେ ଶୋଇଥିଲେ। ମୃତକଙ୍କ ପୁଅ ରତ୍ନାକରଙ୍କ କହିବା

ସିମେଣ୍ଟ, ଲୁହା ଗେଟ୍ ଚୋରି କରି ଯୁବକ ଗିରଫ

ବାରଙ୍ଗ,(ଲିଙ୍ଗରାଜ ରାଉତ): ସିମେଣ୍ଟ ଓ ଲୁହା ଗେଟ୍ ଚୋରି ଅଭିଯୋଗରେ ଚନ୍ଦକା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଦାରୁଠେଙ୍ଗ ଗ୍ରାମର ଭାଗ୍ୟ ସୁନ୍ଦରାୟ। ଭାଗ୍ୟଙ୍କଠାରୁ ପୋଲିସ ୧୩ ବସ୍ତା ସିମେଣ୍ଟ ଓ ଗୋଟିଏ ଲୁହା ଗେଟ୍ ଜବତ କରିଛି। ଦାରୁଠେଙ୍ଗ ଗ୍ରାମରେ ଏକ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ସେଠାରେ ୧୫ ବସ୍ତା ସିମେଣ୍ଟ ଓ ୩ଟି ଲୁହା ଗେଟ୍ ରଖାଯାଇଥିଲା। ଶନିବାର ରାତିରେ ଭାଗ୍ୟ ଏକ ଟାଟା ଏସି ଗାଡ଼ିରେ ସିମେଣ୍ଟ ଓ ଲୁହା ଗେଟ୍ ଚୋରି କରି ନେଉଥିବାବେଳେ ସ୍ଥାନୀୟ ଗ୍ରାମର କିଛି ଲୋକ ଦେଖିଥିଲେ। ଅଭିଯୋଗ ପରେ ପୋଲିସ ୩୨୬/୨୩ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା।

ସଂକ୍ଷେପରେ

ବାଲ୍ୟବିବାହ ମୁକ୍ତ ସମାଜ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ସମାଜକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ କରିବା ପାଇଁ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ସହିତ ହାତ ମିଳାଇଛନ୍ତି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, କମିଶନରେଟ ପୋଲିସ ଓ ଖୋର୍ଦ୍ଧା ଜିଲା ପ୍ରଶାସନ। କୈଳାସ ସତ୍ୟାର୍ଥୀ ଚିଲଡ୍ରେନସ ଫାଉଣ୍ଡେଶନ ସହାୟତାରେ ସୋମବାର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ରାମ ମନ୍ଦିର ଛକଠାରୁ ଆରମ୍ଭ ହୋଇ ହାଉସିଂବୋର୍ଡ ଛକ ପର୍ଯ୍ୟନ୍ତ ଯାଇଥିଲା। ନାରୀନେତ୍ରୀମାନେ ହାତରେ କ୍ୟାଣ୍ଡେଲ, ପ୍ଲା କାର୍ଡ ଓ ବ୍ୟାନର ଧରି ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ସ୍ଲୋଗାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଓ ଯୁବ କଲ୍ୟାଣ, ଗୃହ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ, ଓଡିଶାରୁ ବାଲ୍ୟ ବିବାହ ଭଳି ଏକ ସାମାଜିକ କୁ-ପ୍ରଥାର ମୂଳୋତ୍ପାଟନ କରିବା ପାଇଁ ଓଡିଶା ସରକାର ବହୁବିଧ ଯୋଜନା ପ୍ରଣୟନ କରି ପ୍ରଚେଷ୍ଟା ଚଳାଇଛନ୍ତି। ଝିଅମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବୈଷୟିକ ତାଲିମ ଓ କର୍ମ ନିଯୁକ୍ତି ପାଇଁ ଓଡିଶା ସରକାର କାର୍ଯ୍ୟ କରୁଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର କହିଲେ ଓଡିଶାରୁ ବାଲ୍ୟ ବିବାହ ପ୍ରଥାର ଉଚ୍ଛେଦ ସହ ପ୍ରତ୍ୟେକ ଝିଅକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ଆୟୋଗ କାର୍ଯ୍ୟ କରିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ କମିଶନରେଟ ପୋଲିସ ଶିଶୁ ସୁରକ୍ଷାକୁ ଅଗ୍ରାଧିକାର ଦେବାସହ ବିଭିନ୍ନ ପଦକ୍ଷେପ ନେଇଥିବା କହିଥିଲେ। ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନା, ଶିଶୁ ଅଧିକାର କର୍ମୀ କସ୍ତୁରୀ ମହାପାତ୍ର, ଜିଲା ଆଇନ ସହାୟତା ପ୍ରାଧିକରଣର ସମ୍ପାଦିକା ସୌଦାମିନୀ ସିଂ, ଆକ୍ସନ ଏଡର ଜାତୀୟ ପରିଚାଳକ ଘାସିରାମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରୁଚିକା ସାମାଜ ମଙ୍ଗଳ ସଙ୍ଗଠନର ସମ୍ପାଦକ ଉମାଶଙ୍କର ଷଡଙ୍ଗୀ ସଭାପତିତ୍ୱ କରିଥିଲେ, ସଙ୍ଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ଖୋର୍ଦ୍ଧାଜିଲା ସଂଯୋଜିକା ଶିବାନୀ ନାୟକ।

ଖାଦ୍ୟ ହେଉଛି ମଣିଷର ଏକ ମୌଳିକ ଅଧିକାର ସଦୃଶ

ଭୁବନେଶ୍ୱର,୧୬।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

କ୍ଷୁଧା ଓ ପୁଷ୍ଟିହୀନତାର ମୁକାବିଲା ପାଇଁ ସୋ ଆମ୍ ଆଇ ଫାଉଣ୍ଡେଶନ ପକ୍ଷରୁ ସୋମବାର 'ବିଶ୍ୱ ଖାଦ୍ୟ ଦିବସ' ପାଳନ କରାଯାଇଛି। ଏହି ଅବସରରେ କ୍ଷୁଧା ଓ ପୁଷ୍ଟିହୀନତା ସମ୍ବନ୍ଧରେ ଏକ ପ୍ୟାନେଲ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଖାଦ୍ୟ ହେଉଛି ମଣିଷର ଏକ ମୌଳିକ ଅଧିକାର ସଦୃଶ। କେହି ଯେମିତି ଭୋକିଲା ନ ରୁହନ୍ତି ତାହା ସମସ୍ତେ ଦେଖିବା ଆବଶ୍ୟକ। 'କ୍ଷୁଧାମୁକ୍ତ ଓଡ଼ିଶା' ପଦକ୍ଷେପ ଆମ ଅଞ୍ଚଳ ପାଇଁ ଉଜ୍ଜ୍ୱଳ, ପୁଷ୍ଟିକର ଭବିଷ୍ୟତ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଡ. ପି.କେ ରାଉତ, ଆଶୁତୋଷ ରଥ, ଶୁଭେନ୍ଦୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପିନାକୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଲୁଟ୍ ଟଙ୍କାକୁ କ୍ଲବ୍‌ରେ ଉଡ଼ାଉଥିଲେ କ୍ରାଇମ୍ କୁଇନ୍ ମୁସ୍କାନ

ଭୁବନେଶ୍ୱର,୧୬।୧୦ (ସୂର୍ଯ୍ୟକାନ୍ତ ବେହେରା)

ଭିଡିଓ ଭାଇରାଲ, ମୁଖ୍ୟ ସହଯୋଗୀ ଚିଣ୍ଟୁ ଗିରଫ

ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍ ଘଟଣା

ରୂପ ଦେଖାଇ ଟ୍ରେନ୍ ଯାତ୍ରୀ ଓ ଯବାନଙ୍କୁ ଫସାଇ ନିଶା ଦେଇ ଲୁଟ୍ ଘଟଣାରେ ଗିରଫ ହୋଇଥିବା କ୍ରାଇମ୍ କୁଇନ୍ ମୁସ୍କାନ ଓରଫ ସାରିଫ ଖାନ୍‌ଙ୍କ ସହ ୩ ସହଯୋଗୀ ଏବେ ଜେଲ୍‌ରେ ଅଛନ୍ତି। ମୁସ୍କାନ ଓ ତାଙ୍କ ଗ୍ୟାଙ୍ଗ୍‌ର ଗୋଟିକ ପରେ ଗୋଟିଏ ଅପରାଧ ସାମ୍ନାକୁ ଆସୁଥିବାବେଳେ ଫେରାର ଥିବା ମୁଖ୍ୟ ସହଯୋଗୀଙ୍କୁ ଖାରବେଳନଗର ଥାନା ପୋଲିସ ବଡ଼ଗଡ଼ ଅଞ୍ଚଳରୁ ଗିରଫ କରିବା ପରେ ଗ୍ୟାଙ୍ଗ୍‌ର ବଡ଼ ଆପରାଧିକ ପୃଷ୍ଠଭୂମି ପଦାକୁ ଆସିଛି। ଗିରଫ ଅଭିଯୁକ୍ତ ହେଲେ ଧଉଳି ଅଞ୍ଚଳର ରାକେଶ ମହାନ୍ତି ଓରଫ ଚିଣ୍ଟୁ। ସୋମବାର ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଚିଣ୍ଟୁଙ୍କୁ ବିଭାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଚିଣ୍ଟୁଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ପୂର୍ବରୁ ରାହାଜାନି, ହଣାକଟା, ଫାୟାରିଂ ଭଳି ୨୨ରୁ ଅଧିକ ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ଅପରପକ୍ଷେ କ୍ରାଇମ୍ କୁଇନ ମୁସ୍କାନ ନାଇଟ୍ କ୍ଲବ୍ ଓ ଡ୍ୟାନ୍ସ ବାର୍‌ରେ ସହଯୋଗୀଙ୍କୁ ଧରି ମଉଜମସ୍ତି କରିବା ସହ ନାରୁଥିବା ଭିଡିଓ ଭାଇରାଲ ହୋଇଛି। ଲୁଟ୍ ଟଙ୍କାରେ ଏସବୁ କରୁଥିବା ପୋଲିସ ଜାଣିବାକୁ ପାଇଛି। ତେବେ ମୁସ୍କାନଙ୍କ ଇଶାରାରେ ଆଉ କେତେଜଣ ଆପରାଧିକ କାର୍ଯ୍ୟରେ ସାମିଲ ଥିଲେ ତାହାର ଖୋଳତାଡ ଚାଲିଛି। ଏହାସହ ଏହି ଗ୍ୟାଙ୍ଗରେ କେତେଜଣ ଅଟୋ ଚାଳକ ଓ ଚା' ଦୋକାନୀ ସଂପୃକ୍ତ ଥିବା ଜଣାପଡିବା ପରେ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ କରୁଛି। ଅପରପକ୍ଷେ ମୁସ୍କାନଙ୍କୁ ତାଙ୍କ ସ୍ୱାମୀ ୭ବର୍ଷ ତଳେ ଛାଡି ଦେଇଥିବାବେଳେ ସେ ଜଣେ ଯୁବକଙ୍କ ସହ ଲିଭ୍ ଇନ୍‌ରେ ରହୁଥିଲେ। ହେଲେ ସମ୍ପୃକ୍ତ ଯୁବକ ଏବେ ଜେଲ୍‌ରେ ଅଛନ୍ତି। ଏଥିସହ ମୁସ୍କାନଙ୍କର ଏକ ଛୋଟ ପୁଅ ଥିବା ପୋଲିସ କହିଛି।

ସୂଚନାନୁସାରେ, ମୁସ୍କାନ ଲଣ୍ଡା ଗ୍ୟାଙ୍ଗ୍ ସହ ହାତ ମିଳାଇ ବଡ଼ବଡ଼ ଅପରାଧ ଘଟାଉଥିଲେ। ବିଶେଷକରି ରାଜଧାନୀ ଭୁବନେଶ୍ୱରର ବ୍ୟସ୍ତବହୁଳ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳ ସମେତ ସହର ଓ ଆଖପାଖ ଅଞ୍ଚଳରେ ଲୁଟ୍‌ପାଟ୍ କରୁଥିଲେ। ବିଶେଷକରି ଏକୁଟିଆ ଥିବା ଟ୍ରେନ ଯାତ୍ରୀ ଓ ଯବାନଙ୍କୁ ବିଭିନ୍ନ ବାହାନାରେ ପ୍ରଲୋଭିତ କରାଇ ଥଣ୍ଡା ପାନୀୟ, ଚା କିମ୍ବା ପାଉଁରୁଟିରେ ନିଶା ଦେଇ ସର୍ବସ୍ୱ ଲୁଟି ନେଉଥିଲେ। ଏଭଳି ଏକାଧିକ ଅଭିଯୋଗ ଆସିବା ପରେ ପୋଲିସ ଗତ ୧୪ ତାରିଖରେ ସୁନ୍ଦରୀ ମୁସ୍କାନଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା।

ଡକାୟତି ଯୋଜନାବେଳେ ୫ ଗିରଫ

ଭୁବନେଶ୍ୱର,୧୬।୧୦ (ସୂର୍ଯ୍ୟକାନ୍ତ ବେହେରା)

ମାରଣାସ୍ତ୍ର ଜବତ, ଗହଣା ଦୋକାନକୁ ଟାର୍ଗେଟ କରିଥିଲେ

ଦୁର୍ଗାପୂଜା ଯେତିକି ପାଖେଇ ଆସୁଛି ଅପରାଧୀମାନେ ସେତିକି ସକ୍ରିୟ ହୋଇ ଉଠୁଛନ୍ତି। ରବିବାର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବିରବନ୍ଧସ୍ଥିତ ଏକ ନିର୍ମାଣଧିନ ଘରେ ଡକାୟତ ପାଇଁ ଯୋଜନା ଚାଲିଥିବାବେଳେ ପୋଲିସ ବିଳମ୍ବିତ ରାତିରେ ଚଢାଉ କରି ଏକ ଡକାୟତି ଗ୍ୟାଙ୍ଗକୁ ଧରିବା ସହ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସହରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ଅକ୍ଷୟ ମହାରଣା ଓରଫ ବବୁଲ, କିରଣ କୁମାର ମହାପାତ୍ର, ଜନାର୍ଦ୍ଦନ ଭଙ୍ଗ ଓରଫ ରାବଣ, ରକି ପ୍ରଧାନ ଓ ଲିଙ୍ଗରାଜ ଘଣ୍ଟୁଆଳ। ସେମାନଙ୍କଠାରୁ ଗୋଟିଏ ଲୁହା ରଡ, ୨ ପକେଟ ଲଙ୍କା ଗୁଣ୍ଡ, ଗୋଟିଏ ଛୁରୀ, ମଦ ବୋତଲ, ଗୋଟିଏ ରସି, ଗୋଟିଏ ଖେଳନା ବନ୍ଧୁକ ଆଦି ବିଭିନ୍ନ ଜିନିଷ ଜବତ ହୋଇଛି। ପଚରା ଉଚରା ବେଳେ ଅଭିଯୁକ୍ତମାନେ ବୋତଣ୍ଡା ନିକଟବର୍ତ୍ତୀ ଅଞ୍ଚଳରେ ଗୋଟିଏ ଗହଣା ଦୋକାନରୁ ଡକାୟତି ପାଇଁ ପାଇଁ ଯୋଜନା କରିବା ପାଇଁ ଘଟଣା ସ୍ଥଳରେ ଏକତ୍ରିତ ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ଲିଙ୍ଗରାଜଙ୍କ ନିକଟରେ ପୂଜାର୍ଚ୍ଚନା

ପୂଜାର୍ଚ୍ଚନା ପୂର୍ବରୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ।

ପୁରୁଣା ଭୁବନେଶ୍ୱର,୧୬।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ସକାଳେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଦୀର୍ଘ ଜୀବନ କାମନା କରି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଓ ମେୟର ପୂଜାର୍ଚ୍ଚନା କରିଛନ୍ତି। ପରେ ଜୀବନ ବିନ୍ଦୁ ଓଡ଼ିଶା ମୋ ପରିବାର ଏକାମ୍ର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲ୍ଲିଆ, ଶିବ ନାରାୟଣ ରାୟ, ମହାମାୟା ସ୍ୱାଇଁ, କେ ଶାନ୍ତି, ଅଜିତ୍ ବେହେରା, କିରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଚାରା ବଣ୍ଟନ

ବାଳକାଟୀ,୧୬।୧୦(ମନୋଜ ମଣ୍ଡଳ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନ ଅବସରରେ ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀର ବାଳକାଟୀଠାରେ ବୃକ୍ଷ ଚାରା ବଣ୍ଟନ କରାଯାଇଛି। ବିଜୁ ଯୁବ ଜନତା ଦଳ ବାଲିଅନ୍ତା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ଯୁବକ, ଛାତ୍ର ଏବଂ ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜୟଦେବ ବିଜେଡିର ନାରୀନେତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ଶୁଭଦର୍ଶିନୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ଚାରା ମଧ୍ୟରେ ଲୋକମାନଙ୍କୁ ପିଜୁଳି, ଆମ୍ବ, ପଣସ, ଶାଗୁଆନ, ଶିଶୁ ଓ ବିଭିନ୍ନ ଔଷଧୀୟ ବୃକ୍ଷର ଚାରା ବଣ୍ଟନ କରାଯାଇଥିଲା। ପରେ ବାଳକାଟୀ କଲେଜ ରୋଡ଼ରେ ଥିବା ଚେତନା ଶିକ୍ଷାନୁଷ୍ଠାନୟରେ ଥିବା ମାନସିକ ଅନଗ୍ରସର ଛାତ୍ରୀଛାତ୍ର ଓ ବାଳକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବନେତା ପ୍ରଦୀପ୍ତ ମହାନ୍ତି, ଦୀନବନ୍ଧୁ ଭୋଇ ଓ ଗୋବିନ୍ଦ ବେହେରା ପରିଚାଳନା କରିଥିଲେ।

କେକ୍ କାଟି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ

ପୁରୁଣା ଭୁବନେଶ୍ୱର,୧୬।୧୦ (ସୁବାସ ଚନ୍ଦ୍ର ପ୍ରଧାନ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିନକୁ ୬୧ ନଂ. ୱାର୍ଡର ଭୀମଟାଙ୍କି ଓ ପୋଷ୍ଟ ଅଫିସ ଛକ ବାଉଁଶ ଖଣି ବସ୍ତି ନିକଟରେ କର୍ପୋରେଟରଙ୍କ ସହ ବସ୍ତି ବାସିନ୍ଦା, ଦଳୀୟ କର୍ମୀ ଏକ ୩ କେଜି ଓଜନର କେକ୍ କାଟି ପାଳନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରିବା ସହ ହାପି ବାର୍ଥ ଡେ' ଶୁଭେଚ୍ଛା ଜଣାଇଥିଲେ। ଏଥିରେ କର୍ପୋରେଟର ଶିବ ନାରାୟଣ ରାୟ, ଚନ୍ଦ୍ରଶେଖର ମାଲିକ, ଶିବ ପ୍ରସାଦ ବେହେରା, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରତିନିଧି ଦାଶରଥି ଗରବଡୁ, ପ୍ରଭାସ ସୁନ୍ଦରାୟ, ବେଣୁଧର ମହାପାତ୍ର, ବାଉଁଶ ଖଣି ବସ୍ତି ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ କୈଳାସ ମଲିଆ, ସୂର୍ଯ୍ୟ ସାହୁ, ଶରତ ଚନ୍ଦ୍ର ସାମନ୍ତରାୟ, ଶିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

'ଦିବ୍ୟ ସମାଗମ' ଉଦ୍‌ଘାଟିତ

ପୁରୀ, ୧୬।୧୦(ଅଜିତ୍ ମହାନ୍ତି)

ଶ୍ରୀଗୋପୀନାଥ ଗୌଡ଼ୀୟ ମଠ ପକ୍ଷରୁ ଆଧ୍ୟାତ୍ମିକ ଉତ୍ସବ 'ଦିବ୍ୟ ସମାଗମ' ସୋମବାର ଶୁଭାରମ୍ଭ ହୋଇଛି। ପ୍ରାୟ ୫ହଜାର ସାଧୁସନ୍ଥ ଶ୍ରୀମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମଠ ନିକଟକୁ ଯାଇଥିଲେ। ଏହାପରେ ଶ୍ରୀଚୈତନ୍ୟ ମଠ ପାଖରୁ ସାଧୁସନ୍ଥଙ୍କ ଦ୍ୱାରା ନଗରକୀର୍ତ୍ତନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ସେବକ ଶ୍ରୀଚୈତନ୍ୟଙ୍କ ପ୍ରତିମାକୁ ୧୨ଫୁଟ ଉଚ୍ଚର ଏକ ରଥ ଉପରେ ବିରାଜମାନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ଏହି ନଗର କୀର୍ତ୍ତନରେ ସାଧୁସନ୍ଥଙ୍କ ସହ ସାରା ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଭକ୍ତ ତଥା ସାଧାରଣ ଜନତା ଯୋଗଦାନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଦିବ୍ୟ ସମାବେଶ ଏଚ୍‌ଡିଜି ଶ୍ରୀଲ ଭକ୍ତି ପ୍ରମୋଦ ପୁରୀ ଗୋସ୍ୱାମୀ ଠାକୁରଙ୍କ ୧୨୫ତମ ଆବିର୍ଭାବ ବାର୍ଷିକୀ ଏବଂ ଏଚ୍‌ଡିଜି ପ୍ରଭୁପଦ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁରଙ୍କ ୧୫୦ତମ ଆଗମନ ବାର୍ଷିକୀର ପ୍ରତୀକ ଭାବେ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ବି.ଏସ୍. ଦାମୋଦର ସ୍ୱାମୀ, ବି.ଏସ୍. ବାମନ ସ୍ୱାମୀ, ବି.ବି. ବୋଧୟାନ ସ୍ୱାମୀ, ଯଜ୍ଞେଶ୍ୱର ଦାସ, ରୋହିଣୀ ନନ୍ଦନ ଦାସ, ସୁନୀତି ନନ୍ଦନ ଦାସ ଏବଂ ଅନ୍ୟ ମଠାଧୀଶ ନଗର ପରିକ୍ରମାରେ ସାମିଲ ହୋଇଥିଲେ।

ଶହୀଦଙ୍କୁ ରଙ୍ଗୋଲିରେ ଶ୍ରଦ୍ଧାଞ୍ଜଳି

ପୁରୁଣା ଭୁବନେଶ୍ୱର,୧୬।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ରାଷ୍ଟ୍ରୀୟ ଲଳିତ କଳା ଏକଡ଼େମୀର ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଓଡ଼ିଶାରୁ ବଳିଦାନ ଦେଇଥିବା ବୀର ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଏକ ରଙ୍ଗୋଲି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଶ୍ରଦ୍ଧା, ଭକ୍ତି ଓ ସମ୍ମାନର ସହ ଅମର ବୀର ଯବାନଙ୍କୁ ରଙ୍ଗୋଲିରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଭିନ୍ନ ରଙ୍ଗବେରଙ୍ଗ ମୁରୁଜକୁ ବ୍ୟବହାର କରି ଛାତ୍ରୀଛାତ୍ର ସୁନ୍ଦର ଓ ଆକର୍ଷଣୀୟ ହୃଦୟସ୍ପର୍ଶୀ ରଙ୍ଗୋଲି ପ୍ରସ୍ତୁତ କରିଥିଲେ। ରାଷ୍ଟ୍ରୀୟ ଲଳିତ କଳା ଏକାଡ଼େମୀର ସମ୍ପାଦକ ରାମକୃଷ୍ଣ ବେଦଲା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରସ୍ତୁତ ହୋଇଥିବା ରଙ୍ଗୋଲିଗୁଡ଼ିକୁ ଖୁବ୍ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ ସାମଲ ପରିଚାଳନାରେ ସହଯୋଗ କରିଥିଲେ।

ବୀର ଶହୀଦଙ୍କ ଉଦ୍ଦେଶ୍ୟରେ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଅନୁଷ୍ଠିତ ରଙ୍ଗୋଲି କର୍ମଶାଳା।

ଉନ୍ନତ ଡିଜିଟାଲ ଇକୋନୋମି ଭାରତକୁ ସ୍ୱତନ୍ତ୍ର କରିଛି

ଭୁବନେଶ୍ୱର,୧୬।୧୦ (ଅନୁରାଧା ମହାରଣା)

ଏଏସ୍‌ବିଏମ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ଅଷ୍ଟାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ପାଳିତ ହୋଇଯାଇ

ସଂକ୍ଷେପରେ

ଶିଶୁଙ୍କ ପ୍ରତିଭା ବିକାଶରେ ସୁରଭି ସାଜିଛି ମାଧ୍ୟମ

ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ୧୬।୧୦
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନ ମହାପୁରୁଷ ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ୍ ମିଶନ-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ବିଇଓ ଲକ୍ଷେହୀରା ଲାବଣ୍ୟବତି ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ମୁଖ୍ୟବକ୍ତା ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସମ୍ମାନିତ ଅତିଥି ଭାବେ ତହସିଲଦାର ଦିଲୀପ ନାୟକ, ଉପାଧ୍ୟକ୍ଷା ଅଶୋକ ଓଝା, ଅଧ୍ୟକ୍ଷା ରୋଜି ସେଠୀ ଓ ଜିଲାପରିଷଦ ସଭ୍ୟବୃନ୍ଦ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ବିକାଶରେ ସୁରଭି କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି। ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ସହ ସେମାନଙ୍କୁ ଅଧିକ ଦକ୍ଷତା ପରିପ୍ରକାଶ କରିବାର ସୁଯୋଗ ଆଣି ଦେଇଛି ବୋଲି ଅତିଥିମାନେ ମତବ୍ୟକ୍ତି କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା।

ବେଆଇନ ବାଣ ତିଆରି ଅଭିଯୋଗ :୨ ଗିରଫ

ସାଲେପୁର,୧୬।୧୦(ଅରବିନ୍ଦ ଭୂୟାଁ): ସାଲେପୁର ପୋଲିସ ରାତିରେ ପାଟ୍ରୋଲିଂ କରୁଥିବାବେଳେ ବେଆଇନ ବାଣ ତିଆରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏଲମାପୁର ଗ୍ରାମର ଚିରଞ୍ଜନ ବେହେରା ଓ ବିପିନ ବିହାରୀ ବେହେରା। ସେମାନଙ୍କ ନିକଟରୁ ପୋଲିସ ୩ କିଲୋରୁ ଊର୍ଦ୍ଧ୍ୱ ବାରୁଦ ଜବତ କରିଛି। ଘର ପଛ ପଟରେ ଏସବୁ ବାଣ ତିଆରି କରୁଥିବା ଜଣାପଡ଼ିଛି। ଏନେଇ ଥାନାରେ ମାମଲା (ନଂ.୩୪୧/୨୩) ଓ (ନଂ.୩୪୩/୨୩) ରୁଜୁ ହୋଇଛି।

ସ୍ତ୍ରୀଙ୍କ ନଗ୍ନ ଭିଡିଓ, ମାରପିଟ କରି ସ୍ୱାମୀ ଗିରଫ

ମଙ୍ଗୁଳି-ଜଗତପୁର,୧୬।୧୦(ମାନସ ସାମଲ)

ଦ୍ୱିତୀୟ ସ୍ତ୍ରୀଙ୍କୁ ମାରପିଟ ଓ ନଗ୍ନ ଭିଡିଓ ଉତ୍ତୋଳନ କରିବା ଅଭିଯୋଗରେ ଜଗତପୁର ପୋଲିସ ସ୍ୱାମୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗାବଜାର ସାହିର ଗୁଲୁ ସ୍ୱାଇଁ(୨୯)। ସୂଚନା ମୁତାବକ, ଗୁଲୁ ଜଗତପୁର ଥାନା ଅଧୀନ ମଧୁସୂଦନ ନଗରର ସୁମିତ୍ରା ବେହେରାଙ୍କୁ ଦ୍ୱିତୀୟ ବିବାହ କରି ଏକ ଭଡ଼ାଘରେ ଏକତ୍ର ରହୁଥିଲେ। ଗତ ୩ ତାରିଖ ସନ୍ଧ୍ୟାରେ ଗୁଲୁ କୌଣସି କାରଣରୁ ହଠାତ୍ ସୁମିତ୍ରାଙ୍କୁ ଗାଳିଗୁଲଜ କରିବା ସହ ଏକ ରଡ଼ରେ ଆକ୍ରମଣ କରିଥିଲେ। ଏଥିରେ ସୁମିତ୍ରା ପ୍ରତିବାଦ କରିବାରୁ ଗୁଲୁ ତାଙ୍କ ମୋବାଇଲ ଛଡ଼ାଇ ଜୋରଜବରଦସ୍ତ ତାଙ୍କୁ ଉଲଗ୍ନ କରି ନଗ୍ନ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେ ମୋବାଇଲ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ସୁମିତ୍ରାଙ୍କ ଅଭିଯୋଗ କ୍ରମେ ପୋଲିସ ୫୦୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଉଲ୍ଲେଖଯୋଗ୍ୟ ଯେ, ଉଭୟ ସୁମିତ୍ରା ଓ ଗୁଲୁଙ୍କର ଏହା ଦ୍ୱିତୀୟ ବିବାହ।

ଲମ୍ପି ଭାଇରସ ଘଟଣା, ୧୧ ଗୋରୁଙ୍କ ରକ୍ତ ନମୁନା ସଂଗ୍ରହ

ନିଶ୍ଚିନ୍ତକୋଇଲି,୧୬।୧୦
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଲମ୍ପି ଭାଇରସରେ ଆକ୍ରାନ୍ତ ହୋଇଥିବା ୧୧ଟି ଗାଈଗୋରୁଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଫୁଲନଖରା ପରୀକ୍ଷା ଗାରକୁ ପଠାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ପାଇକରାପୁର ଗ୍ରାମର କୁଞ୍ଜବିହାରୀ ମହାରଣା ଓ ବ୍ରହ୍ମାନନ୍ଦ ମହାରଣା ଦୁଇଟି ବାଛୁରୀ ଲମ୍ପି ଭାଇରସରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରିଥିଲେ। ଏସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସେମବାର ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ପ୍ରକାଶ ଚନ୍ଦ୍ର ବେଉରାଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନେ ଘରକୁ ଘର ବୁଲି ଗାଈଗୋରୁଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି ଅବସରରେ ଲମ୍ପିର ପ୍ରତିକାର ଓ ପ୍ରତିଷେଧ ନିମନ୍ତେ ସରକାରଙ୍କ ତରଫରୁ ଭ୍ୟାକସିନ ଯୋଗାଇ ଦିଆଯାଇଥିବା ଡାକ୍ତର ବେଉରା ପ୍ରକାଶ କରିଛନ୍ତି।

ଭେଜିଆ ଗ୍ରାମରେ କଳରାପତରିଆ ବାଘ ଆତଙ୍କ: ୨ ଛେଳି ମୃତ

ତିଗିରିଆ,୧୬।୧୦(ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତ ଅନ୍ତର୍ଗତ ଭେଜିଆ ଗ୍ରାମରେ ୨ ଛେଳିର ମୃତ୍ୟୁ ଦେହ ମିଳିଥିବାବେଳେ ଆଉ କେତୋଟି ନିଖୋଜ ଅଛନ୍ତି। ସେମାନଙ୍କୁ ଏକ କଳରାପତରିଆ ବାଘ ମାରିଥିବା ଚର୍ଚ୍ଚା ହେଉଛି। ସାନଭେଜିଆ ଗ୍ରାମର ଝୁଲ ଜାନି, ନରସିଂହ ଜାନି ଓ ନାରାୟଣ ଜାନିଙ୍କ ଛେଳି ପ୍ରତିଦିନ ପରି ରବିବାର ଗ୍ରାମର ଆମ୍ବ ତୋଟା ନିକଟକୁ ଚରିବାକୁ ଯାଇଥିଲେ। କିଛି ସମୟ ପରେ ଭୟଭୀତ ହୋଇ ଏଣେ ତେଣେ ଦୌଡ଼ି ଘରକୁ ପଳାଇ ଆସିଥିଲେ। ଛେଳି ଚରେଇବାକୁ ଯାଇଥିବା ଝୁଲ ଓ ନାରାୟଣ ଘରେ ଛେଳି ଗଣିବା ବେଳକୁ ୬ଟି ଛେଳି ଆସି ନ ଥିଲେ। ସେସବୁ ଛେଳି ମଧ୍ୟରେ ଝୁଲଙ୍କ ୨, ନରସିଂହଙ୍କର ୩ଟି ଓ ନାରାୟଣ ଜାନିଙ୍କର ଗୋଟିଏ ଛେଳି

ଗ୍ରାମବାସୀ ମୃତ ଛେଳିକୁ ଦେଖାଉଛନ୍ତି।

ଥିଲେ। ସୋମବାର ସକାଳୁ ବହୁଖୋଜା ଖୋଜି ପରେ ଗୋଟିଏ ଛେଳିର ମୁଣ୍ଡ ନ ଥିବା ଅବସ୍ଥାରେ ମିଳିଥିଲା।ଆଉ ଗୋଟିଏ ଛେଳିକୁ କଳରାପତରିଆ ବାଘ ଖାଉଥିବା ଭେଜିଆ ଗ୍ରାମର ବାଣ୍ଟୁ ଜାନି ଦେଖିଛନ୍ତି। ତାଙ୍କ କହିବାନୁଯାୟୀ, ବାଘ ତାଙ୍କୁ ଦେଖି ଗୋଡ଼ାଇ ଥିଲା, ମାତ୍ର ତାଙ୍କ ହାତରେ ଠେଙ୍ଗା ଥିବାରୁ ବାଘ ତାଙ୍କ ପାଖକୁ ନ ଆସି ଅଧା ଖାଇଥିବା ଛେଳିକୁ ଛାଡି ପଳାଇ ଥିବା ବାଣ୍ଟୁ ପ୍ରକାଶ କରିଛନ୍ତି। ଏ ନେଇ ତିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡାଙ୍କୁ ଜଣାଇଲା ପରେ ସେ ଆଠଗଡ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାୟକ ଓ ତିଗିରିଆ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଜ୍ୟୋତି ସୁନ୍ଦର ରାଉତଙ୍କୁ ନେଇ ଜବତ ଛେଳି ଦୁଇଟିର ବ୍ୟବଚ୍ଛେଦ କରାଇଛନ୍ତି। ପ୍ରାଣୀ ଚିକିତ୍ସା ଅଧିକାରୀ ରାଉତଙ୍କ କହିବା ଅନୁଯାୟୀ କୌଣସି ବନ୍ୟ ଜନ୍ତୁ ହିଁ ଛେଳି ମାରି ଖାଇଛି। ଏନେଇ ଛେଳି ମାଲିକଙ୍କୁ ସରକାରଙ୍କ ତରଫରୁ କ୍ଷତିପୂରଣ ମିଳିବ ବୋଲି ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି। ଭେଜିଆ ଜଙ୍ଗଲରେ ବାଘ ଛେଳି ମାରି ଖାଇବା ଖବର ପ୍ରଚାରିତ ହେବା ପରେ ଲୋକ ଭୟଭୀତ ହୋଇପଡ଼ିଛନ୍ତି।

ମୁଖ୍ୟ ରାସ୍ତା ଦୁରବସ୍ଥା ନେଇ ଆନ୍ଦୋଳନ କରିବ କଂଗ୍ରେସ

କଟକ ସଦର,୧୬।୧୦(ସୁଶାନ୍ତ ଜେନା)

୪୨ ମୌଜା ମୁଖ୍ୟ ରାସ୍ତା ଘାଟକୂଳ-ଚାନ୍ଦୁଲିର ଦୁରବସ୍ଥା ନେଇ କଟକ ସଦର ବ୍ଲକ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ। ଏନେଇ ସଭାପତି ରାମଚନ୍ଦ୍ର ଗୋଛାୟତ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ୪୨ ମୌଜାସ୍ଥିତ ଦଧିବାମନପୁରଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ରାସ୍ତାକୁ ନେଇ ଗୋଛାୟତ କ୍ଷୋଭ ପ୍ରକାଶ କରିବା ସହିତ ଯେଉଁଭଳି ଭାବେ ପ୍ରତ୍ୟେକ ଦିନ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି, ସେଥିପାଇଁ ପୂର୍ତ୍ତ ବିଭାଗ ଦାୟୀ ରହିବ ବୋଲି କହିଥିଲେ। ସ୍ଥାନୀୟ ପ୍ରଶାସନର କିଛି ଦାୟିତ୍ୱହୀନ ଅଧିକାରୀ ଏବଂ ଶାସକ ଦଳର କିଛି କୁଜି ନେତାଙ୍କ ମଧୁଚନ୍ଦ୍ରିକା ଯୋଗୁ ଉକ୍ତ ରାସ୍ତାର ନବୀକରଣ କାର୍ଯ୍ୟରେ ବିଳମ୍ବ ଘଟୁଛି। ଉକ୍ତ ରାସ୍ତାର ଯେତିକି କାମ ହୋଇଛି ତାହା ନିମ୍ନମାନର ବୋଲି କଂଗ୍ରେସ ଅଭିଯୋଗ କରିଛି। ରାସ୍ତା କଡ଼ରୁ କଟା ହୋଇଥିବା ଶହ ଶହ ଗଛର ହିସାବ ଓ ବିକ୍ରିଲବ୍ଧ ଅର୍ଥ ସରକାରୀ ତହବିଲକୁ ନ ଯାଇ ବାଟମାରଣା କରାଯାଇଛି। ଯଥାଶୀଘ୍ର ମରାମତି ସହ ନବୀକରଣ କାମ ଶେଷ କରିବାକୁ ଗୋଛାୟତ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ମୋଟ ୧୫କି.ମି. ରାସ୍ତାର ନବୀକରଣ ସହ ପ୍ରଶସ୍ତୀକରଣ ପାଇଁ ୨୯ କୋଟି ୧୪ ଲକ୍ଷ ଟଙ୍କା ସରକାର ମଞ୍ଜୁର କରିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ମଧୁସୂଦନ ସେନାପତି, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ମିହିର ଦାସ, ପଞ୍ଚାୟତ କଂଗ୍ରେସ ସଭାପତି ପ୍ରଭାତ ଖଟୁଆ, ପ୍ରଫୁଲ୍ଲ ଜେନା, ରବିନାରାୟଣ ନାୟକ, ଋଷି କାଣ୍ଡି, ଅକ୍ଷୟ ରାଉତ, ସଲିଳ ଭୋଇ ଓ ଦିଲୀପ ସାମଲ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ ସମ୍ପର୍କରେ କଟକ ପୂର୍ତ୍ତ ଡିଭିଜନ ୯ ଓ ୨ ନିର୍ବାହୀ ଯନ୍ତ୍ରୀ ଅନୁପ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

ବ୍ୟାଟେରି ଚୋରି କରୁଥିବା ବେଳେ ୨ଯୁବକ ଗିରଫ

ନିଶ୍ଚିନ୍ତକୋଇଲି,୧୬।୧୦
(ଅଶୋକ କୁମାର ମହାପାତ୍ର)

ସାଲେପୁର ଥାନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସୋଲାର ଲାଇଟରୁ ବ୍ୟାଟେରୀ ଚୋରି କରୁଥିବା ଗ୍ୟାଙ୍ଗ ଧରିବାରେ ସ୍ଥାନୀୟ ଲୋକେ ସଫଳ ହୋଇଛନ୍ତି। ଲୋକେ ୨ଜଣ ଯୁବକଙ୍କୁ ଧରି ସାଲେପୁର ପୋଲିସକୁ ହସ୍ତାନ୍ତର କରିଛନ୍ତି। ଦୀର୍ଘଦିନ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଗିଥିବା ସୋଲାର ଲାଇଟରୁ ଏକ ଗ୍ୟାଙ୍ଗ ସୁଚିନ୍ତିତ ଭାବେ ବ୍ୟାଟେରୀ ଚୋରି କରି ନେଉଥିଲେ। ରବିବାର ରାତିରେ ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମରେ ଲାଗିଥିବା ସୋଲାର ଲାଇଟର ବ୍ୟାଟେରି ଚୋରି କରୁଥିଲାବେଳେ ସ୍ଥାନୀୟ ଲୋକେ ଯୋଜନାବଦ୍ଧ ଭାବେ ଜୟରାମପୁର ପଞ୍ଚାୟତ କାଜିହାଟର ରସୁଲପୁର ଗାଁର ସୟଦ ମହମ୍ମଦ ଅଜାମ(୨୪) ଓ ମହମ୍ମଦ ଫଜମକୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ନଂ. ୩୪୨/୨୩ରେ ମାମଲା ରୁଜୁ କରିଛି।

ଘରର କବାଟ ଭାଙ୍ଗି ୨୦ ହଜାର ଟଙ୍କା, ଗହଣା ଚୋରି

ସାଲେପୁର,୧୬।୧୦ (ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅନ୍ତର୍ଗତ ବାହାରପଡା ଗ୍ରାମର ପୂର୍ବତନ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ସାହୁଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏନେଇ ଲକ୍ଷ୍ମୀପ୍ରିୟା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଘରେ କେହି ନ ଥିବାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଘରର ମୁଖ୍ୟ କବାଟ ଭାଙ୍ଗି ଆଲମିରାରୁ ୨୦ ହଜାର ଟଙ୍କା ସମେତ, ସୁନା କାନର, ଏକ ମଙ୍ଗଳ ସୂତ୍ର, ତିନି ମୁଦି ଓ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି।

ରାସ୍ତାଘାଟ ସ୍ଥିତି ପରଖିଲେ ମେୟର, କମିଶନର ଓ ବିଧାୟକ

କଟକ,୧୬।୧୦(ସୁପ୍ରିୟା ପ୍ରିୟଦର୍ଶିନୀ):

ପୂଜା ପୂର୍ବରୁ ସହରର ସ୍ଥିତି ପରଖିଛନ୍ତି ମେୟର, ବିଧାୟକ ଓ କମିଶନର। ସୋମବାର ମେୟର ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳ ଏବଂ କମିଶନର ନିଖିଳ ପୱନ କଲ୍ୟାଣ ସହରର ରାସ୍ତାଘାଟ ନିର୍ମାଣ, ଆଲୋକୀକରଣ, କେବୁଲ, ଗଛକଟା, ଶୌଚାଳୟ ଆଦି ସମସ୍ୟାର ସ୍ଥିତି ପରଖିଥିଲେ। ମଙ୍ଗଳାବାଗ ଓ କଲେଜ ଛକ ଅଞ୍ଚଳର ସାହିରୁ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। କାର୍ଯ୍ୟ ଅନୁଧ୍ୟାନ କରି ଏହାର ତୁରନ୍ତ କାର୍ଯ୍ୟ କରାଯିବ ବୋଲି କମିଶନର କଲ୍ୟାଣ ପ୍ରକାଶ କରିଥିଲେ। ଷ୍ଟେଶନ ଅଞ୍ଚଳ ରେଳ ବିଭାଗର ହୋଇଥିବାରୁ ସେଠାରେ କୌଣସି ମରାମତି କାର୍ଯ୍ୟ ହୋଇପାରିନାହିଁ ବୋଲି ଷ୍ଟେଶନ ବଜାର ପୂଜା କମିଟି ସମ୍ପାଦକ ଓ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ ଜଣାଇଥଲେ। କମିଶନର ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଯନ୍ତ୍ରୀ ଦେବୀ ରଞ୍ଜନ ତ୍ରିପାଠୀ, କର୍ପୋରେଟର ପ୍ରଦୀପ୍ତ ସାହୁ, ରାଣୀହାଟ ପୂଜା କମିଟିର ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ସୁବ୍ରତ ସାହୁ, ନୃସିଂହ ଚୌଧୁରୀ, ରାଜେନ୍ଦ୍ର କୁମାର ସାହୁ, ସୁବ୍ରତ ସାହୁ, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଷ୍ଟେସନାରୀ ଦୋକାନରେ ନିଆଁ

ନିଶ୍ଚିନ୍ତକୋଇଲି,୧୬।୧୦
(ଅଶୋକ କୁମାର ମହାପାତ୍ର)

ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଷ୍ଟେଶନ ବଜାରଠାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ନରେନ୍ଦ୍ରପୁର ଷ୍ଟେଶନ ବଜାରରେ କୁଳମଣୀ ବେହେରାଙ୍କ ଏକ ଷ୍ଟେଶନାରୀ ଦୋକାନ ରହିଛି। ନିଆଁରେ ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ରବିବାର ରାତିରେ ନେମାଳ ଥାନା ଆଇଆଇସି ସୁଶୀଲ କୁମାର ନାୟକ ଓ ନରେନ୍ଦ୍ରପୁର ଫାଣ୍ଡି ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳ ରାତିରେ ପାଟ୍ରୋଲିଂ ସାରି ଫେରୁଥିଲା ବେଳେ ଏହି ଦୋକାନଟି ଜଳୁଥିବା ଦେଖିଥିଲେ। ଏହାଦେଖି ସେମାନେ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ପାଟି ଶୁଣି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ।

୬୨ ଅଭିଯୋଗ ଶୁଣିଲେ ଜିଲାପାଳ

କଟକ,୧୬।୧୦(କାର୍ତ୍ତିକ ସାହୁ):

ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ମୋଟ ୬୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ତନ୍ମଧ୍ୟରେ ୫ଟି ସାମୁହିକ ଓ ୫୭ଟି ବ୍ୟକ୍ତିଗତ ଅଭିଯୋଗ ରହିଛି। ଜିଲାପାଳ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମକରନ୍ଦ ବେଉରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ଅତିରିକ୍ତ ଡିସିପି ଏସ୍.କେ. ସରିଫ ଉଦ୍ଦୀନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାସ, ଏସିଏଫ କଟକ ବନଖଣ୍ଡ ଅନିଲ କୁମାର ରାୟ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଭୁ ରଞ୍ଜନ ଦାସ, ଡେପୁଟି କଲେକ୍ଟର ଏନ୍. ଏନ୍. ରାଜଲକ୍ଷ୍ମୀ ଓଝା, ଡେପୁଟି କଲେକ୍ଟର ଜ୍ୟୋତ୍ସ୍ନା ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ସୋନାମିକା ରାୟ, ସହକାରୀ ଜିଲାପାଳ ଅଭିଯୋଗ ଜ୍ୟୋତିର୍ମୟୀ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇଥିଲେ।

ଆଠଗଡ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ, ୧୬।୧୦(ସତ୍ର ପ୍ରସାଦ ରଥ)

ରାଜ୍ୟ ସରକାରଙ୍କ ନୂତନ ଭାବେ ପ୍ରଚଳିତ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ପାଇଁ ସ୍ୱତନ୍ତ୍ର ବୈଠକ ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମିନତି ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଯୋଗ ଦେଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ଆଠଗଡ଼ ବ୍ଲକ ଅନ୍ତର୍ଗତ ୩୪ଟି ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ଥିବା ଧାର୍ମିକ ଅନୁଷ୍ଠାନଗୁଡ଼ିକର ନିର୍ମାଣ ଓ ଉନ୍ନତୀକରଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯିବ। ଏହି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର କରାଯାଇଛି। ଏହାଛଡା

ସଂକ୍ଷେପରେ

୫୧ ବର୍ଷରେ ଟ୍ରାଫିକ ଛକ ପୂଜା କମିଟି

ଖୋର୍ଦ୍ଧା,୧୬।୧୦(ପ୍ରଭାତ ପାଣିଗ୍ରାହୀ): ଟ୍ରାଫିକ ଛକ ପୂଜା କମିଟି ଆନୁକଲ୍ୟରେ ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ଟାଉନ ହଲ ସମ୍ମୁଖରେ ଆୟୋଜିତ ହୋଇଆସୁଛି ହରପାର୍ବତୀଙ୍କ ପୂଜା। ଚଳିତବର୍ଷ ବ୍ୟବସାୟୀଙ୍କ ମଧ୍ୟରେ ନୂତନ ଉତ୍ସାହ ରହିଛି। ପୂଜା ଆଡମ୍ବରରେ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି। ସମବାୟ ଛକ ଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ଶହେ ଜଣ ଛୋଟ ବଡ ବ୍ୟବସାୟୀଙ୍କୁ ନେଇ ଏହି ବ୍ୟବସାୟୀ ସଂଘ ଗଠିତ। ଚଳିତବର୍ଷ ଆକର୍ଷଣୀୟ ସାଜସଜ୍ଜା ସହ ପୂଜାମଣ୍ଡପ ଆଗରେ ୪୦ଫୁଟର ତୋରଣ, ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗୀନ ଆଲୋକମାଳା ଝଲସିବ। ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୫ଦିନ ବ୍ୟାପୀ ଧୁମଧାମରେ ପୂଜା ଆୟୋଜନ ହୋଇଥାଏ। ଷଷ୍ଠୀରେ ବିଲ୍ୱବରଣ, ସପ୍ତମୀରେ ମହାସପ୍ତମୀ ପୂଜା ସହ ବିଭିନ୍ନ ପ୍ରକାରେ ଶୁଖିଲା ଭୋଗ, ଅଷ୍ଟମୀରେ କ୍ଷୀରୀ, କାକରା, ନବମୀରେ ଅନ୍ନ ଭୋଗ କରାଯାଏ। ଦଶମୀ ଦିନ ମେଲାଣି ଦିଆଯାଇଥାଏ। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ବ୍ୟବସ୍ଥା କରାଯାଇଛି। ଏନେଇ କମିଟି ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କହିଛନ୍ତି, ଏବେ ଯେଉଁଠି ଶହୀଦ ମାର୍କେଟ ରହିଛି, ସେଠାରେ ପୂର୍ବେ ରାସ୍ତାକଡରେ କେତେଜଣ ଫୁଟପାଥ ବେପାରୀ ବ୍ୟବସାୟ କରୁଥିଲେ। ସେହି ସମୟରେ ୨୦ରୁ ୨୫ଜଣ ବେପାରୀ ମିଳିମିଶି ଟାଉନ ହଲ ଆଗରେ ପୂଜା ଆରମ୍ଭ କରିଥିଲେ। ସେମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପୂଜାବିଧି ଆଜି ମଧ୍ୟ ଉଜ୍ଜିବିତ ରହିଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସମସ୍ତ ବ୍ୟବସାୟୀଙ୍କ ସହଯୋଗରେ ପୂଜା ଆଡ଼ମ୍ବରରେ କରାଯାଇଥାଏ ବୋଲି ସେ କହିଛନ୍ତି।

ଡକାୟତି ଯୋଜନା ବେଳେ ୫ ଗିରଫ

ଭୁବନେଶ୍ୱର,୧୬।୧୦ (ସୂର୍ଯ୍ୟକାନ୍ତ ବେହେରା) : ଦୁର୍ଗାପୂଜା ଯେତିକି ପାଖେଇ ଆସୁଛି ଅପରାଧୀମାନେ ସେତିକି ସକ୍ରିୟ ହୋଇ ଉଠୁଛନ୍ତି। ରବିବାର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବିରବନ୍ଧସ୍ଥିତ ଏକ ନିର୍ମାଣଧିନ ଘରେ ଡକାୟତ ପାଇଁ ଯୋଜନା ଚାଲିଥିବାବେଳେ ପୋଲିସ ବିଳମ୍ବିତ ରାତିରେ ଚଢାଉ କରି ଏକ ଡକାୟତି ଗ୍ୟାଙ୍ଗକୁ ଧରିବା ସହ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସହରର ବିଭିନ୍ନ ଥାନା ଅଞ୍ଚଳରେ ରହୁଥିବା ଅକ୍ଷୟ ମହାରଣା ଓରଫ ବବୁଲ, କିରଣ କୁମାର ମହାପାତ୍ର, ଜନାର୍ଦ୍ଦନ ଭଜ ଓରଫ ରାବଣ, ରକି ପ୍ରଧାନ ଓ ଲିଙ୍ଗରାଜ ଘଣ୍ଟୁଆଳ। ସେମାନଙ୍କଠାରୁ ଗୋଟିଏ ଲୁହ ରଡ, ୨ ପକେଟ ଲଙ୍କା ଗୁଣ୍ଡ, ଗୋଟିଏ ଛୁରୀ, ମଦ ବୋତଲ, ଗୋଟିଏ ରସି, ଗୋଟିଏ ଖେଳନା ବନ୍ଧୁକ ଆଦି ବିଭିନ୍ନ ଜିନିଷ ଜବତ ହୋଇଛି। ପଚରା ଉଚରା ବେଳେ ଅଭିଯୁକ୍ତମାନେ ବୋଡଣ୍ଡା ନିକଟବର୍ତ୍ତୀ ଅଞ୍ଚଳରେ ଗୋଟିଏ ଗହଣା ଦୋକାନରୁ ଡକାୟତି ପାଇଁ ପାଇଁ ଯୋଜନା କରିବା ପାଇଁ ଘଟଣା ସ୍ଥଳରେ ଏକତ୍ରିତ ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ଶୋଭାପାଇବ ମହୀଶୂର ପ୍ୟାଲେସ୍

ଖୋର୍ଦ୍ଧା,୧୬।୧୦(ପ୍ରଭାତ ପାଣିଗ୍ରାହୀ)



ଧରାବତରଣ କରିବେ ମା'

ଆଉ ଦିନ କେଇଟା ପରେ ଧରାବତରଣ କରିବେ ଜଗଜ୍ଜନନୀ ମା'ଦୁର୍ଗା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁରୁ ସହର। ତେବେ ଖୋର୍ଦ୍ଧା ସହରର ବିଭିନ୍ନ ବ୍ୟବସାୟୀ ସଂଘ, କ୍ଲବ ପକ୍ଷରୁ ଧୁମ୍‌ଧାମରେ ଦୁର୍ଗାପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ଦିନରାତି ଲାଗିପଡ଼ିଛନ୍ତି କାରିଗର। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସିବ ପୂଜାମଣ୍ଡପ। ନୟାଗଡ ରୋଡ୍ ପଲଟନ ପଡିଆରେ ଇଗଲ କ୍ଲବ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜାର୍ଚ୍ଚନା ଆଡ଼ମ୍ବରରେ ପାଳନ ହୋଇଥାଏ। ଏଠାରେ ୨୦୧୩ ମସିହାରୁ ପୂଜା ଆୟୋଜିତ ହୋଇ ଆସୁଛି। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ହୋଇଥାଏ। ପ୍ରତିବର୍ଷ ବିଭିନ୍ନ ସହର, ଐତିହାସିକ ସ୍ଥାନ ଷ୍ଟାଇଲରେ ତୋରଣ ନିର୍ମାଣ କରାଯାଇଥାଏ। ଚଳିତ ବର୍ଷ ପ୍ରାୟ ୧୦୦ଫୁଟର ମହୀଶୂର ପ୍ୟାଲେସ ମୁଖ୍ୟ ଆକର୍ଷଣ ସାଜିବ। ଭଜନ ସନ୍ଧ୍ୟା ସହ ନବମୀରେ ପ୍ରାୟ ୫ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି। ଭସାଣି ଉତ୍ସବରେ କ୍ଲବର ସମସ୍ତ ପୁରୁଷ ଓ ମହିଳା ସଦସ୍ୟ ପଞ୍ଜାବୀ ବେଶଭୂଷା ଧାରଣ କରି ଉତ୍ସବରେ ସାମିଲ ହୋଇଥାନ୍ତି। ପଞ୍ଜାବୀ ବାଦ୍ୟଯନ୍ତ୍ରର ତାଳେତାଳେ ଭାଙ୍ଗଡା ନୃତ୍ୟ ପରିବେଷଣ କରି ମା'ଙ୍କୁ ମେଲାଣି ଦେଇଥାନ୍ତି। ଏଥିରେ କ୍ଲବର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥାନ୍ତି। ଏଠାକାର ଅନ୍ୟତମ ଆକର୍ଷଣ ହେଉଛି ନୁପୁର ସାଂସ୍କୃତିକ କାର୍ଯ୍ୟକ୍ରମ। କୁମାର ପୂର୍ଣ୍ଣମୀଠାରୁ ସପ୍ତାହ ବ୍ୟାପୀ ଭଜନ ସନ୍ଧ୍ୟା, ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଶେଷ ଦିନରେ କମିଟି ପକ୍ଷରୁ ଲଟେରି ଉଠାଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥାଏ ବୋଲି କମିଟି ସଦସ୍ୟ ଚଣ୍ଡିପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ପୂଜା କମିଟି ସଭାପତି ତଥା ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ଇଗଲ କ୍ଲବ ପକ୍ଷରୁ ଦୁର୍ଗାପୂଜା ଆଡମ୍ବରରେ ପାଳିତ ହୋଇଥାଏ। ଚଳିତ ପୂଜାକୁ ଅଧିକ ଆକର୍ଷଣୀୟ କରାଯାଇଛି। ସୁଉଚ୍ଚ ତୋରଣ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

ନଭେମ୍ବର ୧୪ରୁ ପିକକ୍ ଶିଶୁମେଳା

ଭୁବନେଶ୍ୱର, ୧୬।୧୦ (ବନ୍ଦନା ସେଠୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍‌ସ କଲ୍‌ଚରାଲ ସେଣ୍ଟର(ପିକକ୍) ପକ୍ଷରୁ ୩୪ତମ ଶିଶୁ ମେଳା ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବ। ଏକାମ୍ର ହାଟ ମୁକ୍ତ ରଙ୍ଗମଞ୍ଚରେ ହେବାକୁ ଥିବା ଏହି ମେଳାରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ତେବେ ବକ୍ତୃତା ପ୍ରତିଯୋଗିତାକୁ ଡିଜିଟାଲ ମଞ୍ଚରେ ଆୟୋଜନ କରାଯିବ। ଏହାର ସମ୍ପୂର୍ଣ୍ଣ ବିବରଣୀ www.pecuc.org ଓ ଫେସ୍‌ବୁକ୍ ପେଜ @PECUCରେ ଉପଲବ୍ଧ ହୋଇଛି। ନଭେମ୍ବର ୧୪ରେ ଚିତ୍ରାଙ୍କନ, ସୁନ୍ଦର ସ୍ୱାସ୍ଥ୍ୟ ଓ ରାଇମ୍‌ସ ପ୍ରତିଯୋଗିତା, ୧୬ରେ ଆଧୁନିକ ନୃତ୍ୟ ପ୍ରତିଯୋଗୀତା, ୧୮ରେ ଓଡ଼ିଶୀ, ୧୯ରେ କୌତୁକ ପୋଷାକ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାକୁ ଶିଶୁ, ସବ୍ ଜୁନିୟର, ଜୁନିୟର, ସିନିୟର ଏବଂ ସୁପର ସିନିୟର ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଚଳିତ ବର୍ଷ ଉଭୟ ଓଡିଆ ଓ ଇଲିଶରେ ବକ୍ତୃତା ପ୍ରତିଯୋଗିତା ପାଇଁ ଭିଡିଓ ଆହ୍ୱାନ କରାଯାଇଛି। ପ୍ରତିଯୋଗୀମାନେ ସେମାନଙ୍କ ବକ୍ତୃତାକୁ ୩ ମିନିଟର ଭିଡିଓ କରି ନଭେମ୍ବର ୧୨ ସୁଦ୍ଧା ପଠାଇ ପାରିବେ। ସେହିପରି ପିକକ୍‌ର ବିଭିନ୍ନ ବାର୍ଷିକ ସମ୍ମାନ ପାଇଁ ନାମାଙ୍କନ ଆହ୍ୱାନ କରାଯାଇଛି।

ବାଲୁଗାଁ: ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ଯୋଗଦେଇଥିବା ସଫେଇ କର୍ମଚାରୀ ଏବଂ ଅନ୍ୟମାନେ।

ଦକ୍ଷତା ବୃଦ୍ଧି ତାଲିମ ଶିବିର

ବାଲୁଗାଁ,୧୬।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ନେଇ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ସଫେଇ କର୍ମଚାରୀମାନଙ୍କୁ ସୁରକ୍ଷା ଉପକରଣ, ପରିମଳ, ସ୍ୱଚ୍ଛତା, ଜଳ ପରିଚାଳନା, ବୃତ୍ତିଗତ, ଦୁର୍ଘଟଣା ଓ ବ୍ୟବହାରିକ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ବାଲୁଗାଁ ପୌର ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ପ୍ରମାଣପତ୍ର ଓ ସୁରକ୍ଷା ଉପକରଣ ବଣ୍ଟନ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷକଭାବେ ସଞ୍ଜୟ କୁମାର ପଲାଇ, ରଶ୍ମିତା ପ୍ରଧାନ, ସ୍ୱର୍ଣ୍ଣଲତା ଦଳାଇ ପ୍ରମୁଖ ଯୋଗଦେଇଥିଲେ।

ଅବହେଳିତ ଅବସ୍ଥାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି

ଟାଙ୍ଗୀ,୧୬।୧୦(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଛପାର୍ଶ୍ୱରେ ରହିଛି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି। ତେବେ ଏହି ପ୍ରତିମୂର୍ତ୍ତି ନର୍ଦ୍ଦମା ମଧ୍ୟରେ ରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରତମୂର୍ତ୍ତି ନିକଟରେ ଡିଏଭି ଗୁରୁକୁଳ ବିଦ୍ୟାଳୟ, ମହାବୀର ଆଥଲେଟିକ ଆସୋସିଏଶନ ଓ କୁହୁଡି ସେବା ସମବାୟ ସମିତି କାର୍ଯ୍ୟାଳୟ ରହିଛି। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରହିଥିବା ବେଳେ ଏଥିପ୍ରତି କେହି ଦୃଷ୍ଟି ନ ଦେବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ସ୍ଥାନରୁ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇ ଅନ୍ୟ ଏକ ସ୍ଥାନରେ ଅବସ୍ଥାପିତ କରାଯିବାକୁ ସାଧାରଣରେ ଦାବି ହେଉଛି।

କେକ୍ କାଟି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ

ବୋଲଗଡ଼,୧୬।୧୦(ଦେବବ୍ରତ ହୋତା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ସୋମବାର ବୋଲଗଡ଼ର ଆରାଧ୍ୟା ଦେବୀ ମା'ମଙ୍ଗଳାଙ୍କ ପୀଠରେ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରି ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଦୀପଦାନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ସାଗୁରଗାଁ ପଞ୍ଚାୟତ ସ୍ଥିତ ଅଲଟ୍ରା ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଜରାଶ୍ରମର ବୃଦ୍ଧାବୃଦ୍ଧଙ୍କ ଗହଣରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନ ପାଳନ କରାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ରାଜ୍ୟ ଯୁବ ବିଜେଡି ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଦଳୀୟ କର୍ମୀ ଉପସ୍ଥିତ ଥିଲେ।

ଟାଙ୍ଗୀ,୧୬।୧୦(ରଘୁନାଥ ସାହୁ): ଟାଙ୍ଗୀ ବିଜୁ ଯୁବ ଜନତା ଦଳ ପକ୍ଷରୁ ସୋମବାର ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ ଅବସରରେ ବୃଦ୍ଧାଶ୍ରମର ଅନ୍ତେବାସୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ତାରା ପ୍ରସାଦ ପଟ୍ଟନାୟକ, ଗୌତମ ନାୟକ, ସଂଗ୍ରାମ ବିଶ୍ୱାଳ, ମୁନା ନାୟକ, ସୌଭାଗ୍ୟ ଛୋଟରାୟ, ବିଜୟ ମାଝୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

'ଦିବ୍ୟ ସମାଗମ' ଉଦ୍‌ଘାଟିତ

ପୁରୀ, ୧୬।୧୦(ଅଜିତ୍ ମହାନ୍ତି)

ଶ୍ରୀଗୋପୀନାଥ ଗୌଡ଼ୀୟ ମଠ ପକ୍ଷରୁ ଆଧ୍ୟାତ୍ମିକ ଉତ୍ସବ 'ଦିବ୍ୟ ସମାଗମ' ସୋମବାର ଶୁଭାରମ୍ଭ ହୋଇଛି। ପ୍ରାୟ ୫ହଜାର ସାଧୁସନ୍ଥ ଶ୍ରୀମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମଠ ନିକଟକୁ ଯାଇଥିଲେ। ଏହାପରେ ଶ୍ରୀଚୈତନ୍ୟ ମଠ ପାଖରୁ ସାଧୁସନ୍ଥଙ୍କ ଦ୍ୱାରା ନଗରକୀର୍ତ୍ତନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟ ସେବକ ଶ୍ରୀଚୈତନ୍ୟଙ୍କ ପ୍ରତିମାକୁ ୧୨ଫୁଟ ଉଚ୍ଚର ଏକ ରଥ ଉପରେ ବିରାଜମାନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ଏହି ନଗର କୀର୍ତ୍ତନରେ ସାଧୁସନ୍ଥଙ୍କ ସହ ସାରା ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଭକ୍ତ ତଥା ସାଧାରଣ ଜନତା ଯୋଗଦାନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଦିବ୍ୟ ସମାବେଶ ଏଚ୍‌ଡିଜି ଶ୍ରୀଲ ଭକ୍ତି ପ୍ରମୋଦ ପୁରୀ ଗୋସ୍ୱାମୀ ଠାକୁରଙ୍କ ୧୨୫ତମ ଆବିର୍ଭାବ ବାର୍ଷିକୀ ଏବଂ ଏଚ୍‌ଡିଜି ପ୍ରଭୁପଦ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁରଙ୍କ ୧୫୦ତମ ଆଗମନ ବାର୍ଷିକୀର ପ୍ରତୀକ ଭାବେ ଆୟୋଜନ କରାଯାଇଛି। ଏହି 'ଦିବ୍ୟ ସମାଗମ' ସନାତନ ଧର୍ମର ବିଶ୍ୱ ଆଧ୍ୟାତ୍ମିକ ପରମ୍ପରାକୁ ଏକତ୍ରିତ କରିବାର ଉଦ୍ଦେଶ୍ୟ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

'ଲକ୍ଷ୍ମଣ ଶକ୍ତିଭେଦ, ମହୀରାବଣ ବଧ' ନାଟକ ମଞ୍ଚସ୍ଥ

ନିରାକାରପୁର,୧୬।୧୦ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୂଳିଝର ଗ୍ରାମରେ ରବିବାର ନାଟକ 'ଲକ୍ଷ୍ମଣ ଶକ୍ତି ଭେଦ, ମହୀରାବଣ ବଧ' ମଞ୍ଚସ୍ଥ ହୋଇଯାଇଛି। ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ନାଟକ ପରିବେଷଣ ହୋଇଥିଲା। ଜ୍ୟୋତ୍ସ୍ନାରାଣୀ ପାଇକରାୟ, ମିନତୀ ବିଶ୍ୱାଳ, ସ୍ନେହଲତା ଚମ୍ପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଏହି ଗ୍ରାମର ଯୁବତୀମାନେ ଭାଦ୍ରବ ମାସରେ ହୋଇଥିବା ଖୁଦୁରୁକୁଣି ଓଷା ଏକାଠି ହୋଇ ପାଳନ କରିଥିଲେ। ସେହି ସମୟରେ କୌଣସି କାରଣରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରିପାରି ନ ଥିଲେ। ସେମାନେ ଖୁଦୁରୁକୁଣି ପାଇଁ ଆଦାୟ କରିଥିବା ଟଙ୍କାରେ ରବିବାର ରାମନାଟକ କରି ଅଞ୍ଚଳ ପାଇଁ ଉଦାହରଣ ପାଲଟିଛନ୍ତି।

କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅବସରରେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଏବଂ ଅନ୍ୟମାନେ।

ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ

ପୁରୀ,୧୬।୧୦(ଅଜିତ ମହାନ୍ତି)

ନୀଳାଦ୍ରି ଭକ୍ତ ନିବାସରେ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ କାର୍ତ୍ତିକ ମାସର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ସେହିପରି ହବିଷିଆଳିମାନେ ଯେପରି ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିପାରିବେ ତା' ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ନୀତି, ବାଳଭୋଗ ଓ କିଭଳି ଠିକ୍ ସମୟରେ ମହାପ୍ରସାଦ ବାହାରିବ, କାର୍ତ୍ତିକ ମାସର ଶେଷ ୫ ଦିନରେ ପ୍ରଭୁଙ୍କ ୫ଟି ବେଶ ସମେତ ଭିଡ଼ ନିୟନ୍ତ୍ରଣ ନେଇ ଆଲୋଚନା କରାଯାଇଛି। ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପରିସରରେ କୌଣସି ସ୍ଥାନରେ ଶ୍ରଦ୍ଧାଳୁ ଠିଆହୋଇ ରହିବେ ନାହିଁ। ଭକ୍ତମାନେ ଦାରୁଦିଅଁଙ୍କୁ ସୁରୁଖୁରୁରେ ଦର୍ଶନ କରି ଯେପରି ପ୍ରସ୍ଥାନ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ୨୮ ତାରିଖରେ ହେବାକୁ ଥିବା ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି।

ବୈଠକ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି ଯେ, ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା କାର୍ତ୍ତିକ ମାସର ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘ ୧ ମାସ ଧରି ମହାପ୍ରଭୁଙ୍କ କାର୍ତ୍ତିକ ମାସ ନୀତି ଚାଲିବ। ଶେଷ ୫ ଦିନ ଅର୍ଥାତ ପଞ୍ଚକରେ ମହାପ୍ରଭୁଙ୍କ ବେଶ ରହିଛି। ୨୯ ତାରିଖରୁ କାର୍ତ୍ତିକ ବ୍ରତ କରୁଥିବା ହବିଷିଆଳିମାନେ ଆସିବେ। ତେଣୁ ସେମାନଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯିବ। ଭକ୍ତମାନେ ଯେପରି ଭଲରେ ଦର୍ଶନ କରିବେ ସେ ନେଇ ଆଲୋଚନା ହୋଇଛି। ମନ୍ଦିର ଭିତରେ ଯେପରି ଗହଳି ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ବେଶ ସମୟରେ ଭକ୍ତମାନଙ୍କୁ ଛଡ଼ାଯିବ ନାହିଁ। ଦର୍ଶନ ଉପରେ ନିୟନ୍ତ୍ରଣ କରାଯିବ। ସେହିପରି କୁମାର

୧୬।୧୦।୨୦୨୩

୩,୩୧,୩୭୭ ଟଙ୍କା	
ସୁନା	୫.୭୮୦ ଗ୍ରାମ୍
ରୁପା	୫୫.୩୦୦ ଗ୍ରାମ୍

ସଂକ୍ଷେପରେ

ଶାରଦୀୟ ଦୁର୍ଗାପୂଜା ପାଇଁ ବୃତ୍ତାନ୍ତ ପ୍ରସ୍ତୁତି ବୈଠକ

କୋଣାର୍କ, ୧୬।୧୦(ଜ୍ୟୋତିରାଜ ମହାନ୍ତି):

କୋଣାର୍କସ୍ଥିତ ଶ୍ରୀ ଶ୍ରୀ ନରସିଂହ ଦେବ ଦୁର୍ଗାପୂଜା କମିଟିପକ୍ଷରୁ ଶାରଦୀୟ ଦୁର୍ଗାପୂଜା ପାଇଁ ବୃତ୍ତାନ୍ତ ପ୍ରସ୍ତୁତି ବୈଠକ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କୁମାର ମହାନ୍ତି, ପୂର୍ବତନ ସଭାପତି ସୁବାଷ ଚନ୍ଦ୍ର ବେଉରା, ସୁବୋଧ ଖଟୁଆଙ୍କ ଅଧ୍ୟକ୍ଷତାରେ କୋଣାର୍କ ଥାନାର ଏସ୍‌ଆଇ ସଂଘମିତ୍ରା ଚାନ୍ଦ, ଏଏସ୍‌ଆଇ ବନବିହାରି ନାୟକ, ଅଗ୍ନିଶମ ବିଭାଗର ଜ୍ୟୋତିପ୍ରକାଶ ରଥ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସମ୍ପାଦକ ନଟବର ମହାରଣା, କୋଷାଧ୍ୟକ୍ଷ ବୀରବର ସ୍ୱାଇଁଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଓ କୋଣାର୍କର ସମସ୍ତ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବା ସହ ଚଳିତ ବର୍ଷ ବିଶେଷକରି ଭଜନ ଓ ଲୋକନୃତ୍ୟ ଭାବରେ ଘୋଡା ନାଚ ପରିବେଷଣ କରାଯିବା ପାଇଁ ପୂଜା କମିଟି ତରଫରୁ ନିଷ୍ପତ୍ତି ନିଆ ଯାଇଛି।

ପ୍ରାଥମିକ ଶିକ୍ଷକ ୟୁନିୟନର କର୍ମକର୍ତ୍ତା ନିର୍ବାଚିତ

ପୁରୀ, ୧୬।୧୦(ଅଜିତ୍ ମହାନ୍ତି):

ପୁରୀ ସଦର ବ୍ଲକ୍ ପ୍ରାଥମିକ ଶିକ୍ଷକ ୟୁନିୟନର ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ବି.ଇଷ୍ଟଦତ୍ତ ମହାପାତ୍ର ସଭାପତି, ମିହିର ରଞ୍ଜନ ମାନସିଂହ ଏବଂ ଅନ୍ନପୂର୍ଣ୍ଣା ଦେବୀ ଉପସଭାପତି, ଧୀରେନ୍ କୁମାର ବୀଣାକର ସମ୍ପାଦକ, ଶିବାନୀ ମିଶ୍ର, ସୌମ୍ୟରଞ୍ଜନ ରଥ, ପୂର୍ଣଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ରଥ ଏବଂ ସୁଚିତ୍ରା ଦାସ ଯୁଗ୍ମ ସମ୍ପାଦକ, ଶିବ ନାରାୟଣ ଭଜ କୋଷାଧ୍ୟକ୍ଷ ଏବଂ ରାଜ କିଶୋର ସାହୁ ସଂଯୋଜକ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନ କାର୍ଯ୍ୟକୁ ଜିଲା ପ୍ରାଥମିକ ଶିକ୍ଷକ ୟୁନିୟନର ସଭାପତି ସୋମନାଥ ନନ୍ଦ, ସଙ୍ଗଠନ ସମ୍ପାଦକ ଶିବ ଦତ୍ତ ନାୟକ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ସତ୍ୟବାଦୀ ବ୍ଲକ୍ ସଭାପତି ପ୍ରହ୍ଲାଦ ଦାଶ ଏବଂ ଗୋପ ବ୍ଲକ ସଂଯୋଜକ ଅଜୟ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ରାମ ନାରାୟଣ ମିଶ୍ର ଓ ରାଜ୍ୟ ସଂଘ ଉପଦେଷ୍ଟା ବିଜୟ କୁମାର ମହାନ୍ତି ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ଜିଲା ସଭାପତି ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଯାଇଥିଲା।

ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱ

ପୁରୀ, ୧୬।୧୦(ଅଜିତ ମହାନ୍ତି):

ନୀଳାଦ୍ରି ଭକ୍ତ ନିବାସରେ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ବର୍ଷ କାର୍ତ୍ତିକ ମାସର ନୀତି ନିର୍ଘଣ୍ଟ ବୃତ୍ତାନ୍ତ ହୋଇଛି। ସେହିପରି ହବିଷିଆଳିମାନେ ଯେପରି ମହାପ୍ରଭୁଙ୍କୁ ଭଲରେ ଦର୍ଶନ କରିପାରିବେ ତା' ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ନୀତି, ବାଳଭୋଗ ଓ କିଭଳି ଠିକ୍ ସମୟରେ ମହାପ୍ରସାଦ ବାହାରିବ, କାର୍ତ୍ତିକ ମାସର ଶେଷ ୫ ଦିନରେ ପ୍ରଭୁଙ୍କ ୫ଟି ବେଶ ସମେତ ଭିଡ଼ ନିୟନ୍ତ୍ରଣ ନେଇ ଆଲୋଚନା କରାଯାଇଛି। ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପରିସରରେ କୌଣସି ସ୍ଥାନରେ ଶ୍ରଦ୍ଧାଳୁ ଠିଆହୋଇ ରହିବେ ନାହିଁ। ଭକ୍ତମାନେ ଦାରୁଦିଅଁଙ୍କୁ ସୁରୁଖୁରୁରେ ଦର୍ଶନ କରି ଯେପରି ପ୍ରସ୍ଥାନ କରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ୨୮ ତାରିଖରେ ହେବାକୁ ଥିବା ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ବୃତ୍ତାନ୍ତ କରାଯାଇଛି।

ବୈଠକ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି ଯେ, ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା କାର୍ତ୍ତିକ ମାସର ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟମାନେ ।

ଦୀର୍ଘ ୧ ମାସ ଧରି ମହାପ୍ରଭୁଙ୍କ କାର୍ତ୍ତିକ ମାସ ନୀତି ଚାଲିବ। ଶେଷ ୫ ଦିନ ଅର୍ଥାତ ପଞ୍ଚକରେ ମହାପ୍ରଭୁଙ୍କ ବେଶ ରହିଛି। ୨୯ ତାରିଖରୁ କାର୍ତ୍ତିକ ବ୍ରତ କରୁଥିବା ହବିଷିଆଳିମାନେ ଆସିବେ। ତେଣୁ ସେମାନଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯିବ। ଭକ୍ତମାନେ ଯେପରି ଭଲରେ ଦର୍ଶନ କରିବେ ସେ ନେଇ ଆଲୋଚନା ହୋଇଛି। ମନ୍ଦିର ଭିତରେ ଯେପରି ଗହଳି ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ବେଶ ସମୟରେ ଭକ୍ତମାନଙ୍କୁ ଛଡ଼ାଯିବ ନାହିଁ। ଦର୍ଶନ ଉପରେ ନିୟନ୍ତ୍ରଣ କରାଯିବ। ସେହିପରି କୁମାରପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଅନେକ ସ୍ୱତନ୍ତ୍ର ନୀତି ରହିଛି। ଉକ୍ତ ଦିନ ରାତିରେ ଶ୍ରୀମନ୍ଦିର ଖୋଲା ରହିବ। ପୂର୍ବ ଦିନରୁ ନୀତି ଶୀଘ୍ର ଆରମ୍ଭ ହେବ। ତେଣୁ ସମସ୍ତ ସେବାୟତଙ୍କ ସହଯୋଗ କାମନା କରାଯାଇଛି। ସମସ୍ତ ସେବାୟତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଦାସ କହିଛନ୍ତି। ୨୮ ତାରିଖ ଦିନ ଚନ୍ଦ୍ରଗ୍ରହଣ ଥିବାରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ବୃତ୍ତାନ୍ତ କରାଯାଇଛି। ୨୮ ତାରିଖ ରାତି ୨ଟାରୁ ଦ୍ୱାରଫିଟା ଯାଇ ଭୋର ୪.୩୦ରୁ ୫.୩୦ ମଧ୍ୟରେ ରାଧା ଦାମୋଦର ବେଶ, ସକାଳ ୮ଟାରୁ ୮.୩୦ ମଧ୍ୟରେ ବାଳଭୋଗ ହୋଇ ସକାଳଧୂପ, ଭୋଗ ମଣ୍ଡପ, ମଧ୍ୟାହ୍ନ ଧୂପ ହୋଇ ଦିନ ୨ଟାରେ ସୁଦର୍ଶନ ଦେବ ଚଉଦୋଳକୁ ବିଜେ କରିବେ। ପରେ ସୁଦର୍ଶନ ଚାରି ଆଶ୍ରମ ବୁଲି ସନ୍ଧ୍ୟା ୬ଟାରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ପରେ ଅନ୍ୟାନ୍ୟ ନୀତି ହୋଇ ରାତ୍ର ୨ଟାରେ ଗ୍ରହଣ ମହାସ୍ନାନ ଶେଷ ହେବ। ପରେ ବିଭିନ୍ନ ନୀତି ହୋଇ ଖଇକୋରା ଭୋଗ ହେବ। ପରେ ଅନ୍ୟାନ୍ୟ ନୀତି ହେବ। ସେହିପରି ଗ୍ରହଣ କାରଣରୁ ଅପରାହ୍ନ ୪ଟା ୪ ମିନିଟ ୫୫ ସେକେଣ୍ଡରୁ ପାକ ତ୍ୟାଗ ଓ ଦେବ ନୀତି ନିଷିଦ୍ଧ ହେବ। ରାତ୍ର ୨ଟା ୨୪ ମିନିଟ୍ ୨ସେକେଣ୍ଡରେ ସର୍ବମୋକ୍ଷ ହେବ। ଅପରପକ୍ଷରେ ଚଳିତ ମାସ ୨୫ରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ କାର୍ତ୍ତିକ ମାସ ବାଳ ଧୂପ ନୀତି ନିର୍ଘଣ୍ଟ ଅନୁଯାୟୀ ପ୍ରତିଦିନ ରାତି ୪ଟାରେ ଦ୍ୱାରଫିଟା, ସକାଳ ୬.୩୦ରୁ ୭.୩୦ ମଧ୍ୟରେ ରାଧା ଦାମୋଦର ବେଶ, ସକାଳ ୧୦ଟାରୁ ୧୦.୩୦ ମଧ୍ୟରେ ବାଳ ଧୂପ ଶେଷ ହେବ। ସେହିପରି ବିଭିନ୍ନ ନୀତି ହୋଇ ରାତ୍ର ୧୨ଟା ରେ ପହୁଡ ହେବା ନେଇ ସ୍ଥିର କରାଯାଇଛି। ନଭେମ୍ବର ୨୦ ରେ ବଡ଼ ଠାକୁରଙ୍କ ହରିହର ବେଶ, ୨୩ ରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଏବଂ ହରି ଉତ୍ଥାପନା ନୀତି, ୨୪ରେ ବାଙ୍କଚୂଡା ବେଶ ଓ ଗରୁଡ଼ ଉତ୍ଥାପନା ନୀତି, ୨୫ରେ ଡାଳିକିଆ ବେଶ, ୨୬ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ୨୭ ତାରିଖରେ ରାଜାଧିରାଜ ବେଶ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଛତିଶା ନିଯୋଗ ବୈଠକ

- ପଞ୍ଚକରେ ବେଶ ସମୟରେ ଭକ୍ତଙ୍କୁ ଛଡ଼ାଯିବ ନାହିଁ
- କୁମାର ପୂର୍ଣ୍ଣିମା ରାତିରେ ଖୋଲା ରହିବ ଶ୍ରୀମନ୍ଦିର

ବିଜେଡିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୀ, ୧୬।୧୦ (ଅଜିତ୍ ମହାନ୍ତି):

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ୩ଦିନ ଧରି ଚାଲିଥିବା ବିଜୁ ଜନତା ଦଳର ସକ୍ରିୟ ସଦସ୍ୟମାନଙ୍କର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୀ ସଦର ନିର୍ବାଚନ ମଣ୍ଡଳୀର ୨୨ଟି ପଞ୍ଚାୟତ ଓ ୩୨ଟି ୱାର୍ଡର ବିଜେଡି ସକ୍ରିୟ ସଭ୍ୟ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ସରକାରଙ୍କ ଜନହିତକର ଯୋଜନାର ଠିକ ରୂପାୟନ ଏବଂ ଲୋକଙ୍କ ନିକଟତର ହୋଇ ନିଜ ଅଞ୍ଚଳରେ ଏହି ସକ୍ରିୟ ସଭ୍ୟମାନେ କିପରି ଉତ୍କୃଷ୍ଟ ସେବା ପ୍ରଦାନ କରିବେ ସେହି ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡିର ଦୁଇଜଣ ପ୍ରଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଚିକେନ ପକୋଡାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ: ୨ ଆହତ

ବ୍ରହ୍ମଗିରି, ୧୬।୧୦ (ସ୍ୱାଧୀନ ଚମ୍ପତ୍ତିରାୟ) :

ଚିକେନ ପକୋଡା ଖାଇବାକୁ କେନ୍ଦ୍ରକରି ସୋମବାର ସନ୍ଧ୍ୟାରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ପୁରୀ ସାତପଡ଼ା ଜାତୀୟ ରାଜପଥର କଲେଜ ଛକ ନିକଟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିବା ଜଣାଯାଇଛି। ଏହି ସଂଘର୍ଷରେ ଦୁଇଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଲେଜ ଛକ ନିକଟରେ ଥିବା ଏକ ଫାଷ୍ଟଫୁଡ ଦୋକାନରେ ସ୍ଥାନୀୟ ହାତିଆ ଗ୍ରାମର କିଛି ଯୁବକ ଚିକେନ୍ ପକୋଡ଼ା ଖାଉଥିବା ସମୟରେ ଦୋକାନୀ ସହିତ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଫଳରେ ରେବଣାମୂଆଗାଁର କିଛି ଯୁବକ ମଧ୍ୟସ୍ଥି ସାଜିଥିଲେ। ତେବେ ଉଭୟପକ୍ଷଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ୨ଜଣ ଆହତ ହୋଇଥିବା ବେଳେ ବ୍ରହ୍ମଗିରି ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

ସମାନ୍ତରାଳ ଭାବେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ

ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

ପୁରୀ, ୧୬।୧୦ (ଅଜିତ୍ ମହାନ୍ତି):

ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ କରାଯାଇଛି। ପ୍ରଥମେ ଶ୍ରୀମନ୍ଦିର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ଓ ନେତା ଯୋଗଦାନ କରିଥିଲେ। ପରେ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ 'ଓଡ଼ିଶା ମୋ ପରିବାର' ଆନୁକୂଲ୍ୟରେ ଚାରାରୋପଣ ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ଗୌରହରି ପ୍ରଧାନ, ଜିଲା କ୍ରୀଡ଼ା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜିଲା ଯୁବ ସଭାପତି ନାରାୟଣ ସ୍ୱାଇଁ, ଓଡ଼ିଶା ମୋ ପରିବାର ସହସଂଯୋଜକ ଭଗବାନ ପଢ଼ିଆରୀ, ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା, ବିଶ୍ୱକେତନ ଦାସ, ଛାତ୍ର ନଗର ସଭାପତି ସାଗର ପାତ୍ର, ବିଜୁ ଛାତ୍ର ଜନତା ଦଳ ଛାତ୍ର ସମ୍ପାଦକ ରାଜେଶ ତ୍ରିପାଠୀ, ସାଧାରଣ ସମ୍ପାଦକ ଗୋପାଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୧୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

ସେହିପରି ସଂସ୍କୃତି ଭବନରେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ କେକ୍ କଟାଯାଇ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ନଗର ସଭାପତି ସବ୍ୟସାଚୀ ମହାପାତ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାସ, ଷ୍ଟାଲିନ୍ ପରିଜା, ଭକ୍ତଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

ଶୋକସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ।

ଡେଲାଙ୍ଗ, ୧୬।୧୦(ରଶ୍ମିରଞ୍ଜନ ପ୍ରଧାନ):

କଂଗ୍ରେସର ବରିଷ୍ଠ ନେତା ତଥା ପିପିଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଅକାଳ ବିୟୋଗରେ ଡେଲାଙ୍ଗ ଓ ପିପିଲି ବ୍ଲକରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଖବର ପ୍ରଚାର ହେବା ପରେ କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ତୃପ୍ତିମୟୀ ପରିଡାଙ୍କ ସଭାପତିତ୍ୱରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଅଧ୍ୟାପକ ନିରୋଦ ସାମନ୍ତରାୟ, ଲୋକନାଥ ମିଶ୍ର, ଦିଲୀପ କୁମାର ରଥ, କୌଳାସ ଚନ୍ଦ୍ର ସାହୁ, ମନୋଜ କୁମାର ପ୍ରଧାନ, କୌଳାସ ଚନ୍ଦ୍ର ଦାଶ, ସମ୍ପଦ ପ୍ରଧାନ, ଅଧ୍ୟାପିକା ବିଷ୍ଣୁପ୍ରିୟା ଦେଇ, ଅନିତା କୁମାରୀ ମିଶ୍ର ପ୍ରମୁଖଙ୍କ ସହିତ ସମସ୍ତ କର୍ମଚାରୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଶୋକସଭାରେ ଅଂଶଗ୍ରହଣ କରିଥିଲେ । ଏହାସହିତ ବିଦ୍ୟାଳୟ ପ୍ରତି ତାଙ୍କର ଥିବା ଅବଦାନ ସମ୍ପର୍କରେ ଅଧ୍ୟାପିକା ଓ ଅଧ୍ୟାପକମାନେ ଆଲୋକପାତ କରିଥିଲେ ।

ତୂଳୀ କହୁଛି କଥା, ଚିତ୍ର ହେଉଛି ଜୀବନ୍ତ

ଅସ୍ତରଙ୍ଗ, ୧୬।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ପଟ୍ଟଚିତ୍ରରେ ଜୀବନ୍ତ ପୁରାଣ କାହାଣୀ। ଜଗନ୍ନାଥଙ୍କଠାରୁ ଆରମ୍ଭ କରି ଦେବୀ ଦୁର୍ଗା, ବୀଣାପାଣି ଓ ଗଣେଶଙ୍କ ପର୍ଯ୍ୟନ୍ତ ପ୍ରତିଟି ଚିତ୍ର କହୁଛି ଅଲଗା କାହାଣୀ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପାପିରା ଗ୍ରାମର ଯୋଗେନ୍ଦ୍ର ସ୍ୱାଇଁଙ୍କ କଳାକୃତି ବେଶ୍ ଆକର୍ଷଣୀୟ।

ମହିଳାମାନଙ୍କୁ ପଟ୍ଟଚିତ୍ର ତିଆରି କୌଶଳ ସମ୍ପର୍କରେ ଯୋଗେନ୍ଦ୍ର ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

ଘରେ ମାଗଣାରେ ତାଲିମ୍ ଦେଉଛନ୍ତି ଯୋଗେନ୍ଦ୍ର

ଏବେ ଯୋଗେନ୍ଦ୍ରଙ୍କ ଲକ୍ଷ୍ୟ ଗାଁରେ ନିଜଭଳି ପଟ୍ଟଚିତ୍ରଶିଳ୍ପୀ ସୃଷ୍ଟି କରିବା। ସେଥିପାଇଁ ନିଜ ଉଦ୍ୟମରେ ଘରେ ଛୋଟ ତାଲିମ୍ କେନ୍ଦ୍ର କରି ମାଗଣାରେ ପାଞ୍ଚରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳାଙ୍କୁ ମାଗଣାରେ ତାଲିମ୍ ଦେଉଛନ୍ତି। ଦିନକୁ ଦିନ ଯୋଗେନ୍ଦ୍ରଙ୍କ ପଟ୍ଟଚିତ୍ର କଳାର ଚାହିଦା ମଧ୍ୟ ବେଶ୍ ବଢ଼ିବାରେ ଲାଗିଛି। ତେବେ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିଲେ ସେ ଏହି କଳାକୁ ଆହୁରି ବିକଶିତ କରିପାରିବେ ବୋଲି ମତ ରଖିଛନ୍ତି।

'ସୁରଭି'ରେ ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ଡେଲାଙ୍ଗ, ୧୬।୧୦(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ବିଶ୍ୱନାଥଦେବ ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ସୋମବାର ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବସନ୍ତ କୁମାର ସେଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ନାରାୟଣ ପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ଦୀନବନ୍ଧୁ ମୁଦୁଲି, ହେମନ୍ତ ବେହେରା, ବିଜୟ ନାୟକ, ଅଭିମନ୍ୟୁ ସିଂ, ଲକ୍ଷ୍ମୀପ୍ରିୟା ଦାଶ, ଶାନ୍ତିଲତା ପ୍ରଧାନ, ପ୍ରଦୀପ ନାୟକ, ପର୍ଶୁରାମ ଜେନା, ନିଳିମା କଛପ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ସୃଜନଶୀଳ ଲିଖନ କୁଇଜ୍, ମିଲେଟସ, ହସ୍ତାକ୍ଷର, ବିତର୍କ, ବକ୍ତୃତା, ଚିତ୍ରକଳା ଆଦିର ପ୍ରତିଯୋଗିତା କରାଯାଇଥିଲା। ବିଚାରକଭାବେ ଶିକ୍ଷକ ପ୍ରଶାନ୍ତ ଦାସ, ସୁରେନ୍ଦ୍ର ନାୟକ, ଶରତ ସିଂ, ବିଜୟ ବିଶ୍ୱାଳ, ଦିନେଶ ବେହେରା, ଶୁଭଦର୍ଶନୀ ଷଡ଼ଙ୍ଗୀ, ସୁକନ୍ୟା ଡାକୁଆ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପିଲାମାନେ ।

ରାସ୍ତା ଅବରୋଧ କଲେ ଫନୀ କ୍ଷତିଗ୍ରସ୍ତ

ପୋଲିସ- ଆନ୍ଦୋଳନକାରୀ ଧସ୍ତାଧସ୍ତି

ପୁରୀ, ୧୬।୧୦(ଅଜିତ୍ ମହାନ୍ତି):

ଫନୀ ବାତ୍ୟାରେ ପୁରୀ ଜିଲାର ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ନେ

ଦୁର୍ବଳ ହେଉଛି ଟଙ୍କା ମୂଲ୍ୟ

ନୂଆଦିଲ୍ଲୀ: ଗତ କିଛି ଦିନ ହେଲା ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ଦୁର୍ବଳ ହେଉଛି। ଏପରିକି ଆଗାମୀ ଦିନରେ ଟଙ୍କାର ମୂଲ୍ୟ ଆହୁରି କମିବ ବୋଲି ଆଶଙ୍କା କରାଯାଉଛି। କାରଣ ଗତ ୨ ସପ୍ତାହ ହେବ ମଧ୍ୟପ୍ରାଚ୍ୟରେ ଚାଲିଥିବା ଇସ୍ରାଏଲ-ହମାସ ଯୁଦ୍ଧର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବା ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ସୋମବାର ବଜାର କାରବାର ଶେଷ ସୁଦ୍ଧା ଭାରତୀୟ ମୁଦ୍ରା (ଟଙ୍କା) ଡଲାର ତୁଳନାରେ ୮୩.୨୭ ଟଙ୍କାରେ ବନ୍ଦ ହୋଇଛି। ଏହା ପୂର୍ବରୁ ୨୦୨୩ ସେପ୍ଟେମ୍ବର ୧୮ରେ ଟଙ୍କା ୮୩.୨୬ ଟଙ୍କା ସ୍ତରରେ ବନ୍ଦ ହୋଇଥିଲା, ଯାହା କି ଏହାର ରେକର୍ଡ ସର୍ବନିମ୍ନ ସ୍ତର ଥିଲା।

ଯାଜପୁରରେ କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍

ଯାଜପୁର ରୋଡ୍,୧୬।୧୦(ପବିତ୍ର ରଞ୍ଜନ ମହାନ୍ତି)

କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍ ଯାଜପୁର ରୋଡ୍‌ର ଅର୍ଜୁନ କମ୍ପ୍ଲେକ୍ସ ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣ ଜୁଏଲର୍ସର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, କମ୍ପାନୀ ଭାବେ ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛୁ ଏବଂ ଗ୍ରାହକଙ୍କ ଶପିଂ ଅନୁଭୂତିରେ ଉନ୍ନତି ଆଣିବା ଲାଗି ଏକ ସାମଗ୍ରିକ ବ୍ୟବସ୍ଥା ସୃଷ୍ଟି କରିଛୁ। ଅଭିବୃଦ୍ଧି ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିଥିବାବେଳେ ଯାଜପୁର ରୋଡ୍‌ରେ ନୂଆ ଶୋରୁମ୍ ଖୋଲାଯାଇଥିବା ବିଷୟରେ ଘୋଷଣା କରି ବେଶ ଆନନ୍ଦିତ। ଏହି ଉନ୍ମୋଚନ ସହିତ ଓଡ଼ିଶାରେ ଆମେ ଆମର ଭୌଗୋଳିକ ଉପସ୍ଥିତି ବଢ଼ାଇଛୁ ଏବଂ ଗ୍ରାହକମାନଙ୍କୁ ଶ୍ରେଷ୍ଠ ମାନର ଶପିଂ ଅନୁଭୂତି ପ୍ରଦାନ କରିବା ସହ ବିଶ୍ୱାସ ଓ ସ୍ୱଚ୍ଛତାକୁ ନେଇ କମ୍ପାନୀର ରହିଥିବା ମୂଲ୍ୟବୋଧ ବଜାୟ ରଖିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଉତ୍ସବକୁ ପାଳନ କରିବା ଲାଗି ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଶପିଂ ଉପରେ ଗ୍ରାହକଙ୍କୁ କିଣାମୂଲ୍ୟର ଅଧା ଦାମ୍‌ରେ ୦% ପ୍ରତିଶତ ଗଡ଼ା ମୂଲ୍ୟ ଅଫର ପ୍ରଦାନ କରାଯାଉଛି। କଲ୍ୟାଣ ଜୁଏଲର୍ସରେ ବିକ୍ରି କରାଯାଉଥିବା ଗହଣାଗୁଡ଼ିକ ବିଆଇଏସ୍ ହଲ୍‌ମାର୍କର ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗଢିକରେ। ଗ୍ରାହକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ପାଇବେ, ଯାହା ଶୁଦ୍ଧତା, ଗହଣାର ଜୀବନବ୍ୟାପୀ ମରାମତି, ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ, ଏକ୍ସଚେଞ୍ଜ୍‌ଓ ବାଏ ବ୍ୟାକ୍‌ନୀତିରେ ସ୍ୱଚ୍ଛତା ଆଦିର ଗ୍ୟାରେଣ୍ଟି ପ୍ରଦାନ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର, ୧୬।୧୦

ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୬ (୧୧୫.୮୧) ପଏଣ୍ଟ ଖସି ୬୬,୧୬୭ (୬୬,୧୬୬.୯୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୯ (୧୯.୩୦) ପଏଣ୍ଟ ହ୍ରାସ ଘଟି ୧୯,୭୩୨(୧୯,୭୩୧.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ହୋଇଥିଲା।

ମେଗା ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ

ଭୁବନେଶ୍ୱର, ୧୬।୧୦

ଇଣ୍ଡିଆନ୍ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ 'ମେଗା ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ' ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବ୍ୟାଙ୍କର ସମସ୍ତ ଶାଖା ପ୍ରବନ୍ଧକ, ବିସି ସୁପରଭାଇଜର ଓ ବିସିମାନଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ନେଇ ଏକ ସମ୍ବେଦନଶୀଳ ବୈଠକ ଆୟୋଜିତ ହୋଇଥିଲା। ଏପରିକି ବ୍ୟାଙ୍କର କର୍ପୋରେଟ୍ କାର୍ଯ୍ୟାଳୟ ମହାପ୍ରବନ୍ଧକ (ଆର୍ଥିକ ଅନ୍ତର୍ଭୁକ୍ତୀକରଣ) ଭେଙ୍କଟେସନ୍ ଏମ୍‌ଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ପରିଚାଳିତ ହୋଇଥିଲାବେଳେ ଉକ୍ତ ବୈଠକରେ ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଅରୁଣା ଏମ୍. ଏବଂ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶଚିକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଆବଶ୍ୟକତା ଏବଂ ଗ୍ରାହକମାନଙ୍କ ପାଇଁ ଏହାର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୧ଲକ୍ଷ ଆକାଉଣ୍ଟ ଖୋଲିଥିବାବେଳେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଇଛି। ସୂଚନାଯୋଗ୍ୟ, ଭାରତ ସରକାରଙ୍କ ଦ୍ୱାରା ନିକଟରେ ଆରମ୍ଭ ହୋଇଥିବା 'ମେଗା ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ' କାର୍ଯ୍ୟକ୍ରମ ୨୦୨୩ ଅକ୍ଟୋବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଜାରି ରହିବ।

ଆଜିଠୁ ୩ ଦିନିଆ ସାମୁଦ୍ରିକ ସମାରୋହ

ଜିଏମ୍‌ଆଇଏସ୍-୨୦୨୩କୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୬।୧୦

ଗ୍ଲୋବାଲ ମେରିଟାଇମ୍ ଇଣ୍ଡିଆ ଶିଖର ସମ୍ମିଳନୀ (ନୂଆଦିଲ୍ଲୀ,୧୬।୧୦: ଚଳିତ ବର୍ଷ ଅକ୍ଟୋବର ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଏମ୍‌ଏମ୍‌ଆର୍‌ଡିଏ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ଗ୍ଲୋବାଲ ମେରିଟାଇମ୍ ଇଣ୍ଡିଆ ଶିଖର ସମ୍ମିଳନୀ ୨୦୨୩ (ଜିଏମ୍‌ଆଇଏସ୍-୨୦୨୩)ର ତୃତୀୟ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିବେ। ବିଶେଷକରି ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ୩ ଦିନିଆ ସର୍ବବୃହତ ସାମୁଦ୍ରିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏପରିକି ଭବିଷ୍ୟତର ବନ୍ଦର, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ଉପକୂଳ ଜାହାଜ ଚଳାଚଳ ଏବଂ ଆଇଡବ୍ଲ୍ୟୁଟି, ଜାହାଜ ନିର୍ମାଣ, ମରାମତି ଏବଂ ରିସାଇକ୍ଲିଂ, ଅର୍ଥ, ବୀମା ଏବଂ ମଧ୍ୟସ୍ଥତା, ସାମୁଦ୍ରିକ କ୍ଲଷ୍ଟର, ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା, ସାମୁଦ୍ରିକ ନିରାପତ୍ତା ଓ ସୁରକ୍ଷା ଏବଂ ସାମୁଦ୍ରିକ ପର୍ଯ୍ୟଟନ ଆଦି ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା ସହ ଅଧିବେଶନର ଆୟୋଜନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଉଦ୍‌ଘାଟନୀ ଅଧିବେଶନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ସମ୍ମିଳନୀର ଅଧିବେଶନରେ ଆର୍ମେନିଆ, ବାଂଲାଦେଶ, ବେଲାରୁସ୍, କୋମୋରୋସ୍, ଇରାନ, ଇଟାଲୀ, ଶ୍ରୀଲଙ୍କା, ତାଞ୍ଜାନିଆ, ତୁର୍କମେନିସ୍ତାନ, ଉଜବେକିସ୍ତାନ, ସ୍ପେନ୍ ଏବଂ ନେପାଳ ସମେତ ୧୨ଟି ଦେଶର ମନ୍ତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଭାରତର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୬ଜଣ ରାଜ୍ୟ ମନ୍ତ୍ରୀ ଓ ଉପରାଜ୍ୟପାଳ ଉପସ୍ଥିତ ରହିବେ।

ଜିଓ ମାର୍ଟ ଡିଜିଟାଲର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର ,୧୬।୧୦ (ଅଭୟ ଦାଶ)

ରିଲାଏନ୍ସ ରିଟେଲର ଅଗ୍ରଣୀ ବ୍ରାଣ୍ଡ 'ଜିଓ ମାର୍ଟ ଡିଜିଟାଲ'ର ଏକ୍ସକ୍ଲୁସିଭ ଆଉଟଲେଟ ସୋମବାର ବାପୁଜୀ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଯୋଗ୍ୟ, ଜିଓ ମାର୍ଟ ଡିଜିଟାଲର ପ୍ରାଞ୍ଚାଇଜ ପାର୍ଟନର ଆରଜେଏସ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ ଲିମିଟେଡ ଆନୁକୂଲ୍ୟରେ ଏହି ନୂତନ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ପୋଲିସ କମିଶନର ଏସ.କେ. ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଲାଏନ୍ସ ଜିଓ ମାର୍ଟର ଇଣ୍ଡିଆ ହେଡ-୧ ଗୌରବ ଟାଟିୟା, ରିଲାଏନ୍ସ ଜିଓ ମାର୍ଟ ଡିଜିଟାଲର ଷ୍ଟେଟ ହେଡ ଦେବାଶିଷ ମହାନ୍ତିଙ୍କ ସମେତ ଆରଜେଏସ ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡର ଜୟ କୁମାର ସାଦାନୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ୧୦୦୦ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ଷ୍ଟୋରରେ ଦେଶର ସମସ୍ତ ବ୍ରାଣ୍ଡେଡ କମ୍ପାନୀର ଟିଭି,ଫ୍ରିଜ, ୱାଶିଂମେଶିନ ସହିତ ଲାପଟପ, ମୋବାଇଲ ଫୋନ ଭଳି ସମସ୍ତ ଇଲୋକ୍ଟ୍ରୋନିକ୍ସ ଉତ୍ପାଦ ସୁଲଭ ଓ ଗୁଣାତ୍ମକ ମାନର ସାମଗ୍ରୀ ଉପଲବ୍ଧ। ଅପରପକ୍ଷରେ ବଜାଜ ଫାଇନାନ୍ସ,ଆଇ ଡିଏଫସି,ଏଚ୍‌ଡିବି,ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ପେଟିଏମ ଭଳି ପ୍ରମୁଖ ଫାଇନାନ୍ସ କମ୍ପାନୀର ବୀମା ସୁବିଧା ଗ୍ରାହକମାନଙ୍କୁ ସର୍ବନିମ୍ନ ମୂଲ୍ୟରେ ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ, ଉକ୍ତ ଷ୍ଟୋରରେ ଜିଓ ମାର୍ଟର ଅନଲାଇନ ପ୍ଲାଟଫର୍ମରେ ଉପଲବ୍ଧ ସମସ୍ତ ଉତ୍ପାଦ ଅଫଲାଇନ (ଜିଓ ମାର୍ଟ ଡିଜିଟାଲ)ରେ ମିଳିବ।

ପିଜିଆଇର ନୂତନ କଲେକ୍ସନ

ଭୁବନେଶ୍ୱର, ୧୬।୧୦

ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବ୍ରାଣ୍ଡ ତଥା ପ୍ଲାଟିନମ୍ ଗିଲ୍ଡ ଇଣ୍ଟରନ୍ୟାଶନାଲ(ପିଜିଆଇ)ର ନୂତନ କଲେକ୍ସନ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ୯୫% ଶୁଦ୍ଧ ଓ ବିରଳ ପ୍ଲାଟିନମ୍‌ରେ ଗଢ଼ା ଏହି କଲେକ୍ସନ ପ୍ରେମର ଚରମ ପ୍ରତୀକ ବୋଲି ପିଜିଆଇ ପକ୍ଷରୁ କୁହାଯାଇଛି। ଏପରିକି ଏଭଳି କିଛି ଡିଜାଇନ ଦ୍ୱାରା ଭଲ ପାଇବାକୁ ବାଛନ୍ତି, ଯାହା ଆଧୁନିକ ମୂଲ୍ୟବୋଧ ଉପରେ ନିର୍ମିତ ହୋଇଥାଏ। ଯେଉଁଥିରେ ପରସ୍ପରର ଭାବନା ପ୍ରତିଫଳିତ ହୋଇଥାଏ। ସେହିଭଳି ଏକ ବିରଳ ପ୍ରେମକୁ ପାଳନ କରିବା ପାଇଁ ପ୍ଲାଟିନମ ଏକ ନୂଆ କଲେକ୍ସନକୁ ଉପସ୍ଥାପନ କରୁଛି। ଏହି ସୂକ୍ଷ୍ମ ସଂଗ୍ରହକୁ ଯତ୍ନର ସହ ଡିଜାଇନ କରାଯାଇଛି, ଯେଉଁଥିରେ କିଛି ସ୍ୱତନ୍ତ୍ର ଶୈଳୀ, ଡିଜାଇନ ଓ ଚମତ୍କାର ମୋଟିଫ ରହିଛି। ଏହି କଲେକ୍ସନ ମଧ୍ୟରେ ଥିବା ପ୍ରତିଟି ଡିଜାଇନ ହେଉଛି ଏକ ମାଷ୍ଟର ପିସ୍, ଯାହା ସ୍ୱତନ୍ତ୍ରତାର ପରିଚୟ ଦେଇଥାଏ। ଏହା ଉଭୟ ଆନନ୍ଦଦାୟକ ଓ ଚ୍ୟାଲେଞ୍ଜିଂ ମୁହୂର୍ତ୍ତକୁ ପ୍ରଦର୍ଶିତ କରିଥାଏ। ଏହା ଦମ୍ପତିଙ୍କ ମନରେ ଏକ ସୁଖଦ ଅନୁଭୂତି ସୃଷ୍ଟି କରିଥାଏ। ଏହି ଉପାଦାନଗୁଡ଼ିକ ଗଭୀର ଓ ଅର୍ଥପୂର୍ଣ୍ଣ ସଂଯୋଗର ମୂଳଦୁଆ ସୃଷ୍ଟି କରିଥାଏ। ଅପରପକ୍ଷରେ ଚଳିତ ଉତ୍ସବ ଋତୁ ଆରମ୍ଭ ହେବା ସଙ୍ଗେ ସଙ୍ଗେ ମନରେ ଉତ୍ସବକୁ ସ୍ମରଣୀୟ କରିବା ଭାବନା ସୃଷ୍ଟି ହୋଇଥାଏ।

ଫୁଚର୍‌ସତ୍

ଦାରିଦ୍ର୍ୟମୁକ୍ତ ପୃଥିବୀ ସମ୍ଭବ

ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ

ଦାରିଦ୍ର୍ୟ ହିଁ ସମସ୍ତ ସମସ୍ୟାର ମୁଖ୍ୟ କାରଣ। ତେବେ ଦାରିଦ୍ର୍ୟ ମୁକ୍ତ ପୃଥିବୀ ସମ୍ଭବ। ଏହାର ଦୂରୀକରଣ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅକ୍ଟୋବର ୧୭ରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥାଏ। ୧୯୮୭ ମସିହାରେ ଫ୍ରାନ୍ସର ପ୍ୟାରିସ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରାଯାଇଥିଲା।ଡ୍ ୧,୦୦,୦୦୦ଲୋକ ଟ୍ରୋକାଡେରୋରେ ମାନବ ଅଧିକାର ପାଇଁ ଲିବର୍ଟିଜ ପ୍ଲାଜାରେ ଏକତ୍ରିତ ହୋଇ ଦାରିଦ୍ର୍ୟ, କ୍ଷୁଧା, ହିଂସା ଏବଂ ଭୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ମର୍ମରେ ୧୯୯୨ରେ ଜୋସେଫ୍ ୱେର୍ସିନସ୍କିଙ୍କ ଦ୍ୱାରା ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆନ୍ଦୋଳନ ଏଟିଡି ଚତୁର୍ଥ ବିଶ୍ୱର ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା। ୱେର୍ସିନସ୍କିଙ୍କ ମୃତ୍ୟୁର ୪ ବର୍ଷ ପରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ଅକ୍ଟୋବର ୧୭କୁ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଭାବରେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲା।

ୱେର୍ସିନସ୍କି କହିଥିଲେ, ଯେଉଁଠାରେ ପୁରୁଷ ଏବଂ ମହିଳା ଅତ୍ୟଧିକ ଦାରିଦ୍ର୍ୟରେ ଜୀବନଯାପନ କରିବାକୁ ବାଧ୍ୟ ହୁଅନ୍ତି, ସେଠାରେ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥାଏ। ଏହି ଅଧିକାରଗୁଡ଼ିକର ସାବ୍ୟସ୍ତକୁ ନିଶ୍ଚିତ କରିବାକୁ ଏକତ୍ରିତ ହେବା ଆମର ଏକମାତ୍ର କର୍ତ୍ତବ୍ୟ। ବେଲଜିୟମ, ବୁର୍କିନା ଫାସୋ, କାନାଡା, ଜର୍ମାନୀ, ଫିଲିପାଇନ୍ସ, ପର୍ତ୍ତୁଗାଲ ରିୟୁନିୟନ ଦ୍ୱୀପ, ସୁଇଜରଲାଣ୍ଡ, ବ୍ରିଟେନ ଏବଂ ଆମେରିକା ସମେତ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ପାଳନ କରିବାର ସ୍ମରଣୀୟ ପଥରର ୫୩ଟି ପ୍ରତିକୃତି ଅଛି। ସ୍ମରଣୀୟ ପଥରର ପ୍ରତିକୃତି ଷ୍ଟ୍ରାସ୍‌ବର୍ଗର କାଉନସିଲ ଅଫ୍ ୟୁରୋପରେ ଏବଂ ନ୍ୟୁୟର୍କରେ ମିଳିତ ଜାତିସଂଘର ମୁଖ୍ୟାଳୟରେ ମଧ୍ୟ ରହିଛି।

ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକ ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ସମାଜ ମଧ୍ୟରେ କଥାବାର୍ତ୍ତା ଓ ବୁଝାମଣାକୁ ପ୍ରୋତ୍ସାହିତ କରେ। ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ଉଦ୍ୟମ ଏବଂ ସଂଘର୍ଷକୁ ସ୍ୱୀକାର କରିବା ପାଇଁ ଏହି ଦିବସ ଏକ ସୁଯୋଗ ପ୍ରତିପାଦିତ କରିଥାଏ। ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ତର୍ଜାତୀୟ ଦିବସକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ କମିଟି ୨୦୦୮ ଅକ୍ଟୋବର ୧୭ରେ ଆରମ୍ଭ କରାଯାଇଥିଲା। ପ୍ରତିବର୍ଷ ଏହି ଦିବସ ଏକ ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ୨୦୨୩ରେ ଏହି ଦିବସ ପାଳନର ବାର୍ତ୍ତା ହେଉଛି, ' ଅଭ୍ୟାସ ମାଧ୍ୟମରେ ସମସ୍ତଙ୍କ ପାଇଁ ସମ୍ମାନ'(ଡିଗ୍‌ନିଟିଫର୍‌ଅଲ୍‌ଇନ୍‌ପ୍ରାକ୍ଟିସ୍)।

ଘୁଞ୍ଚିଲା କଙ୍ଗନାଙ୍କ 'ଏମର୍ଜେନ୍ସି' ରିଲିଜ୍

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଏମର୍ଜେନ୍ସି'ର ରିଲିଜ୍ ତାରିଖ ଘୁଞ୍ଚିଛି। ଏନେଇ କଙ୍ଗନା ନିଜେ ସୂଚନା ଦେଇଛନ୍ତି। ଏବେ କଙ୍ଗନା ତାଙ୍କ ଅପ୍‌କମିଂ ସିନେମା 'ତେଜସ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହା ଭିତରେ ସେ ଫିଲ୍ମ 'ଏମର୍ଜେନ୍ସି'କୁ ନେଇ ଏପରି ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବର ୨୪ରେ ରିଲିଜ୍ ହେବାକୁ ଥିବା 'ଏମର୍ଜେନ୍ସି' ଆସନ୍ତା ବର୍ଷ ଶେଷ ଆଡ଼କୁ ମୁକ୍ତିଲାଭ ହେବ ବୋଲି ଜଣାପଡ଼ିଛି। ଅତ୍ୟଧିକ କାମ ବ୍ୟସ୍ତତା ଯୋଗୁ ଫିଲ୍ମ ରିଲିଜ୍ ବଦଳାଯାଇଥିବା କଙ୍ଗନା କହିଛନ୍ତି। ସେ କହିଛନ୍ତି, ''ଏହି ଫିଲ୍ମ ମୋ ପୂରା ଜୀବନର ଲର୍ନିଂ ଆଉ ଅର୍ନିଂ। ଏହା ମୋ ପାଇଁ କେବଳ ଏକ ଫିଲ୍ମ ନୁହେଁ, ଜଣେ ମଣିଷ ଭାବେ ଏଥିରେ ମୋର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୋର ଏହି ଫିଲ୍

ଆମେରିକା ପରରାଷ୍ଟ୍ର ସଚିବଙ୍କୁ ଦୀର୍ଘ ପ୍ରତୀକ୍ଷା କରାଇଲେ ସାଉଦି କ୍ରାଉନ୍ ପ୍ରିନ୍ସ

ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଓ ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ

ୱାଶିଂଟନ, ୧୬।୧୦: ବୈଠକ ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ସାଉଦି ଆରବ କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ ଦୀର୍ଘ ସମୟ ପ୍ରତୀକ୍ଷାରେ ରଖିବା ପରେ ପରଦିନ ବୈଠକ ଅନୁଷ୍ଠିତ ହୋଇଥିବା ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଖବରରୁ ଜଣାପଡ଼ିଛି। ହମାସ୍‌ର ଆକ୍ରମଣକୁ ବିରୋଧ କରି ଇସ୍ରାଏଲ୍ ସପକ୍ଷରେ ସମର୍ଥନ ଯୋଗାଡ଼ ଲାଗି ବ୍ଲିଙ୍କେନ୍ ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ସେ ସାଉଦି ପ୍ରିନ୍ସଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ଥିଲା। ଯୁଦ୍ଧ ଉତ୍ତେଜନା ବୃଦ୍ଧି ସମ୍ପର୍କରେ ବୈଠକରେ ମତଭେଦ ଦେଖାଦେଇଥିବା ଖବର ପ୍ରକାଶ ପାଇବା ସତ୍ତ୍ୱେ ଆଲୋଚନା ବହୁତ ଫଳପ୍ରଦ ଥିଲା ବୋଲି ବ୍ଲିଙ୍କେନ୍ କହିଛନ୍ତି। ଯୁଦ୍ଧ ବନ୍ଦ କରିବାର ଉପାୟ ବାହାର କରିବା ଏବଂ ଅନ୍ତର୍ଜାତୀୟ ଆଇନକୁ କାଏମ୍ ରଖିବା ସହ ଗାଜାରେ ଇସ୍ରାଏଲୀ ଅବରୋଧ ହଟାଇବା ସମ୍ପର୍କରେ ମହମ୍ମଦ ବିନ୍ ସଲ୍‌ମାନ ଗୁରୁତ୍ୱାରୋପ କରିଥିଲେ। ସଙ୍କଟ ଦୂର କରି ଶାନ୍ତି ସ୍ଥାପନ ଲାଗି ଇରାନ ରାଷ୍ଟ୍ରପତି ଇବ୍ରାହିମ୍ ରାଇସିଙ୍କ ସମେତ ଆଞ୍ଚଳିକ ନେତାମାନଙ୍କ ସହ ରିୟାଦ କୂଟନୈତିକ ଉଦ୍ୟମ ଚଳାଇଥିବା ସଲ୍‌ମାନ ଆମେରିକା ପରରାଷ୍ଟ୍ର ସଚିବଙ୍କୁ କହିଥିଲେ।

୬ ଜଣଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କଲା ସିବିଆଇ

ମଣିପୁର ମହିଳାଙ୍କୁ ଉଲଗ୍ନ ପରେଡ୍ ମାଗଲା

ନୂଆଦିଲ୍ଲୀ, ୧୬।୧୦(ପି.ଟି.): ମଣିପୁରର କାଙ୍ଗ୍‌ପୋକ୍‌ପି ଜିଲାରେ ଜାତିଆଣ ହିଂସା ବେଳେ ୨ ଜଣ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବା ଘଟଣାରେ ସିବିଆଇ ସୋମବାର ଜଣେ ନାବାଳକଙ୍କ ସମେତ ୬ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଘଟଣାର ୨ ମାସ ପରେ ଏହାର ଭିଡିଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଖବର ଅନୁଯାୟୀ ମେ' ୪ରେ ପ୍ରାୟ ୯୦୦ରୁ ୧,୦୦୦ ସଶସ୍ତ୍ର ଲୋକେ କାଙ୍ଗ୍‌ପୋକ୍‌ପି ଜିଲାର ବି. ଫାଇନୋମ୍ ଗ୍ରାମରେ ପ୍ରବେଶ କରିଥିଲେ। ସେମାନେ ଅନେକ ଘର ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଥିଲେ, ସମ୍ପତ୍ତି ଲୁଟ୍‌ପାଟ କରିଥିଲେ। ଏଥିସହିତ ସେମାନେ କେତେଜଣଙ୍କୁ ମାଡ଼ ମାରିବା ଓ ହତ୍ୟା କରିବା ସହ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ୨ ମହିଳାଙ୍କୁ ଉଲଗ୍ନ କରାଯାଇ ରାସ୍ତାରେ ଚଲାଇ ନିଆଯାଉଥିବାର ଭିଡିଓ ଜୁଲାଇରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ସାରା ଦେଶ ସମେତ ବିଦେଶରେ ମଧ୍ୟ ନିନ୍ଦା କରାଯାଇଥିଲା। ଘଟଣାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ଏହାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ।

ଇସ୍ରାଏଲ୍‌ରୁ ଭାରତୀୟଙ୍କୁ ଆଣିବାକୁ ଯାଇଥିବା ସ୍ପାଇସ୍‌ଜେଟ୍ ବିମାନରେ ତ୍ରୁଟି

ନୂଆଦିଲ୍ଲୀ, ୧୬।୧୦

ଇସ୍ରାଏଲ୍‌ରେ ଅଟକି ରହିଥିବା ଭାରତୀୟଙ୍କୁ ଆଣିବା ପାଇଁ ତେଲ୍ ଆଭିବ୍‌ରେ ପହଞ୍ଚିଥିବା ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସର ଏୟାରବସ୍ ଏ୩୪୦ ବିମାନରେ ରବିବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହାକୁ ମରାମତି ପାଇଁ ଜୋର୍ଡାନ୍ ନିଆଯାଇଛି। ରିପାୟାରିଂ ଶେଷ ହେବା ପରେ ବିମାନଟି ତେଲ୍ ଆଭିବ୍‌ରୁ ଭାରତୀୟଙ୍କୁ ଆଣି ନୂଆଦିଲ୍ଲୀ ଫେରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଇସ୍ରାଏଲ୍ ଉପରେ ହମାସ୍ ଆତଙ୍କବାଦୀ ଆକ୍ରମଣ କରିବା ପରେ ସେଠାରେ ଅଟକି ରହିଥିବା ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅପରେଶନ ଅଜୟ ଆରମ୍ଭ ହୋଇଛି। ଏଥିରେ ଏୟାର ଇଣ୍ଡିଆ ବିମାନ ସହ ସ୍ପାଇସ୍ ଜେଟ୍ ବିମାନ ସାମିଲ ହୋଇଛି।

ନିଆଁରେ ପୋଡ଼ିହୋଇ ଗର୍ଭବତୀଙ୍କ ମୃତ୍ୟୁ

ମାହାଙ୍ଗା, ୧୬।୧୦ (ଯଯାତି ସିଂ)

ନିଆଁରେ ପୋଡ଼ିହୋଇ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଭଦ୍ରେଶ୍ୱର ଥାନା ଅଧୀନ କୁରୁଜଙ୍ଗା ପଞ୍ଚାୟତ ସବଳକଣା ଗ୍ରାମର ଦେବୀପ୍ରସାଦ ଦାସଙ୍କ ସ୍ତ୍ରୀ ସୋନାଲି ଦାସ (୨୨)। ସୋନାଲିଙ୍କର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। କିଛିଦିନ ତଳେ ସୋନାଲି ଘର ଛାଡ଼ି ସମ୍ପୃକ୍ତ ଯୁବକଙ୍କ ସହ ପଳାଇଯାଇଥିବା ଭଦ୍ରେଶ୍ୱର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସୋନାଲିଙ୍କୁ ନିକଟସ୍ଥ ନିଶ୍ଚିନ୍ତକୋଇଲି ଅଞ୍ଚଳରୁ ଉଦ୍ଧାର କରି ଶାଶୁ ଘର ଲୋକଙ୍କୁ ଜିମା ଦେଇଥିଲା। ପରେ ଦିନକୁ ଦିନ ଘଟଣାଟି ଜଟିଳ ହେବାରେ ଲାଗିଥିଲା। ସୋମବାର ସୋନାଲି ସବଳକଣାସ୍ଥିତ ନିଜ ଶାଶୁ ଘର ଛାତ ଉପରେ ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଶରୀର ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ଶଶୁର ତ୍ରିଲୋଚନ ଦାସ ଓ ସ୍ୱାମୀ ଦେବୀପ୍ରସାଦଙ୍କ ଦେଖା ମିଳି ନ ଥିଲା। ସୋନାଲିଙ୍କ ବାପ ଘର ଭୁବନେଶ୍ୱରରେ। ସେ ୨୦୨୧ରେ ଦେବୀପ୍ରସାଦଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ। ମୃତ୍ୟୁବେଳକୁ ସୋନାଲି ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଘଟଣାକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି କୁହାଯାଉଥିବାବେଳେ ସୋନାଲି ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁ କହିଛନ୍ତି।

ଚଳିଲା ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା

ବଲାଙ୍ଗୀର ଷ୍ଟେଶନରେ ଅଟକିଥିବା ଟ୍ରେନ୍।

ବଲାଙ୍ଗୀର, ୧୬।୧୦
(ବୀରେନ୍ଦ୍ର କୁମାର ଝାଙ୍କର)

ହଟ୍ ଏକ୍ସେଲ ପାଇଁ କୋଚ୍ କଟାହେଲା

ମୁମ୍ବାଇ ନିକଟ ଲୋକମାନ୍ୟ ତିଲକ ଟର୍ମିନସ (ଏଲଟିଟି)ଠାରୁ ପୁରୀ ଯାଉଥିବା ଏକ୍ସପ୍ରେସ ଟ୍ରେନ୍ ସୋମବାର ବଡଧରଣର ଦୁର୍ଘଟଣାରୁ ବର୍ତ୍ତାଯାଇଛି। ହଟ୍ ଏକ୍ସେଲ ପାଇଁ ଟ୍ରେନ୍ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ଏକ୍ସପ୍ରେସ ଟ୍ରେନ୍‌ର ଏକ ନିର୍ଦ୍ଦିଷ୍ଟ ଏସି କୋଚ୍‌ର ଚକରେ ସମସ୍ୟା ଦେଖାଯାଇଥିଲା। ଏ ନେଇ ଟ୍ରେନ ଡ୍ରାଇଭର ଓ ଅନ୍ୟ ଟେକ୍ନିକାଲ ଷ୍ଟାଫ୍ ଠିକଣା ସମୟରେ ସୂଚନା ପାଇଥିଲେ। ବଲାଙ୍ଗୀର ରେଲ ଷ୍ଟେଶନରେ ଏହି ଏକ୍ସପ୍ରେସ ଟ୍ରେନ୍ ଅଟକିବା ପରେ ଚକ ସମସ୍ୟା ଥିବା ଉକ୍ତ ଏସି କୋଚ୍‌କୁ ଷ୍ଟାଫମାନେ ପ୍ରାୟ ୩ଘଣ୍ଟା ପରିଶ୍ରମ କରି କାଟିଥିଲେ। ସେହି କୋଚର ଯାତ୍ରୀମାନଙ୍କୁ ଅନ୍ୟ କୋଚକୁ ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ୧୧ଟା ୫୦ରେ ଏହି କାମ ସମ୍ପୂର୍ଣ୍ଣ ହେବାପରେ ଟ୍ରେନ୍‌ଟି ପୁରୀ ଅଭିମୁଖେ ଯାତ୍ରା କରିଥିବା ବଲାଙ୍ଗୀର ଷ୍ଟେଶନ ମାଷ୍ଟର ସୁରେଶ ଚନ୍ଦ୍ର ଦାସଙ୍କ ସୂତ୍ରରୁ ଜଣାପଡିଛି।

ROURKELA SMART CITY LIMITED, ROURKELA
Udit Nagar, Rourkela-769012, Email:rourkelascl@gmail.com
BID ID: RSCL/3277/2023 Date:12.10.2023
NOTICE INVITING TENDER NATIONAL COMPETITIVE BIDDING
No.C-:The Chief Executive Officer, RSCL invites bids from eligible contractors for the following projects:

Sl. No.	Name of the Projects	Estimated Cost of the Project Rs. Crore
1	Interior Design Works of Tribal Museum (Rourkela One) on Percentage Rate Basis.	1.84

Tender Fee is Rs.11,800/-. The Complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 16.10.2023 to 31.10.2023 (upto 17:00 Hrs. IST). Pre-Bid Meeting will be held on 26.10.2023 at 12.30 P.M. in the Conference Hall of RSCL. For queries, intending bidder may contact Ar. Debasmita Mahanta, Designer, RSCL Vide Phone No.7838895830 and Email Id: rourkelascl@gmail.com.
Sd./- Chief Executive Officer
Rourkela Smart City Limited
OIPR-13080/11/0008/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2468
OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022
Tender Call Notice No.H.O./P&C/EST-E-2463/03/04/2023/ 32811, Dated.13.10.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Sl. No.	Name of Work	Value of Work (Approx.)	Period of Completion
1.	Construction of Public Toilet at Angaragadia I.E., Dist- Balasore (MSE-CDP)	Rs.29.45 Lakhs	02 (Two) Calendar Months

1. Other details

Procurement Officer	Bid Identification No.	Availability of Tender Online for Bidding	
		From	To
1	2	3	4
Chief General Manager (P&C), IDCO, IDCO Tower, Bhubaneswar-751022	Bid Id No.P&C/ EST/ E-134/ 2023-24	17.00 hours of dt.19.10.2023	17.00 hours of dt.31.10.2023

Further details can be seen from the e-Procurement Portal, www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in. as well as IDCO website www.idco.in.
Sd./-Chief General Manager (P&C), IDCO, Bhubaneswar
OIPR-14003/11/0246/2324

GOVERNMENT OF ODISHA
HEALTH & FAMILY WELFARE DEPARTMENT
ADVERTISEMENT
No. HFW-MEI-AHRCC-0005-2020-25166/H Date: 13.10.2023
No. E-482: Applications are invited from the intending candidates for the Post of Director, AHPGIC, Cuttack, an Autonomous Body working under Health & FW Department, Government of Odisha. The interested and eligible candidates may apply for the siad post on or before 10.11.2023 in the prescribed foramt to the "Additional Secretary to Government (I/c ME-I), Health & FW Department, Lok Seva Bhavan, Bhubaneswar" through Speed Post or by e-mail (orhealth@nic.in)/(medicaleducation1odisha@gmail.com) only.
The details of advertisement can be downloaded from the websites http://health.odisha.gov.in / http://www.dmetodisha.gov.in / http://ahpgic.in/.
Sd./- Additional Secretary to Government
OIPR-10001/11/0091/2324

OFFICE OF THE COLLECTOR & DISTRICT MAGISTRATE, DHENKANAL
(Social Security Section)
EOI No. 2046 Date: 16.10.2023
Notice Inviting Expression of Interest for Selection of AGENCY "To run Rehabilitation Centre for persons with Mentally Illness" (Half Way Home) at Old District Hqrs. Hospital, Dhenkanal, Odisha
No. gg-13: District Administration, Dhenkanal invites proposals from reputed NGOs/Agencies "To run Rehabilitation Centre for Persons with Mentally Illness (Half Way Home) at Old District Hqrs. Hospital, Dhenkanal as specified in this EOI Document. The detailed EOI document can be downloaded from the website link http://www.dhenkanal.nic.in with effect from Dt.17.10.2023 at 11.00 A.M. onwards.
The last date and time for submission of EOI document by Speed Post/ Registered Post/Courier in all working days at the District Social Security Office, Dhenkanal is upto 5.00 P.M. of Dt.14.11.2023. Based on the eligibility criteria as mentioned in the EOI, the applicant agency will be selected. Collector, Dhenkanal reserves the right to accept or reject any application without assigning any reason thereof.
Sd./- Additional District Magistrate, Dhenkanal
OIPR-24066/11/0001/2324

OFFICE OF THE DIVISIONAL FOREST OFFICER BERHAMPUR DIVISION
At-Courtpeta, Brahmapur-760004,
Phone/Fax-0680-2281354, Mob-7653908594,
Email-dfo.berhampur@odisha.gov.in.
No.MM-221: **CORRIGENDUM**
Tender No.238/1F-62/2023, Dated, Brahmapur the 30th September, 2023 "Tender Call Notice for Selection of Agency for Operation & Maintenance of Infrastructure Facilities, Pollution Abatement and Surveillance Service Developed at Sonapur Blue Flag Beach (Proposed Blue Flag Beach Site) Ganjam, Odisha"
Note-Certain Terms & Conditions & Annexure Format are changed in advt. vide Tender No.238, dt.30.09.2023, Bidders to follow the latest Terms and Conditions
The Last Date of Submission of Tender Form and Opening of Tender Form may be read as follows:
Date of Available of Tender Paper/ Documents in Website : 15.10.2023
Last date for submission of sealed Tender Paper/ Document : 25.10.2023 by 5.00 P.M.
Opening of Sealed Tender Paper/ Document in Presence of Bidders : 26.10.2023 by 11.00 AM
Sd./- Divisional Forest Officer
Brahmapur Division
OIPR-08038/11/0018/2324

GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT
OFFICE OF THE SUPERINTENDING ENGINEER (AGRIL.)
Southern Zone, Brahmapur, Rite Campus Rangeilunda, Ganjam
No. 757 Date: 13.10.2023
INVITATION FOR BIDS (IFB)
e-Procurement Notice
Bid Identification Number / Tender Call Notice No. S.E (A) S/Z-03 of 2023-24
No. L-119: The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil Construction works (including IE and PH works) under Southern Zone. The costs of the projects are around 54 lakh (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be donwloaded from https://tendersodisah.gov.in from 16.10.2023 at 10.00 hours to 28.10.2023 at 17.30 hours. The bid will be opened on 31.10.2023 at 11.30 hours onwards in the O/o. Superintending Engineer (Agril.), Southern Zone, Brahmapur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.
Sd./- Superintending Engineer (Agril).
Southern Zone, Brahmapur
OIPR-01504/11/0005/2324

E-mail: acemicbalangir2023@gmail.com
OFFICE OF THE ADDITIONAL CHIEF ENGINEER BALANGIR MINOR IRRIGATION CIRCLE, BALANGIR,
GOVERNMENT OF ODISHA
e-PROCUREMENT NOTICE
No.A-671
BID IDENTIFICATION No: BMIC- BLGR/04/2023-24
No. 364 Date:11.10.2023

Name of work	:	Civil Construction Works
No. of works	:	2 (Two) Nos.
Estimated cost	:	Rs.117.30 lakh to Rs.287.00 lakh
Tender paper cost	:	Rs.10000.00
Period of completion	:	11 Months
Class of Contractor	:	"B & A"
Availability of bid documents	:	From 27.10.2023 (11.00 AM) to 09.11.2023 (5.00 PM)in website (www.tendersorissa.gov.in.)
Period of Receipt of bid through on Line	:	From 27.10.2023 (11.00 AM) to 09.11.2023 (5.00 PM) through On-Line
Mode of Payment	:	Online
Date of opening of bid documents	:	10.11.2023 (11.00 AM)
Digital signature certificate of Bidder	:	The bidder must possess compatible Digital Signature Certificate (DSC) of Class-II or Class-III.

The detail tender call notice can also be seen in the DOWR website- http://dowrorissa.gov.in.
Name & Address of the OIT : Additional Chief Engineer Balangir M.I. Circle, Balangir Women's College Chhowk, Palace Line, Balangir, Pin-767001 E-mail:acemicbalangir2023@gmail.com
Further details can be seen from the E-Procurement market place. : http://tendersorissa.gov.in.
(Er. Kalindi Charan Sethi)
Additional Chief Engineer
Balangir Minor Irrigation Circle, Balangir
OIPR-32493/11/0004/2324

Your classified advertisement published in Dharitri will be listed free in Dharitri online edition : www.dharitri.com

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2469
OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, BHUBANESWAR-751022
Tender Call Notice No.H.O./P&C/EST-E-1790/01/2021 32807, Dated.13.10.2023
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Sl. No.	Name of Work	Value of Work (Approx.)	Period of Completion
1.	Providing, Laying & Commissioning of D.I. S/S (K-9) Pipes in internal Water supply distribution system of MSME Park at Reuna, Sundargarh	Rs.32.78 Lakhs	03 (Three) Calendar Months

1. Other details

Procurement Officer	Bid Identification No.	Availability of Tender Online for Bidding	
		From	To
1	2	3	4
Chief General Manager (P&C), IDCO, IDCO Tower, Bhubaneswar-751022	Bid Id No.P&C/ EST/ E-133/ 2023-24	17.00 hours of dt.20.10.2023	17.00 hours of dt.31.10.2023

Further details can be seen from the e-Procurement Portal, www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in. as well as IDCO website www.idco.in.
Sd./-Chief General Manager (P&C), IDCO, Bhubaneswar
OIPR-14003/11/0247/2324

OFFICE OF THE CDM&PHO-CUM-DISTRICT MISSION DIRECTOR
District Programme Management Unit, DPMU, National Health Mission, Dist-Balangir
E-mail:nhmbalangir@gmail.com
Advt.No.3730/NHM/2023 Dt.13.10.2023
WALK-IN-INTERVIEW FOR IN HOUSE SELECTION
No.E-479:Applications are invited from contractual employee of National Health Mission currently working in the same post under the OSH&FW Society in other District to fill up the following posts.

Sl.No.	Name of the Post	Vacancy	Date of Walk-in-Interview
01	Physiotherapist-IPU	Total-04 Number	Dt.31/10/2023 Regd. Time:10.00 AM to 12.30 PM
02	Physician/Consultant Medicine,NPHCE	Total-01 Number	
03	Doctor (NPCDCS)	Total-01 Number	
04	MO SNCU	Total-01 Number	

Interested eligible candidates can download the application format from https://balangir.nic.in and filled in application duly signed by the candidate alongwith self attested copies of all supportive documents and should present before office of the CDM&PHO, Balangir on mentioned date and time alongwith all required documents. No application will be received beyond the scheduled date and time. The undersigned reserve the right to cancel any or all the proposal without assigning any reason thereof. No personal query will be entertained. Application received from any other candidates except the contractual employees currently working under NHM will be rejected.
Sd./- (Dr. Kuber Chandra Mohanta)
CDM&PHO-cum-District Mission Director, Balangir
OIPR-10019/11/0012/2324

OFFICE OF THE DIVISIONAL FOREST OFFICER NAYAGARH DIVISION
Email: - dfo.nayagarh@odisha.gov.in
INVITATION FOR BIDS THROUGH e-Procurement
Bid Identification No. 02/2023-24
No.MM-223:1. Divisional Forest Officer, Nayagarh Division, Nayagarh on behalf of Governor of Odisha invite percentage bids in Single Cover in online mode for the construction works as detailed in the table, from the class of eligible contractors as mentioned in column-6 having valid license from competent authority for execution of works as detailed below. 2. The bidders may submit bid for the following works.

Sl. No.	Name of Work	Approximate value of work excluding GST	GST Value 18%	Total	Cost of Bid document in shape of DD (Non-refundable)	Class of Contractor	Bid Security amount	Date of Execution
1	2	3	4	5	6	7	8	9
1	Construction of Range Office at Nayagarh	2699070.00	485832.00	3184902.00	6000.00	"C"	26900.00	15.11.2023
2	Construction of Range Officers Residence at Daspalla	2034017.00	366123.00	2400140.00	6000.00	"C"	20400.00	15.11.2023
3	Construction of Forester Quarter at Daspalla	1695078.00	305114.00	2000192.00	6000.00	"D" & "C"	17000.00	15.11.2023
4	Construction of Forester Quarter at Godipada	1789060.00	322031.00	2111091.00	6000.00	"D" & "C"	17000.00	15.11.2023
5	Construction of Forest Guard Quarter at Badruma	1352395.00	243431.00	1595827.00	6000.00	"D" & "C"	13500.00	15.11.2023
6	Construction of Forest Guard Quarter at M.I. Colony, Nayagarh	1351769.00	243318.00	1595087.00	6000.00	"D" & "C"	13500.00	15.11.2023
7	Construction of Forest Guard Quarter at Adakata, Gania	1381257.00	248626.00	1629883.00	6000.00	"D" & "C"	13500.00	15.11.2023
8	Construction of Forest Guard Quarter at Kumbharapada	1371191.00	246814.00	16188006.00	6000.00	"D" & "C"	13600.00	15.11.2023
9	Construction of Forest Guard Quarter at Godibida	1356487.00	244168.00	1600655.00	6000.00	"D" & "C"	13500.00	15.11.2023

Sd./- Divisional Forest Officer, Nayagarh Division
OIPR-08026/11/0003/2324

DIRECTORATE OF HIGHER SECONDARY EDUCATION, ODISHA
(SCHOOL & MASS EDUCATION DEPARTMENT, GOVERNMENT OF ODISHA)
Award of Pathani Samanta Mathematics Talent Scholarship (PSMTS)
No.N-91:Applications are invited for Award of Pathani Samanta Mathematics Talent Scholarship to top 1000 students passed from Board of Secondary Education, Odisha in the year 2023, reading in Higher Secondary Schools affiliated to Council of Higher Secondary Education, Odisha through State Scholarship Portal: URL https://scholarship.odisha.gov.in.
General Criteria
- The list of Top 2072 pass out students of AHSC Examination 2023 provided by Board of Secondary Education, Odisha, uploaded in State Scholarship Portal will be eligible to apply.
- Validation of online application by Principal / Head of Institution is mandatory.
- The scholarship will be disbursed through electronic transfer of funds (DBT). Applicants need to open Joint Bank Account in the name of student and one of her/his parents.
- The Scholarship will not be renewed if the student discontinued/ fail to qualify for promotion to next higher class (class XII).
- There shall be no income criteria for the award of this scholarship.
- A student may enjoy more than one scholarship at a time including PSMTS.

Important Dates

Sl#	Activities	Date Lines
1	Opening of Portal for Online Application by Students	16.10.2023
2	Last date for submission of Online application by students	30.11.2023
3	Last date of Online Validation of students record by Principal/Head of the Institute	05.12.2023

For More details, please contact Sanjog Helpline (Toll Free) number 155335, 1800-345-6770 and e-mail id-scholarshipsmed@gmail.com, OSEPA Helpline No.-18003456722
Sd./- Director
Higher Secondary Education, Odisha
OIPR-11033/11/0019/2324

GOVT. OF ODISHA
OFFICE OF THE DIVISIONAL FOREST OFFICER, ANGUL DIVISION, ANGUL
No.MM-222:
e-Procurement Notice
ANGUL FOREST DIVISION
Bid Identification No.-04 of 2023-24
e-mail ID- dfoangul@gmail.com
1. Number of Works : 01 (One) Number of Works
2. Approximate estimated Cost : 70.11 Lakhs
3. Period of Completion : 04 (Four) Calendar Months
4. Date & Time of availability of bid document in the portal : Dt.16.10.2023 at 10.00 A.M.
5. Last Date/Time for receipt of bid in the portal : Dt.02.11.2023 upto 5.00 P.M.
6. Date of Opening Bid : Dt.04.11.2023 at 11.00 A.M.
7. Name and address of the Office Inviting Bid : Divisional Forest Officer Angul Division, Angul
8. The Bidders have to participate in ONLINE bidding only.
Further details can be seen from the e-Procurement portal https:/ tendersodisha.gov.in.
Sd./-Divisional Forest Officer
Angul Division, Angul
OIPR-08027/11/0011/2324

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଦାରିଙ୍ଗବାଡ଼ିରେ ପହିଲି ଶୀତ, ସର୍ବନିମ୍ନ ୧୫ ଡିଗ୍ରୀ

ଦାରିଙ୍ଗବାଡ଼ି, ୧୬।୧୦(ଅରୁଣ ସାହୁ)

ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ସୋମବାର ସକାଳୁ ପହିଲି ଶୀତ ଅନୁଭୂତ ହୋଇଛି। ସର୍ବନିମ୍ନ୧୫ ଡିଗ୍ରୀ ତାପମାତ୍ରା ରହିଥିବା ବ୍ଲକ ପ୍ରଶାସନ ସୁତ୍ରରୁ ଜଣାପଡ଼ିଛି। ପାଗ ସମ୍ପୂର୍ଣ୍ଣ ଶୁଖିଲା ରହିବା ସହ ଭୋରରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇରହୁଛି। ସକାଳ ୮ଟା ଯାଏ ଜାଡ଼ ହେଉଥିବାରୁ ଲୋକେ ଶୀତବସ୍ତ୍ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଶୀତର ମଜା ନେବାପାଇଁ ପର୍ଯ୍ୟଟକଙ୍କ ଦାରିଙ୍ଗବାଡି ଆସିବା ଆରମ୍ଭ ହୋଇଛି। ପୂଜାଛୁଟି ପାଇଁ ସମସ୍ତ ଲଜ୍, ହୋଟେଲ, ରିସର୍ଟଗୁଡିକ ଆଗୁଆ ବୁକିଂ ହୋଇଯାଇଛି।

୫୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

କେନ୍ଦୁଝର, ୧୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଜୁଡିସିଆଲ କୋର୍ଟ ପିଅନ ଗିରଫ

ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜିରୋ ଟଲେରାନ୍ସ ରକ୍ଷା କରିବାକୁ ଧଳାଜହର କାରବାର ଉପରେ ଧରପଗଡ଼ କରୁଛି। ଟିମ୍‌ରବିବାର ରାତିରେ କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବ୍ରାଉନସୁଗାର କାରବାର ବେଳେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ କାର ସହ ୫୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦେବାନନ୍ଦ ସାମଲ (୩୭)। ସେ କେନ୍ଦୁଝର ଜୁଡିସିଆଲ କୋର୍ଟରେ ପିଅନ ଭାବେ କାମ କରନ୍ତି ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଅଭିଯୁକ୍ତ ଏକ ମାରୁତି କାରରେ ଟାଉନ ଥାନା ଅନ୍ତର୍ଗତ ସିଲୁଆଁ ଗ୍ରାମ ନିକଟରେ ବ୍ରାଉନସୁଗାର କାରବାର କରୁଥିଲେ। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଖବର ପାଇ ଟାଉନ ଥାନା ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ବ୍ରାଉନସୁଗାର, କାର ଜବତ କରି ଦେବାନନ୍ଦଙ୍କୁ ଧରି ଟାଉନ ଥାନାକୁ ହସ୍ତାନ୍ତର କରିଥିଲା। ତାଙ୍କଠାରୁ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସୂଚନା ମିଳିଛି। ଏ ନେଇ ଏକ ମାମଲା ରୁଜୁ କରି ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

ବେଦାନ୍ତର ଖଣି ଖନନକୁ ନେଇ ଅଞ୍ଚଳବାସୀଙ୍କ ମିଶ୍ର ପ୍ରତିକ୍ରିୟା

ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଖଣି ପ୍ରଭାବିତ ଅଞ୍ଚଳବାସୀ।

ରାୟଗଡ଼ା/ଟିକିରି, ୧୬।୧୦ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ ବେହେରା)

ସିଜିମାଳି ଖଣି ପରିବେଶ ମଞ୍ଜୁରୀ ଜନଶୁଣାଣି

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ବକ୍ସାଇଟ ଖଣିକୁ ନେଇ ସୋମବାର ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୁଙ୍ଗେରସ୍ଥିତ ହାଇସ୍କୁଲ ପଡ଼ିଆରେ ପରିବେଶ ମଞ୍ଜୁରୀ ନିମନ୍ତେ ଅନୁଷ୍ଠିତ ଜନଶୁଣାଣିରେ ଖଣି ପ୍ରଭାବିତ ସାଗବାରି, କଣ୍ଟାମାଳ, ମାଳିପଦର, ସରମବାଇ, ବନ୍ତେଜି, ଆଲିଗୁଣା ଓ ଅନ୍ୟ ଗ୍ରାମର ପ୍ରାୟ ୬୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ରହି ଖଣି ଖନନକୁ ନେଇ ନିଜର ମତ ରଖିଥିଲେ। ଏଥିରେ ଖଣି ଖନନକୁ ନେଇ ଉଭୟ ବିପକ୍ଷ ଓ ସପକ୍ଷରେ ଅଞ୍ଚଳବାସୀ ମତ ରଖିଥିଲେ। ଖଣି ଖନନ ହେଲେ ଅଞ୍ଚଳର ବହୁ ଆଦିବାସୀଙ୍କ ଜୀବନ ଜୀବିକା ନଷ୍ଟ ହେବ ବୋଲି କେତେକ ଲୋକ ନିଜ ମତ ଦେଇଛନ୍ତି। ସେହିଭଳି କମ୍ପାନୀ ହେଲେ ଅଞ୍ଚଳର ବିକାଶ ପାଇଁ କଥା କହୁଥିବା କମ୍ପାନୀ ଖଣି ଖନନ ପାଇଁ ଅନୁମତି ପାଇବା ପରେ ଅଞ୍ଚଳର କୌଣସି ବିକାଶ ହେଉନାହିଁ କିମ୍ବା ଅଞ୍ଚଳର ଶିକ୍ଷିତ ବେକାରିଙ୍କୁ କୌଣସି ନିଯୁକ୍ତି ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଅପରପକ୍ଷରେ ଖଣି ଖନନ ସପକ୍ଷରେ ମତ ରଖି କିଛି ଲୋକ କହିଥିଲେ ଯେ, ଖଣି ଉତ୍ତୋଳନ ହେଲେ ଦାଦନ ସମସ୍ୟା ବନ୍ଦ ହେବ। ଘର ପାଖରେ ଲୋକ କାମଧନ୍ଦା ପାଇବେ। ଆର୍ଥିକ ସ୍ଥିତି ଉନ୍ନତି ହେବ।

ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଅଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ୧୧ ଜଣ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା, କାଶୀପୁର ତହସିଲଦାର, ବିଡିଓଙ୍କ ସମେତ ଅନ୍ୟ ବ୍ଲକର ତହସିଲଦାର ଓ ବିଡିଓମାନେ ଉପସ୍ଥିତ ଥିଲେ। ଆଜିର ଏହି ଜନଶୁଣାଣିରେ କରାଯାଇଥିବା ଭିଡିଓ, ଲିଖିତ ଦସ୍ତାବିଜ୍ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କୁ ପଠାଇ ଦିଆଯିବ। ଏହି ତଥ୍ୟ ଉପରେ ସରକାର ଯାହା ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

MAA BHIBHABI PARICHITA TAILORING TRAINING SCHOOL
Regd. No: 162018011B1 (I.G.R.)
M.S. ME No. OD19D0009062
I.S.SO. No. QMS 20181403
Tailoring Training
Garment Cutting
Hand Embroidery
Patchwork
Managed by:
Parichita Charitable Trust
(Govt. Regd.)
VIM-359, PO: Sailashree Vihar,
Bhubaneswar-751021
Mob: 9437229575, 8260555625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫିରିଙ୍ଗିଆ ବ୍ଲକର ୬ ସରପଞ୍ଚଙ୍କୁ ହତ୍ୟା ଧମକ

ଫୁଲବାଣୀ, ୧୬।୧୦(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ୬ ଜଣ ସରପଞ୍ଚଙ୍କୁ ଗତ କିଛିଦିନ ହେବ ଫୋନରେ ହତ୍ୟା ଧମକ ମିଳୁଥିବା ଅଭିଯୋଗ ହୋଇଛି। ଲାଲ ବାହିନୀରୁ କହୁଛି, ଦାବି ମୁତାବକ ଅର୍ଥ ନ ଦେଲେ ହତ୍ୟା କରାଯିବ ବୋଲି କୁହାଯାଉଛି। ୬ଜଣ ସରପଞ୍ଚଙ୍କୁ ଅର୍ଥ ଦେବା ଲାଗି ଭିନ୍ନଭିନ୍ନ ଦିନ ସ୍ଥିର କରାଯାଇଥିବା ନେଇ ସେମାନେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଏ ଯାଏ କୌଣସି ସୁରାକ୍ ପାଇପାରିନାହିଁ। ପ୍ରକୃତରେ ମାଓମାଦୀ ନା ଆଉ କିଏ ଧମକ ଦେଉଛି ତାହାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

ଫିରିଙ୍ଗିଆ ବ୍ଲକରେ ମାଓବାଦୀଙ୍କ ଗତିବିଧି ରହିଛି। ୩/୪ ଦିନ ହେବ ୬ ସରପଞ୍ଚଙ୍କୁ ଗୋଟିଏ ନମ୍ବରରୁ ଫୋନ ଆସୁଛି। ବ୍ୟକ୍ତି ଜଣକ ପ୍ରଥମେ ଲାଲ ସାଲାମ କହି ପରେ ଲକ୍ଷାଧିକ ଟଙ୍କା ମାଗୁଛନ୍ତି। ଆଗକୁ ଶହୀଦ ସପ୍ତାହ ଆସୁଥିବାରୁ ଟଙ୍କା ଖର୍ଚ୍ଚ କରାଯିବ। କିଛିଦିନ ହେବ ମାଓବାଦୀ ସଂଗଠନକୁ କେନ୍ଦ୍ରୀୟ କମିଟିରୁ ଟଙ୍କା ଆସୁ ନ ଥିବାରୁ କୌଣସି କାର୍ଯ୍ୟକ୍ରମ ହୋଇପାରୁ ନାହିଁ ବୋଲି ସରପଞ୍ଚମାନଙ୍କୁ କୁହାଯାଉଛି। କେଉଁ ସରପଞ୍ଚ କେଉଁ ଦିନ ଟଙ୍କା ଦେବ ସେଥିନେଇ ସେମାନଙ୍କୁ ତାରିଖ କୁହାଯାଇଛି। ଟଙ୍କା ନ ଦେଲେ ସୁମେରବନ୍ଧ ପୂର୍ବତନ ସରପଞ୍ଚ ସୁବଳ ପ୍ରଧାନଙ୍କୁ ହତ୍ୟା କଲା ଭଳି ତୁମକୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଛି। ଏ ନେଇ ସଦର ଏସ୍‌ଡିପିଓ ସୁପ୍ରଶନ୍ନ ମଲ୍ଲିକଙ୍କୁ ପଚାରିବାରୁ ଫୋନ ନମ୍ବରକୁ ଯାଞ୍ଚ କରାଯାଉଛି। ତଦନ୍ତ ପାଇଁ ଏକ ଟିମ ଗଠନ କରାଯାଇଛି। ମାଓବାଦୀ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ବୋଲି କହିଛନ୍ତି।

ଜନ୍ମ ଦିନ ଶୁଭେଚ୍ଛା

AUTOMOBILE

SALE

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235

REAL ESTATE

SALE

Flat for sale 3BHK at Bijunagar, Patia Rs.90lakhs. M: 9827769868, Phone No.- 06743513969. D-71065

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲଓ୍ୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

Plot sale near AIIMS Hospital, Bhubaneswar. Contact: 9777433701. D-75240

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

Twincity ମଧ୍ୟଭାଗରେ **Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **9337166296, 9853474706.** D-75233

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

PURCHASE

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009** ରେ **Whatsapp** କରନ୍ତୁ। D-74589

Full Body massage, expert Therapist positively health benefits. 8917243035 / 7205044659. D-75156

Relax, Refresh your body, Mind at Saikrupa Spa with best therapies. 8984068077. D-1502

Spa Kerala body Massage only best Therapist @699/- Bhubaneswar. 9337672475. D-1535

Full body massage by expert therapist positively health benefits. 9938843929. D-75159

Asriba da Panchakarma herbal SPA Kesharimall, Bhubaneswar. Contact: 8926173473. D-75051

Full body relax massage refresh your body with trend therapist. 9827090587. D-1580

Newly open health benefits Spa special offer @ 999. Contact: 7749034655. D-75157

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Body massage by experience, good looking therapist @999/-. (Bhubaneswar) 9078484455. D-1533

LOST

I, Biju Behera have lost my original Degree Certificate of B.Tech year 2017-2018 (1521315001) issued from BPUT, Rourkela. If found please contact- 9861485307. D-1578

AFFIDAVIT

By virtue of an affidavit sworn before the Executive Magistrate, Kalahandi, Bhawanipatna, I am Prakash Kumar Mohapatra, At. Ramnagarpada, PO/ PS. Bhawanipatna, Dist. Kalahandi, Odisha declare that my decision to remove my name as father of Praklan Mohapatra from all her educational documents. That in all the educational documents of my daughter be inserted the name Prasanta Kumar Hansa, At- Tentol, PO/ PS. Salepur, Dist. Cuttack, Odisha as her father. D-1585

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Narayan Acharya (62), S/o. Late Shyam Sundar Acharya, At- Ganapatinagar 3rd lane, Aska Road, P.O- Panigrahypentho, P.O- Badabazar, Berhampur, Ganjam. Actualy my father's name is Shyama Sundar Acharya as per Passport bearing No.- F2579480 but in Aadhaar Card No. XXXXXXXX3684 mentioned as Shyam Sundar Acharjya both are same person. I swear this affidavit to be filed before the Concerned Passport Authority to provide the above information for my needful purposes. D-1586

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LEGAL NOTICE

ପରିବାର ବିଚାରପତିଙ୍କ ଅଦାଲତ, ବୌଦ୍ଧ ସିଭିଲ ପିଟିସନ୍ ନଂ.-୪୫/୨୦୨୨
ପ୍ରଦୀପ କୁମାର ...ବାଦୀ
ବନାମ
ସସ୍ମିତା ବେହେରା @ କୁମାର ....ପ୍ରତିବାଦୀ

ପ୍ରାପ୍ତେଷୁ,
ସସ୍ମିତା ବେହେରା @ କୁମାର, ସ୍ୱାମୀ- ପ୍ରଦୀପ କୁମାର, ସା/ଗ୍ରାମ- ମହେଶ୍ୱର ପିଣ୍ଡା, ପୋ- ଦହ୍ୟା, ଥାନା- ମନମୁଣ୍ଡା, ଜିଲ୍ଲା- ବୌଦ୍ଧ।

ବର୍ତ୍ତମାନ ଠିକଣା- ସସ୍ମିତା ବେହେରା @ କୁମାର, କେଆର ଅଫ- ସୂର୍ଯ୍ୟ ବେହେରା, ସା- ଗନ୍ଧର୍ବ ମାର୍ଥା, ପ୍ଲଟ୍ ନଂ.-୨୧୧, ଲେନ-୫, ଝାରପଡ଼ା (ମହାଦେବ ନଗର), ପୋ- ବୁଦ୍ଧେଶ୍ୱରୀ, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୦୬।

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ ପିଟିସନ ନଂ.-୪୫/୨୦୨୨ ର ପ୍ରତିବାଦୀ ପକ୍ଷ ଅଟନ୍ତି। ଏହି କେସ୍ (Section 9 of Hindu Marriage Act for Restitution of Conjugal Right)ରେ ଆପଣଙ୍କ ବିରୁଦ୍ଧରେ କରାଯାଇଛି।

ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୭।୧୧।୨୦୨୩ରିଖ ଦିନ ୧୦.୩୦ଘ. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ନିଜର ପକ୍ଷ ରଖିବେ, ନଚେତ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର- ବିଚାରପତି,
ପରିବାର ଅଦାଲତ, ବୌଦ୍ଧ
ଧ-୧୪୮୨

Classified Everyday
0674-2580101, 2549949

ମନେ ପଡ଼ନ୍ତି

ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ୱନିର୍ମଳା ମହାପାତ୍ର
ପ୍ଲଟ୍ ନଂ.-୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ: ୧୪।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
(ଆଶ୍ୱିନ ଶୁକ୍ଳ ତୃତୀୟା)
ଚାଲୁ ଚାଲୁ ତମେ ଥକିଗଲ ବୋଲି
ନୀରବେ ପଡ଼ିଲ ଶୋଇ,
ଜହ୍ନ ହୋଇ ତୁମେ ଜୋଛନା ଢାଳୁଥା
ସରଗ ରାଇଜେ ରହି।
ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ: ଇଂ. ଯଦୁନାଥ ମହାପାତ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୪୮୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱଧନଞ୍ଜୟ ପଲାଇ
ଚାନ୍ଦବାଲି, ଜିଲ୍ଲା- ଭଦ୍ରକ
ଆବିର୍ଭାବ: ୨୪।୧୦।୧୯୨୬
ତିରୋଧାନ: ୧୪।୧୦।୨୦୨୩
ଆମ୍ଭମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ହଠାତ୍ ଆରପାରିକୁ ଚାଲିଗଲେ ବାପା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ଜୀବନରେ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଆଦର୍ଶ, ଆଶୀର୍ବାଦ ଏବଂ କର୍ତ୍ତବ୍ୟପରାୟଣତା ଆମମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୧୪୭୯

ଏକାଦଶାହ ଉପଲକ୍ଷେ

ୱପୂର୍ଣ୍ଣଚନ୍ଦ୍ର ଶତପଥୀ
ମାଛୁଆଡି, ସାଲେପୁର, କଟକ
ଆବିର୍ଭାବ-୧୦।୦୯।୧୯୩୩
ତିରୋଧାନ- ୦୭।୧୦।୨୦୨୩
ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ସବୁଦିନ ପାଇଁ ଅନୁପ୍ରାଣିତ କରୁଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ଗୋପବନ୍ଧୁ ଶତପଥୀ, ହରିବନ୍ଧୁ ଶତପଥୀ, ସୁଜିତ୍ ଶତପଥୀ, ଅଜିତ୍ ଶତପଥୀ, ଅନିଲ୍ ଶତପଥୀ, ବୋହୂ: ସ୍ୱର୍ଣ୍ଣପ୍ରଭା, ଶୁଭଶ୍ରୀ, ଶୈଳବାଳା, ବୈଜୟନ୍ତୀବାଳା, ସସ୍ମିତା, କନ୍ୟା: ପ୍ରଭାସିନୀ, ଲୟଶ୍ରୀ, ଜ୍ୱାଇଁ: ପ୍ରଦୀପ୍ତ, ଅମରେନ୍ଦ୍ର, ନାତି: ଜ୍ୟୋତିପ୍ରକାଶ, ଅମ୍ଳାନ୍, ସାଇସ୍ମରଣ, ରବିଷ୍ଣ, ନାତୁଣୀ: ପ୍ରିୟଙ୍କା, ସମୀକ୍ଷା, ପ୍ରଣତି, ପୂର୍ଣ୍ଣାହୁତି, ଚାନିଶା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୧୪୮୭

ତୃତୀୟ ଶ୍ରାଦ୍ଧବାର୍ଷିକୀ

ଭଲ କରନ୍ତୁ ଶୁଖିଲା କାଶ

ବହୁଦିନ ଧରି ଶୁଖିଲା କାଶ ଲାଗି ରହୁଥିଲେ ଏଥିରୁ ମୁକ୍ତି ପାଇବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।

▶▶ଲଗାତର ଶୁଖିଲା କାଶ ହେଉଥିଲେ ପିଲାଙ୍କୁ ମହୁ ଖାଇବାକୁ ଦିଅନ୍ତୁ। ପ୍ରତିଦିନ ଉଷୁମ ପାଣିରେ ମହୁ ଖାଇଲେ କିଛିଦିନ ପରେ କାଶ ଭଲ ହୋଇଯିବ।

▶▶ଶୁଖିଲା କାଶ ଦୂରକରିବା ପାଇଁ ହଳଦୀ ଅତ୍ୟନ୍ତ ଉପକାରୀ। କ୍ଷୀର କିମ୍ବା ଉଷୁମ ପାଣିରେ ୧ ଚାମଚ ହଳଦୀଗୁଣ୍ଡ, ଅଳ୍ପ ଗୋଲମରିଚ ଗୁଣ୍ଡ ମିଶାଇ ପିଅନ୍ତୁ। ବୟସ୍କ ଲୋକେ ଏହି ମିଶ୍ରଣକୁ ଚା'ରେ ମିଶାଇ ପିଇପାରିବେ।

▶▶ମସଲାଭାବେ ବ୍ୟବହୃତ ହେଉଥିବା ଅଦା ମଧ୍ୟ କାଶ ଭଲ କରିବାରେ ବିଶେଷ ସହାୟକ ହୋଇଥାଏ। ଅଦା ଚା' ତିଆରି କରି ସେଥିରେ ମହୁ ମିଶାଇ ପିଇଲେ କାଶ ସମସ୍ୟା ଦୂର ହୋଇଥାଏ। ତେବେ ପିଲାମାନଙ୍କୁ ଅଦା ମିଶ୍ରି ମିଶାଇ କାଢ଼ା କରି ଦେଇପାରିବେ। ଅଦାକୁ ଲୁଣ ସହ ମିଶାଇ ଧୀରେ ଧୀରେ ଚୋବାଇ ଖାଇଲେ ମଧ୍ୟ କାଶ କମ୍ ହୋଇଥାଏ।

▶▶ପିପ୍ପଳି ଗୁଣ୍ଡକୁ ମହୁ ସହ ମିଶାଇ ପ୍ରତିଦିନ ଖାଆନ୍ତୁ। କିଛିଦିନ ପରେ ଶୁଖିଲା କାଶ ଭଲ ହୋଇଯିବ।

▶▶ଚା'ରେ କିଛି ପୁଦିନାପତ୍ର ମିଶାଇ ପିଅନ୍ତୁ। କାଶ ଦୂରକରିବା ପାଇଁ ଏହା ଏକ ଉପାୟ ଭଳି କାମ ଦେବ।

ଗାର୍ଡେନ ଲୁକ୍

ଘରର ବାଲ୍‌କୋନିକୁ ଗାର୍ଡେନ ଲୁକ୍ ଦେଇ ଏକ ସମୟରେ ଆପଣ ସୌନ୍ଦର୍ଯ୍ୟ ବଢ଼ାଇବା ସହ ସବୁଜମା ସୃଷ୍ଟି କରିପାରିବେ। ଏଥିପାଇଁ ଜାଣିରଖନ୍ତୁ କିଛି ଟିପ୍ସ।

▶▶ବାଲ୍‌କୋନିର ଚାରିକଡ଼ରେ ଫୁଲକୁଣ୍ଡ ରଖି ସେଥିରେ ଗଛ ଲଗାନ୍ତୁ। ଯଦି ରେଲିଂ ରହିଥାଏ ସେଥିରେ ମଧ୍ୟ କୁଣ୍ଡ ରଖନ୍ତୁ।

▶▶ବାଲ୍‌କୋନିରେ ସିଜନାଲ ଗଛ ଲଗାନ୍ତୁ ଓ ଫୁଲଗଛ ଥିବା କୁଣ୍ଡଗୁଡ଼ିକୁ ଏଭଳି ସ୍ଥାନରେ ରଖନ୍ତୁ ଯେପରି ଖରା ପଡୁଥିବ।

▶▶ସୁନ୍ଦର ଦେଖାଯିବ ଭାବି ଅଧିକ ଫୁଲକୁଣ୍ଡ ରଖନ୍ତୁ ନାହିଁ। ବରଂ ସୁନ୍ଦର ଆକାରର ଅଳ୍ପ କୁଣ୍ଡ ରଖି ସେଥିରେ ଫୁଲଗଛ ଲଗାନ୍ତୁ।

▶▶ବାଲ୍‌କୋନିରେ କେଉଁ ଗଛ ଲଗାଇବେ ତାହା ମଧ୍ୟ ଠିକ୍‌ଭାବେ ବିଚାର କରନ୍ତୁ। କାରଣ ସେଠାକୁ କେତେ ସମୟ ଖରା ପଡୁଛି ଏବଂ

▶▶ବାଲ୍‌କୋନି ଯଦି ବଡ଼ ହୋଇଥାଏ ତେବେ ଗୋଟିଏ ପଟରେ ଗଛ ଲଗାନ୍ତୁ ଅନ୍ୟପଟେ ଆପଣ ବସିପାରିବେ ଓ ସୁନ୍ଦର ସ୍ଥାନକୁ ଉପଭୋଗ କରିପାରିବେ।

▶▶ଝରକା ପାଖରେ କୌଣସି ଗଛ ରଖନ୍ତୁ ନାହିଁ। ଟିକେ ଦୂରରେ ହିଁ ରଖନ୍ତୁ।

ସେହି ଅନୁସାରେ କେଉଁ ଗଛ ଭଲ ବଢ଼ିପାରିବ ଓ ସୁନ୍ଦର ଦେଖାଯିବ ସେନେଇ ନର୍ସରିରେ ପରାମର୍ଶ କରି ଗଛ ଚୟନ କରନ୍ତୁ।

▶▶ବାଲ୍‌କୋନିରେ ଥିବା ଗଛରେ ଠିକ୍ ସମୟରେ ପାଣି ଦିଅନ୍ତୁ ଓ ଗଛରେ କୌଣସି ପୋକ ଲାଗିବା ମାତ୍ରେ ତୁରନ୍ତ କୀଟନାଶକ ପକାନ୍ତୁ।

ପୂଜା ପାଇଁ...

ପାର୍ବଣରେ ଘର ଉତ୍ସବମୁଖର ହେବା ଯୋଗୁ ଗୃହିଣୀଙ୍କ ଦାୟିତ୍ୱ ବେଶ୍ ବଢ଼ିଯାଏ। ଗୋଟିଏ ପଟେ ଘରକାମ ତ ଅନ୍ୟପଟେ ବୁଲାବୁଲି ଓ ମାର୍କେଟିଂ। ତେବେ ବାହାରକୁ ବୁଲିବାକୁ ଯିବା ପୂର୍ବରୁ କେଉଁ ସବୁ ଦିଗ ପ୍ରତି ସତର୍କ ରହିବେ ସେକଥା ଜାଣିବା ନିହାତି ଦରକାର...

ଦଶହରା ପାଇଁ ସ୍କୁଲ କଲେଜ ସବୁ ଛୁଟି ରହିଥାଏ। ତା' ସାଙ୍ଗକୁ ଘରକୁ ବନ୍ଧୁବାନ୍ଧବ ବି ଆସିଥା'ନ୍ତି। ତେଣୁ ଖିଆପିଆ ସାଙ୍ଗକୁ ବୁଲାବୁଲି ତ ନିଶ୍ଚୟ କରିବାକୁ ହେବ। ତେବେ ସେ ଶପିଂ ହେଉ କି ମେଢ଼ ଦେଖା, ଯେଉଁଠିକୁ ଗଲେ ବି ପ୍ରସ୍ତୁତ ହୋଇ ଯିବାକୁ ହେବ। ନଚେତ୍ ହସଖୁସିର ପରିବେଶ ଟେନ୍‌ସନରେ ବଦଳିଯିବାକୁ ବେଶି ସମୟ ଲାଗିବ ନାହିଁ। ତେଣୁ ବୁଲିବାକୁ ଯିବା ସମୟରେ କେଉଁ ସବୁ ଦିଗ ପ୍ରତି ନିହାତି ଦୃଷ୍ଟିଦେବାକୁ ହେବ ସେସବୁ ନେଇ ଆଗୁଆ ପ୍ରସ୍ତୁତି କରିବାକୁ ହେବ।

ଭିଡ଼ ନ ଥିବାବେଳେ: ଦଶହରା ପାଇଁ ଯଦି ବୁଲିବାକୁ ବାହାରିଛନ୍ତି ତେବେ ବେଶି ଗହଳି ହେଉଥିବା ସମୟରେ ଯାଆନ୍ତୁ ନାହିଁ। ପ୍ରାୟତଃ ସନ୍ଧ୍ୟା ସମୟରେ ହିଁ ଅଧିକ ଭିଡ଼ ହୋଇଥାଏ। ତେଣୁ ସନ୍ଧ୍ୟା ହେବା ପୂର୍ବରୁ କିମ୍ବା ପରେ ବୁଲିବାକୁ ଯିବା ହିଁ ବୁଦ୍ଧିମାନର ବିଷୟ ହେବ। ଅତ୍ୟଧିକ ଭିଡ଼ ଥିବା ସମୟରେ ବୁଲିବାକୁ ଗଲେ ବୁଲିବାର ମଜା ନେଇ ହେବ ନାହିଁ। ବରଂ ଭିଡ଼ ଭିତରୁ କିଭଳି ଶୀଘ୍ର ବାହାରକୁ ଯିବେ ସେଥିପାଇଁ ଉପାୟ ଚିନ୍ତା କରିବାରେ ଅଧିକ ସମୟ ଚାଲିଯିବ। ତେଣୁ ବାହାରର ସ୍ଥିତିକୁ ଲକ୍ଷ୍ୟକରି କମ୍ ଗହଳି ହେଉଥିବା ସମୟରେ ହିଁ ବୁଲିବାକୁ ଯାଆନ୍ତୁ। ଏହା ବ୍ୟତୀତ ଗହଳି ସ୍ଥାନକୁ କାର୍ ନେଇ ଯିବା ବଦଳରେ ୨ଚକିଆ ଯାନରେ ଯିବା ହିଁ ଅଧିକ ସୁବିଧା ହୋଇଥାଏ। ତେଣୁ ପରିସ୍ଥିତିକୁ ଦେଖି କେଉଁଥିରେ ଯିବେ ନିଷ୍ପତ୍ତି ନିଅନ୍ତୁ।

ଖାଇବା ନିଷ୍ପତ୍ତି: ବୁଲାବୁଲି କରିବାକୁ ଯିବାବେଳେ ଘରେ ଖାଇବା ପ୍ରସ୍ତୁତ କରିବେ କି ବାହାରେ ଖାଇବେ ସେନେଇ ପୂର୍ବରୁ ବିଚାର କରି ନିଅନ୍ତୁ। ସେହି ଅନୁସାରେ ବୁଲିବାକୁ ଯିବା ପୂର୍ବରୁ ଘରେ ଖାଇବା ପ୍ରସ୍ତୁତ କରି ରଖି ଦିଅନ୍ତୁ। ନଚେତ୍ ବୁଲିବା ପରେ ଘରକୁ ଫେରି ହାଲିଆ ହୋଇ ହୁଏତ ସମସ୍ତଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିପାରିବେ ନାହିଁ। ଏହା ବ୍ୟତୀତ ଘରେ ଯଦି ଅନ୍ୟ ବୟସ୍କ ବ୍ୟକ୍ତି ଥାନ୍ତି ତେବେ ସେମାନଙ୍କ ଭୋଜନ ପାଇଁ ବି ବ୍ୟବସ୍ଥା କରିଯାଆନ୍ତୁ।

କମ୍ ଜିନିଷ: ପାର୍ବଣ ସମୟରେ ବୁଲିବାକୁ ଯାଉଥିଲେ ସାଙ୍ଗରେ କମ୍ ଜିନିଷ ନେଇ ଯାଆନ୍ତୁ। ନିଜର ସୁରକ୍ଷା ଦୃଷ୍ଟିରୁ ସୁନାଗହଣା ପିନ୍ଧି ବାହାରନ୍ତୁ ନାହିଁ। ଏହା ସହ ସାଙ୍ଗରେ ପିଲାମାନଙ୍କୁ ନେଇ ଯାଉଥିଲେ ସେମାନଙ୍କ ପାଇଁ ନିହାତି ଆବଶ୍ୟକ ଜିନିଷ ନିଅନ୍ତୁ। ଯଦି ଦୂର ସ୍ଥାନକୁ ବୁଲିବାକୁ ଯାଉଥାନ୍ତି ତେବେ ସବୁ ଜିନିଷ ଦାୟିତ୍ୱରେ ରଖିବାର ବ୍ୟବସ୍ଥା କରନ୍ତୁ। ଏହା ବ୍ୟତୀତ କେଉଁଠି ରହିବେ ଓ କେଉଁ ସ୍ଥାନକୁ ଯିବେ ସେନେଇ ଆଗରୁ ସବୁକିଛି ସ୍ଥିର କରନ୍ତୁ। ନଚେତ୍ ଶେଷ ମୁହୂର୍ତ୍ତରେ ହୁଏତ ଠକାମିର ଶିକାର ହୋଇପାରନ୍ତି।

ଏମାନେ କ'ଣ କରନ୍ତି

ବହୁ ସମୟ ବାହାରେ ବୁଲିବୁ: ମତେ ତ ବୁଲାବୁଲି କରିବାକୁ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଖାଲି ସୁଯୋଗ ଖୋଜୁଥାଏ। ଆଉ ଦଶହରାରେ ଘରକୁ ନଣନ୍ଦଙ୍କ ପରିବାର ଓ ମାମୁଘର ଲୋକେ ବି ଆସନ୍ତି। ତେଣୁ ସବୁଦିନ ସନ୍ଧ୍ୟାରେ ଆମେ ବୁଲିବାକୁ ଯାଉ। ପ୍ରଥମେ ପିଲାଙ୍କୁ ସନ୍ଧ୍ୟାରେ ନେଇ ବୁଲାବୁଲି ଓ ଖିଆପିଆ କରାଇ ଆଣିବା ପରେ ଆମେ ଟିକେ ଡେରିରେ ଯାଉ। ବହୁତ ଭଲ ଲାଗେ। ବାହାରେ ବୁଲି ଖିଆପିଆ କରି ଢେର୍ ସମୟ ପରେ ଘରକୁ ଫେରୁ। ସେଥିପାଇଁ ଘରକାମ ସବୁ ଆଗୁଆ ସାରି ଦେଇଯାଏ। *– ମମତା ଜେନା, ଗୃହିଣୀ, ବରଗଡ଼ ବ୍ରିଟ୍ କଲୋନି, ଭୁବନେଶ୍ୱର*

ପୂଜା ସାଙ୍ଗକୁ ବୁଲିବାର ମଜା ଅଲଗା: ନବରାତ୍ରିରେ ଘରେ ପୂରା ବିଧିବିଧାନରେ ପୂଜାକରେ। ପୂଜା ଶେଷ ଦିନ ପିଲାଙ୍କୁ ଡାକି ଖାଇବାକୁ ଦିଏ ଓ ଗିଫ୍ଟ ଦିଏ। ପୂଜା ପାଇଁ ପିଠାପଣା ବି ହୁଏ। ଏସବୁ ପରେ ପାଣିପାଗ ଦେଖି କଟକ ଓ ଭୁବନେଶ୍ୱର ବୁଲି ମେଢ଼ ଦେଖିବୁ। ସ୍ୱାମୀ ଓ ନଣନ୍ଦଙ୍କ ସହ ଏଥର ବୁଲିବାକୁ ଯିବୁ। ଆମେ ବହୁତ ଜିନିଷ କିଣିବୁ ବୋଲି ପ୍ଲାନ୍ ବି କରିଛୁ। ଭୁବନେଶ୍ୱରରେ ମୋ ଭଉଣୀ ଭିଣୋଇ ଓ ଅନ୍ୟମାନେ ରହୁଛନ୍ତି। ସେଠି ସମସ୍ତେ ସାଙ୍ଗହୋଇ ବୁଲିବାକୁ ଯିବୁ ଓ ଖିଆପିଆ କରିବୁ। ବର୍ଷର ଏହି ଗୋଟିଏ ଉତ୍ସବରେ ସମସ୍ତେ ଏକାଠି ହୋଇ ବାହାରକୁ ଯାଉ ବୋଲି ଖୁବ୍ ମଜା ଲାଗେ। ମାଆଙ୍କ ପୂଜା ସାଙ୍ଗକୁ ଚାରିଆଡେ ପାର୍ବଣର ଗୋଟେ ଭିନ୍ନ ପରିବେଶରେ ବୁଲିବାର ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। *– ସ୍ମୃତିରେଖା ପଟ୍ଟନାୟକ, ଗୃହିଣୀ, ସିଡିଏ, ସେକ୍ଟର ୬, କଟକ*

ସମସ୍ତଙ୍କ ସହ ବୁଲିବାକୁ ଯିବୁ: ଦଶହରା ପାଇଁ ଆମର କିଣାକିଣି ପ୍ରାୟ ସରିଗଲାଣି। ଘର ପାଇଁ ଓ ପିଲାଙ୍କ ପାଇଁ ସବୁ କିଣାକିଣି ସରି ଯାଇଛି। କାହିଁକିନା ଦଶହରା ବେଳକୁ ସବୁଆଡ଼ ଅଧିକ ଗହଳି ହେବ ବୋଲି ଆମେ ଆଗୁଆ ଶପିଂ କରିସାରିଛୁ। ବାକି ଘରକୁ ବନ୍ଧୁବାନ୍ଧବ ଆସିବେ, ସେମାନଙ୍କ ପାଇଁ କିଛି କିଣାକିଣି ସାଙ୍ଗକୁ ବୁଲାବୁଲି କରିବାର ପ୍ଲାନ୍ ରହିଛି। ସମସ୍ତେ ମିଶି ବାହାରେ ଖିଆପିଆ କରି ମଜାକରିବୁ। ବର୍ଷକୁ ଥରେ ଏହି ପୂଜାରେ ବୁଲାବୁଲି ନ କଲେ ଭଲ ଲାଗିବ ନାହିଁ। ତା' ଛଡ଼ା ମତେ ଘର ସଜାଇବାକୁ ବେଶି ଭଲ ଲାଗେ। ସେଥିପାଇଁ କୌଣସି ଉତ୍ସବରେ ଘରକୁ ବନ୍ଧୁବାନ୍ଧବ ଆସିଲେ ବହୁତ ଭଲଲାଗେ। ସେମାନଙ୍କ ସହ ଦଶହରା ଛୁଟି ବେଶ୍ ଖୁସିରେ କଟିଯାଏ। *– ବିଶ୍ୱବନ୍ଦିତା ମହାନ୍ତି, ଗୃହିଣୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର*

ପିଲାମାନେ ଖୁସି ହୁଅନ୍ତି: ବୁଲିବାକୁ ଯିବା ମୋ ପାଇଁ ଭାରି କଷ୍ଟ କାମ। ଗହଳି ଭିତରେ ପିଲାଙ୍କୁ ଧରି ସବୁବେଳେ ସତର୍କ ରହିବାକୁ ହୋଇଥାଏ। ସେଥିରେ ପୁଣି କିଏ କୁଆଡ଼େ ଯେମିତି ହଜି ନ ଯିବ ସେଥିପାଇଁ ବି ଜଗିବାକୁ ହୁଏ। ଖାଲି ପିଲାମାନଙ୍କ ଖୁସି ପାଇଁ ଯାହା ବାଧ୍ୟରେ ବୁଲିବାକୁ ଯାଏ। କମ୍ ଭିଡ଼ ହେବ ଭାବି ଆମେ ସମସ୍ତେ ଦୁର୍ଗାଷ୍ଟମୀ ଦିନ ହିଁ ବୁଲିବାକୁ ଯାଉ। ସେଦିନ ବାହାରେ ଖାଇପିଇ ଡେରିରେ ଘରକୁ ଫେରୁ। ଘରକୁ ଆସିବା ପରେ ସମସ୍ତେ ଫ୍ରେଶ୍ ହୋଇ ଶୋଇପଡୁ। ବାକି ଦିନ ସବୁ ଘରେ ଭଲ ଭଲ ଖାଇବା ତିଆରି କରେ ଆଉ ବାହାରୁ ବି ଖାଇବା ମଗାହୁଏ। ପିଲାମାନେ ଦଶହରାକୁ ଖୁବ୍ ଏନ୍‌ଜଏ କରନ୍ତି। ବେଳେବେଳେ ସେମାନେ ରାବଣପୋଡ଼ି ଓ ବାଣଫୁଟା ଦେଖିବା ପାଇଁ ବି ଯାଆନ୍ତି। *– ସୁଜାତା ଜେନା, ଗୃହିଣୀ, ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର*

ସୌନ୍ଦର୍ଯ୍ୟ

ସୁନ୍ଦର କେଶ

ଘନ କେଶ ମହିଳାଙ୍କ ସୌନ୍ଦର୍ଯ୍ୟକୁ ଢେର୍ ଗୁଣ ବଢ଼ାଇ ଦେଇଥାଏ। ତେବେ କେଶକୁ ଗହଳିଆ କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।

▶▶ଭଲ କେଶ ପାଇଁ ସର୍ବପ୍ରଥମେ ନିଜ ଖାଦ୍ୟପେୟ ଉପରେ ଧ୍ୟାନ ଦିଅନ୍ତୁ। ଆଇରନ୍, ଭିଟାମିନ୍– ଡି, ଆମିନୋ ଏସିଡ୍, ଫୋଲେଟ୍, ଭିଟାମିନ୍– ବି ୧୨ ଏବଂ ସେଲେନିୟମ୍ ଥିବା ଖାଦ୍ୟ ଖାଆନ୍ତୁ।

▶▶କେଶକୁ ଅଧିକ ଟାଇଟ୍ କରି ବାନ୍ଧନ୍ତୁ ନାହିଁ। ଏପରି କଲେ କେଶ ଅଧିକ ଉପୁଡ଼ିଯାଏ।

▶▶କେଶ ଅଧିକ ଅଏଲି ହୋଇଥିଲେ ସପ୍ତାହକୁ ଦୁଇଥର ଧୁଅନ୍ତୁ।

▶▶ଲମ୍ବା କେଶ ହୋଇଥିଲେ ମୂଳକୁ ହିଁ ଭଲଭାବେ ଧୋଇବା ଉପରେ ଅଧିକ ଧ୍ୟାନ ଦିଅନ୍ତୁ।

▶▶ଶାମ୍ପୁ କରିବା ପରେ କଣ୍ଡିସନର ନିଶ୍ଚୟ କରନ୍ତୁ।



▶▶ପ୍ରଦୂଷଣରୁ କେଶକୁ ରକ୍ଷା କରନ୍ତୁ। ତେଣୁ ବାହାରକୁ ବାହାରିବା ସମୟରେ କେଶକୁ ଘୋଡ଼ାଇ ବାହାରନ୍ତୁ।

▶▶ନଡ଼ିଆ ତେଲ କିମ୍ବା ଅନ୍ୟ ଯେକୌଣସି ତେଲ ମାଲିସ୍ କରନ୍ତୁ ଏବଂ ପ୍ରତିଦିନ ମୁଣ୍ଡ କୁଣ୍ଡାନ୍ତୁ।

▶▶କେଶକୁ ଅଧିକ ଘନ କରିବା ପାଇଁ ଅଣ୍ଡା ଲଗାନ୍ତୁ। କେଶର ଲମ୍ବ ଅନୁସାରେ ଗୋଟିଏ କିମ୍ବା ଦୁଇଟି ଅଣ୍ଡାକୁ ଫେଣ୍ଟି କେଶ ମୂଳରେ ଲଗାଇ ଦିଅନ୍ତୁ। ଅଧଘଣ୍ଟା ରଖିବା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

▶▶ଅଲିଭ୍ ଅଏଲ୍ ଲଗାଇ ଅତିକମ୍‌ରେ ଅଧଘଣ୍ଟା ରଖିବା ପରେ ଶାମ୍ପୁ କରନ୍ତୁ।

▶▶ମେଥିକୁ ଲଗାଇଲେ ବି କେଶ ଘନ ହୋଇଥାଏ। ରାତିରୁ ମେଥି ଭିଜାଇ ସକାଳେ ତାକୁ ଗ୍ରାଇଣ୍ଡିଂ କରି କେଶ ମୂଳରେ ଲଗାନ୍ତୁ। ୧୦ ରୁ ୧୫ ମିନିଟ୍ ରଖିବା ପରେ ଶାମ୍ପୁ କରି ଦିଅନ୍ତୁ।

▶▶ଘନ କେଶ ନିମନ୍ତେ କେଶ ମୂଳରେ ଆଲୋଭେରା ଜେଲ୍ ଲଗାନ୍ତୁ।

▶▶କେଶ ଓଦା ଥିବା ସମୟରେ କୁଣ୍ଡାନ୍ତୁ ନାହିଁ। ସବୁବେଳେ ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।

ଖାଦ୍ୟରୁଚି

ପନିର ଭୁର୍ଜି

ଆବଶ୍ୟକ ସାମଗ୍ରୀ–

ପନିର– ୨୫୦ ଗ୍ରାମ୍, ଟମାଟୋ– ୪ଟି, ଅଦା– ୧ ଚାମଚ (କଟା), କଞ୍ଚାଲଙ୍କା– ୩ଟି, ହଳଦୀ– ୧ ଛୋଟ ଚାମଚ, ଧନିଆଗୁଣ୍ଡ– ୧ ଛୋଟ ଚାମଚ, ଜୀରା ଗୁଣ୍ଡ– ୧ ଛୋଟ ଚାମଚ, ଲଙ୍କାଗୁଣ୍ଡ ଅଳ୍ପ, ଗରମ ମସଲା ଗୁଣ୍ଡ– ଅଧା ଛୋଟ ଚାମଚ, କସ୍ତୁରୀ ମେଥି– ୧ ଛୋଟ ଚାମଚ, ଧନିଆପତ୍ର– ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ–

ପ୍ରଥମେ ପନିରକୁ ଛୋଟ ଛୋଟ ଖଣ୍ଡ କରି ରଖନ୍ତୁ। ଏହାପରେ ଟମାଟୋ, କଞ୍ଚାଲଙ୍କା ଓ ଅଦାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଗ୍ୟାସ୍‌ରେ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଟମାଟୋ ପେଷ୍ଟ ପକାଇ କଷନ୍ତୁ। ଅଳ୍ପ କଷି ହୋଇଯିବା ପରେ ସେଥିରେ ଲୁଣ, ହଳଦୀ ଓ ସମସ୍ତ ମସଲା ଗୁଣ୍ଡ ପକାଇ ପୁଣି କିଛି ସମୟ କଷନ୍ତୁ। ଏବେ ଏଥିରେ କିଛି ପାଣି ଦେଇ ଭଲଭାବେ କଷିବା ପରେ ପନିର ପକାନ୍ତୁ। ପନିରକୁ ଭଲଭାବେ ମିଶାଇ କିଛି ସମୟ ପରେ ଓହ୍ଲାଇ ଦିଅନ୍ତୁ। ଏବେ ସେଥିରେ ଧନିଆପତ୍ର କାଟି ପକାନ୍ତୁ। ବିନା ପିଆଜ ରସୁଣରେ ପ୍ରସ୍ତୁତ ଏହି ପନିର ଭୁର୍ଜିକୁ ଉଭୟ ଭାତ କିମ୍ବା ରୁଟି ସହ ଖାଇହେବ।

ଅଲିମ୍ପିକ ଆନ୍ଦୋଳନକୁ ଲୋକାଭିମୁଖୀ କରିବ କ୍ରିକେଟ

ମୁମ୍ବାଇ ୧୬।୧୦

ଲସ୍‌ଆଞ୍ଜେଲସ ୨୦୨୮ ଅଲିମ୍ପିକ୍ସ ନିମନ୍ତେ କ୍ରୀଡା କାର୍ଯ୍ୟସୂଚୀରେ କ୍ରିକେଟକୁ ସାମିଲ କରାଯିବା ସ୍ୱାଗତଯୋଗ୍ୟ। ଅଲିମ୍ପିକ ଆନ୍ଦୋଳନ ପାଇଁ ଏହା ନୂତନ ଆଗ୍ରହ ଏବଂ ସୁଯୋଗ ସୃଷ୍ଟି କରିବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଦସ୍ୟା ନୀତା ଏମ୍. ଅମ୍ବାନି କହିଛନ୍ତି। ମୁମ୍ବାଇରେ ଚାଲିଥିବା ୧୪୧ତମ ଆଇଓସି ଅଧିବେଶନରେ କ୍ରିକେଟକୁ ଆନୁଷ୍ଠାନିକ ଭାବରେ ଏକ ଅଲିମ୍ପିକ କ୍ରୀଡ଼ା ଭାବରେ ଗ୍ରହଣ କରାଯାଇଛି। ଏଥିରେ ଆନନ୍ଦ ପ୍ରକାଶ କରି ନୀତା କହିଛନ୍ତି ଜଣେ ଭାରତୀୟ ଏବଂ କ୍ରିକେଟର ଜଣେ ପ୍ରଶଂସକ ଭାବେ ସେ ଖୁବ୍ ଆନନ୍ଦିତ। ଆଇଓସିର ଜଣେ ସଦସ୍ୟା ଭାବେ ସେ ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ଅଲିମ୍ପିକ କ୍ରୀଡା କାର୍ଯ୍ୟକ୍ରମରେ କ୍ରିକେଟକୁ ସାମିଲ କରିବା ସପକ୍ଷରେ ଭୋଟ ଦେଇଛନ୍ତି। କ୍ରିକେଟ ଏହା ପୂର୍ବରୁ ୧୯୦୦ ଅଲିମ୍ପିକ୍ସରେ ଥରେ ମାତ୍ର ସ୍ଥାନ ପାଇଥିଲା। ସେତେବେଳେ ମାତ୍ର ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ। କ୍ରିକେଟ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଦର୍ଶକ ଦେଖୁଥିବା ଏକ ଖେଳ। କହିବା ବାହୁଲ୍ୟ କ୍ରିକେଟ ୧୪୦କୋଟି ଭାରତୀୟଙ୍କ ପାଇଁ ଆଇ ଏକ ଖେଳ ହୋଇ ରହିନାହିଁ ଏହା ଏକ ପ୍ରକାର ଧର୍ମରେ ପରିଣତ ହୋଇଯାଇଛି ବୋଲି ନୀତା କହିଛନ୍ତି। ଆଇଓସି ଅଧିବେଶନ ଭାରତରେ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେଉଛି। ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବା ନିଷ୍ପତ୍ତି ପୁଣି ଖେଳର ଲୋକପ୍ରିୟ ଦେଶରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଣିକି ବିଶ୍ୱର ଅନ୍ୟ ଅଞ୍ଚଳରେ ଏହି ଖେଳ ପ୍ରତି ଆଦର ଓ ଆଗ୍ରହ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପ୍ରଥମ ଭାରତୀୟ ମହିଳା ଭାବରେ ଆଇଓସି ସଦସ୍ୟ ଥିବା ନୀତା ଏହି ଅବସରରେ ଯୁଗାନ୍ତକାରୀ ନିଷ୍ପତ୍ତିକୁ ନେଇ ଆଇଓସି ଏବଂ ଲସ୍‌ଆଞ୍ଜେଲ୍ସ ଗେମ୍ସର ଆୟୋଜକ କମିଟିକୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଛନ୍ତି।

ଆଇଓସି ସଭାପତି ଥୋମାସ ବାକ୍‌ଙ୍କ ସହ ନୀତା ଅମ୍ବାନି।

୧୯୦୦ ଅଲିମ୍ପିକ୍ସରେ କ୍ରିକେଟ

ନୂଆଦିଲ୍ଲୀ, ୧୬।୧୦(ପି.ଟି.): ପ୍ୟାରିସ୍‌ରେ ଅଲିମ୍ପିକ୍ସର ୧୯୦୦ ସଂସ୍କରଣରେ ପ୍ରଥମ ଏବଂ ଥରେ ମାତ୍ର କ୍ରିକେଟ୍ ଖେଳକୁ ସାମିଲ କରାଯାଇଥିଲା। ଏହାପରେ ୨୦୨୮ ଲସ୍‌ଆଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଛି। ଅବଶ୍ୟ ଏହା ଟି୨୦ ଫର୍ମାଟ୍‌ରେ ଖେଳାଯିବ। ୧୯୦୦ ସଂସ୍କରଣର କ୍ରିକେଟ ଖେଳ ବେଶ୍ କୌତୂହଳପୂର୍ଣ୍ଣ ଥିଲା। ଫାଇନାଲ ମ୍ୟାଚ ଫ୍ରେଞ୍ଚ ଟିମ୍ ଏବଂ ପ୍ରସିଦ୍ଧ ଏଫିଲ ଟାୱାର ନିର୍ମାଣ କାର୍ଯ୍ୟରେ ଲାଗିଥିବା ଶ୍ରମିକମାନଙ୍କୁ ନେଇ ଗଠିତ ଗ୍ରେଟ୍ ବ୍ରିଟେନ ଦଳ ମଧ୍ୟରେ ହୋଇଥିଲା। ସେଥର ଗେମ୍ସ ୬ ମାସ ଧରି ଅନୁଷ୍ଠିତ ହୋଇଥିଲା। ଅଲିମ୍ପିକ କ୍ରିକେଟ ପ୍ରୋଗ୍ରାମ୍ ଏକ ମ୍ୟାଚବିଶିଷ୍ଟ ତଥା ଦୁଇଦିନିଆ ଖେଳ ଥିଲା। ଏଥିରେ ୪ଟି ଇନିଂସ୍‌ରେ ମୋଟ ୩୬୬ ରନ୍ ସ୍କୋର ହୋଇଥିଲା। ମ୍ୟାଚ୍‌ଟି ଏକ ସାଇକେଲ ଟ୍ରାକ୍ ଭେଲୋଡ୍ରୋମ୍ ଡି' ଭିନସିନେସ୍ ଭିତରେ ଖେଳାଯାଇଥିଲା। ଏଥିରେ ଶର୍ଟକର୍ନର ବାଉଣ୍ଡାରି ରହିଥିଲା। ପିଚ୍‌ର କେନ୍ଦ୍ରସ୍ଥଳରୁ ଏହାର ଦୂରତା ୩୦ ମିଟରରୁ କମ୍ ରହିଥିଲା। ପଡ଼ିଆରେ ୨୪ଜଣ ଖେଳାଳି ଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ମ୍ୟାଚ୍‌ର ଦର୍ଶକ ସଂଖ୍ୟା ୨୦ ଟପି ନ ଥିଲା। ଏହି ମ୍ୟାଚ୍‌ରେ ୧୮୪ ରନ୍‌ର ପିଛା କରୁଥିବା ଫ୍ରେଞ୍ଚ୍ ଦଳ ମାତ୍ର ୨୬ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜଣେହେଲେ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଫାଇନାଲ ଜିତିଥିବା ଗ୍ରେଟ୍ ବ୍ରିଟେନ୍ ଦଳକୁ ରୌପ୍ୟ ଏବଂ ରନରଅପ୍ ଫ୍ରେଞ୍ଚ୍ ଦଳକୁ ବ୍ରୋଞ୍ଜ ମିଳିଥିଲା। ୧୯୧୨ରେ ଏହି ଇଭେଣ୍ଟ ଅଫିସିଆଲ ସ୍ୱୀକୃତି ପାଇବା ପରେ ବ୍ରିଟେନ୍‌ର ରୌପ୍ୟକୁ ଅପ୍‌ଗ୍ରେଡ୍ କରାଯାଇ ସ୍ୱର୍ଣ୍ଣ ଏବଂ ଫ୍ରାନ୍ସ ରୌପ୍ୟ ପାଇଥିଲା, ଯଦିଓ ଖେଳାଳିମାନେ ଅପ୍‌ଗ୍ରେଡ୍ ପଦକ ପାଇବାର କୌଣସି ଐତିହାସିକ ପ୍ରମାଣ ନାହିଁ।

ଜାତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ

ଆର୍ଯ୍ୟନ ବ୍ରାହ୍ମିନ

ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଏସିଆନ ପୁରୁଷ ହ୍ୟାଣ୍ଡବଲ

ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)

ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମିନ ନିଜ କ୍ୟାରିୟରରେ ଆଉ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ସେ ଭାରତୀୟ ପୁରୁଷ ହ୍ୟାଣ୍ଡବଲ ଦଳରେ ସ୍ଥାନ ପାଇଛନ୍ତି। ୨୦୨୪ ଅଲିମ୍ପିକ୍ସ ପାଇଁ ଏସିଆନ ପୁରୁଷ ହ୍ୟାଣ୍ଡବଲ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ କାତାରର ଦୋହାଠାରେ ଚଳିତମାସ ୧୮ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ମନୋନୀତ ଭାରତୀୟ ଖେଳାଳିଙ୍କୁ ନେଇ ଏକ କୋଚିଂ କ୍ୟାମ୍ପ ଲକ୍ଷ୍ନୌଠାରେ ଗତ ୪ ତାରିଖରୁ ଆରମ୍ଭ ହୋଇ ସୋମବାର ଶେଷ ହୋଇଛି। ଏଥିରେ ସାମିଲ ହୋଇଥିବା ଆର୍ଯ୍ୟନ ମଙ୍ଗଳବାର ଦଳସହ ଦୋହାଯାତ୍ରା କରିବେ। ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଏସିଆ ମହାଦେଶର ୧୩ଟି ଦେଶ ଅଂଶଗ୍ରହଣ କରିବେ। ଆର୍ଯ୍ୟନଙ୍କ ଏହି ସଫଳତା ପାଇଁ ଓଡିଶା ରାଜ୍ୟ ହାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସିତେନ୍ଦ୍ର ନାଥ ଦାସ, ଭୁବନେଶ୍ୱର ହାଣ୍ଡବଲ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କୋଚ୍ ତଥା ତାଙ୍କ ବାପା ଗୌରୀଶଙ୍କର ମିଶ୍ର ଶୁଭେଚ୍ଛା ଓ ଶୁଭକାମନ ଜଣାଇଛନ୍ତି।

ଶୁଭ୍ରାଂଶୁଙ୍କ ଶତକ: ଓଡ଼ିଶା ବିଜୟୀ

ଶୁଭ୍ରାଂଶୁ ସେନାପତି

ସନ୍ଦୀପ ପଟ୍ଟନାୟକ

ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)

ସୟଦ ମୁସ୍ତାକ ଅଲୀ ଟି୨୦

ଶୁଭ୍ରାଂଶୁ ସେନାପତିଙ୍କ ଦ୍ରୁତ ଶତକ ସହାୟତାରେ ଓଡ଼ିଶା ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଆସାମକୁ ୧୧ ରନରେ ପରାସ୍ତ କରିଛି। ମୁମ୍ବାଇର ଡିୱାଇ ପାଟିଲ ୟୁନିଭର୍ସିଟି ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨୦ ଓଭରରେ ୨ ଉଇକେଟ ହରାଇ ୨୨୬ ରନ କରିଥିଲା। ମାତ୍ର ୪୫ ବଲ୍‌ରୁ ଶତକ ପୂରଣ କରିଥିବା ଶୁଭ୍ରାଂଶୁ ୫୪ ବଲ୍‌ରୁ ୧୧୮ (୧୦ ଚୌକା, ୮ ଛକା) ରନକରି ଅପରାଜିତ ରହିଥିଲେ। ସନ୍ଦୀପ ପଟ୍ଟନାୟକ ମଧ୍ୟ ଦ୍ରୁତ ହାରରେ ରନ ସଂଗ୍ରହ କରି ୫୭ ବଲ୍‌ରୁ ୮୭ (୮ ଚୌକା, ୩ ଛକା) ରନ ସ୍କୋର କରିଥିଲେ। ଆସାମ ପକ୍ଷରୁ ମୁକ୍ତେଶ୍ୱର ହୋସେନ ୨ଟି ଉଇକେଟ ନେଇଥିଲେ। ୨୨୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଆସାମ ୨୦ ଓଭରରେ ୯ ଉଇକେଟ ହରାଇ ୨୧୫ ରନ କରିବାକୁ ସକ୍ଷମ ହୋଇଥିଲା। ରିୟାନ ପରାଗ ୧୯ ବଲ୍‌ରୁ ସର୍ବାଧିକ ୪୫ (୪ ଚୌକା, ୩ ଛକା) ଓ ଏସ.ସି. ଘାଡ଼ିଗାଓଁକର ୨୩ ବଲ୍‌ରୁ ୪୪ (୫ ଚୌକା, ୨ ଛକା) ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୁନୀଲ କୁମାର ରାଉଳ ୪ ଓଭରରେ ୩୬ ରନ ଦେଇ ୩ଟି ଏବଂ ଦେବବ୍ରତ ପ୍ରଧାନ ୨ଟି ଉଇକେଟ ନେଇଥିଲେ।

ଡବ୍ଲ୍ୟୁଏଫ୍‌ଆଇ ଉପରୁ ସସ୍‌ପେଣ୍ଡ ଆଦେଶ ଉଠିପାରିବ

ମୁମ୍ବାଇ, ୧୬।୧୦(ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନୂଆ କର୍ମକର୍ତ୍ତା ନିର୍ବାଚିତ କରିବା ପରେ ଏହା ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହାର କରିନିଆଯିବ ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ମୁଖ୍ୟ ନେନାଡ୍ ଲାଲୋଭିଚ୍ ସୋମବାର ପ୍ରକାଶ କରିଛନ୍ତି। ଲାଲୋଭିଚ୍ ଏଠାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ୧୪୧ତମ ଅଧିବେଶନରେ ଯୋଗଦେବାଲାଗି ମୁମ୍ବାଇ ଆସିଛନ୍ତି। ସେ କହିଛନ୍ତି, ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ବ୍ରିଜ୍ ଭୂଷଣ ଶରଣଙ୍କ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ମାମଲାରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ହସ୍ତକ୍ଷେପ କରିବ ନାହିଁ। କିନ୍ତୁ ସେମାନେ ବିଶ୍ୱ ଗଭର୍ନିଂ ବଡିକୁ ଏହି ପ୍ରସଙ୍ଗରେ ମୁଣ୍ଡ ଖେଳାଇବା ପାଇଁ ଯଦି ନିବେଦନ କରିବେ ତେବେ ସେମାନଙ୍କ କଥା ଶୁଣାଯିବ। ସୂଚନାଯୋଗ୍ୟ, ବ୍ରିଜ୍ ଭୂଷଣ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନଶୋଷଣ କରୁଥିଲେ ବୋଲି ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ ଏବଂ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ଭିନେଶ ଫୋଗଟ୍ ପ୍ରମୁଖ ଅଭିଯୋଗ କରିଛନ୍ତି। ଭିନେଶ, ବଜରଙ୍ଗ ଓ ସାକ୍ଷୀଙ୍କ ନେତୃତ୍ୱରେ ଦୀର୍ଘଦିନ ଧରି ବିକ୍ଷୋଭ ପ୍ରଦର୍ଶନ ପରେ ଦିଲ୍ଲୀ ପୋଲିସ ୬ଥର ସାଂସଦ ହୋଇଥିବା ବିଦାୟୀ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଯୌନ ଅପରାଧର ବିଭିନ୍ନ ଧାରାଭିତ୍ତିରେ ଜୁନ୍ ୧୫ରେ ଚାର୍ଜଶିଟ୍ ଦାଖଲ କରିଛି।

କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା କିଶୋର ସମ୍ବର୍ଦ୍ଧିତ



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ଜାଭେଲିନ ଥ୍ରୋ ତାରକା କିଶୋର ଜେନାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସର ପୁରୁଷ ଜାଭେଲିନ୍ ଥ୍ରୋରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଶାର କିଶୋର ଜେନାଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। କିଶୋର ବ୍ୟକ୍ତିଗତ ଶ୍ରେଷ୍ଠ ୮୭.୫୪ ମିଟର ଦୂରକୁ ଜାଭେଲିନ୍ ଥ୍ରୋକରି ରୌପ୍ୟ ପଦକ ହାସଲ କରିବା ସହ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏସିଆନ୍ ଗେମ୍ସରେ ତାଙ୍କଠାରୁ କେବଳ ଅନ୍ୟତମ ଭାରତୀୟ ନିରଜ ଚୋପ୍ରା ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ଟେନିସ୍ ସେଣ୍ଟରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ୍ ଦିଲୀପ ତିର୍କୀ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ, କୋଚ୍ ଓ ଆଥ୍‌ଲେଟମାନେ ଉପସ୍ଥିତ ଥିଲେ। ନିଜର କଠିନ ପରିଶ୍ରମ ଦ୍ୱାରା କିଶୋର ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଏବଂ ଅନ୍ତର୍ଜାତୀୟସ୍ତରରେ ରାଜ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ସେ ଭାରତ ଏବଂ ଓଡ଼ିଶା ପାଇଁ ଆହୁରି ଗୌରବ ଆଣିବେ ବୋଲି ତୁଷାରକାନ୍ତି ଆଶାପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ କିଶୋରଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ କହିଛନ୍ତି।

ସୌମ୍ୟ ଜିତିଲେ ୭୯ତମ ଟାଇଟଲ

ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ରେ ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଫିଡେମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ପୂରା ୭ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସୌମ୍ୟଙ୍କ କ୍ୟାରିୟରର ଏହା ୭୯ତମ ଟାଇଟଲ। ରାଜେନ୍ଦ୍ର କୁମାର ସାହୁ ୬ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଜନ କୁମାର ନାୟକ, କୌସ୍ତୁଭ ଦାଶ, ପୁର୍ଣ୍ଣ ଖିଲୋ, ଆରିନ ଅନ୍ୱେଷ ସ୍ୱାଇଁ, ୟଶିତା ରାଉତ, ତନ୍ମୟ ତଳିନ ବେହେରା, ଆଶୁତୋଷ ବରାଳ ଓ ବାବୁଲା ଭୋଇ ଟପ୍-୧୦ ଫିନିଶ୍ କରିଛନ୍ତି। ମୁଖ୍ୟ ପୁରସ୍କାରରେ ୧୫ ଜଣଙ୍କ ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୋଲିସ ଏଡିଜି (ଅପରେଶନ) ସୁରେଶ ଦେବ ଦତ୍ତ ସିଂ ମୁଖ୍ୟ ଅତିଥି ଏବଂ ନାଲ୍‌କୋ ନିର୍ଦ୍ଦେଶକ (ଫାଇନାନ୍ସ) ରମେଶ ଚନ୍ଦ୍ର ଜୋଶୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସଭାପତି ଶକ୍ତି ରଞ୍ଜନ ମହାନ୍ତି, ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ କିଶୋର ବେହେରା, ଏସ୍‌ଆର୍ ଚେସ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ଚନ୍ଦ୍ର ସାହୁ ମୁଖ୍ୟ ଆର୍ବିଟର ଏବଂ ଭବେଶ ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ପିଙ୍କି ମହାପାତ୍ର ପ୍ରମୁଖ ସହଯୋଗୀ ଆର୍ବିଟରଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

ଅତିଥିଙ୍କ ଗହଣରେ ପୁରସ୍କୃତ ଚେସ୍ ତାରକା।

ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

ସନ୍ତୋଷ ଟ୍ରଫି

ହରିୟାଣାକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)

ଫଗୱାରାର ଶ୍ରୀ ହରଗୋବିନ୍ଦ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ସନ୍ତୋଷ ଟ୍ରଫି ଫୁଟବଲ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧ ଶେଷଭାଗରେ ଅର୍ଥାତ୍ ୪୪ତମ ମିନିଟରେ ହରଜିନ୍ଦର ସିଂ ଗୋଟିଏ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ଏହି ମୋମେଣ୍ଟମକୁ ଓଡ଼ିଶା ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ବଜାୟ ରଖିଥିଲା। ୪୮ତମ ମିନିଟରେ ବଦଳ ଖେଳାଳି ଦୀନବନ୍ଧୁ ଦାସ ଗୋଟିଏ ଗୋଲ ଦେବାରୁ ଓଡ଼ିଶାର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ଏହାପରେ ଉଭୟ ଦଳ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ନିର୍ଦ୍ଧାରିତ ସମୟ ଏବଂ ୭ ମିନିଟର ଇଞ୍ଜୁରି ଟାଇମ୍‌ରେ ଗୋଲ ହୋଇପାରି ନ ଥିଲା।

ଓଡ଼ିଶାକୁ ୨୪ ସ୍ୱର୍ଣ୍ଣ ସହ ୬୨ ପଦକ

ପଦକ ସହ କୃତୀ କରାଟେକାମାନେ।

ପୂର୍ବାଞ୍ଚଳ କରାଟେ

ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)

କୋଲ୍‌କାତାର ଅମାଲଦୂତ କ୍ରୀଡ଼ାଙ୍ଗନରେ ୩ୟ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତା ଗତ ୧୪ ଓ ୧୫ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ମୋଟ ୭୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭଲ ପ୍ରଦର୍ଶନ କରିଥିବା ଓଡ଼ିଶା ୨୪ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୨୫ ବ୍ରୋଞ୍ଜ ଏହିପରି ମୋଟ ୬୨ଟି ପଦକ ହାସଲ କରିଛି। ରାଜ୍ୟ ପକ୍ଷରୁ ସ୍ୱର୍ଣ୍ଣ ପଦକ ଜିତିଥିବା କରାଟେକାମାନେ ହେଲେ ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ଜ୍ୟୋତିରଞ୍ଜନ ରାଉତ, ଓମ୍ ଶୁଭମ୍ ମହାନ୍ତି, ପ୍ରତ୍ୟୁଷ ମହାପାତ୍ର, ତ୍ରିଲୋଚନ ରାଣା, ଭୂମିକା ସିଂ, ବେଦାନ୍ତ ଦାସ, ଅଲିଶା ସୁବୁଦ୍ଧି, ଆର୍ଯ୍ୟା ବଂଶିକା, ସୁରଭି ପଣ୍ଡା, ମେହୁଲ ପରିଡ଼ା, ଗୌତମ ମହାନ୍ତି, ସ୍ମୃତିରେଖା ରୟ, କୁଶଲ ପୋଦ୍ଦାର, ମହମ୍ମଦ ସଦାବ, ଅଭିଯୁକ୍ତା ମିଶ୍ର, ଜନଭି ଦାସ, ଓର୍ଜା ସାମନ୍ତ, ଇଶାନି ପଣ୍ଡା, ଚିତ୍ରାଙ୍କ ଦାସ ଓ ନକାଶ ପୋଦ୍ଦାର। ଏହା ବ୍ୟତୀତ ମହିଳା ସିନିୟର ଟିମ୍ କାଟା ଓ ପୁରୁଷ ସିନିୟର ଟିମ୍

ପ୍ଲେୟର ଅଫ୍ ଦି ମ୍ୟାଚ ଆଡାମ ଜାମ୍ପା ।

ଅଷ୍ଟ୍ରେଲିଆର ପ୍ରଥମ ବିଜୟ

ଲକ୍ଷ୍ନୌ, ୧୬।୧୦

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ବ୍ୟାଟରଙ୍କ ମିଳିତ ଅବଦାନ ବଳରେ ଅଷ୍ଟ୍ରେଲିଆ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଦଳ ୫ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଭଲ ଆରମ୍ଭ ସତ୍ତ୍ୱେ ଶ୍ରୀଲଙ୍କା ଇନିଂସ ୪୩.୩ ଓଭରରେ ୨୦୯ ରନ୍‌ରେ ସୀମିତ ରହିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲେ ମଧ୍ୟ ୩୫.୨ ଓଭରରେ ୫ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିନେଇଥିଲା। ନିଜର ପ୍ରଥମ ୨ଟି ମ୍ୟାଚ୍‌ରେ ଯଥାକ୍ରମେ ଭାରତ ଓ ଦକ୍ଷିଣ ଆଫ୍ରିକାଠାରୁ ହାରିଥିବା ଅଷ୍ଟ୍ରେଲିଆର ୩ ମ୍ୟାଚ୍‌ରୁ ଏହା ପ୍ରଥମ ବିଜୟ। ଅନ୍ୟପକ୍ଷରେ ଶ୍ରୀଲଙ୍କାର ଏହା କ୍ରମାଗତ ତୃତୀୟ ପରାଜୟ। ପୂର୍ବ ୨ ମ୍ୟାଚ୍‌ରେ ଏହି ଦଳ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନଠାରୁ ପରାସ୍ତ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ଦୁଇ ଓପ୍‌ନର ପଥୁମ ନିଶଙ୍କା ଓ କୁସାଲ ପେରେରା ଓପ୍‌ନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୧୩୦ ବଲ୍‌ରୁ ୧୨୫ ରନ୍ ସଂଗ୍ରହ ପରେ ୨୨ତମ ଓଭରର ୪ର୍ଥ ବଲ୍‌ରେ ନିଶଙ୍କାଙ୍କୁ ଡେଭିଡ୍ ୱାର୍ନରଙ୍କ ହାତରେ କ୍ୟାଚ୍ କରାଇ ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ପ୍ୟାଟ୍ କୁମିନ୍ସ। ଏହାର ୪ ଓଭର ପରେ ପେରେରାଙ୍କୁ କୁମିନ୍ସ ଆଉଟ କରିବାପରେ ଶ୍ରୀଲଙ୍କା ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନିଶଙ୍କା ୬୭ ବଲ୍‌ରୁ ୬୧ (୮ ଚୌକା) ଓ ପେରେରା ୮୨ ବଲ୍‌ରୁ ୭୮ (୧୨ ଚୌକା) ରନ୍ କରି ଆଉଟ ହେବାପରେ ଶ୍ରୀଲଙ୍କା ଇନିଂସ ଭୁଶୁଡ଼ି ପଡ଼ିଥିଲା। ଦଳର ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଫଳରେ ଏକଦା ୧୫୭/୧ କରିଥିବା ଶ୍ରୀଲଙ୍କା ୨୦୯ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଅର୍ଥାତ୍ ୯୨ ରନ୍‌ରେ ଦଳର ୯ଟି ଉଇକେଟ ପଡ଼ିଯାଇଥିଲା। ଫଳରେ ଶ୍ରୀଲଙ୍କା ପୂରା ୫୦ ଓଭର ଖେଳିବା ସମ୍ଭବ ହୋଇ ନ ଥିଲା। ୪୩.୩ ଓଭରରେ ଦଳର ଇନିଂସ ଶେଷ ହୋଇଯାଇଥିଲା। ମିଡିଲ ଅର୍ଡରରେ କେବଳ ଚରିଥ ଆସାଲଙ୍କା ଦୁଇଅଙ୍କ ଛୁଇଁ ୨୫ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୮ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୪୭ ରନ୍ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କୁମିନ୍ସ ୨ଟି ଲେଖାଏ ଏବଂ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଉଇକେଟ ନେଇଥିଲେ। ଏହାକୁ ମିଶାଇ ଜାମ୍ପା ଦିନିକିଆରେ ୧୦ ଥର ୪ ଉଇକେଟ ସଫଳତା ପାଇଥିଲେ। ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ଶେନ୍ ୱାର୍ନ ୧୩ ଥର ୪ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ଅଛନ୍ତି। ୩୨.୧ ଓଭରରେ ଶ୍ରୀଲଙ୍କା ସ୍କୋର ୧୭୮/୪ ଥିବାବେଳେ ବର୍ଷାପବନ ଯୋଗୁ କିଛି ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏଥିରେ ଅନେକ ବିଜ୍ଞାପନ ହୋର୍ଡିଂ ଉଡ଼ିଯାଇଥିଲା।

୨୧୦ ରନ୍ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ମାତ୍ର ୨୪ ରନ୍‌ରେ ଡେଭିଡ୍ ୱାର୍ନର (୧୧) ଓ ଷ୍ଟିଭ୍ ସ୍ମିଥ୍ (୦)ଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ମିଚେଲ ମାର୍ଶ ଓ ମାର୍ନସ ଲାବୁସେନ ସତର୍କତାର ସହ ବ୍ୟାଟିଂକରି ଇନିଂସ ସମ୍ଭାଳି ନେଇଥିଲେ। ତୃତୀୟ ଉଇକେଟରେ ୫୬ ରନ୍‌ର ଭାଗୀଦାରି ପରେ ମାର୍ଶ ଅର୍ଦ୍ଧଶତକ ହାସଲ କରି ରନ୍‌ଆଉଟ ହୋଇଯାଇଥିଲେ। ସେ ୫୧ ବଲ୍‌ରୁ ୫୨ (୯ ଚୌକା) ରନ୍ କରିଥିଲେ। ମାର୍ନସ ଲାବୁସେନ ୪୦ ରନ୍‌କରି ଆଉଟ ହୋଇଥିବାବେଳେ ଜୋଶ୍ ଇଂଲିଶ ଅର୍ଦ୍ଧଶତକ ପୂରଣ କରି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ସେ ୫୯ ବଲ୍‌ରୁ ୫୮ ରନ୍ କରି ଆଉଟ ହେବାବେଳକୁ ଅଷ୍ଟ୍ରେଲିଆ ସ୍କୋର ୧୯୨ରେ ପହଞ୍ଚି ସାରିଥିଲା। ଗ୍ଲେନ ମ୍ୟାକ୍ସୱେଲ ୨୧ ବଲ୍‌ରୁ ୩୧ (୪ ଚୌକା, ୨ ଛକା) ଓ ମାର୍କସ ଷ୍ଟୋଇନିସ୍ ୧୦ ବଲ୍‌ରୁ ୨୦ (୨ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହି ୮୮ ବଲ୍ ବାକିଥାଇ ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ ଦିଲସାନ ମଧୁଶଙ୍କା ୩ଟି ଓ ଦୁନିଥ ୱେଲାଲାଗେ ଗୋଟିଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା ୪୩.୩ ଓଭରରେ ୨୦୯/ଅଲ୍‌ଆଉଟ (କୁସାଲ ପେରେରା-୭୮, ପଥୁମ ନିଶଙ୍କା-୬୧, ଆଡାମ ଜାମ୍ପା-୪/୪୭, ମିଚେଲ ଷ୍ଟାର୍କ-୨/୪୩, ପ୍ୟାଟ୍ କୁମିନ୍ସ-୨/୩୨, ଗ୍ଲେନ ମ୍ୟାକ୍ସୱେଲ-୧/୩୬)। ଅଷ୍ଟ୍ରେଲିଆ ୩୫.୨ ଓଭରରେ ୨୧୫/୫ (ଜୋଶ ଇଂଲିଶ-୫୮, ମିଚେଲ ମାର୍ଶ-୫୨, ମାର୍ନସ ଲାବୁସେନ-୪୦, ଦିଲସାନ ମଧୁଶଙ୍କା-୩/୩୮, ଦୁନିଥ ୱେଲାଲାଗେ-୧/୫୩)।

ପଏଣ୍ଟ ଟେବୁଲ

ଟିମ୍	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ	ରନ୍‌ହାର
ଭାରତ	୩	୩	୦	୬	+୧.୮୨୧
ନ୍ୟୁଜିଲାଣ୍ଡ	୩	୩	୦	୬	+୧.୬୦୪
ଦକ୍ଷିଣ ଆଫ୍ରିକା	୨	୨	୦	୪	+୨.୩୬୦
ପାକିସ୍ତାନ	୩	୨	୧	୪	-୦.୧୩୭
ଇଂଲଣ୍ଡ	୩	୧	୨	୨	-୦.୦୮୪
ଆଫଗାନିସ୍ତାନ	୩	୧	୨	୨	-୦.୬୫୨
ବାଂଲାଦେଶ	୩	୧	୨	୨	-୦.୬୯୯
ଅଷ୍ଟ୍ରେଲିଆ	୩	୧	୨	୨	-୦.୭୩୪
ଶ୍ରୀଲଙ୍କା	୩	୦	୩	୦	-୧.୫୩୨
ନେଦରଲାଣ୍ଡ୍ସ	୨	୦	୨	୦	-୧.୮୦୦

ଡାଇଭ୍ ମାରି ଚିତ୍ତାକର୍ଷକ କ୍ୟାଚ ନେବା ଅବସରରେ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର ।

ମ୍ୟାଚ୍ ବେଳେ ଷ୍ଟାଡିୟମରୁ ଖସିଲା ହୋର୍ଡିଂ

ଲକ୍ଷ୍ନୌ, ୧୬।୧୦(ପି.ଟି.)

ସୋମବାର ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା ବିଶ୍ୱକପ୍ ମ୍ୟାଚ୍ ବେଳେ ଜୋର୍‌ରେ ପବନ ବହିବାରୁ ଏକାନା ଷ୍ଟାଡିୟମର ଛାତ ଉପରୁ ବହୁ ହୋର୍ଡିଂ ତଳେ ଥିବା ଆସନଗୁଡ଼ିକ ଉପରେ ଖସିପଡ଼ିଥିଲା। ବର୍ଷାଯୋଗୁ ଖେଳକୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। ସେତେବେଳେ ଧୂଳିଝଡ଼ ସାଙ୍ଗକୁ ଭୀଷଣ ବାୟୁପ୍ରବାହ ହୋଇଥିଲା। ଯେଉଁଠାରେ ହୋର୍ଡିଂ ଖସିପଡ଼ିଥିଲା ସେଠାରେ ଦର୍ଶକ ନ ଥିଲେ। ଆସନରେ ଲୋକେ ଥିଲେ ପରିସ୍ଥିତି ଗମ୍ଭୀର ହୋଇପଡ଼ିଥାନ୍ତା। ଦ୍ୱିତୀୟ ଇନିଂସ୍ ଆରମ୍ଭରେ ସୁରକ୍ଷା କର୍ମଚାରୀମାନେ ସମସ୍ତ ଦର୍ଶକଙ୍କୁ ସୁରକ୍ଷିତ ଉଚ୍ଚ ସ୍ଥାନକୁ ନେଇଯାଇଥିଲେ। ଏହି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା ପ୍ରଥମ ବିଶ୍ୱକପ୍ ମ୍ୟାଚ ଗତ ସପ୍ତାହରେ ଖେଳାଯାଇଥିଲା। ଆଗକୁ ଏହି ଷ୍ଟାଡିୟମରେ ଭାରତ ବନାମ ଇଂଲଣ୍ଡ ମ୍ୟାଚ୍ ଅକ୍ଟୋବର ୨୯ରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି।

ପବନ ଯୋଗୁ ଖସିପଡ଼ିଥିବା ହୋର୍ଡିଂ ।

ବର୍ଷା ଆସିବାରୁ ଗ୍ରାଉଣ୍ଡମ୍ୟାନମାନେ ପଡ଼ିଆକୁ କଭର କରୁଛନ୍ତି ।

ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

(ଆଜିର ମ୍ୟାଚ)

ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ

ସ୍ଥାନ: ଧର୍ମଶାଳା,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ପ୍ରତିଶୋଧ ଅପେକ୍ଷାରେ ଦକ୍ଷିଣ ଆଫ୍ରିକା

ଧର୍ମଶାଳା, ୧୬।୧୦

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଓ ନେଦରଲାଣ୍ଡ୍ସ ମଧ୍ୟରେ ମୁକାବିଲା ହେବ। ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ଖେଳିଥିବା ୨ଟିଯାକ ମ୍ୟାଚ୍‌କୁ ବୃହତ୍ ବ୍ୟବଧାନରେ ଜିତିସାରିଛି। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ସମାନ ସଂଖ୍ୟକ ମ୍ୟାଚ ଖେଳି ସବୁଥିରେ ପରାଜିତ ହୋଇଛି। ତେଣୁ ମଙ୍ଗଳବାର ମ୍ୟାଚ୍ ପାଇଁ ଦକ୍ଷିଣ ଆଫ୍ରିକାକୁ ଫେଭରାଇଟ ବିବେଚିତ କରାଯାଉଛି। ତେବେ ସୀମିତ ଓଭର କ୍ରିକେଟରେ ନେଦରଲାଣ୍ଡ୍ସ ବିପର୍ଯ୍ୟୟ ଘଟାଇବାର କ୍ଷମତା ରଖିଛି। ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପର ସୁପର-୧୨ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାକୁ ପରାଜୟ ସ୍ୱାଦ ଚଖାଇଥିଲା ନେଦରଲାଣ୍ଡ୍ସ । ଏହି ଫଳାଫଳ ଦକ୍ଷିଣ ଆଫ୍ରିକାକୁ ପ୍ରତିଯୋଗିତାରୁ ବିଦାୟ ପଥ ମଧ୍ୟ ଦେଖାଇଥିଲା। ତେଣୁ ଏହାର ମଧୁର ପ୍ରତିଶୋଧ ଅପେକ୍ଷାରେ ରହିଛି ଦକ୍ଷିଣ ଆଫ୍ରିକା। ବିଜୟଧାରା ବଜାୟ ରଖି ଏହି ଦଳ ଆଗକୁ ବଢ଼ିବା ଲକ୍ଷ୍ୟରେ ରହିଛି।

ଚଳିତ ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା ନିଜର ପ୍ରଥମ ମ୍ୟାଚ୍‌ରେ ୧୦୨ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଏହି ମ୍ୟାଚ୍‌ରେ ଦଳ ୪୨୮/୫ ରନ୍‌ର ବୃହତ୍ ସ୍କୋର ମଧ୍ୟ କରିଥିଲା। ଏହାପରେ ଲକ୍ଷ୍ନୌରେ ଅନୁଷ୍ଠିତ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆକୁ ୧୩୪ ରନ୍‌ରେ ପରାସ୍ତ କରିଥିଲା। ଏପର୍ଯ୍ୟନ୍ତ ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଏହି ଦଳ ସେହି ପ୍ରଦର୍ଶନ ବଜାୟ ରଖିବା ଆଶାରେ ରହିଛି। ଟପ୍ ଅର୍ଡରରେ କ୍ୱିଣ୍ଟନ ଡି'କକ୍, ରସି ଭାନ୍ ଡର ଡୁସେନ ଓ ଏଡେନ ମାରକ୍ରମ ଚମତ୍କାର ଫର୍ମରେ ଅଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ଏହି ୩ ଖେଳାଳି ଶତକ ହାସଲ କରିଥିଲେ। ଏହା ବ୍ୟତୀତ ହେନ୍‌ରିଚ କ୍ଲାସେନ ଓ ଡେଭିଡ୍ ମିଲର ଉପଯୋଗୀ ଅବଦାନ ଦେବାରୁ ଦଳ ୪୨୮ ରନ୍ ସ୍କୋର କରିପାରିଥିଲା। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ବୋଲରମାନେ ଯଦିଓ କିଛିଟା ମହଙ୍ଗା ରହିଥିଲେ ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଡି'କକ୍ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଥିବାବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ମାର୍କୋ ଜାନସେନ ଓ କାଗିସୋ ରାବାଡ଼ା ଘାତକ ବୋଲିଂ କରିଥିଲେ। ନେଦରଲାଣ୍ଡ୍ସ ଦଳରେ ବିଶେଷ ନାମୀ ବ୍ୟାଟର ନ ଥିବାରୁ ଦକ୍ଷିଣ ଆଫ୍ରିକା ବୋଲରମାନେ ଅଧିକ ପ୍ରଭାବୀ ହୋଇପାରନ୍ତି। ଆଗାମୀ ମ୍ୟାଚରେ ଟପ୍ ଅର୍ଡରର ୩ ବ୍ୟାଟର ଡି'କକ୍, ଡୁସେନ ଓ ମାରକ୍ରମ ପୁଣି କ୍ଲିକ୍ କରନ୍ତୁ ବୋଲି ଦକ୍ଷିଣ ଆଫ୍ରିକା ଚାହିଁବ ନିଶ୍ଚିତ। ବଡ଼ ସ୍କୋର ହୋଇପାରିଲେ ବୋଲରମାନଙ୍କୁ ଡିଫେଣ୍ଡ କରିବା ସହଜ ହେବ।

ଅନ୍ୟପକ୍ଷରେ ଟି୨୦ ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ ଯେ କେବଳ ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା ତା' ନୁହେଁ, ୨୦୦୯ରେ ଲର୍ଡ୍ସଠାରେ ଇଂଲଣ୍ଡକୁ ମଧ୍ୟ ହରାଇଥିଲା। ଟି୨୦ ଓ ୫୦ ଓଭର ଫର୍ମାଟ୍ ଯଦିଓ ସମ୍ପୂର୍ଣ୍ଣ ଭିନ୍ନ ତେବେ ପୂର୍ବ ବିଜୟଗୁଡ଼ିକରୁ ସ୍କଟ୍ ଏଡ୍‌ୱାର୍ଡ୍ସଙ୍କ ନେତୃତ୍ୱାଧୀନ ଦଳ ଅନେକ କିଛି ଶିକ୍ଷା କରିଥିବ ନିଶ୍ଚିତ। ଗତ ରବିବାର ନୂଆଦିଲ୍ଲୀରେ ଇଂଲଣ୍ଡକୁ ହରାଇ ଆଫଗାନିସ୍ତାନ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହା ମଧ୍ୟ ନେଦରଲାଣ୍ଡ୍ସକୁ ପ୍ରେରଣା ଯୋଗାଇଥିବ। ତେଣୁ ଆଗାମୀ ମ୍ୟାଚ୍ ରୋମାଞ୍ଚକ ହେବା ଆଶା କରାଯାଉଛି।

ଗତବର୍ଷ ଟି୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା ନେଦରଲାଣ୍ଡ୍ସ

ଟ୍ରେନିଂ ସମୟରେ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଟେମ୍ବା ବଭୁମା ଓ କ୍ୱିଣ୍ଟନ ଡି'କକ୍ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୧୭/୨୦୨୩ Bhubaneswar, Tuesday, October 17/ 2023

ରାଜ୍ୟ ଭାରୋତ୍ତୋଳନ ଉଦ୍‌ଘାଟିତ

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

ହର୍ଷବର୍ଦ୍ଧନ ୬ଷ୍ଠ ଓ ମୁନା ୫ମ ଥର ପାଇଁ ନିଜ ରେକର୍ଡ ଭାଙ୍ଗିଲେ

ଭୁବନେଶ୍ୱର, ୧୬।୧୦
(ତପନ ସ୍ୱାଇଁ)

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଭାରୋତ୍ତୋଳନ ସଙ୍ଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସୋମବାର କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ର ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଭାରୋତ୍ତୋଳନ ପଦକଧାରୀ ତଥା ଜାତୀୟ ରେଫରି ଏସ୍. ଭି. ଚନ୍ଦନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ବୈଷୟିକ ନିର୍ଦ୍ଦେଶକ କଲୋନେଲ ଏ. ରାଜେଶ, ଜିଏମ୍ ଏଚ୍‌ପିସି କଲୋନେଲ ଆର. ଶର୍ମା, ଯୁଗ୍ମ ଶାସନ ସଚିବ ରଞ୍ଜିତ ପରିଡ଼ା, ଓଡ଼ିଶା ଭରୋତ୍ତୋଳନ ସଙ୍ଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ କେ. ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୧୧ଟି ଜିଲା ଏବଂ ୟୁନିଟ୍‌ରୁ ମୋଟ ୨୫୦ ମହିଳା ଓ ପୁରୁଷ ପ୍ରତିଯୋଗୀ ଏବଂ ୪୫ ଅଫିସିଆଲ ଭାଗ ନେଇଛନ୍ତି। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ସର୍ବକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବର୍ଗର ମୋଟ ୬୦ଟି ଓଜନ ବର୍ଗରେ ଅଂଶଗ୍ରହଣ କରୁଛନ୍ତି।

ପ୍ରଥମ ଦିବସରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ହର୍ଷବର୍ଦ୍ଧନ ସାହୁ ୬ଷ୍ଠ ଥର ଏବଂ ମୁନା ନାୟକ ୫ମ ଥର ପାଇଁ ନିଜ ରେକର୍ଡ ଭାଙ୍ଗିଛନ୍ତି। ୟୁଥ୍ ୪୯ କେଜି ବାଳକରେ ଗଞ୍ଜାମର ହର୍ଷବର୍ଦ୍ଧନ ସ୍ନାଚ୍‌ରେ ୭୫, କ୍ଲିନ୍ ଆଣ୍ଡ ଜର୍କରେ ୯୬ ଏହିପରି ମୋଟ ୧୭୧ କେଜି ଉତ୍ତୋଳନ କରି ୩ଟି ଯାକ ବିଭାଗରେ ରେକର୍ଡ ଭଙ୍ଗକରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ୬୧ କେଜି ପୁରୁଷରେ ଗଞ୍ଜାମର ମୁନା ନାୟକ ସ୍ନାଚ୍‌ରେ ୧୧୨, କ୍ଲିନ୍ ଆଣ୍ଡ ଜର୍କରେ ୧୪୦ କେଜି ଏହିପରି ମୋଟ ୨୫୨ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ହୋଇଛନ୍ତି। ୟୁଥ୍ ୬୧ କେଜି ବାଳକରେ ଖୋର୍ଦ୍ଧାର ସଦାନନ୍ଦ ବରିହା ମୋଟ ୨୨୫ (ସ୍ନାଚ୍-୧୦୦, କ୍ଲିନ ଆଣ୍ଡ ଜର୍କ-୧୨୫) କେଜି ଭାର ଉଠାଇ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଅବସରରେ ସେ କ୍ଲିନ୍ ଆଣ୍ଡ ଜର୍କ ଓ ମୋଟ୍ ଉତ୍ତୋଳନରେ ରେକର୍ଡ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁଥ୍ ୪୦ କେଜି ବାଳିକାରେ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ, ୟୁଥ୍ ୪୫ କେଜି ବାଳିକାରେ ଖୋର୍ଦ୍ଧାର ଜୟନ୍ତୀ ମଲିକ, ୟୁଥ୍ ୫୫ କେଜି ବାଳକରେ ଗଞ୍ଜାମର ରଗେବା ମଲିକ, ଜୁନିୟର ୫୫ କେଜି ପୁରୁଷରେ ଗଞ୍ଜାମର ରାମଚନ୍ଦ୍ର ମାଡ଼କାମି, ସିନିୟର ୫୫ କେଜିରେ ଢେଙ୍କାନାଳର କୁମ୍ଭେଶ୍ୱର ମଲିକ ଏବଂ ଜୁନିୟର ୬୧ କେଜି ପୁରୁଷରେ ଖୋର୍ଦ୍ଧାର ସଦାନନ୍ଦ ବରିହା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ